ମୁଖଶାଳା



ସଂକଳକ ଓ ଅନୁବାଦକ

ଡକ୍ଟର ରବିନାରାୟଣ ମହାରଣା

ମୁଖଶାଳା

(ଅନୁକ୍ରମଣିକାରେ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ ସୃଷ୍ଟି)

ସଂକଳକ ଓ ଅନୁବାଦକ

ଡକ୍ଟର ରବିନାରାୟଣ ମହାରଣା

ପ୍ରକାଶକ

ସୃଜନିକା

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର

Digitized by srujanika@gmail.com

ମୁଖଶାଳା

(ଅନୁକ୍ରମଣିକାରେ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ ସୃଷ୍ଟି)

ସଂକଳକ ଓ ଅନୁବାଦକ :

ଡକ୍ଟର ରବିନାରାୟଣ ମହାରଣା

ଅଧ୍ୟାପକ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ

ରଘୁନାଥଜୀଉ ମହାବିଦ୍ୟାଳୟ, କଟକ-୭୫୩୦୦୮

ସଂପର୍କ: ୮୭୬୩୧୭୪୬୩୨

ପ୍ରଥମ ଡିଜିଟାଇଜ୍ଡ ଫର୍ମ : ୨୦୧୫

କମ୍ପ୍ୟୁଟର ଦ୍ୱାରା ମୁଦ୍ରଣ : ଶତାବ୍ଦୀ କମ୍ପ୍ୟୁନିକେଶନ୍ସ, କଟକ-୧

Mukhashala

(Literary Works of Jagannath Prasad Das in Preface)

Translated and Compiled by Dr. Rabinarayan Moharana

Lecturer in Oriya, Raghunathjew College, Cuttack-753008

Contact : 8763174632

e-mail: moharana.rabinarayan@gmail.com

1st Digitized Book Preparation : 2015

Computerised Type Set by: Satabdi Communications, Cuttack-1

Digitized by srujanika@gmail.com

ପୁସ୍ତକ ସଂପର୍କରେ ....

ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ (୧୯୩୬) ସର୍ବାନ୍ତକରଣରେ କବି ଭାବରେ ଦେଶ ଓ ବିଦେଶରେ ଖ୍ୟାତ । ମାତ୍ର ତାଙ୍କର ସଂବିତ କେବଳ କବିତା କ୍ଷେତ୍ରରେ ସୀମାବଦ୍ଧ ରହି ନାହିଁ; ଅଧିକନ୍ତୁ ସମାଧିକ ଭାବରେ ଗଳ୍ପ,ଉପନ୍ୟାସ,ନାଟକ,ଶିଶୁ ସାହିତ୍ୟ ଓ ବିଶେଷ ଭାବରେ ଗବେଷଣାତ୍ମକ ନିବନ୍ଧ ରଚନା କ୍ଷେତ୍ରକୁ ସ୍ପର୍ଶ କରିଛି ଓ ସାହିତ୍ୟ କ୍ଷେତ୍ରରେ ଅପ୍ରତିହତ ସୃଜନଶୀଳତାର କାୟା ବିସ୍ତାର କରିଛି । ଏହି ମର୍ମରେ ଓଡ଼ିଆ ବାଣୀ ଭଣ୍ଡାର ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତିରେ ପୁଷ୍ଟ ହୋଇ ଉଠିଛି । କବି ଜଗନ୍ନାଥ ପ୍ରସାଦ ଦାସଙ୍କ ରଚନା ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ପ୍ରତୁଳ ନିଶ୍ଚୟ । ଅଦ୍ୟାବଧି ତାଙ୍କର ପନ୍ଦରଟି କବିତା ସଂକଳନ, ପାଞ୍ଚଟି ନାଟକ, ସାତଟି ଗଳ୍ପ ସଂକଳନ, ଗୋଟିଏ ଐତିହାସିକ ଉପନ୍ୟାସ, ଦୁଇଟି ଗବେଷଣାତ୍ମକ ନିବନ୍ଧ ଓ ତିନୋଟି ଶିଶୁ ସାହିତ୍ୟ ପ୍ରକାଶିତ ।

ତାଙ୍କର ପିତା ଶ୍ରୀ ଶ୍ରୀଧର ଦାସ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଥିବାରୁ ସେ ବାଲ୍ୟକାଳରୁ ସାହିତ୍ୟିକ ପରିବେଶ ମଧ୍ୟରେ ବଢ଼ି ଆସିଛନ୍ତି । ତେଣୁ ସାହିତ୍ୟ ପ୍ରତି ତାଙ୍କର ନିଷ୍ଠା ରହିବା ସ୍ୱାଭାବିକ । ସାହିତ୍ୟର ଛାତ୍ର ନ ହୋଇ ମଧ୍ୟ ସାହିତ୍ୟ ପ୍ରାଣର ବଶବର୍ତ୍ତୀ ହୋଇ ସେ ଶେଷରେ ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଭାବରେ ଅବସର ଗ୍ରହଣ କରି ସାହିତ୍ୟର ସୃଜନଶୀଳତା ଦିଗରେ ସଂପୂର୍ଣ୍ଣ ଭାବରେ ମନୋନିବେଶ କରିଛନ୍ତି । ବ୍ୟକ୍ତିଗତ ସ୍ତରରେ ସେ ଖୁବ୍ ସ୍ନେହୀ ମଣିଷଟିଏ; ସ୍ୱଳ୍ପଭାଷୀ ଓ ମିଷ୍ଟଭାଷୀ ମଧ୍ୟ । ଏହି କାରଣରୁ ଭାରତୀୟ ପ୍ରଶାସନିକ ସେବାର ଜଣେ ବରିଷ୍ଠ ଅଧିକାରୀ ଡଃ ଜଗନ୍ନାଥ ପ୍ରସାଦ ଦାସ ତାଙ୍କ ସାରସ୍ୱତ ପରିବେଷ୍ଟନୀରେ ଅତି ଆପଣାର ଜେ.ପି. ଭାବରେ ଆଦୃତ ହୋଇ ଉଠିଛନ୍ତି ।

ତାଙ୍କର ପ୍ରାୟ ସବୁ ସାରସ୍ୱତ କୃତି ମୂଳ ଓଡ଼ିଆ ଭାଷାରୁ ବିଭିନ୍ନ ଭାରତୀୟ ଭାଷାରେ ଅନୂଦିତ ହୋଇ ବେଶ୍ ପ୍ରସିଦ୍ଧି ଲାଭ କରିଛି । ଏବଂ ସେହି ସୂତ୍ରରେ ସେ ଭାରତର ପ୍ରତ୍ୟେକ ସାହିତ୍ୟପ୍ରେମୀଙ୍କ ନିକଟରେ ଅତ୍ୟନ୍ତ ଜଣାଶୁଣା । ତାଙ୍କର ମୂଳ ଓଡ଼ିଆ ପୁସ୍ତକଗୁଡ଼ିକ ବିଭିନ୍ନ ଭାରତୀୟ ଭାଷାରେ ଅନୂଦିତ ହୋଇ ପ୍ରକାଶ ଲାଭ କରିବା ଅବସରରେ ଅନେକ ବିଶିଷ୍ଟ ଓଡ଼ିଆ ଓ ଅଣଓଡ଼ିଆ ସାହିତ୍ୟିକମାନେ ତାଙ୍କର ସେହିସବୁ ସାରସ୍ୱତ କୃତି ଓ ବିଶେଷ କରି ସ୍ରଷ୍ଟା ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ ସୃଜନଶୀଳତା ସଂକ୍ରାନ୍ତରେ ଏକ ଏକ ବିଶେଷ ଆଲେଖ୍ୟକୁ ପୁସ୍ତକର ମୁଖବନ୍ଧ ବା ଉପକ୍ରମଣିକା ଭାବରେ ଉପସ୍ଥାପିତ କରିଛନ୍ତି; ଯାହାକି ନିଜସ୍ୱ ଗୁଣରେ ବେଶ୍ ମହିମାନ୍ୱିତ ଓ ମହତ୍ତ୍ୱପୂର୍ଣ୍ଣ । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ସେଗୁଡ଼ିକ ଆମ ଓଡ଼ିଆ ସହୃଦୟ ପାଠକମାନଙ୍କ ନିକଟରେ ଆଦୌ ସୁଲଭ ନୁହେଁ । ଏହି କାରଣରୁ ଅନ୍ତତଃ ଏହିଭଳି ଏକ ପ୍ରୟାସର ପରିକଳ୍ପନା ମାତ୍ର କରାଯାଇଛି ।

ସାହିତ୍ୟରେ ଅନୁବାଦ ପ୍ରକ୍ରିୟାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କାରଣ ଏହାରି ମାଧ୍ୟମରେ ଆମେ ଅନ୍ୟଙ୍କୁ ବୁଝିବାକୁ କ୍ଷମ ହେଉ ଓ ଅନ୍ୟଙ୍କ ସହିତ ନିଜକୁ ତୁଳନା କରୁ; ପ୍ରତିସ୍ପର୍ଦ୍ଧୀ ହେବାପାଇଁ ଉଦ୍ୟମ ଜାରି ରଖୁ । ତେଣୁ ଜଗନ୍ନାଥ ପ୍ରସାଦଙ୍କ ସାରସ୍ୱତ କୃତିଗୁଡ଼ିକ ଓଡ଼ିଆ ଭିନ୍ନ ଅନ୍ୟାନ୍ୟ ଭାଷାରେ ଅନୁବାଦ ହେଲାବେଳେ ତାଙ୍କୁ ଓ ତାଙ୍କ କୃତିକୁ ଆମ ଦେଶର ବରିଷ୍ଠ ସାହିତ୍ୟିକମାନେ କିପରି ଭାବରେ ବୁଝି ସେହି ଭାଷାଭାଷୀ ସାହିତ୍ୟପ୍ରେମୀଙ୍କୁ ମୁଖବନ୍ଧ ମାଧ୍ୟମରେ ବୁଝାଇଛନ୍ତି, ତାହା ଆମମାନଙ୍କ ପାଇଁ ବିଶେଷ ଆକର୍ଷଣର ଅପେକ୍ଷା ରଖେ । ପୁସ୍ତକଟିକୁ ଆହୁରି ଆକର୍ଷଣୀୟ କରିବାପାଇଁ ନିକଟ ଅତୀତରେ ୨୦୦୬ ମସିହା ପାଇଁ କବି ଜଗନ୍ନାଥ ପ୍ରସାଦ ଲାଭ କରିଥିବା ସରସ୍ୱତୀ ସମ୍ମାନର ପ୍ରଶସ୍ତି ଓ ସରସ୍ୱତୀ ସମ୍ମାନର ମାନପତ୍ର, କୃଷ୍ଣକୁମାର ବିରଳାଙ୍କ ସ୍ୱାଗତ ଭାଷଣ, ସରସ୍ୱତୀ ସମ୍ମାନ ପ୍ରାପ୍ତିର ପ୍ରତ୍ୟୁତ୍ତରରେ ପ୍ରଦାନ କରାଯାଇଥିବା ଜଗନ୍ନାଥ ପ୍ରସାଦଙ୍କର ଅଭିଭାଷଣ ଇତ୍ୟାଦିକୁ ମଧ୍ୟ ଓଡ଼ିଆରେ ଅନୁବାଦ କରାଯାଇ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି ।

Digitized by srujanika@gmail.com

ଅନୁବାଦକ ମାତ୍ରେ ଜାଣନ୍ତି ଯେ ଏହି କର୍ମଟି ବଡ଼ କଠିନ; ଠିକ୍ ପ୍ରୀତି ପାଳିବା ପରି । ପ୍ରତ୍ୟେକଟି ମୁହୂର୍ତ୍ତରେ ବିପଦର ସମ୍ଭାବନା ସମୁଦ୍ୟତ ରହିଥାଏ । ମାତ୍ର ବଡ଼ କୌତୁକର କଥା ଯେ ଅନୁବାଦ ନକରି ମଧ୍ୟ ରହି ହୁଏ ନାହିଁ । କାରଣ ଏହାରି ମାଧ୍ୟମରେହିଁ ଗୋଟିଏ ଅଚିହ୍ନା ଶବ୍ଦ ସହିତ ସଂପର୍କ ରକ୍ଷା କରିହୁଏ; ପ୍ରତ୍ୟକ୍ଷ ଭାବରେ ଜଣଙ୍କର ଚେତନାକୁ ସ୍ପର୍ଶ କରି ନହେଲେ ମଧ୍ୟ ଅନୁବାଦ ମାଧ୍ୟମରେ ସେହି ଚେତନା ସହିତ ଯୋଗସୂତ୍ର ସ୍ଥାପନ କରିହୁଏ । ଏହି କାରଣରୁ ଜଗନ୍ନାଥ ପ୍ରସାଦଙ୍କ ଅନୂଦିତ କୃତିର ମୁଖବନ୍ଧକୁ ଓଡ଼ିଆ ଭାଷାରେ ଅନୁବାଦ କଲାବେଳେ ଏହି ଅନୁବାଦକ ମୂଳ ଲେଖା ସହିତ ପୂର୍ଣ୍ଣମାତ୍ରାରେ ସତ୍ୟଶୀଳ ହେବାପାଇଁ ଯଥାସାଧ୍ୟ ଚେଷ୍ଟା କରିଛି ଏବଂ ମୁଖବନ୍ଧମାନର ନିଜସ୍ୱ ଶୀର୍ଷକକୁ ଅବିକଳ ସେହି ଭାଷାରେ ରଖି କେବଳ ତାହାକୁ ଓଡ଼ିଆ ଲିପିରେ ପ୍ରକାଶ କରିଛି ମାତ୍ର । ତେବେ ଅନୁବାଦହିଁ ଅନୁବାଦ; ଏହି ଚିରନ୍ତନ ସତ୍ୟଟିକୁ କେବେ ବୈତଥ୍ୟ କରିହେବ ନାହିଁ । ତେଣୁ ପୁସ୍ତକଟିର ସମସ୍ତ ତ୍ରୁଟି-ବିଚ୍ୟୁତି ପାଇଁ ଅନୁବାଦକ କ୍ଷମାପ୍ରାର୍ଥୀ ନିଶ୍ଚୟ । ପୁସ୍ତକଟି ଓଡ଼ିଆ ଭାଷା-ଭାଷୀ ପ୍ରତ୍ୟେକ ସାହିତ୍ୟ ପ୍ରେମୀଙ୍କ ନିକଟରେ ଆଦୃତ ହେଲେ, ଶ୍ରମ ସାର୍ଥକ ହେବ ।

ପୁସ୍ତକଟିର ମୂଳ ପାଣ୍ଡୁଲିପିକୁ ପଢ଼ି ଆବଶ୍ୟକୀୟ ମତାମତ ଦେବା ସହ ଶ୍ରଦ୍ଧାରେ ବହିଟିର ନାମ କରଣ କରିଛନ୍ତି କଥାକାର ଶ୍ରୀ ଦେବବ୍ରତ ମଦନରାୟ । ଏହି କାରଣରୁ ଲେଖକ ତାଙ୍କୁ ନିଜ ହୃଦୟର କୃତଜ୍ଞତା ଜ୍ଞାପନ କରୁଛି ।

ସଂକଳକ ଓ ଅନୁବାଦକ
ରବିନାରାୟଣ ମହାରଣା

Digitized by srujanika@gmail.com

ବିଷୟ ସୂଚୀ

ପ୍ରସଙ୍ଗ : ସରସ୍ୱତୀ ସମ୍ମାନ

ପ୍ରଶସ୍ତି / ପୃଷ୍ଠା-୭

ଶ୍ରୀ କୃଷ୍ଣ କୁମାର ବିରଳାଙ୍କ ସ୍ୱାଗତ ଭାଷଣ / ପୃଷ୍ଠା-୮

ଡକ୍ଟର ଜଗନ୍ନାଥ ପ୍ରସାଦ ଦାସଙ୍କ ଅଭିଭାଷଣ / ପୃଷ୍ଠା-୧୦

ଜଗନ୍ନାଥ ପ୍ରସାଦ ଦାସ ଓ ତାଙ୍କ କାବ୍ୟକୃତି "ପରିକ୍ରମା" / ପୃଷ୍ଠା-୧୫

ପ୍ରସଙ୍ଗ : କବିତା

ଓଁକାର ଶରଦ୍ : ଯେ କବିତାଏଁ (ହିନ୍ଦୀ) / ପ୍ରଥମ ପୁରୁଷ / ପୃଷ୍ଠା-୧୭

ସଇଦ୍ ସହେରୱର୍ଦୀ : ତାରୁଫ୍ (ଉର୍ଦ୍ଦୁ) / ପରଛାଇୟୋଁ କା ଜୁଲୁସ୍ / ପୃଷ୍ଠା-୧୯

ଶ୍ରୀକାନ୍ତ ବର୍ମା : ଭୂମିକା (ହିନ୍ଦୀ) / କଇ ତରହ କେ ଦିନ / ପୃଷ୍ଠା-୨୨

କେଦାରନାଥ ସିଂହ : ଭୂମିକା (ହିନ୍ଦୀ) / ଲୌଟତେ ସମୟ / ପୃଷ୍ଠା-୨୫

ବିଶନ୍ ଟଣ୍ଡନ : ପ୍ରସ୍ତୁତି (ହିନ୍ଦୀ) / ଶବ୍ଦଭେଦ / ପୃଷ୍ଠା-୨୮

ରମାକାନ୍ତ ରଥ : ଭୂମିକା (ହିନ୍ଦୀ) / ଶବ୍ଦଭେଦ / ପୃଷ୍ଠା-୨୯

ର. ଶ. କେଲକର : ପ୍ରସ୍ତୁତି (ହିନ୍ଦୀ) / ସ୍ଥିରଚିତ୍ର / ପୃଷ୍ଠା-୩୨

ସୀତାକାନ୍ତ ମହାପାତ୍ର : ପ୍ରାକ୍ କଥନ (ହିନ୍ଦୀ) / ସ୍ଥିରଚିତ୍ର / ପୃଷ୍ଠା-୩୪

ଗିରିବାଳା ମହାନ୍ତି : ଭୂମିକା (ବଙ୍ଗଳା) / ପ୍ରଥମ ପୁରୁଷ / ପୃଷ୍ଠା-୩୭

ଇନ୍ଦିରା ଗୋସ୍ୱାମୀ : ପାତନୀ (ଆସାମୀୟା) / ଆହ୍ନିକ / ପୃଷ୍ଠା-୪୨

ପ୍ରସଙ୍ଗ : ନାଟକ

ଶ୍ରୀ ପ୍ରମଥନାଥ ବିଶୀ : ଗ୍ରନ୍ଥ ପରିଚୟ (ବଙ୍ଗଳା) / ସୂର୍ଯ୍ୟାସ୍ତେର୍ ଆଗେ / ପୃଷ୍ଠା-୪୫

ଲକ୍ଷ୍ମୀନରାୟଣ ଲାଲ : ଦୀପଙ୍କରକା ଜନ୍ମଦିନ (ହିନ୍ଦୀ) / ସୂର୍ଯ୍ୟାସ୍ତ / ପୃଷ୍ଠା- ୪୬

ରାମ ଗୋପାଲ ବଜାଜ : ନିର୍ଦ୍ଦେଶକ କା ବକ୍ତବ୍ୟ (ହିନ୍ଦୀ) / ସୂର୍ଯ୍ୟାସ୍ତ / ପୃଷ୍ଠା-୪୯

ବିଷ୍ଣୁ ପ୍ରଭାକର : ଦୋ ଶବ୍ଦ (ହିନ୍ଦୀ) / ଏକ ଦୁସରେ କେ ଲିୟେ / ପୃଷ୍ଠା-୫୧

ପ୍ରସଙ୍ଗ : ଗଳ୍ପ

ଶାନୀ : ରୁମାନ୍ କୀ ସରହଦୋଁ କେ ଇଧର ଉଧର (ହିନ୍ଦୀ) / ତୀସରୀ ଦୁନିୟା / ପୃଷ୍ଠା-୫୨

ବିଶଲ ଟଣ୍ଡନ: ପ୍ରସ୍ତୁତି (ହିନ୍ଦୀ) / ମକଡ଼ୀ କା ଜାଲ / ପୃଷ୍ଠା-୫୪

ଦାଶରଥି ଦାସ : ଭୂମିକା (ହିନ୍ଦୀ) / ମକଡ଼ୀ କା ଜାଲ / ପୃଷ୍ଠା-୫୫

ପ୍ରସଙ୍ଗ : ଉପନ୍ୟାସ

ଖଗେଶ୍ୱର ମହାପାତ୍ର : ଭୂମିକା (ହିନ୍ଦୀ) / ଦେଶ କାଳ ପାତ୍ର / ପୃଷ୍ଠା-୬୬

ପ୍ରସଙ୍ଗ : ଶିଶୁ ସାହିତ୍ୟ

ଡାଃ ଶ୍ୟାମ ସିଂହ ଶଶି : ପ୍ରକାଶକୀୟ (ଓଡ଼ିଆ) / ଆଳିମାଳିକା / ପୃଷ୍ଠା-୭୦

ପରିଶିଷ୍ଟ

୧. **ଜଗନ୍ନାଥ ପ୍ରସାଦ ଦାସଙ୍କର ସାରସ୍ୱତ କୃତି** / ପୃଷ୍ଠା-୭୧

୨. **ଜଗନ୍ନାଥ ପ୍ରସାଦ ଦାସଙ୍କ ସାରସ୍ୱତ କୃତିର ଭାଷାନ୍ତର** / ପୃଷ୍ଠା-୭୩

Digitized by srujanika@gmail.com

ପ୍ରସଙ୍ଗ : ସରସ୍ୱତୀ ସମ୍ମାନ

ପ୍ରଶସ୍ତି

କେ. କେ. ବିରଳା ଫାଉଣ୍ଡେସନର ୨୦୦୬ ମସିହା ପାଇଁ ଷୋଡ଼ଶତମ ସରସ୍ୱତୀ ସମ୍ମାନ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କୁ (ଯାହାଙ୍କୁ ଲୋକେ ଜେ.ପି. ଦାସ ନାମରେ ଜାଣନ୍ତି) ୧୯୯୮ ମସିହାରେ ପ୍ରକାଶିତ ତାଙ୍କର ଓଡ଼ିଆ କବିତା ସଂକଳନ 'ପରିକ୍ରମା' ଲାଗି ପ୍ରଦାନ କରାଯାଉଅଛି ।

ଡଃ ଦାସ ଆଧୁନିକ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ସାହିତ୍ୟିକ, ଯିଏକି କବିତା, ଗଳ୍ପ, ଉପନ୍ୟାସ, ନାଟକ, କଳା-ଇତିହାସ ତଥା ସମାଲୋଚନା ପ୍ରଭୃତି ସାହିତ୍ୟର ସମସ୍ତ କ୍ଷେତ୍ରରେ ତାଙ୍କର ବଳିଷ୍ଠ ସ୍ୱାକ୍ଷର ପ୍ରଦାନ କରିଛନ୍ତି । ଓଡ଼ିଶାର ପୁରୀ ଜିଲ୍ଲାରେ ୧୯୩୬ରେ ତାଙ୍କର ଜନ୍ମ ଏବଂ ରାଜନୀତି ବିଜ୍ଞାନରେ ଆଲାହାବାଦ୍ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକୋତ୍ତର ଉପାଧି ପ୍ରାପ୍ତ । ଉକ୍ତ ବିଶ୍ୱବିଦ୍ୟାଳୟରେ ଅଳ୍ପ କିଛି କାଳ ଅଧ୍ୟାପନା କଲାପରେ ସେ ୧୯୫୮ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ଉକ୍ତ ସେବାରେ କାର୍ଯ୍ୟରତ ଥିବାବେଳେ ମଧ୍ୟ ସେ ତାଙ୍କର ସାହିତ୍ୟିକ ତଥା ବୌଦ୍ଧିକ ଅଭିରୁଚି ଜାରି ରଖିଥିଲେ । କଳା-ଇତିହାସରେ ପି.ଏଚ୍.ଡି. କରିବା ପରେ ସେ ଇଂଲଣ୍ଡର ସସେକ୍ସ ବିଶ୍ୱବିଦ୍ୟାଳୟରେ ଉନ୍ନୟନ ଅର୍ଥନୀତିରେ ଏକ ପାଠ୍ୟକ୍ରମ ତଥା ହୋମିଭାବା ବୃତ୍ତି ପାଇଥିଲେ । ସାହିତ୍ୟ ଓ କଳାରେ କ୍ରମବର୍ଦ୍ଧିଷ୍ଣୁ ଅନୁରକ୍ତିର ଫଳସ୍ୱରୂପ ସାରସ୍ୱତ ସେବାରେ ନିଜର ସମସ୍ତ ସମୟ ବିନିଯୋଗ କରିବା ଲାଗି ସେ ୧୯୮୪ରେ ନିର୍ଦ୍ଧାରିତ ଅବସର ସମୟର ଦଶବର୍ଷ ପୂର୍ବରୁ ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାରେ ଅବ୍ୟାହତି ନେଇଥିଲେ । ଆଜି ସେ ଓଡ଼ିଆ ଭାଷାରେ ପନ୍ଦରଟି କବିତା ସଂକଳନ, ସାତଟି ଗଳ୍ପ ସଂଗ୍ରହ, ପାଞ୍ଚଟି ନାଟକ, ଗୋଟିଏ ଉପନ୍ୟାସ ଏବଂ ତିନୋଟି ଶିଶୁ ସାହିତ୍ୟ ପୁସ୍ତକର ରଚୟିତା ଭାବେ ଓଡିଆ ଭାଷା ମାଧ୍ୟମରେ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏଥିମଧ୍ୟରୁ ଅନେକ ପୁସ୍ତକ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଅନୂଦିତ ହୋଇଛି ।

ଜେ.ପି. ଦାସଙ୍କ କବିତାରେ ଏକ ପ୍ରକାର ସର୍ଟହାଣ୍ଡ ଶୈଳୀ ଅନ୍ତର୍ନିହିତ । ତାହା ଅତ୍ୟନ୍ତ ବର୍ଣ୍ଣାଢ୍ୟ ଚିତ୍ରକଳ୍ପ ମାଧ୍ୟମରେ ଓ ଖୁବ୍ ସଂକ୍ଷିପ୍ତ ଶବ୍ଦ ବିନ୍ୟାସରେ ପାଠକ ହୃଦୟକୁ ସ୍ପର୍ଶ କରିଥାଏ । 'ପରିକ୍ରମା' ସଂଗ୍ରହଟିର କବିତାଗୁଡିକ ମୁଖ୍ୟତଃ ଜୀବନ ଓ ମୃତ୍ୟୁ, ସମୟର ସ୍ୱଭାବ ଏବଂ ସର୍ବୋପରି କବିତା ରଚନାର କଳା ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ କେନ୍ଦ୍ରିତ । ନିଜର ବହୁବିଧ ଅନୁଭବ ରାଶିରୁ ନିଃସୃତ ଭାବ ସମୂହକୁ ରୂପଦେବାକୁ ଯାଇ କବି ଭାଷାର ସବୁ ଅର୍ଗଳିକୁ ଅତିକ୍ରମ କରି ଯାଇଛନ୍ତି । ଏହି ପୁସ୍ତକଟି କେତୋଟି ସରଳ ଓ ସାବଲୀଳ ଶୈଳୀରେ ଲିଖିତ କବିତାର ଅପୂର୍ବ ସମାହାର ଯହିଁରେ ଅତି କ୍ଲିଷ୍ଟ ତଥା ଆଧୁନିକ ସମ୍ବେଦନଶୀଳତାକୁ ଏକ ଅନନ୍ୟ ଦକ୍ଷତାର ସହ ପରିବେଷଣ କରାଯାଇଛି ।

ଫାଉଣ୍ଡେସନ ଡଃ ଜେ.ପି.ଦାସଙ୍କ ଦେବୀ ସରସ୍ୱତୀଙ୍କ ସାଧନାରେ ଉତ୍ସର୍ଗୀକୃତ ଦୀର୍ଘ ଜୀବନ କାମନା କରୁଛି ।

ନିର୍ମଳକାନ୍ତି ଭଟ୍ଟାଚାର୍ଯ୍ୟ	**ଗୋପାଳ ବଲ୍ଲଭ ପଟ୍ଟନାୟକ**	**କୃଷ୍ଣକୁମାର ବିରଳା**
ସଦସ୍ୟ-ସଚିବ	ଅଧ୍ୟକ୍ଷ	ସଭାପତି
		କେ. କେ. ବିରଳା ଫାଉଣ୍ଡେସନ

ଚୟନ ପରିଷଦ

ନୂଆଦିଲ୍ଲୀ, ୫ ମାର୍ଚ୍ଚ, ୨୦୦୮

Digitized by srujanika@gmail.com

ସରସ୍ୱତୀ ସମ୍ମାନ ପ୍ରଦାନ ଅବସରରେ

ଶ୍ରୀ କୃଷ୍ଣ କୁମାର ବିରଳାଙ୍କ ସ୍ୱାଗତ ଭାଷଣ

ଆଦରଣୀୟ ଉପ ରାଷ୍ଟ୍ରପତି ଶ୍ରୀ ମହମ୍ମଦ ହମିଦ ଆନସାରୀ ମହୋଦୟ, ଚୟନ ପରିଷଦର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଗୋପାଳ ବଲ୍ଲଭ ପଟ୍ଟନାୟକ ମହୋଦୟ, ସମ୍ମାନିତ ସାହିତ୍ୟିକ ଡଃ ଜଗନ୍ନାଥ ପ୍ରସାଦ ଦାସ ତଥା ଡଃ. ନୟର ମସୁଦ, ପ୍ରତିଷ୍ଠିତ ବିଦ୍ୱାନ, ସମୀକ୍ଷକ, ତଥା ଏଠାରେ ଉପସ୍ଥିତ ସମସ୍ତ ସାହିତ୍ୟପ୍ରେମୀ, ସାମ୍ବାଦିକ ବଂଧୁଗଣ, ଦେବୀ ଓ ସଜ୍ଜନ ମଣ୍ଡଳୀ! ଷୋଡ଼ଶ ଓ ସପ୍ତଦଶ ସରସ୍ୱତୀ ସମ୍ମାନ ସମାରୋହରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଅଛି ।

୨୦୦୬ ମସିହାର ସରସ୍ୱତୀ ସମ୍ମାନ ଡଃ ଜଗନ୍ନାଥ ପ୍ରସାଦ ଦାସଙ୍କୁ ପ୍ରଦାନ କରାଯାଉଛି ।

ମାନନୀୟ ଆନସାରୀ ମହୋଦୟ, ଆପଣ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବାପାଇଁ ଆମର ପ୍ରାର୍ଥନାକୁ ସ୍ୱୀକାର କରିଥିବାରୁ ମୁଁ ଆପଣଙ୍କଠାରେ ଅତ୍ୟନ୍ତ କୃତଜ୍ଞ । ଆପଣ ଭାରତର ଉପରାଷ୍ଟ୍ରପତି ପରି ଉଚ୍ଚ ପଦବୀରେ କେବଳ ଆସୀନ ହୋଇ ନାହାନ୍ତି, ଅଧିକନ୍ତୁ କଳା ଓ ସାହିତ୍ୟର ଜଣେ ବିଶେଷ ଅନୁରାଗୀ ଭାବରେ ଖ୍ୟାତି ଲାଭ କରିଛନ୍ତି । ସଂଖ୍ୟାଲଘୁ ଆୟୋଗର ଅଧ୍ୟକ୍ଷ ପଦରେ ରହି ଆପଣଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତର ଏକାତ୍ମତା ପାଇଁ ଆପଣ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଆମ ଫାଉଣ୍ଡେସନ ମଧ୍ୟ ଭାରତୀୟ ସାହିତ୍ୟର ଏକାତ୍ମତା ପାଇଁ ବ୍ୟାପକ ସ୍ତରରେ ପ୍ରଯତ୍ନଶୀଳ ରହିଅଛି । ଏହି କାରଣରୁ ଆଜି ଆପଣଙ୍କ ଦ୍ୱାରା ଏହି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯିବା ଏକାନ୍ତ ଯୁକ୍ତିଯୁକ୍ତ ବୋଲି ମନେ ହେଉଅଛି । ଆମର ପ୍ରାର୍ଥନା ସ୍ୱୀକାର କରି ସାହିତ୍ୟ, ଶିକ୍ଷା ତଥା ସାମାଜିକ କାର୍ଯ୍ୟ ପ୍ରତି ସମର୍ପିତ ଥିବା ଏହି ଫାଉଣ୍ଡେସନ ପ୍ରତି ଆପଣ ଯେଉଁ ଅନୁଗ୍ରହ ପ୍ରକାଶ କରିଛନ୍ତି, ସେଥିପାଇଁ ଆମେ ଆପଣଙ୍କଠାରେ ଚିର ଋଣୀ । ଏହି କାର୍ଯ୍ୟକ୍ରମରେ ମୁଁ ଆପଣଙ୍କୁ ହାର୍ଦ୍ଦିକ ସ୍ୱାଗତ ଜ୍ଞାପନ କରୁଅଛି ।

ଆମର ସଂସ୍ଥା ପକ୍ଷରୁ ଏହି ସମ୍ମାନ ଭାରତୀୟ ସମ୍ବିଧାନର ୮ମ ଅନୁସୂଚିରେ ଉଲ୍ଲିଖିତ ସମସ୍ତ ଭାଷାରୁ ଚୟନ କରାଯାଇଥିବା ଶ୍ରେଷ୍ଠ କୃତିକୁ ପ୍ରଦାନ କରା ଯାଇଥାଏ । ଆଜି ଏକଥା କହିବା ବେଳେ ଆମକୁ ବହୁତ ଖୁସି ଲାଗୁଛି ଯେ, ସରସ୍ୱତୀ ସମ୍ମାନ ଭାରତୀୟ ସାହିତ୍ୟ-ସଂସ୍କୃତିର ଏକ ପ୍ରମୁଖ ପ୍ରକାଶସ୍ତମ୍ଭ ଭାବରେ ସଂପ୍ରତି ପ୍ରତିଷ୍ଠା ଲାଭ କରି ସାରିଛି । ଆମ ଦେଶରେ ବୋଧହୁଏ ଏତାଦୃଶ କୌଣସି ଦ୍ୱିତୀୟ ସମ୍ମାନ ନାହିଁ, ଯେଉଁଠି ପୁରସ୍କୃତ କୃତିକୁ ସତୁରୀ ଠାରୁ ଅଧିକ ସୁପ୍ରସିଦ୍ଧ ବିଦ୍ୱାନ, ସମୀକ୍ଷକ, ଗବେଷକ ଏବଂ ସାହିତ୍ୟିକଙ୍କ ତ୍ରି-ସ୍ତରୀୟ କଠୋର ପରୀକ୍ଷା ମଧ୍ୟ ଦେଇ ଗତି କରିବାକୁ ହୋଇଥାଏ । ବାଇଶଟି ଭାଷା ସମିତି ଓ ପାଞ୍ଚଟି କ୍ଷେତ୍ର ସମିତି ପ୍ରଥମେ ସେହି ଭାଷାର ଅନ୍ୟ ପୁସ୍ତକ ସହିତ ଓ ପରେ ସେହି କ୍ଷେତ୍ରର ଅନ୍ୟ ପୁସ୍ତକ ସହିତ ତୁଳନାତ୍ମକ ଭାବରେ ତାହାର ଶ୍ରେଷ୍ଠତାକୁ ପରିଶ୍ରମ ପୂର୍ବକ ବିଶ୍ଳେଷଣ କରିଥାନ୍ତି । ଶେଷତମ ନିର୍ବାଚନଟି ଚୟନ ପରିଷଦ ଦ୍ୱାରା କରାଯାଇ ଥାଏ । ଯାହାର ବର୍ତ୍ତମାନ ଅଧ୍ୟକ୍ଷ ହେଉଛନ୍ତି ବିଚାରପତି ଶ୍ରୀଯୁକ୍ତ ଗୋପାଳ ବଲ୍ଲଭ ପଟ୍ଟନାୟକ, ଯିଏକି ଆଜି ଆମମାନଙ୍କ ଗହଣରେ ମଞ୍ଚାସୀନ ହୋଇଛନ୍ତି । ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ପଟ୍ଟନାୟକ, ମୁଁ ଆପଣଙ୍କୁ ସ୍ୱାଗତ କରୁଅଛି ଏବଂ ଫାଉଣ୍ଡେସନ ତରଫରୁ ଏହି ମହନୀୟ ଦାୟିତ୍ୱକୁ ସମର୍ଥତା ପୂର୍ବକ ନିର୍ବାହ କରିବାପାଇଁ ଆପଣଙ୍କୁ ତଥା ଆପଣଙ୍କ ପୂରା ଟିମ୍‌କୁ ଧନ୍ୟବାଦ ଅର୍ପଣ କରୁଅଛି । ସରସ୍ୱତୀ ସମ୍ମାନ ଆଜି ସାହିତ୍ୟ କ୍ଷେତ୍ରରେ ଯେ ସର୍ବୋତ୍ତମ ସମ୍ମାନ ଭାବରେ ମାନ୍ୟତା ଲାଭ କରିଛି, ତାହା କେବଳ ତା'ର ଆର୍ଥିକ ମୂଲ୍ୟ ପାଇଁ ନୁହେଁ ପରନ୍ତୁ ସାହିତ୍ୟିକ ମାନ୍ୟତାର ମାନଦଣ୍ଡ ରୂପରେ ମଧ୍ୟ ସରସ୍ୱତୀ ସମ୍ମାନର ସ୍ଥାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିଛି । ଏହା ସହିତ କେବଳ ଭାରତୀୟ ସାହିତ୍ୟ ତାର ସୁସ୍ଥ ସଂକଳ୍ପନାରେ ବିକାଶୋନ୍ମୁଖୀ ସମସ୍ତ ଯୋଜନାର ଏକ ପ୍ରମୁଖ ବିଭାଗ ଭାବରେ ଆତ୍ମପ୍ରତିଷ୍ଠା ଲାଭ କରିଛି ।

ବନ୍ଧୁଗଣ, ଆଜି ଆମେ ଏଠାରେ ଡଃ. ଜେ.ପି. ଦାସଙ୍କୁ ସମ୍ମାନିତ କରିବାପାଇଁ ଏକତ୍ରିତ ହୋଇଅଛୁ । ଡଃ. ଦାସଙ୍କୁ ତାଙ୍କର ଓଡ଼ିଆ କବିତା ସଂଗ୍ରହ 'ପରିକ୍ରମା' ପାଇଁ ୨୦୦୬ର ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଉଅଛି । ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଡଃ. ଦାସ ୧୯୮୪ରେ ସାହିତ୍ୟ ସେବାରେ ପୂର୍ଣ୍ଣ ଭାବରେ ନିଜକୁ ସମର୍ପିତ କରିବାପାଇଁ ସ୍ୱେଚ୍ଛାରେ ଚାକିରିରୁ ନିବୃତ୍ତି ଗ୍ରହଣ କରିଥିଲେ । ଜଣେ ଲେଖକ ଭାବରେ ତାଙ୍କର ଏତାଦୃଶ ସମର୍ପଣଭାବ ଠାରୁ ବଳି ଆଉ ଅଧିକ ଦୃଷ୍ଟାନ୍ତ ନଥାଇ ପାରେ । ତାଙ୍କର କବିତା ସଂଗ୍ରହକୁ ସରସ୍ୱତୀ ସମ୍ମାନ ମିଳିଛି, ହେଲେ ତାଙ୍କର ସାରସ୍ୱତ ସୃଷ୍ଟି ମଧ୍ୟରେ କବିତା ବ୍ୟତୀତ ନାଟକ, ଲଘୁକଥା, ଉପନ୍ୟାସ ଏବଂ କଳା ଉପରେ ଲିଖିତ ଗବେଷଣାତ୍ମକ ନିବନ୍ଧାଦିକୁ ମଧ୍ୟ ବିଚାର କରାଯାଇ ପାରେ । ତାଙ୍କର ଏକ ବିଶେଷତା ହେଉଛି ଯେ, ସେ ସାହିତ୍ୟର ଯେ କୌଣସି

Digitized by srujanika@gmail.com

ବିଭାଗରେ ଲେଖନୀ ଚାଳନ କଲାବେଳକୁ ସେ ନିଜକୁ ଅତ୍ୟନ୍ତ ସହଜ ଭାବରେ ସେଥିରେ ନିମଗ୍ନ କରି ରଖନ୍ତି । ତାଙ୍କ ସମ୍ବନ୍ଧରେ ସବୁଠାରୁ ବଡ଼ ମଜାର କଥା ହେଉଛି ଯେ ତାଙ୍କର ସମସ୍ତ ସୃଜନାତ୍ମକ ରଚନା ଓଡ଼ିଆ ଭାଷାରେ ରଚିତ ହୋଇଥିବା ବେଳେ ତାଙ୍କର ସମସ୍ତ ସମୀକ୍ଷା ଗ୍ରନ୍ଥ ଇଂରାଜୀ ଭାଷାରେ ରଚିତ ହୋଇଅଛି । ଏହିଥିରୁ ମୋର ଯାହା ମନେହୁଏ ତାହା ସହିତ ଲେଖକ ବୋଧହୁଏ ସହମତ ହେବେ ଯେ ଉତ୍କୃଷ୍ଟ ସୃଜନାତ୍ମକ ସାହିତ୍ୟ ସଦୈବ ମାତୃଭାଷାରେହିଁ ଲେଖା ଯାଇ ପାରିବ ।

ଡଃ ଜେ.ପି. ଦାସଙ୍କ କବିତା ହେଉଛି ଦୈନନ୍ଦିନ ଜୀବନର ସାମାନ୍ୟ ଅନୁଭବକୁ ପରୀକ୍ଷା କରି ସେଥିରୁ ଜୀବନର ଅର୍ଥକୁ ଅପେକ୍ଷା ରଖୁଥିବା କବିତା । ତାହା କୌଣସି ସିଦ୍ଧାନ୍ତକୁ ଅନୁସରଣ କରେ ନାହିଁ କି ଜୀବନ ବା ସାହିତ୍ୟ ସଂପର୍କରେ ରହିଥିବା ପୂର୍ବାଗ୍ରହଗୁଡ଼ିକରେ ନିଜକୁ ବାନ୍ଧି ରଖେ ନାହିଁ । ତାଙ୍କର କବିତା ହେଉଛି ଆତ୍ମାନ୍ୱେଷଣର କବିତା, ଯେପରି ମନେହୁଏ ସମଗ୍ର ଦୁନିଆ ସହିତ ସେ ନିଜେ ନିଜକୁ ମଧ୍ୟ ଅଧ୍ୟୟନ କରୁଛନ୍ତି । ଡଃ ଦାସଙ୍କ ସମ୍ମାନିତ କୃତି 'ପରିକ୍ରମା'ରେ ଭାଷାର ସୀମା ସରହଦ ସହିତ ତାହାକୁ ନେଇ ଚାଲିଥିବା ଅନବରତ ସଂଘର୍ଷ ମଧ୍ୟ ପରିଲକ୍ଷିତ ହୋଇଥାଏ । ଏହି ସଂଗ୍ରହରେ ସେ ଅତ୍ୟନ୍ତ ସହଜ ଓ କଥିତ ଶବ୍ଦର ପ୍ରୟୋଗ କରିଛନ୍ତି । ତାଙ୍କର ଅଧିକାଂଶ କବିତାରେ ସଂଭାଷଣର ଲୟ ରହିଛି । ଅତ୍ୟନ୍ତ ଗହନ ଓ ଭାରାକ୍ରାନ୍ତ କରିଦେଉଥିବା କାବ୍ୟାତ୍ମକ ଅଭିବ୍ୟକ୍ତିକୁ ସାରଗର୍ଭିତ ପଙ୍କ୍ତିରେ ବାନ୍ଧିରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ସହଜ ତଥା ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା କଥିତ ଶବ୍ଦର ପ୍ରୟୋଗ କରିବା କେବେ ସହଜସାଧ୍ୟ ବ୍ୟାପାର ନୁହେଁ, ଏଥିପାଇଁ ମହତ୍ତର ଅନୁଶାସନର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି ।

ଆଜି ସମର୍ପିତ ଭାରତୀୟ ଲେଖକମାନଙ୍କ ନିକଟରେ ଅନେକ ପ୍ରତିବନ୍ଧକ ଆସି ଦଣ୍ଡାୟମାନ ହୋଇଅଛି । ଯେପରି- କଣ ଲେଖିବା ଦରକାର ? ସମକାଳୀନ ସାମାଜିକ ସମସ୍ୟାଗୁଡ଼ିକ ପ୍ରତି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବାକୁ ହେବ ନା ବାସ୍ତବବାଦୀ ପଦ୍ଧତି ଅବଲମ୍ବନ କରିବାକୁ ହେବ ? ନା ପ୍ରକୃତିବାଦୀ ? ସେ ମନୋରଞ୍ଜନ ପାଇଁ ଲେଖିବେ ନା ନୈତିକ ଉନ୍ନତି ପାଇଁ ଲେଖିବେ ? ସେ ପରିଷ୍କୃତ ବିଚାରବୁଦ୍ଧିର ଅପେକ୍ଷା ରଖୁଥିବା ପାଠକଙ୍କ ପାଇଁ ଲେଖିବେ ନା ସାଧାରଣ ପାଠକମାନଙ୍କପାଇଁ ଲେଖିବେ ? ପୁନଶ୍ଚ ଆଉ ଏକ ସମସ୍ୟା ହେଉଛି ଭାଷାର ସମସ୍ୟା । ଲେଖକଟିଏ ଶାସ୍ତ୍ରୀୟ ପାଣ୍ଡିତ୍ୟପୂର୍ଣ୍ଣ ଆଳଙ୍କାରିକ ଭାଷାକୁ ବ୍ୟବହାର କରିବେ ନା ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା କଥିତ ଭାଷାକୁ ବ୍ୟବହାର କରିବେ ? ଭାଷା ଓ ବୋଲିରେ ପରିପୂର୍ଣ୍ଣଥିବା ଆମ ଦେଶରେ ଏହାକୁ ନିର୍ଣ୍ଣୟ କରିବା ଅତ୍ୟନ୍ତ କଠିନ ବ୍ୟାପାର । ଏତେ ସବୁ କଠିନତା ଥିବା ସତ୍ତ୍ୱେ ମଧ୍ୟ ଶ୍ରେଷ୍ଠ ଭାରତୀୟ ସାହିତ୍ୟର ଶୈଳୀରେ କଥ୍ୟ ଓ ପ୍ରକଟୀକରଣର ନୂତନ ପଦ୍ଧତି ଯେ ବ୍ୟବହାର କରାଯାଉଅଛି, ତାହାହିଁ ଅତ୍ୟନ୍ତ ଆନନ୍ଦର କଥା । ଏହି ନୂତନତାରେ ଭାରତୀୟତାର ପରିଚୟ ରହିଛି, ରହିଛି ମଧ୍ୟ ବିଶ୍ୱଜନୀନତାର ଅପୂର୍ବ ଦୀପ୍ତି । ଆଜି ଲେଖକମାନଙ୍କ ମଧ୍ୟରୁ ଡଃ ଜଗନ୍ନାଥ ପ୍ରସାଦ ଦାସଙ୍କୁ ଆମେ ସରସ୍ୱତୀ ସମ୍ମାନରେ ସମ୍ମାନିତ କରୁଥିବାରୁ, ଏହା ଆମମାନଙ୍କପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ ହୋଇ ଉଠିଛି ।

ମଞ୍ଚାସୀନ ସମସ୍ତ ଅତିଥିଗଣ ତଥା ଏହି ସମାରୋହରେ ଉପସ୍ଥିତ ସମସ୍ତ ସାହିତ୍ୟପ୍ରେମୀମାନଙ୍କୁ ମୁଁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରୁଅଛି ।

Digitized by srujanika@gmail.com

ସରସ୍ୱତୀ ସମ୍ମାନ ପ୍ରାପ୍ତିର ପ୍ରତ୍ୟୁତ୍ତରରେ

ଡଃ ଜଗନ୍ନାଥ ପ୍ରସାଦ ଦାସଙ୍କ ଅଭିଭାଷଣ

ଆପଣମାନଙ୍କ ସହିତ ଆଜି ଏଠାରେ ଉପସ୍ଥିତ ରହିଥିବାରୁ ମୋତେ ବହୁତ ଖୁସି ଲାଗୁଛି । ଆପଣଙ୍କ ଉପସ୍ଥିତିରେହିଁ ମୁଁ ସମ୍ମାନିତ ହୋଇଅଛି । ଲେଖକ ଓ ପାଠକଙ୍କ ଦେଖା ସାକ୍ଷାତ ବହୁତ କମ୍ ହୋଇଥାଏ ଏବଂ ସେହି ସୁଯୋଗକୁ ଆଣି ପାରିଥିବା ଯେ କୌଣସି ସୁଯୋଗ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ।

ନିଜ କୃତିକୁ ନେଇ ପାଠକ ଓ ସମୀକ୍ଷକଙ୍କ ଉଦାସୀନତା ସଂପର୍କରେ ଅନେକ ଲେଖକଙ୍କର ଅଭିଯୋଗ ରହିଥାଏ । ମୋର ନିଜସ୍ୱ ଅନୁଭବ କିନ୍ତୁ ଦେଖିବାକୁ ଗଲେ, ସାମାନ୍ୟ ଭିନ୍ନ । ପାଠକମାନେ, ବଂଧୁମାନେ ଏବଂ ପରିଚିତମାନେ- ଏପରିକି ଅପରିଚିତମାନେ ମଧ୍ୟ ଯେ ମୋ ଉପରେ ସବୁବେଳେ କୃପା ଓ ସ୍ନେହ, ଏତେ ପରିମାଣରେ ଅଜାଡି ଦେଇଛନ୍ତି ଯେ ବେଳେବେଳେ ଲାଗେ ସତରେ କଣ ମୁଁ ଏସବୁର ଯୋଗ୍ୟ ? ମୁଁ ଯାହା କିଛି ଅଳ୍ପ ବହୁତ ଲେଖିଛି, ପ୍ରତିବଦଳରେ ଲୋକମାନଙ୍କଠାରୁ ତାହାଠାରୁ ଯଥେଷ୍ଟ କିଛି ପାଇଛି । କେତେଥରତ ମନେ ହୋଇଛି ଯେ, ଲୋକମାନେ ସ୍ୱେଚ୍ଛାରେ ମୋତେ ଯାହାସବୁ ପ୍ରଦାନ କରିଛନ୍ତି, ତାହାର ଯୋଗ୍ୟ ହେବା ପାଇଁ ମୋର ଆହୁରି ବହୁତ କିଛି କରିବା ଦରକାର ଥିଲା । ଏହିଭଳି ଅବସରରେ କିଛି ଅପେକ୍ଷା ରଖା ଯାଇଥାଏ ଯେ ଲେଖକ ସାହିତ୍ୟ ସମ୍ବନ୍ଧରେ କିଛି କହିବେ ଏବଂ ନିଜ ଯୋଗ୍ୟତା ଓ କାର୍ଯ୍ୟର ପରିଚୟ ପ୍ରଦାନ କରିବେ । ଦୁର୍ଭାଗ୍ୟକ୍ରମେ ମୁଁ କିଛି ଅଳ୍ପ-ବହୁତ ସାହିତ୍ୟ ରଚନା କରିଛି, ତାହା ଛଡା କୌଣସି ପ୍ରକାରର ସାହିତ୍ୟିକ ସିଦ୍ଧାନ୍ତ ବା ଆଲୋଚନାରେ ମୋର କେବେହେଲେ କୌଣସି ପ୍ରକାରରେ ରୁଚି ରହିନାହିଁ । ମୋର ଯାହାକିଛି କହିବାର ଥିଲା ତାହାକୁ ମୁଁ ମୋ କବିତାରେ କହି ସାରିଛି । ମୋର ଆଉ ଅଧିକ ଭାଷଣ ଦେବାର ନାହିଁ କି କୌଣସି ସିଦ୍ଧାନ୍ତ ମଧ୍ୟ ଘୋଷଣା କରିବାର ନାହିଁ ।

ହେଲେ, ଜଣେ ଲେଖକ ଭାବରେ ମୋର ଯେଉଁ ଦୁର୍ବଳତା ରହିଛି, ମୋତେ ଯେଉଁ ଆଶଙ୍କା ବାରମ୍ବାର ଯନ୍ତ୍ରଣା ଦେଉଛି ସେ ସଂପର୍କରେ ମୁଁ ହୁଏତ କିଛି କହିପାରେ । ମୁଁ ଅତ୍ୟନ୍ତ ଗମ୍ଭୀରତାର ସହିତ ଲେଖାଲେଖି କରିଛି, ହେଲେ ମୁଁ ଲେଖିବାପାଇଁ ନିଜର ସଂପୂର୍ଣ୍ଣ ଜୀବନ, ସମୟ ଏବଂ ସମର୍ପଣ ଦେଇ ପାରିନାହିଁ । ପୂର୍ଣ୍ଣକାଳୀକ, ବ୍ୟବସାୟିକ ଲେଖକମାନଙ୍କ ପାଇଁ ଏହା ସମ୍ଭବ, ମାତ୍ର ମୋ ପରି ସାମୟିକ ତଥା ରବିବାସରୀୟ ଲେଖକମାନେ ନ ଲେଖିବାପାଇଁ କୌଣସି ନା କୌଣସି ବାହାନା ଖୋଜୁଥାନ୍ତି, ଯେପରି ଆଜି ପାଗଟା ଭଲ ନାହିଁ, ଆଜି ମୋତେ ବିଲ୍ ପୈଠ କରିବା ପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପନ୍ନ କରିବାକୁ ଅଛି ବା ପୁଣି ଏହି ସବୁ କାରଣଗୁଡ଼ିକଠାରୁ ବଳି ଅତି ଖରାପ କାରଣର ସାହାଯ୍ୟ ନିଆଯାଇ କୁହା ଯାଏ ଯେ ଆଜି ମୋର ଲେଖିବା ପାଇଁ ମୁଡ୍ ନାହିଁ ।

ଆହୁରି ଗୋଟିଏ ଶଂକା ମୋ ମନକୁ ବାରମ୍ବାର ବ୍ୟସ୍ତ କରୁଛି ଯେ ମୋ ଲେଖାକୁ କଣ କିଏ ପଢୁଛି ? ଲେଖିବାର ଉଦ୍ଦେଶ୍ୟ କଣ ? ଓଡ଼ିଆ ପୁସ୍ତକର ପାଠକବର୍ଗତ ବହୁତ ସ୍ୱଳ୍ପ । ହେଲେ ମୁଁ ନିଜେ ନିଜକୁ ବୁଝାଇ ନେଇଛି ଯେ, ପାଠକ ବର୍ଗ ଛୋଟ ହେଲେବି ଲେଖକ ପାଇଁ ନିଜ ମନର କଥା ନିଜସ୍ୱ ଭଙ୍ଗୀରେ କହିବାର ସ୍ୱାଧୀନତା ରହିଛି ଏବଂ ମୁଁ ଲେଖି ଚାଲିଛି ।

ମୋ ମନରେ ଆହୁରି ଏକ ପ୍ରଶ୍ନ ଉଠୁଛି ଯେ, ଗୁଜରାଟରେ ଯାହା କିଛି ଘଟିଗଲା ତାହା ପରେ ମଧ୍ୟ କଣ କବିତା ଲେଖିବା ସମ୍ଭବ ? ଏହି ପ୍ରଶ୍ନକୁ ମୁଁ ନିଜସ୍ୱ ଢଂଗରେ ସମାଧାନ କରିଛି । ଗୁଜରାଟରେ ଯାହାକିଛି ଘଟିଗଲା ତାହାପରେ ଗୁଜୁରାଟ ଉପରେହିଁ କବିତା ଲେଖିବା ସମ୍ଭବ ହେବ ଏବଂ ଏହାକୁ ଲେଖି ଆମେ ଏହି ସତ୍ୟକୁ ପ୍ରତିଷ୍ଠା କରି ପାରିବା ଯେ କବି ବାଲ୍ମୀକିଙ୍କ ମହାକାବ୍ୟର କଳ୍ପନା ବାହାରେ କେଉଁଠି ହେଲେ ବି ଅଯୋଧ୍ୟା ନାହିଁ ।

ଅନେକ ଥର ମୁଁ ଏପରି ମଧ୍ୟ ଭାବେ ଯେ ସମାଜରେ କବିର ସ୍ଥାନ କେଉଁଠି ? ସମସ୍ତେ ପ୍ରାୟ ଚାହାନ୍ତି ଯେ ସାହିତ୍ୟିକ ତାଙ୍କ ସାହିତ୍ୟ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରନ୍ତୁ । ସମାଜର ଏହି ବୋଝ ଲେଖକଙ୍କ ପାଇଁ ବଡ଼ ଅସହ୍ୟ ହୋଇଉଠେ । ଦାରିଦ୍ର୍ୟ, ଶୋଷଣ, ଭ୍ରଷ୍ଟାଚାର, ଅନୁଶାସନହୀନତା, ରୋଗ, ଅସନ୍ତୁଷ୍ଟି, ହତ୍ୟା ଇତ୍ୟାଦି ଚାରିଆଡ଼େ ଆତଙ୍କ ଖେଳାଇ ଦେଇଛି ତ କବି ବିଚାରା କଣ କରି ପାରିବ ? ମୁଁ ନିଜ ତରଫରୁ ଏହି ପ୍ରଶ୍ନର ଉତ୍ତର ନିଷ୍କର୍ଷ କରି ସାରିଛି ଏବଂ ତାହା ହେଉଛି ଯେ, କବିଙ୍କୁ ତାହାହିଁ କରିବାକୁ ହେବ ଯାହାକୁ ସେ କରି ପାରିବ, କବିତା ଲେଖିବ । ଯାହା କିଛି ଘଟି ଯାଉଛି ସେ ସବୁକୁ ନେଇ କବି ନିଜ କବିତାରେ ସତ୍ୟକୁ ଚିତ୍ରଣ କରନ୍ତୁ ଏବଂ ସେହି

Digitized by srujanika@gmail.com

ସତ୍ୟ ସାରା ପୃଥିବୀରେ ପହଁଞ୍ଚି ଯାଉ ଓ ପୃଥିବୀ ସେହି ସତ୍ୟକୁ ଖୋଲା ଆଖିରେ ଦେଖିବାକୁ କ୍ଷମ ହେଉ । ଚେକଭ୍‌ଙ୍କ କହିବାନୁଯାୟୀ ସମସ୍ୟାର ସମାଧାନ କରିବା ଏବଂ ସମସ୍ୟାକୁ ଚିତ୍ରଣ କରିବା ଏହି ଦୁଇଟି କଥା ମଧ୍ୟରୁ ଦ୍ୱିତୀୟଟିହିଁ କଳାକାରର ଦାୟିତ୍ୱ ।

ଭାରତୀୟ ଭାଷାମାନଙ୍କରେ ଲେଖୁଥିବା ଲେଖକମାନଙ୍କ ସମ୍ମୁଖରେ ଆହୁରି ଗୋଟିଏ ସମସ୍ୟା ରହିଛି । ଜଗତୀକରଣ ହେତୁ ଆମ ସମାଜରେ ଉପନିବେଶୀକରଣ କ୍ରମଶଃ ବୃଦ୍ଧି ପାଉଅଛି ଏବଂ ସମାଜ ଉପରେ ପ୍ରଭାବ ବିସ୍ତାର କରୁଥିବା ଇଂରାଜୀ ଭାଷା ହେତୁ ଆମ ଭାଷାମାନଙ୍କର ଅସ୍ତିତ୍ୱ ଉପରକୁ ବିପଦ ମାଡ଼ି ଆସୁଛି । ଆମେ ଆମର ଭାଷାମାନଙ୍କରେ ଲେଖିହିଁ ତାହାକୁ ବଞ୍ଚାଇ ରଖି ପାରିବା । ଏବଂ ଆମକୁ ଆମ ଭାଷାରେ ଭଲ ସାହିତ୍ୟ ନିର୍ମାଣ କରିବାକୁ ହେବ । ଏହି ଦିଗରେ ମୁଁ ନିଜେ ଯେତିକି କରି ପାରିବି ସେଥିପାଇଁ ନିଶ୍ଚୟ ଚେଷ୍ଟା କରିବି ।

ହଁ, ଆପଣମାନଙ୍କ ସମ୍ମୁଖରେ ଆହୁରି ଗୋଟିଏ କଥା ସ୍ୱୀକାର କରିବାକୁ ଚାହୁଛି, ତାହା ହେଉଛି ଲେଖିବା ମୋ ପାଇଁ କେବେ ସହଜସାଧ ହୋଇ ନାହିଁ । କେତେକ କବି କୁହନ୍ତି ଯେ କେଉଁ ଦୈବୀଶକ୍ତି ତାଙ୍କୁ କବିତା ବତାଇ ଦେଉଛନ୍ତି ଓ ସେ କେବଳ ତାହାକୁ କାଗଜ ଉପରେ ଉତାରି ପକାଉଛନ୍ତି । ମୁଁ କିନ୍ତୁ ଏତେ ଭାଗ୍ୟଶାଳୀ ନୁହେଁ । ଆଉ କେତେକ କୁହନ୍ତି ଯେ, କବିତା ତାଙ୍କ ପାଖକୁ ଆସେ । କବିତା କେଉଁଠାରୁ ଆସେ ତାହା ମତେ ଜଣା ଥିଲେ ମୁଁ ହୁଏତ ସେଠାକୁ ପଳାଇ ଯାଆନ୍ତି । ନିଜ ସଂପର୍କରେ ମୁଁ କହିବି ଯେ ଲେଖିବା ମୋ ପାଇଁ ସବୁଠୁ କଠିନ ଓ ଭାରାକ୍ରାନ୍ତ କର୍ମଟିଏ ମାତ୍ର । କୌଣସି କାମ ଶେଷ ହେଲା ପରେ ଯେଉଁ ସନ୍ତୋଷ ମୁଁ ଲାଭ କରେ ତାହା ଯଦି ମିଳୁ ନଥାନ୍ତା ତାହାହେଲେ ହୁଏତ ମୁଁ କିଛି ଲେଖନ୍ତି ନାହିଁ । ଲେଖିବା ହେଉଛି ସବୁଠାରୁ ବଳି ପରିଶ୍ରମର କାମ । ବୋଧହୁଏ ସେଥିପାଇଁ ମୁଁ ଯେତିକି ଲେଖିଛି ତାହାଠାରୁ ଅଧିକ ଲେଖି ପାରିନାହିଁ । ମୁଁ ନିଜକୁ ନିଜେ ପ୍ରବୋଧନା ଦେଇଥାଏ ଯେ, ଲେଖିବା ବ୍ୟତିରେକ ମୁଁ ନିଜ ଜୀବନରେ ପୂର୍ଣ୍ଣମାତ୍ରାରେ ବଞ୍ଚିବାର ପ୍ରୟାସ କରିଛି । ଯଦି ମୋତେ ଜଣା ଥାଆନ୍ତା ଯେ ମୋର ନ ଲେଖିବା ଫଳରେ ସାହିତ୍ୟର କ୍ଷତି ଘଟିବ ତାହାହେଲେ ହୁଏତ ମୁଁ ବାକି ସବୁକାମକୁ ଛାଡ଼ିଦେଇ ଆହୁରି ବେଶି ଲେଖିବାପାଇଁ ପ୍ରଯନ୍ କରନ୍ତି । ହେଲେ ମୋ ମନରେ କେବେହେଲେ ଏପରି ଭ୍ରାନ୍ତି ବା ମିଥ୍ୟା ଅହଂକାର ଜନ୍ମି ନାହିଁ ।

ଆଜିର ଏହି କାର୍ଯ୍ୟକ୍ରମ ମୋର ସୀମା ଓ ଅପୂର୍ଣ୍ଣତାର ବିଶ୍ୱାସକୁ ପୁଣି ଥରେ ଉଦ୍ରେକ କରିଛି ଏବଂ ଏହି କାରଣରୁ ମୁଁ ଆହୁରି ଅଧିକ ବିନୀତ ଉପଲବ୍ଧି କରୁଛି । ଏହି ଅବସରରେ ମୋର ମନରେ ଇଚ୍ଛା ଜାଗ୍ରତ ହେଉଛି ଯେ ମୁଁ ଆହୁରି କିଛି ଲେଖିଥାନ୍ତି କି ! ମନରେ ଉଙ୍କି ମାରୁଥିବା ସମସ୍ତ କଳ୍ପନାକୁ ଶବ୍ଦାବଦ୍ଧ କରିଥାନ୍ତି କି ଏବଂ ନିଜେ ଲେଖିଥିବା ଅଧା ଲେଖାଗୁଡ଼ିକ ପୂରା କରିଦିଅନ୍ତି କି ! ତା' ସାଙ୍ଗକୁ ମଧ ମନେ ହେଉଛି ଯେ ଏହି ସବୁ କରିବା ପାଇଁ ମୋତେ ଆଉ ଟିକିଏ ବୟସ ମିଳି ଯାଆନ୍ତା କି !

ଯେଉଁ ପୁସ୍ତକକୁ ଆଜି ସମ୍ମାନ ମିଳୁଛି ତାହା ସଂପର୍କରେ ଆଜି ହୁଏତ ମୋତେ କିଛି କହିବାକୁ ହେବ । ତାହା ଯଦି କୌଣସି କଥା-କାହାଣୀର ପୁସ୍ତକ ହୋଇଥାନ୍ତା ତାହାହେଲେ ମୁଁ ଆପଣମାନଙ୍କୁ ତାହାର କାହାଣୀ ସଂକ୍ଷେପରେ ଶୁଣାନ୍ତି । ହେଲେ କୌଣସି କବିତାର କଳ୍ପନାକୁ ସଂକ୍ଷେପରେ କହି ହେବ ନାହିଁ କି ତାହାକୁ ବୁଝାଇ ମଧ ହେବ ନାହିଁ । କବିତାରେ ଯେଉଁ ବିଷୟ କୁହାଯାଇଛି ତାହାର ଯେତିକି ମହତ୍ତ୍ୱ ରହିଛି, ତାହାକୁ କିପରି କୁହା ଯାଇଛି ତାହାର ମଧ ସେତିକି ମହତ୍ତ୍ୱ ରହିଛି । ମୁଁ କେବଳ ଏତିକି ମାତ୍ର କରି ପାରିବି ଯେ, ଏହି ସଂଗ୍ରହରୁ ଗୋଟିଏ କବିତାକୁ ପଢ଼ି ଶୁଣାଇ ଦେବି । ଆପଣମାନଙ୍କ ମଧ୍ୟରୁ କେହି ହୁଏତ ସମୟ ବାହାର କରି ପଢ଼ିବା ପାଇଁ କଷ୍ଟ କରିବେ ବୋଲି ମୁଁ ଆଶା କରୁଛି ।

ଏହି କେତୋଟି ଶବ୍ଦ କହି ମୁଁ ପୂର୍ଣ୍ଣ ବିନମ୍ରତାର ସହିତ ସମ୍ମାନକୁ ସ୍ୱୀକାର କରୁଅଛି ଏବଂ ତାହାକୁ ମୋତେ କବିତା ଲେଖିବା ପାଇଁ ପ୍ରେରଣା ଯୋଗାଇ ଥିବା ସମସ୍ତ ପୂର୍ବଜ ଓଡ଼ିଆ କବିମାନଙ୍କୁ, ମୋତେ ଉତ୍ସାହ ଯୋଗାଇଥିବା ସମସ୍ତ ସମକାଳୀନ କବିମାନଙ୍କୁ ଏବଂ ଓଡ଼ିଆ କବିତାକୁ ନୂତନ ଦିଗରେ ଆଗେଇ ନେଇ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ପ୍ରସ୍ତୁତ ସମସ୍ତ ଯୁବ କବିମାନଙ୍କୁ ସମର୍ପିତ କରୁଅଛି ।

ଧନ୍ୟବାଦ ।

Digitized by srujanika@gmail.com

କବିତାର ଅର୍ଥ

ଅନେକେ ପଚାରିଥାନ୍ତି
କବିତାର ଅର୍ଥ ଓ ଅଭିପ୍ରାୟ କଣ
ଏପରିକି ସେମାନେ ବି
ଯେଉଁମାନେ କବିତାର ଧାର ଧାରନ୍ତି ନାହିଁ
କିନ୍ତୁ କେହି ବି ପଚାରେ ନାହିଁ
ସମୟର ସଂଜ୍ଞା କଣ
ପ୍ରେମର ପରିଭାଷା କଣ
ଅଥବା ଜୀବନର ତାତ୍ପର୍ଯ୍ୟ କିପରି
କେବେ କିଏ କହିଥିଲା ଯେ
କେହି ବି କବିତା ପଢ଼ନ୍ତି ନାହିଁ
ନା ମାଛବାଲା ନା ମୁଖ୍ୟମନ୍ତ୍ରୀ
ନା ପ୍ରକାଶକ ନା ବି ଅଧ୍ୟାପକ
ଏ କଥା ବି ଜଣା ଯେ ସେମାନେ
ଇନ୍ଦ୍ରଧନୁ ପ୍ରଜାପତି ଘାସଫୁଲ
ଡାହାଣିଆ ଖରା ଫୁଲସଂଜ
ଦକ୍ଷିଣା ପବନ ଭିଜା ମାଟି
ଟୁପୁର ଟାପର କିଚିରି ମିଚିରି
ଏମାନଙ୍କ ବିଷୟରେ ବି ସଂପୂର୍ଣ୍ଣ ଉଦାସୀନ

ଏ କଥା ମଧ୍ୟ ସୁପ୍ରତୀତ ଯେ
କବିତା ବିପ୍ଳବ ଆଣେ ନାହିଁ
ଭୋକିଲା ମୁହଁରେ ଭାତ ଦିଏ ନାହିଁ
କବିତା ରୋକି ପାରେ ନାହିଁ ପୁଲିସର ଗୁଳି
ଏପରି କବିତା ନୀତିଶିକ୍ଷା ବି ଦିଏ ନାହିଁ
ତା ଯଦି ଲକ୍ଷ୍ୟ ହୋଇଥାନ୍ତା
କବି କଲମ ନୁହେଁ ବନ୍ଧୁକ ଧରି
ରାସ୍ତା ଉପରକୁ ଓହ୍ଲାଇ ଆସି
ହାତମୁଠା ଉଠାଇ ଚିତ୍କାର କରନ୍ତା
ଏବଂ କବିତା ନ ଲେଖି
ସେ ଲେଖିଥାନ୍ତା ନାରା ଓ ନୀତିକଥା

ପାଠକମାନେ ପ୍ରାୟଶଃ
କବିତା ପାଖକୁ ଯାଆନ୍ତି ନାହିଁ

Digitized by srujanika@gmail.com

ତଥାପି ତାକୁ ପଢ଼ନ୍ତି କିଛି ଚନ୍ଦ୍ରାହତ ଲୋକ
ପଢ଼ନ୍ତି ଓ କବି ସହିତ ମିଶି
ସେମାନେ ବି କବିତାକୁ ତିଆରି କରନ୍ତି
ଓ ତାକୁ ଜୀବନ୍ୟାସ ଦିଅନ୍ତି
କବିତା କେବଳ ସେଇମାନଙ୍କ ପାଇଁ
ଯେଉଁମାନେ ଥରେ ପଢ଼ି ସାରିବା ପରେ
ତାକୁ ହୃଦୟଙ୍ଗମ ନ କରିବା ସତ୍ତ୍ୱେ
ସ୍ପର୍ଦ୍ଧା ରଖନ୍ତି ଆଉଥରେ ପଢ଼ିବାର
କବିତାର ଉପଲବ୍‌ଧି ସେତିକି
ଯାହା ଆଖିକୁ ଲଂଘି
ଅର୍ଥ ଓ ଅନର୍ଥମାନଙ୍କୁ ଦେଇ
ସିଧା ଚାଲିଯାଏ ମନ ଗହନକୁ
ଯିଏ ତାକୁ ଯେତିକି ବୁଝେ
ବ୍ୟଂଜନା ଓ ଦୁର୍ବୋଧତା ମଝିରେ
କବିତାର ଯଥାର୍ଥତା ସେତିକି ମାତ୍ର
ତା ବାହାରେ ଆଉ କିଛି ନୁହେଁ

କବିତା କିଛି ପ୍ରେମ ଭଳି
କିଛି ବି ସମୟ ଭଳି
ନିଜ ଭିତରେ ସ୍ୱୟଂ ସଂପୂର୍ଣ୍ଣ
କାହାରିଠାରୁ କିଛି ମାଗେ ନାହିଁ
କୌଣସି ସଫଳତାର ଦାବି ନାହିଁ
ନିଜେ ନିଜର ସାଧନା ଓ ସିଦ୍ଧି
ନିଜେ ନିଜର ଆଧାର ଓ ଅବଧି
ନିଜେ ନିଜର ସମନ୍ୱୟ ଓ ସଂଗତି
କବି ସ୍ୱୟଂଭୁ ହୋଇ ତିଆରି କରେ
ନିଜେ ନିଜର ଅର୍ଥ ଓ ଦୁର୍ବୋଧତା

କବିତା ଥାଏ ଛନ୍ଦ ଅଳଙ୍କାର ବାହାରେ
କବିତା ଥାଏ ଉପମା ଅନୁପ୍ରାସ ଶ୍ଳେଷ
ବିମ୍ବ ରୂପକ ଚିତ୍ରକଳ୍ପରୁ ସ୍ୱତନ୍ତ୍ର
କବିତା ଥାଏ ବନାନ ବ୍ୟାକରଣ
ଓ ବିରାମ ଚିହ୍ନରୁ ଊର୍ଦ୍ଧ୍ୱ
ସମୀକ୍ଷକ ସମାଲୋଚକ ଅଧ୍ୟାପକ
ତାତ୍ତ୍ୱିକ ଟୀକାକାର ବ୍ୟାଖ୍ୟାତାଙ୍କ

Digitized by srujanika@gmail.com

ଅଧିକାର ଓ ଆଧିପତ୍ୟରୁ ବିମୁକ୍ତ
କବିତା ଥାଏ ନିଜର ସ୍ୱାୟତ୍ତ ସାମ୍ରାଜ୍ୟରେ
ନିଜେ ନିଜର ସାର୍ବଭୌମ ସମ୍ରାଟ ହୋଇ
କବିତା ପାଖକୁ ଟାଣି ନିଏ
ବୁଝିବା ନ ବୁଝିବା ନିର୍ବିଶେଷ
କବିତା ପ୍ରଲୋଭିତ କରେ
ଦୁର୍ବିନୀତ ଶବ୍ଦମାନଙ୍କ ପାଖରେ
ବିନା ସର୍ତ୍ତ ଆତ୍ମସମର୍ପଣର
କବିତା ବାରମ୍ବାର ବାଧ୍ୟକରେ
ଅବାକ ଆଖିକୁ ଆହୁରି ଥରେ
ପଛ ଧାଡ଼ିକୁ ଫେରିଯିବା ପାଇଁ

କେହି ସଚରାଚର କବିତା ପଢ଼ନ୍ତି ନାହିଁ
ଏପରିକି ସେ ବି ପଢ଼େ ନାହିଁ
ଯାହାପାଇଁ କବିତାଟି ଲେଖା ହୋଇଥିଲା
ଏଥିରୁ ହୁଏତ ନିଷ୍କର୍ଷ ବାହାରିବ
ଯେ କବିତା ତା ହେଲେ କିଛି ବି ନୁହେଁ
ଏବଂ ଜୀବନ ପାଇଁ
ସଂପୂର୍ଣ୍ଣ ଅବାନ୍ତର କବିତା
ସେପରି ଭାବେ ଦେଖିବାକୁ ଗଲେ
ଜୀବନ ବି ତ ଆଉ କିଛି ନୁହେଁ
କେଉଁ ଅଜଣା କବିତାର ବୁଝି ହେଉ ନ ଥିବା
କେତୋଟି ଅର୍ଥହୀନ ପଂକ୍ତି ବ୍ୟତୀତ

Digitized by srujanika@gmail.com

ଜଗନ୍ନାଥ ପ୍ରସାଦ ଦାସ ଓ ତାଙ୍କ କୃତି 'ପରିକ୍ରମା'

୧୯୩୬ ମସିହାରେ ଜନ୍ମଲାଭ କରିଥିବା ଜଗନ୍ନାଥ ପ୍ରସାଦ ଦାସ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ଲାଭ କରନ୍ତି । ସେହି ବିଶ୍ୱବିଦ୍ୟାଳୟରେ କିଛି ସମୟ ପାଇଁ ଅଧ୍ୟୟନ କରିବା ପରେ ସେ ୧୯୫୮ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦିଅନ୍ତି । ପ୍ରଶାସନିକ ସେବାରେ ଯୋଗ ଦେବା ପରେ ମଧ୍ୟ ସେ ଅଧ୍ୟୟନକୁ ନିଜ ଜୀବନର ବ୍ରତ ଭାବରେ ପାଳନ କରନ୍ତି । ସେ କଳା-ଇତିହାସରେ ଡକ୍ଟରେଟ୍ ଉପାଧି ଲାଭ କରନ୍ତି । ବିକାଶଶୀଳ ଅର୍ଥଶାସ୍ତ୍ରରେ ସେ ଯୁକ୍ତରାଷ୍ଟ୍ରର ୟୁନିଭରସିଟି ଅଫ୍ ସସେକ୍ସରୁ ଗୋଟିଏ ପାଠ୍ୟକ୍ରମ ସମାପ୍ତି କରନ୍ତି ଓ ହୋମିଭାଭା ଫେଲୋସିପ୍ ନେଇ କାର୍ଯ୍ୟ କରନ୍ତି । ତାଙ୍କର ଆନୁଷ୍ଠାନିକ ଶିକ୍ଷା ପ୍ରବୃତ୍ତି ତାଙ୍କ ସାହିତ୍ୟିକ ସୃଜନାତ୍ମକତାରେ କେବେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇ ନାହିଁ । ଏହି ଦିଗରେ ତାଙ୍କର ଆସକ୍ତି ଏତେ ବୃଦ୍ଧିପ୍ରାପ୍ତ ହେଲା ଯେ, ଶେଷରେ ସେ ନିଜ ସାରସ୍ୱତ ସୃଜନଶୀଳତାରେ ପୂର୍ଣ୍ଣ ମନୋନିବେଶ ପାଇଁ ୧୯୮୪ ମସିହାରେ ଭାରତୀୟ ପ୍ରଶାସନିକ ସେବାରୁ ତ୍ୟାଗ କରି ଦିଅନ୍ତି, ଯଦ୍ୟପି ସେତେବେଳକୁ ତାଙ୍କର ସେବାନୁବୃତ୍ତିରେ ଆହୁରି ଦଶ ବର୍ଷ ସମୟ ବାକି ରହିଥିଲା । ସାହିତ୍ୟିକ ମଣ୍ଡଳୀରେ ଜେ.ପି. ଭାବରେ ପରିଚିତ ଏହି ଲେଖକଙ୍କର ଅଦ୍ୟାବଧି ପନ୍ଦରଟି କବିତା ସଂକଳନ, ପାଞ୍ଚଟି ନାଟକ, ସାତଟି ଗଳ୍ପ ସଂକଳନ, ଗୋଟିଏ ଐତିହାସିକ ଉପନ୍ୟାସ, ଶିଶୁମାନଙ୍କ ପାଇଁ ତିନୋଟି କବିତା ସଂକଳନ ପ୍ରକାଶିତ । ଓଡ଼ିଆ କଳା ସମ୍ବନ୍ଧିତ ତାଙ୍କର ପୁସ୍ତକମାନଙ୍କ ମଧ୍ୟରେ 'ପୁରୀ ପେଣ୍ଟିଙ୍ଗ୍ସ୍', 'ଚିତ୍ର ପୋଥି' ତଥା 'ତାଳପତ୍ର ଚିତ୍ରାଙ୍କନ' ଓ 'ଲଘୁ ଚିତ୍ର'ର ଅଧ୍ୟୟନ ଅନ୍ୟତମ । ସେ ମଧ୍ୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅନ୍ୟାନ୍ୟ ଭାଷାର ପୁସ୍ତକକୁ ଅନୁବାଦ କରିଛନ୍ତି ।

ଜେ.ପି.ଙ୍କ ଲେଖାମାନରେ ଏକ ବିଶେଷତ୍ୱ ହେଉଛି ଯେ ପ୍ରତ୍ୟେକ ବିଭାଗର ଆବଶ୍ୟକତା ଅନୁରୂପ ସେ ନିଜକୁ ଅତ୍ୟନ୍ତ ସହଜ ଭାବରେ ସାମିଲ କରାଇ ନିଅନ୍ତି । ଉଦାହରଣ ସ୍ୱରୂପ ସେ ଯେତେବେଳେ କାହାଣୀ ଲେଖନ୍ତି ସେତେବେଳେ ସେ ଖୁବ୍ ସହଜ ଭାବରେ ସ୍ୱାଭାବିକ ସାମାଜିକ ମନୋବିଜ୍ଞାନ ପ୍ରକ୍ରିୟାରେ ପ୍ରବେଶ କରିଯାଆନ୍ତି ଓ ସେତେବେଳେ ମନେହୁଏ ଯେ ସେ କଥା କହିବା କ୍ଷେତ୍ରରେ ନିପୁଣତାର ସୀମାକୁ ସ୍ପର୍ଶ କରି ସାରିଛନ୍ତି । ଅନ୍ୟ ପକ୍ଷରେ ସେ ତଥାକଥିତ ଗଡ୍ଡାଳିକା ସ୍ରୋତରେ କାହାଣୀର କଥାବସ୍ତୁକୁ ଚୟନ କରନ୍ତି ନାହିଁ । ଜେ.ପି.ଙ୍କ କଥାତ୍ମକ ଗଦ୍ୟରେ ଇତିବୃତ୍ତାତ୍ମକତାର ସାର ତତ୍ତ୍ୱ ଅବଶ୍ୟ ମଧ୍ୟମ, ବିସ୍ତାରିତ ଓ ସତର୍କ ଭାବରେ ରହୁଥିଲେ ମଧ୍ୟ ମସ୍ତିଷ୍କକୁ ଭାରାକ୍ରାନ୍ତ କରିବାକୁ ସଦା ସମୁଦ୍ୟତ ଗମ୍ଭୀରତା ପୂର୍ଣ୍ଣମାତ୍ରରେ ଅନୁପସ୍ଥିତ ରୁହେ । ସେ ଯଦିଓ କେତେବେଳେ ଜଟିଳ ବୋଲି ମନେ ହୁଅନ୍ତି, ସେତେବେଳେ ସେ ସାଧାରଣ ଭାବରେ ନିଜକୁ ସ୍ପଷ୍ଟ କରିବା ପାଇଁ ଉଦ୍ୟମକୁ ଜାରି ରଖନ୍ତି । ଅନ୍ୟ ପକ୍ଷରେ ତାଙ୍କର କବିତା ମୂଳତଃ ସଂକ୍ଷେପଣକୁ ଆଧାର ଭାବେ ଗ୍ରହଣ କରୁଥିଲେ ମଧ୍ୟ ଏକ ଶକ୍ତିଶାଳୀ ବହୁବିଦ୍ ଚିତ୍ରମାନର ପ୍ରୟୋଗରେ ସ୍ୱୟଂକୁ ସଂପ୍ରସାରିତ କରି ଦିଅନ୍ତି । ସେ ତାଙ୍କର ଅନୁଭବର ବିଶାଳ ବିବିଧତାକୁ ଗଭୀର ଭାବରେ ତଥା ନିଜସ୍ୱ ଢଂଗରେ ସଂଖାଳି ନେଇଥାନ୍ତି । ଏଠାରେ ଏକଥା ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଚିନ୍ତନ ହେଉଛି ତାଙ୍କର ସର୍ବାଧିକ କାଂକ୍ଷିତ କାମନା ଏବଂ ସେ ନିଜକୁ ବେଳେ ବେଳେ କବିତା ଲେଖୁଥିବା ଜଣେ କଥାଶିଳ୍ପୀ ଅପେକ୍ଷା କେବଳ ଜଣେ କବି ଭାବରେ ପରିଚୟ ଦେବାକୁ ଅଧିକ ପସନ୍ଦ କରନ୍ତି ।

ଜେ.ପି.ଙ୍କ କବିତା ସଂକଳନ "ପରିକ୍ରମା"ରେ ଜୀବନ, ମୃତ୍ୟୁ, କାଳର ପ୍ରକୃତି ତଥା କବିତା ସୃଜନର କଳା ଉପରେ ଅନେକ କବିତା ରହିଛି । ସେ ତାଙ୍କର ଜୀବନର ବହୁବିଧ ଅନୁଭବକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ କବିତାରେ ପ୍ରକାଶ କରିଛନ୍ତି; ସେତେବେଳେ ଭାଷା ଆତ୍ମାଭିବ୍ୟକ୍ତି ନିକଟରେ ପ୍ରତିବନ୍ଧକ ହୋଇ ଉଠିଲେ ତାକୁ ମଧ୍ୟ ସେ ଅତିକ୍ରମ କରି ଯାଆନ୍ତି । ୧୯୯୮ରେ ପ୍ରକାଶିତ "ପରିକ୍ରମା"ରେ ଲଘୁ ପରନ୍ତୁ ଗମ୍ଭୀର କବିତାମାନ ସଂକଳିତ ହୋଇଅଛି, ଯେଉଁଥିରେ ଜଟିଳ ଆଧୁନିକ ସମ୍ବେଦନାକୁ କାବ୍ୟ ସୃଜନର ସହଜ ପ୍ରବୀଣତାରେ ସମ୍ଭବ କରାଯାଇଛି । କେତେକ କବିତାରେ ନିତ୍ୟ ବ୍ୟବହୃତ ଭାଷାର ପ୍ରୟୋଗ କରାଯାଇ ଏହି କବିତାମାନଙ୍କରେ ଜୀବନର ଗମ୍ଭୀର କାବ୍ୟାଭିବ୍ୟକ୍ତିକୁ ସମ୍ଭବ କରାଯାଇ ପାରିଛି । ଅନ୍ୟ ଆଧୁନିକ କବିମାନଙ୍କପରି ଜେ.ପି. ମଧ୍ୟ ଜୀବନକୁ ବହୁସ୍ତରୀୟ ଅନୁଭବ ବୋଲି ଜ୍ଞାନ କରନ୍ତି ଓ ତାହାର ସୂକ୍ଷ୍ମାତିସୂକ୍ଷ୍ମ ଗହନ ସ୍ତରକୁ ଜାଣିବାପାଇଁ ପ୍ରୟାସ ଜାରି ରଖନ୍ତି । କେତେକ କବିତାର ସୂକ୍ଷ୍ମ ବିବେଚନାରୁ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଉଠେ ।

Digitized by srujanika@gmail.com

'ଘର କରଣା' (ଘର-ଗୃହସ୍ଥୀ) କବିତା ମାନବ ଅସ୍ତିତ୍ୱକୁ ନକାରାତ୍ମକ ଅନ୍ତର୍ନିହିତ ରୂଢ଼ିବାଦ ଦିଗରେ ଏଭଳି ସଂକେତ ପ୍ରଦାନ କରିଥାଏ ଯେ ସଞ୍ଚିତ ସ୍ମୃତିମାନଙ୍କୁ ସର୍ବଗ୍ରାସୀ ଛାୟା ପୂର୍ଣ୍ଣ ମାତ୍ରାରେ ନିଷ୍ପ୍ରଭ କରି ଦେଇଥାଏ । ମୋଟ ଉପରେ ମର୍ମଶୀଳ ଅସ୍ତିତ୍ୱ ପରିସୀମିତ ହୋଇ ଯାଇଥିଲେ ମଧ୍ୟ ସେଥିରେ ଅନନ୍ତ ସମ୍ଭାବନା ତିଷ୍ଠି ରହିଥାଏ ବୋଲି ଅନ୍ତତଃ 'ପାରି' (ପାର) କବିତା ସୂଚିତ କରିଥାଏ । କୌଣସି କବିତାର ଯେ ଶେଷତମ ପଙ୍କ୍ତି ଲେଖିହୁଏ ନାହିଁ, ପ୍ରତ୍ୟେକ କାନଭାସ ସବୁବେଳେ ଅପୂର୍ଣ୍ଣ ରହିଯାଏ, ନଦୀର ମୁହାଣ ନିକଟରେ ଠିଆହୋଇ ଦେଖୁଥିବା ନାବିକ ପାଇଁ ସମୁଦ୍ର ସବୁବେଳେ ଅବୁଝା ରହିଯାଏ । ଠିକ୍ ସେହିପରି 'ଘରକରଣା'ର ନିରାଶାକୁ ଜୀବନର ଅପରିମିତ ସମ୍ଭାବନା ସବୁବେଳେ ହାତଠାରି ଡାକୁଥାଏ । ପରମ୍ପରା କ୍ରମେ ଏହି ପୁନର୍ଦୃଷ୍ଟି, ଯେଉଁଠି ବିଡ଼ମ୍ବନା ଓ ସାମଞ୍ଜସ୍ୟ ରହିଛି ତାହା ଜେ.ପି.ଙ୍କ କବିତାକୁ ଗୋପନ ଅର୍ଥ ପ୍ରଦାନ କରି ସମୃଦ୍ଧ କରିଥାଏ । ଅନ୍ୟ ଏକ କବିତା 'ଆବାହନ'ରେ ସ୍ତ୍ରୀ ଓ ପୁରୁଷଙ୍କ ଶାରୀରିକ ଏବଂ ଆତ୍ମିକ ସମ୍ବନ୍ଧର ବିଭିନ୍ନ ଦିଗକୁ ସନ୍ତୁଳିତ କରିବାର ସାହସିକ ଉଦ୍ୟମ ଜାରି ରହିଛି । ଏହି କବିତାରେ ଉତ୍ତେଜକ ବିମ୍ବ କଂପିତ ମର୍ଯ୍ୟାଦାର ସୀମା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଉଠିଛି । ମୋଟ ଉପରେ ଏଥିରେ ଦେହର କୌଣସି ଉତ୍ସବ ନାହିଁ, ମନୋବେଗ କେବଳ ସନ୍ଦେହ ସୃଷ୍ଟି କରୁଛି ଏବଂ ମନେ ହେଉଛି ସତେ ଯେପରି କବି ପୂର୍ଣ୍ଣତଃ ଶାରୀରିକତାରେ ଆତଙ୍କିତ ହୋଇ ବଞ୍ଚି ରହୁଛନ୍ତି । ଏହି କବିତାରେ ମାତୃଶକ୍ତିର ଆହ୍ୱାନ କରାଯାଇଛି, ଯାହାକି ସଂସାରରେ ସୃଷ୍ଟିର ପ୍ରତୀକ ଭାବରେ ଗୃହୀତ । 'ଡେଫୋଡିଲ' କବିତାରେ ଉତ୍ତର ଔପନିବେଶିକ ସଂସ୍କୃତିର ଦମ୍ଭ, ଯାହାକି ଏହି ଦେଶରେ ଏବେ ମଧ୍ୟ, ବିଶେଷ କରି ବିଦ୍ୟାଧ୍ୟୟନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଛି, ତାକୁ ତାଚ୍ଛଲ୍ୟ କରିଛନ୍ତି । ଏହି କବିତାମାନରେ ବିଡ଼ମ୍ବନାକୁ ଅତି ସହଜରେ ଚିହ୍ନି ହୁଏ । ତାଙ୍କର କବିତା ଯେପରି 'କବିତାର ଅର୍ଥ', 'ପୁରୁଣା କବିତା', 'ଏଭଳି ଯଦି', 'ସାପେକ୍ଷ', 'ମୁକ୍ତ ଛନ୍ଦ' ପ୍ରଭୃତିରେ ଜୀବନ ଛୋଟମୋଟ ବସ୍ତୁରେ ପୂର୍ଣ୍ଣ ହୋଇ, ଜୀବନ ସନ୍ଦର୍ଭରେ କବିତାର ସାର୍ଥକତା ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତର ଖୋଜିବାରେ ପ୍ରଯତ୍ନ କରାଯାଇଛି । ଏହି କବିତାରେ ଇଚ୍ଛା ଓ ଉପଲବ୍ଧି ମଧ୍ୟରେ ଅନ୍ତରରେ ସୃଷ୍ଟି ହେଉଥିବା ଅସ୍ତିତ୍ୱବାଦୀ ପରିତାପକୁ ଭଲ ଭାବରେ ବାରି ହୋଇଯାଏ । 'କବିତାର ଅର୍ଥ' ଶୀର୍ଷକ କବିତାକୁ ଜେ.ପି.ଙ୍କ ଟେକ୍‌ନିକ୍‌ର ପରିପକ୍ୱତାକୁ ପ୍ରତିନିଧିତ୍ୱ କରୁଥିବା କବିତା ବୋଲି କୁହାଯାଇ ପାରିବ । ଛୋଟ ଓ ଆକର୍ଷଣୀୟ ପଙ୍କ୍ତି ଗୁଡ଼ିକ ଅଚାନକ ଭାବରେ ସତ୍ୟର ପ୍ରଖର ସଂସାର ମଧ୍ୟକୁ ଆମମାନଙ୍କୁ ନେଇଯାଏ । କବିତା ଓ ଜୀବନର ରହସ୍ୟମୟ ପ୍ରକୃତିକୁ ପାଖା ପାଖି ରଖିବାରେ କବିଙ୍କର ଅତ୍ୟନ୍ତ ଆନନ୍ଦ; ଯେପରି ସେହି ପଙ୍କ୍ତିମାନ ଦ୍ୱାରା ଚିନ୍ତନ ସମୃଦ୍ଧ ହୋଇ ଉଠେ ।

ଜଗନ୍ନାଥ ପ୍ରସାଦ ଦାସଙ୍କ କବିତା ସମକାଳୀନ ଜୀବନ ଓ ରୂଢ଼ି-ଆପ୍ତବାକ୍ୟ, ଛବି, ଲୟର ନୂତନ ସ୍ରୋତ ଓ ସମକାଳୀନ ଜୀବନର ଜଟିଳତାକୁ ଧରିବା ଭଳି ଆଧୁନିକ ସମ୍ବେଦନାର ପ୍ରତିନିଧି ବୋଲି କୁହାଯାଇପାରେ । ସେ ବହୁ ଦୃଷ୍ଟି ସମ୍ପନ୍ନ ଓ ବହୁବିଦ୍ କଳାକାର । ଶେଷରେ ଏତିକି ମାତ୍ର କହି ହେବ ଯେ, ସେ ଜଣେ ବହୁପ୍ରତିଭା ସମ୍ପନ୍ନ ତଥା ସମର୍ପିତ ସାହିତ୍ୟିକ କଳାକାର, ଯାହାଙ୍କ କୃତିକୁ ସମକାଳୀନ ସାହିତ୍ୟ କ୍ଷେତ୍ରରେ ସର୍ବୋତ୍ତମ କୃତିମାନଙ୍କ ମଧ୍ୟରେ ସ୍ଥାନିତ କରିହେବ ।

Digitized by srujanika@gmail.com

ପ୍ରସଙ୍ଗ : କବିତା

ଯେ କବିତାଏଁ (ହିନ୍ଦୀ) / ପ୍ରଥମ ପୁରୁଷ

❖ କବି ଜଗନ୍ନାଥ ପ୍ରସାଦ ଦାସଙ୍କ ପଚିଶ ଗୋଟି ଅନୁପମ କବିତାର ଏହା ହେଉଛି ପ୍ରଥମ ସଂକଳନ- 'ପ୍ରଥମ ପୁରୁଷ'। ଦୁଇ ବର୍ଷ ପୂର୍ବରୁ ଏହି କବିତାଗୁଡ଼ିକ ପ୍ରଥମ କରି ଓଡ଼ିଆରେ ଛପା ହୋଇଥିଲା ଓ ଚର୍ଚ୍ଚାର ବିଷୟ ହୋଇ ଉଠିଥିଲା।

❖ ଜଗନ୍ନାଥ ପ୍ରସାଦ ଦାସ ଗୋଟିଏ ଦଶକ ପୂର୍ବରୁ ଅନେକ କବିତା ଲେଖିଥିଲେ, ପୁଣି ଗୋଟିଏ ଦୀର୍ଘ ବ୍ୟବଧାନ ଆସିଗଲା। ଏବଂ ବର୍ତ୍ତମାନ ଏଠାରେ ଯେଉଁ କବିତାଗୁଡ଼ିକ ଲେଖୁଛନ୍ତି, ତାହାର ଏହା ହେଉଛି ଗୋଟିଏ ସଂଗ୍ରହ ମାତ୍ର।

❖ ଏହି କବିତାଗୁଡ଼ିକରେ ଆତ୍ମବିଶ୍ୱାସ ରହିଛି, କିଛି ସନ୍ତାପ ରହିଛି ଏବଂ ବୋଧଗମ୍ୟ ଶବ୍ଦରେ ଭାବାଭିବ୍ୟକ୍ତି ମଧ୍ୟ ରହିଛି। ହଁ, ପଚିଶ ପର୍ଯ୍ୟନ୍ତ କବିତାରେ ଅସଫଳ ପ୍ରେମର ଏକ ଅସ୍ପଷ୍ଟ କ୍ରନ୍ଦନ ରହିଛି, ମାତ୍ର ନୈରାଶ୍ୟବୋଧ ନାହିଁ। ଅଧା ପାଇଥିବା ଓ ଅଧା ହରାଇଥିବା ପ୍ରେମର ଗୋଟିଏ ମାନସିକ ଦ୍ୱନ୍ଦ୍ୱ ରହିଛି, ଯେଉଁଠାରେ ଆଧୁନିକ ଯୁଗର ଅନ୍ତର୍ବେଦନା ଓ ନିଃସଙ୍ଗବୋଧର ସ୍ପଷ୍ଟ ଅନୁଭବ ମିଳେ। ଚାରିଛକରେ ଠିଆହୋଇ କବି ଯେଉଁ ରାସ୍ତାରେ ପାଦ ପକାଉଛନ୍ତି, ତାହା ଭୁଲ ବୋଲି ପ୍ରତୀତ ହେଉଛି। ତେଣୁ ସେ ବାରମ୍ବାର ଫେରୁଛନ୍ତି ସେହିଠାକୁ, ଯେଉଁଠାରୁ ନିଜର ଯାତ୍ରା ଆରମ୍ଭ କରିଥିଲେ। କବି ସ୍ୱୀକାର କରନ୍ତି ଯେ, ପାଇବା ପାଇଁ ବାରମ୍ବାର ହରାଇବା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା; କାରଣ ପାଇବା ଓ ହରାଇବା ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନଥାଏ। ଆଜିର ବ୍ୟକ୍ତି ପୂର୍ବଜଙ୍କ ଦେହର ପ୍ରାଚୀରରେ ଘେରି ହୋଇ ରହିଛି, ତାର ଦେହର ରକ୍ତ, ମାଂସ କିଛି ମଧ୍ୟ ତାର ନିଜର ନୁହେଁ। ଏହି ଧାରାରେ 'ପ୍ରଥମ ପୁରୁଷ' ନିଜକୁ ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ ଗୃହ ମଧ୍ୟରେ ଆବଦ୍ଧ ହେବାକୁ ଲକ୍ଷ୍ୟ କରେ।

❖ କବି ସ୍ୱୀକାର କରନ୍ତି ଯେ, ଆଜି ଏଭଳି ଏକ ମୁଖା ଦରକାର, ଯାହାକୁ ସବୁ ସମୟରେ କାର୍ଯ୍ୟରେ ବିନିଯୋଗ ହୋଇ ପାରିବ। ସେ କବିତାକୁ ମଧ୍ୟ ଗୋଟିଏ ମୁଖା ବୋଲି ସ୍ୱୀକାର କରନ୍ତି; କାରଣ ତାଙ୍କୁ କବିତା ମିଳେ ଚଢ଼େଇଙ୍କଠାରୁ, ଫୁଲଙ୍କଠାରୁ, ଆକାଶଠାରୁ, ଯେଉଁଠି ତାଙ୍କର ନିଜର ବୋଲି କିଛି ନାହିଁ। ତାହାତ କେବଳ ସ୍ୱପ୍ନ, ଛାୟା, ଶୂନ୍ୟତା ଓ ନିଃସଙ୍ଗତାର ଉତ୍ପାଦନ। ଏଣୁ ସେ ନିଜର ଅସଫଳତା ମଧ୍ୟରେ ମଧ୍ୟ ଗୌରବାନ୍ୱିତ ହୋଇଛନ୍ତି। ସେ ତ କାବ୍ୟର ମୁଖାକୁ ପିନ୍ଧି ନିଜର ହାରି ଯାଇଥିବା ଇଚ୍ଛାକୁ ବ୍ୟକ୍ତ କରନ୍ତି ଓ ବାଣ୍ଟି ଚାଲନ୍ତି।

❖ କବିଙ୍କର ଏହି ରଚନାଗୁଡ଼ିକ ନିଜ ଶିଳ୍ପ ଓ କାବ୍ୟରେ ଆଜିର ପ୍ରଚଳିତ କାବ୍ୟ ରଚନାଠାରୁ ଭିନ୍ନ। ଏହି ରଚନାଗୁଡ଼ିକ କୌଣସି ଲୋକ ଉପରେ ପର୍ଯ୍ୟବସିତ ନୁହେଁ, ଅଧିକନ୍ତୁ ତାହା ନିଜର ମାର୍ଗ ନିଜେ ନିର୍ମାଣ କରିଥାଏ। ଏହି କବିତା ଗୁଡ଼ିକ ପାଠକକୁ ଏପରି ଏକ ଜଗତକୁ ନେଇଯାଏ, ଯେଉଁଠାରେ ଆଶାର କିରଣ ନ ଥିଲେ ସୁଦ୍ଧା ସେ ସ୍ଥାନକୁ ତ୍ୟାଗକରି ଆସିବା ସମ୍ଭବପର ମଧ୍ୟ ହୋଇ ନଥାଏ। ସେଠାରେ ବ୍ୟକ୍ତି ଯେପରି ଗୋଟିଏ ଘରେ ବା ପଞ୍ଜୁରୀରେ ବା ବନ୍ଦ ମଟର ଗାଡ଼ି ମଧ୍ୟରେ ବନ୍ଦୀ ଭାବରେ ରହିଥାଏ; ଯେଉଁଠି ବ୍ୟକ୍ତି ଜଉଗୃହରେ ତପ୍ତ ହେଲାପରି ନିଜ ମଧ୍ୟରେ ସଦା ତରଳୁ ଥାଏ। ଗରମ ପଡୁଛି, ପବନ ନାହିଁ; ଚାରିଆଡ଼େ ପୁରୁଣା ଚେହେରାଙ୍କ ଭିଡ଼, ରାସ୍ତା ଅନ୍ଧାର, ପ୍ରେମ ଓ ସ୍ନେହ ଆଦୌ ନାହିଁ। ବାସ୍, ଏହି ସବୁ ଭିତରେ ମଣିଷ ଏକଦମ୍ ଏକୁଟିଆ। ନିତାନ୍ତ ନିଃସଙ୍ଗ। ନିଜ ହାତରେ ରଖିଥିବା କିଛି ରୋଜଗାରକୁ ବାରମ୍ବାର ଗଣିବା ଛଡ଼ା ତା' ପାଖରେ ସମୟ ବିତାଇବା ପାଇଁ ଆଉ କଣ ଅଛି ?

Digitized by srujanika@gmail.com

❖ ଏହି ସ୍ୱୀକାରୋକ୍ତିହିଁ ଏହି କବିତାଗୁଡ଼ିକର ବୈଶିଷ୍ଟ୍ୟ । ଶବ୍ଦ ଭଣ୍ଡାର ନୁହେଁ; ପାଠକଙ୍କ ସହିତ ସିଧା ସଳଖ କଥାବାର୍ତ୍ତାର ସଳଖ ରାସ୍ତାଟିଏ ସ୍ଥାପିତ କରାଯାଇଛି । ଆଜି ଯେତେବେଳେ କବିତା ଅନ୍ତଃସାର ଶୂନ୍ୟ ହୋଇ ଯାଉଛି, ପୁରୁଣା ତଥା ପରିତ୍ୟକ୍ତ ରୂଢ଼ି ହେଇ ପଡ଼ି ରହୁଛି, ସେତେବେଳେ 'ପ୍ରଥମ ପୁରୁଷ' ଗୋଟିଏ ନୂତନ ଦିଗର ଦିଗଦର୍ଶକ ହୋଇ ରହିବା ସହିତ ମନୁଷ୍ୟର ମୌଳିକ ଭିତ୍ତି ପ୍ରେରଣା ଓ ଇଚ୍ଛାକୁ ସ୍ୱଷ୍ଟ ଭାବରେ ବ୍ୟକ୍ତ କରିବାର ସାଧନ ହୋଇ ରହିବ । ଏହି କାରଣରୁ କହୁଛି ଯେ ଏହି କବିତାଗୁଡ଼ିକ ଅତ୍ୟନ୍ତ ଅନୁପମ ଏବଂ ନିଦାଘର ବ୍ୟସ୍ତତା ଓ କଷ୍ଟ ମଧ୍ୟରେ ସତେ ଯେପରି ଝଲକାଏ ଜୀବନଦାୟୀ ଶୀତଳ ପବନ ।

ଓଁକାର ଶରଦ୍

(କବି ଜଗନ୍ନାଥ ପ୍ରସାଦ ଦାସଙ୍କ 'ପ୍ରଥମ ପୁରୁଷ'(୧୯୭୧) କବିତା ସଂକଳନଟି ଶ୍ରୀ ଶଙ୍କରଲାଲ ପୁରୋହିତଙ୍କ ଦ୍ୱାରା ୧୯୭୫ ମସିହାରେ ହିନ୍ଦୀ ଭାଷାରେ ପ୍ରକାଶ ପାଇଥିଲା । ପ୍ରକାଶକ ଥିଲେ, ଲୋହେର ପବ୍ଲିକେଶନ୍ସ, ଆହ୍ଲାବାଦ୍ । ଏବଂ ଏହି ସଂକଳନରେ 'ୟେ କବିତାଏଁ' ଶୀର୍ଷକରେ ମୁଖବନ୍ଧ ଲେଖିଥିଲେ ଶ୍ରୀ ଓଁକାର ଶରଦ୍ ।)

Digitized by srujanika@gmail.com

ତାରୁଫ୍ (ଉର୍ଦ୍ଦୁ / ପରଛାଇୟୋଁକା ଜୁଲୁସ୍)

ସେ ସହର ଆଜି ଚିହ୍ନି ହୁଏ ନାହିଁ
ନେଲାଣି ସେ ନୂଆ କଳେବର
ରାସ୍ତାଙ୍କର ନୂଆ ନାଁ
ଘର ସବୁ ହେଲାଣି ନିଲାମ୍
ଠିକଣାରେ ଅଦଳ ବଦଳ
ପୁରୁଣା କାହାକୁ ଆଉ ଚିହ୍ନି ହୁଏ ନାହିଁ ।

(ସହର)

ଏହି ପଙ୍‌କ୍ତିଟି ଜେ.ପି. ଦାସଙ୍କ କବିତା 'ସହର'ରୁ ଅଣାଯାଇଛି, ଯେଉଁଠି ପରିବର୍ତ୍ତନଶୀଳ ସହରୀ ଜୀବନର ସ୍ପନ୍ଦନକୁ ବେଶ୍ ସ୍ପଷ୍ଟ ଭାବରେ ଶୁଣା ଯାଇପାରେ । ଜଗନ୍ନାଥ ପ୍ରସାଦ ଦାସଙ୍କ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ଷେତ୍ର ନିଶ୍ଚିତ ଭାବରେ ସହରରେ ଅତିବାହିତ । ଜଣେ ଦାୟିତ୍ୱନିଷ୍ଠ ପ୍ରଶାସକ ଭାବରେ ସେ ଜୀବନକୁ ଅତି ନିକଟରୁ ଦେଖିଛନ୍ତି ଓ ଚିହ୍ନିଛନ୍ତି । ଏବଂ ତାହାରି ମଧ୍ୟରେ ଥିବା ନିଜର ସଂଶୟପୂର୍ଣ୍ଣ ସଂପର୍କକୁ ସେ ପୃଥକ୍ ପୃଥକ୍ କରିବାକୁ ଉଦ୍ୟମ କରିଛନ୍ତି । ସେହି ସଂଶୟର ଅଡୁଆ ସୂତାକୁ ସଜାଡୁ ସଜାଡୁ ତାହା ପୁଣି କେବେ ନିଶ୍ଚିହ୍ନ ହୋଇ ଯାଇଛି ତ କେବେ ପୁଣି ଅଦେଖା କ୍ଷତରୁ ଉତ୍ପନ୍ନ ତଥା ଅବଦମିତ ଯନ୍ତ୍ରଣା ପ୍ରକଟିତ ହୋଇ ଯାଇଛି । ଏହି ଅଭିବ୍ୟକ୍ତିକୁ ସେ ସହରୀ ରୂପ ପ୍ରଦାନ କରିଛନ୍ତି । ସହରୀ ଜୀବନର ରଙ୍ଗମଞ୍ଚରେ ଜେ.ପି. ଦାସ ଦର୍ଶକ, ଅଭିନେତା ଓ ବିଚାରକ, ଏକାବେଳକେ ତିନିଙ୍କର ଭୂମିକାକୁ ସଂପନ୍ନ କରିଛନ୍ତି । ଏହି ଅନୁଭବ ମଧ୍ୟରେ ଗତି କରିବାପରେ ସେ ଅନ୍ୟମାନଙ୍କୁ ମଧ୍ୟ ଏହି ଦିଗରେ ଭାବିବାପାଇଁ ଓ ଅନୁଭବ କରିବାପାଇଁ ପର୍ଯ୍ୟାପ୍ତ ପରିମାଣରେ ଅବସର ପ୍ରଦାନ କରିଛନ୍ତି ।

ଜେ.ପି. ଦାସ ନାମରେ ସୁପରିଚିତ ଜଗନ୍ନାଥ ପ୍ରସାଦ ଦାସ ସେହି ଭାଗ୍ୟବାନ ପ୍ରଶାସକମାନଙ୍କ ମଧ୍ୟରେ ଅନ୍ୟତମ ଯିଏ କି ନିଜର ଯାତନାନୁଭବକୁ ଫାଇଲ୍‌ଗଦା ମଧ୍ୟରେ ହଜାଇ ଦେଇ ନାହାନ୍ତି, ବରଂ ନିଜର ସେହି ଯନ୍ତ୍ରଣାକୁ ସାମୂହିକ ସ୍ତରକୁ ଉନ୍ନତ କରାଇବା ବେଳେ ତାହାକୁ ନିଜର କବିତାପାଇଁ ଖୋରାକ୍ ଭାବେ ସାଉଁଟି ରଖିଛନ୍ତି ।

ମୁଁ ଓଡ଼ିଆ ଭାଷା ଓ ତା'ର ପ୍ରାୟୋଗିକ ଶୈଳୀ ସହିତ ଆଦୌ ପରିଚିତ ନୁହେଁ । ହେଲେ ଯେତେବେଳେ ମୁଁ ଜେ.ପି. ଦାସଙ୍କ କବିତାକୁ ପଢ଼ିଲି ସେତେବେଳେ ସେସବୁ ମୋ ଅନୁଭବର ଅତ୍ୟନ୍ତ ନିକଟବର୍ତ୍ତୀ ବୋଲି ମୋର ମନେହେଲା । ଅନୁବାଦରେ ଅବିକଳ ଭାଷାନୁରୂପ ଶବ୍ଦ ଆସି ପାରିବ ନାହିଁ, କିନ୍ତୁ ଭାବ ଦିଗରୁ ଏହାକୁ ଛୁଇଁ ହେବ ଓ ତା'ର ଗଭୀରତାକୁ ମଧ୍ୟ ଆକଳନ କରିହେବ । ଅନୁବାଦର ରୂପଚର୍ଚ୍ଚାରୁ ଏହା ମଧ୍ୟ ସ୍ପଷ୍ଟ ହୋଇ ଉଠୁଛି ଯେ ଜେ.ପି. ଦାସଙ୍କ କବିତା ସମୂହ ନିଜ ଗୁଣରେ ବେଶ୍ ଗରୀୟାନ ଓ କବିତା ସଂରଚନା କାଳରେ ସେ କବିତାରେ ନିଜକୁ ତଲ୍ଲୀନ କରି ଦେଇଛନ୍ତି । ତେଣୁ ତାଙ୍କର ଅନୁଭବ ସାମୂହିକ ଅନୁଭବରେ ପରିଣତ ହୋଇ ଉଠିଛି । ଏବଂ ସେହି କାରଣରୁ ସେ ନିଜର ଦେଶ ଓ ଜାତି ନିକଟରେ ଆଦରଣୀୟ ହୋଇ ପାରିଛନ୍ତି । ତାଙ୍କର ବ୍ୟକ୍ତିଗତ ଅନୁଭବ ଶେଷରେ ସାମୂହିକ ଅନୁଭବର ରୂପ ନେଇ ସାରିଛି ।

କିନ୍ତୁ ବ୍ୟକ୍ତିଗତ ଅନୁଭବରେ ଜାଗତିକ ଅନୁଭବକୁ ସମାହିତ କଲାବେଳେ ଜେ.ପି. ଦାସ ପାରଂପରିକ ଗଡ୍‌ଡାଳିକାକୁ ଉପେକ୍ଷା କରି ବାହ୍ୟ ଜଗତକୁ ଗଭୀରତାର ସହିତ ନିରୀକ୍ଷଣ କରିଛନ୍ତି ଓ ଆବେଗାତ୍ମକ ଭାବରେ କବିତାରେ ତାହାକୁ ବ୍ୟକ୍ତ କରିଛନ୍ତି ।

ବାରମ୍ବାର କବିଙ୍କର କାବ୍ୟିକ ଭାଷା କବିତାରେ ଉଙ୍କି ମାରି ଉଠିଛି । ତୀକ୍ଷ୍ଣ ପ୍ରତୀକ ଓ ଚିତ୍ରକଳ୍ପର ସ୍ପର୍ଶରେ ତାଙ୍କ କବିତା ଉତ୍କର୍ଷତା ଲାଭ କରିଛି । କବିଙ୍କପାଇଁ ସବୁଠାରୁ ବଡ଼ କଠିନ କାର୍ଯ୍ୟ ହେଉଛି କବିତାରେ ନିଜକୁ ବ୍ୟକ୍ତ କରିବା । ନିଜକୁ ସ୍ପଷ୍ଟ କରିବାପାଇଁ ସେ ଅନେକତ୍ର ମିଥ୍‌ର ସାହାଯ୍ୟ ଗ୍ରହଣ କରିଛନ୍ତି ଓ ସେହି କାରଣରୁ ହିଁ ସେ ସମସ୍ତଙ୍କଠାରୁ ସ୍ୱତନ୍ତ୍ର ବୋଲି ବେଶ୍ ବାରି ହୋଇଯାଆନ୍ତି । କବିତାର ଗଭୀରତାକୁ ଛୁଇଁବାକୁ ହେଲେ ବାସ୍ତବରେ ସେହି ମିଥ୍, ପ୍ରତୀକ ଓ ଚିତ୍ରକଳ୍ପର ସଂପର୍କକୁ ପ୍ରଥମେ ଉପଲବ୍ଧି କରିବାକୁ ପଡ଼ିବ । ତାହାଲେ କବିତାର ଲୁଚି ରହିଥିବା ସେହି ଅବ୍ୟକ୍ତ ଅଂଶରେ ନିଜକୁ ହଜାଇ ଦେଇହେବ । ବାସ୍ତବରେ କବିତା ଲେଖିବା ଯେତିକି କଷ୍ଟ,

Digitized by srujanika@gmail.com

ତାହାକୁ ବୁଝିବା ବା ବୁଝାଇବା ମଧ୍ଯ ତତୋଧିକ ପରିମାଣରେ କଷ୍ଟ । ଏହା ମଧ୍ଯ ସତ୍ୟଯେ ଗୋଟିଏ ଭଲ କବିତାର ରସୋପଲବ୍ଧି ପାଇଁ ପ୍ରଶିକ୍ଷଣ ମାଧମରେ ଜଣକୁ କୁଶଳୀ କରାଇବା କେବେ ସହଜସାଧ ବ୍ୟାପାର ନୁହେଁ ।

ଉର୍ଦ୍ଦୁଭାଷୀଙ୍କୁ ଜେ.ପି.ଙ୍କ କବିତା ସହିତ ପରିଚିତ କରାଇଲା ବେଳେ ନା ମୁଁ ତାଙ୍କର ଓକିଲ ହେବାକୁ ଚାହୁଁଛି ନା ତାଙ୍କର ଅଯଥା ସ୍ତବ କରିବାକୁ ଚାହୁଁଛି । କାରଣ କବିତା ସହିତ ସଂପର୍କ ରଖୁଥିବା ରସିକମାନଙ୍କ ପାଇଁ ମୋର କୌଣସି ଓକିଲାତିର ଆବଶ୍ୟକତା ହିଁ ନାହିଁ । ଏବେତ ଜେ.ପି. ଦାସଙ୍କ କବିତା ସମୂହକୁ ମୁଁ ପୁଣିଥରେ ଜାଣିବାକୁ ଚାହୁଁଛି । ବିଶେଷ କରି ତାଙ୍କର 'ମୁଖା'(ନକଲି ଚେହେରା) କବିତା ମୋତେ ଏତେ ଭଲ ଲାଗିଛି ଯେ ତାହାକୁ ମୁଁ ଏଠାରେ ଉଲ୍ଲେଖ ନ କରି ରହି ପାରୁନାହିଁ ।

ଗୋଟିଏ ମୁଖାରୁ ପୁଣି ଅନ୍ୟ ମୁଖା ଯାଏ
ଗୋଟିଏ ଛଳନା ଠାରୁ ଅନ୍ୟ ଛଳନାକୁ
ଛଦ୍ମବେଶ ଉହାଡ଼ରୁ
କେହି କେହି ଚେଷ୍ଟା କରିଥାନ୍ତି
ମୋତେ ଚିହ୍ନିବାକୁ
ଆଉ କେହି ଚିହ୍ନି ପୁଣି ଅଚିହ୍ନା ହୁଅନ୍ତି ।

(ମୁଖା / ନକଲି ଚେହେରା)

ମୋ ମତରେ ଜଣେ ଭଲ କବିପାଇଁ ଆଚରଣହିଁ ଅତ୍ୟନ୍ତ ଗୁରୁତ୍ଵପୂର୍ଣ୍ଣ କଥା । ଜେ,ପି. ଦାସଙ୍କ କବିତାରେ ସ୍ଵପ୍ନ ଅଛି, ବାସ୍ତବତା ରହିଛି ଏବଂ ଆଶାବାଦ ମଧ୍ଯ ରହିଛି । ଅନେକ ଲୋକ ତ କବିତା ନାମରେ ନିଜକୁ ନିଜେ ଠକିଥାନ୍ତି । ପରିଶେଷରେ ତାଙ୍କୁ କିନ୍ତୁ ଏହି ଦଣ୍ଡ ମିଳେ ଯେ ତାଙ୍କର କବିତା ଗ୍ରାହ୍ୟ ହେବା ପରିବର୍ତ୍ତେ ଅନ୍ଧକାରର ସମୁଦ୍ରରେ ପରିଣତ ହୋଇଉଠେ ।

ଜେ.ପି. ଦାସଙ୍କ କବିତାର ବୈଶିଷ୍ଟ୍ୟ ହେଉଛି ଯେ ସେ ନିଜକୁ କବିତାରେ ପ୍ରକାଶ କଲାବେଳେ ଖୁବ୍ ପରିମାଣରେ ନିଜକୁ ମୁକ୍ତ କରିଦେବା ସହିତ କବିତାରେ ନିଜକୁ ଉତ୍ସର୍ଗ କରି ଦିଅନ୍ତି । ସମ୍ଭବତଃ ଏହି କାରଣରୁ ତାଙ୍କର କବିତା ଏତେ ଆବେଗଧର୍ମୀ ଓ ପ୍ରାଣସ୍ପର୍ଶୀ ହୋଇଉଠିଛି ।

ଅନୁବାଦ ହେଲେ ବି ତାଙ୍କର ପ୍ରତ୍ୟେକଟି କବିତାରେ ଥିବା କରୁଣ ଭାବଟି ବେଶ୍ ମନକୁ ଛୁଇଁଥାଏ । ଦୃଷ୍ଟାନ୍ତ ସମୁଦ୍ୟତ ।

ସହରଟା ମଶାଣି ହେଲାଣି
ସିନ୍ଦୁକରେ ଅନେକ କଙ୍କାଳ
ପ୍ରାର୍ଥନା କରିବା ଆଜି ଆମେ
ମୁକ୍ତି ପାଇଁ ସେମାନଙ୍କ ଅତୃପ୍ତ ଆତ୍ମାର ॥

(ଶେଷ ସୀମାନ୍ତ / ଆଖିରି ହଦେଁ)

ବା

କିଛି ମୁହଁ ଜାଣି ଜାଣି ମନା କରିଦିଏ
କିଛି ମୁଁ ଆଶ୍ଵସ୍ତ ହୁଏ
ଭଲ ପାଏ ଭୟ ପାଏ ମୁଁ ଟିକିଏ ହସେ
ଅଲକ୍ଷିତେ ମୋ ଆଖିର ଲୁହ
ଏବଂ ଅବସନ୍ନ ସ୍ନାୟୁର ଚାପରେ
ମୁହଁ ସବୁ ଝାପ୍‌ସା ହୋଇ ଉଭେଇ ଯାଆନ୍ତି
ରହେ ନାହିଁ ଅନୁଭବ

Digitized by srujanika@gmail.com

ଲିଭି ଲିଭି ଯାଏ ମୁହଁ
ରହିଯାଏ ଯନ୍ତ୍ରଣା କେବଳ
(କିଛି ମୁହଁ / କୁଛ୍ ଚେହେରେଁ)

ସେ ପୁଣି କୁହନ୍ତି,-

ଛପି ଛପି ପାଦ ଶବ୍ଦ
ଚୁପ୍ ଚାପ୍ କଥାର ଉହାଡ଼େ
ମୁଁ ପୁଣି ସତର୍କ ହୁଏ
ମଲାଦେହ ଚାରିପାଖେ ଗାର କାଟିଦିଏ ।
(ପ୍ରହରୀ / ଚୌକିଦାର)

ଜେ.ପି. ଦାସଙ୍କ କବିତା ସଂକଳନ "ପ୍ରଥମ ପୁରୁଷ"ରେ ଆମପାଇଁ ଆମର ଓ ଆମ ପୁର୍ବପୁରୁଷଙ୍କର ଅପୂର୍ବ ସ୍ମୃତି ବେଶ୍ ସୁଲଭ ହୋଇ ଉଠିବ ।

ସଇଦ୍ ସହେରୱ୍ର୍ଦୀ
ଆଇୱାନ-ଏ-ଗାଲିବ୍
ନୂଆଦିଲ୍ଲୀ
୨୬ ଜୁଲାଇ ୧୯୭୯

(ଜଗନ୍ନାଥ ପ୍ରସାଦ ଦାସଙ୍କର **"ପ୍ରଥମ ପୁରୁଷ"** କବିତା ସଂକଳନଟିକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରଛନ୍ତି ଅନୁବାଦିକା ଶାହିଦା ଶଇଦ୍ । କବିତା ସଂକଳନଟିର ଶୀର୍ଷକ ରଖାଯାଇଛି **"ପରଛାଇୟୋଁ କା ଜୁଲୁସ୍"** । ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ସଇଦ୍ ସହେରୱ୍ର୍ଦୀ । ପୁସ୍ତକଟି ମରକତ୍ ମାଆସୀ ତରକୀ, ଦିଲ୍ଲୀ କର୍ତ୍ତୃକ ପ୍ରକାଶିତ । ପ୍ରଥମ ପ୍ରକାଶ କାଳ-୧୯୭୯ ।

ମୁଖବନ୍ଧ(ତାରୁଫ୍)ରେ ସନ୍ନିହିତ ଉଦ୍ଧୃତାଂଶମାନର ଉତ୍ସକୁ ପ୍ରଥମେ ଓଡ଼ିଆରେ ଓ ପରେ ଅବିକଳ ଉର୍ଦ୍ଦୁର ଶୀର୍ଷକ ଭାବରେ ସ୍ଥାନିତ କରାଯାଇଛି ।)

Digitized by srujanika@gmail.com

ଭୂମିକା (ହିନ୍ଦୀ) / କଇ ତରହ କେ ଦିନ୍

କବିତା ରଚନା କରି ଆମେ ସ୍ୱୟଂ ନିଜକୁ ଓ ନିଜ ସଂସାରକୁ ଅର୍ଥ ପ୍ରଦାନ କରିଥାଉ । ଏହି ସଂସାରର ବାହାରେ ମଧ ଏକ ବହୁତ ବଡ଼ ଦୁନିଆ ରହିଛି, ଯାହାକି ଆମର ନୁହେଁ, ଯାହା ଉପରେ ଆମର କୌଣସି ପ୍ରକାରର ଅଧିକାର ନାହିଁ; ଯାହାକୁକି ଆମେ ଆଦୌ ଜାଣୁ ନାହୁଁ । ତାହା ଆମପାଇଁ ଅସ୍ୱୀକୃତ । କେବଳ ଦିଆଯାଇଥିବା ନାମ, ସଂବୋଧନର ଦୁନିଆ । ଗୋଟିଏ କଳାକାରର ବ୍ୟକ୍ତିତ୍ୱ ଦୁଇଟି ଗୋଲାର୍ଦ୍ଧରେ ବିଭକ୍ତ ହୋଇଯାଏ- ଗୋଟିଏ ଯେଉଁଠି ସେ ନିଜେ ବଞ୍ଚେ, ଅନ୍ୟଟି ଯେଉଁଠି ସେ ମୃତ୍ୟୁ ଲାଭ କରେ, ଗୋଟିଏ ତା'ର ଇହଲୋକ, ଅନ୍ୟଟି ହେଉଛି ପରଲୋକ ।

ହେଲେ ଏହି ଇହଲୋକ ଓ ପରଲୋକ ଗୋଟିଏ ଅନ୍ୟଠାରୁ ପୂର୍ଣ୍ଣମାତ୍ରାରେ ଭିନ୍ନ, ଅର୍ଥହୀନ ଓ ଉଦାସୀନ ନୁହେଁ । ଗୋଟିଏ ଚୁମ୍ବକୀୟ ଆକର୍ଷଣ ଦୁହିଁଙ୍କୁ ନିରନ୍ତର ଭାବରେ ଜଣକୁ ଅନ୍ୟ ସହିତ ବାନ୍ଧି ରଖୁଛି- ଉଭୟ ମଧ ଗୋଟିଏ ଅନ୍ୟଟି ସହିତ ତଲ୍ଲୀନ ହେବାପାଇଁ ଛଟପଟ ହେଉଛନ୍ତି, ମାତ୍ର ସେମାନଙ୍କ ନିୟତି ସ୍ଥିରୀକୃତ, ସେମାନଙ୍କର ସ୍ଥାନ ମଧ ନିଶ୍ଚିତ । ଏହି କାରଣରୁ ସେମାନେ ନିଜର ସ୍ଥାନକୁ ତ୍ୟାଗ କରି, ଗୋଟିଏ ଅନ୍ୟଟି ସହତ ପ୍ରତିଦ୍ୱନ୍ଦ୍ୱିତା କରି ବା ଜଣେ ଅନ୍ୟକୁ ସଂହାର କରିବାର ମାର୍ଗରେ ମଧ ଅଗ୍ରସର ହେଉ ନାହାନ୍ତି ।

ବେଳେ ବେଳେ କେତେକ କବିଙ୍କ ଉତ୍ସୁକତା ଓ ପ୍ରୟୋଗଧର୍ମୀତା ମଧରେ ଏହି ପ୍ରକାରର ଏକ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇଥାଏ । ସେହିପରି ସ୍ଥିତିରେ ଭାଷାରେ ପ୍ରଳୟ ଦେଖା ଦେବା ସଙ୍ଗେ ସଙ୍ଗେ ରଚନା ନିଜର ସ୍ୱଧର୍ମକୁ ତ୍ୟାଗ କରିଥାଏ ।

ବିଗତ କେତେକ ବର୍ଷରେ ଅନେକ ଭାରତୀୟ ଭାଷାର କବିତାକୁ ଚିହ୍ନିବା ବଡ଼ କଷ୍ଟକର ହୋଇ ପଡିଛି । କାରଣ କେତେକ କବି କବିର ସାମାଜିକ କର୍ତ୍ତବ୍ୟକୁ କବିତା କରିବାର ସର୍ତ୍ତରେ ପରିଣତ କରିବାପାଇଁ ପ୍ରୟାସ କରିଥିଲେ । ମୁଁ ଅସ୍ୱୀକାର କରୁନାହିଁ ଯେ ଓଡ଼ିଆ କବିତାରେ ଏପରି ହୋଇନାହିଁ ବୋଲି । ତଥାପି ଏହା ନିଶ୍ଚିତ ଭାବରେ କୁହାଯାଇ ପାରିବ ଯେ ଓଡ଼ିଆରେ କବିତା ସହିତ ଏତାଦୃଶ ବ୍ୟବହାର ଖୁବ୍ କମ୍ ସମ୍ଭବ ହୋଇଅଛି ।

ଓଡ଼ିଶାର ଏକ ବିଶିଷ୍ଟ ସ୍ଥିତି ରହିଛି । ଗୋଟିଏ ଛୋଟ ଗରିବ ପ୍ରଦେଶ, ଯାହାର ନିଜର ଦାରିଦ୍ର୍ୟପାଇଁ ଲଜ୍ଜା ଓ ବ୍ୟସ୍ତତା ଯେତିକି ରହିଛି, ତାହାଠାରୁ କେତେ ଅଧିକ ପରିମାଣରେ କଳା ଓ ସାହିତ୍ୟ, ନିଜ ସାଂସ୍କୃତିକ ଐତିହ୍ୟର ଅବବୋଧ ମଧ ରହିଛି । ଗୋଟିଏ ଜାତିର ବିକାଶ ପାଇଁ ଏହା ଏକାନ୍ତ ଆବଶ୍ୟକ ହୋଇଥାଏ ଯେ ନିଜର କେବଳ ବର୍ତ୍ତମାନ ପ୍ରତି ନୁହେଁ ଅଧିକନ୍ତୁ ନିଜର ଅତୀତ ପ୍ରତି ମଧ ସମ୍ବେଦନଶୀଳ ରହିବା ଦରକାର । ଅନ୍ୟ ପକ୍ଷରେ ନିଜ ସଂସାରକୁ ସବୁ ଦିଗରୁ ସଜାଡୁ ସଜାଡୁ ସେ ନିଜର ଅତୀତକୁ ମଧ ସେଥିରେ ଯୋଡ଼ି ଦେଖେ । ଉତ୍‌ଥାନ ହେଉ ବା ପତନ, କୌଣସିଟିକୁ ଅତୀତ ସହିତ ନ ଯୋଡ଼ିଲେ ତାହାକୁ କେବେ ଭଲ ଭାବରେ ବୁଝି ହେବ ନାହିଁ ।

ଏହି କ୍ରମରେ ମଧପ୍ରଦେଶ ଏବଂ ଏହାର ନିକଟବର୍ତ୍ତୀ ପଡ଼ୋଶୀ ଦେଶଗୁଡ଼ିକର ସ୍ଥିତି ଏକାନ୍ତ ଭାବରେ ଭିନ୍ନ । ବଂଗ, ଓଡ଼ିଶା, ତାମିଲନାଡୁ, କେରଳ ଏବଂ କେତେକ ପରିମାଣରେ ମଧ ଗୁଜୁରାଟ, ଆନ୍ଧ୍ର ଓ ମହାରାଷ୍ଟ୍ର ପ୍ରଭୃତି ନିକଟତମ ପ୍ରଦେଶଗୁଡ଼ିକ ନିଜର ସାଂସ୍କୃତିକ ବିକାଶକୁ ଗୋଟିଏ ନିରନ୍ତର ତଥା ଅକ୍ଷୁଣ୍ଣ ପ୍ରକ୍ରିୟା ଭାବରେ ଉପଲବ୍ଧ କରିଛନ୍ତି ଓ ପରୀକ୍ଷା ମଧ କରିଛନ୍ତି । ଏବଂ ଏହି ପରିପ୍ରେକ୍ଷୀରେ ଜୀବନକୁ ଓ କଳାର ପ୍ରଯନ୍ନକୁ ବୁଝିବାକୁ ମଧ ଚେଷ୍ଟା କରିଛନ୍ତି, ଯେତେବେଳେ କି ଉତ୍ତର ଭାରତ ତଥା ହିନ୍ଦୀ ପ୍ରଦେଶ ଗୁଡ଼ିକରେ ଏହି ଧାରା ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପହଞ୍ଚୁ ପହଞ୍ଚୁ ଭାଙ୍ଗି ପଡ଼ିଛି ଯାହାକି ପରଂପରାର, କଳାର ଅପ୍ରତିହତ ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ ଧାରା ଭାବରେ ପରିଗଣିତ ।

ଏହି କାରଣରୁ ଉତ୍ତର ଭାରତର କଳା କ୍ରମଶଃ ପରିଭାଷା ରହିତ, ଅଜ୍ଞାତ ଓ ଅପରିଚିତ ହୋଇ ପଡୁଛି ଏବଂ ଏହା ଆହୁରି ମଧ ନିଶ୍ଚିହ୍ନ ହୋଇ ଉଠିବ ।

ସଚ୍ଚି ରାଉତରାୟଙ୍କଠାରୁ ଆରମ୍ଭ ହୋଇ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଜଗନ୍ନାଥ ପ୍ରସାଦ ଦାସଙ୍କ ପର୍ଯ୍ୟନ୍ତ ପ୍ରବହମାନ ହୋଇ ଆସିଥିବା ଆଧୁନିକ କବିତା ନିଶ୍ଚିହ୍ନ ହୋଇ ପାରିନାହିଁ, ଯଦିଓ ତାହା ଉପରେ ପରିଭାଷା ରହିତ ଜଗତର ପ୍ରଭାବ ଗଭୀର ହୋଇ ଉଠିଛି ।

Digitized by srujanika@gmail.com

ମୁଁ ଭାରତୀୟ କବିତାର ଗୋଟିଏ ସଂକଳନକୁ ପ୍ରସ୍ତୁତ କରୁଥିବା ଅବସରରେ ଏହା ସହିତ ଅନେକ ଯୁବକ ଓ ପ୍ରୌଢ଼ ଓଡ଼ିଆ କବିଙ୍କୁ ପଢ଼ିବାକୁ ଲାଗିଲି । ଏବଂ ଏହି କ୍ରମରେ ଜଗନ୍ନାଥ ପ୍ରସାଦ ଦାସଙ୍କ କବିତା ସହିତ ମୋର ପ୍ରଥମ ପରିଚୟ ହେଲା; ଯଦିଓ ଜଣେ ନାଟ୍ୟକାର, ଜଣେ ସଜାଗ ନାଗରିକ, ଜଣେ ସରକାରୀ ଅଧିକରୀ ଭାବରେ ମୁଁ ତାଙ୍କ ସହିତ କିଛି ପୂର୍ବରୁ ପରିଚିତ ଥିଲି ।

ପୁନଶ୍ଚ ଧୀରେ ଧୀରେ ତାଙ୍କ ସହିତ ଓ ତାଙ୍କ କବିତା ସହିତ ମୋର ପରିଚୟ ବୃଦ୍ଧି ପାଇଲା । ୧୯୭୪ ରୁ ୧୯୮୦ ମସିହା ମଧ୍ୟରେ ତାଙ୍କ କୃତିତ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ମଧ୍ୟରେ ମୁଁ ଅଭିଭୂତ ହୋଇ ଉଠିଲି ଏବଂ ବର୍ତ୍ତମାନ ଏହି ସଂକଳନରେ ସଂଯୁକ୍ତ ଥିବା ହିନ୍ଦୀ ଅନୁବାଦକୁ ପଢ଼ିଲି ।

ଜଗନ୍ନାଥ ପ୍ରସାଦ ଦାସଙ୍କର ଏହି କବିତାଗୁଡ଼ିକ ଗୋଟିଏ ଦୀର୍ଘ ପ୍ରେମ କବିତାର ଛୋଟ ଛୋଟ ଅଂଶ ପରି । ଅଧିକନ୍ତୁ ତାଙ୍କ ସଂସାରକୁ ବୁଝିବାକୁ ହେଲେ ଏହି କବିତାଗୁଡ଼ିକୁ ଏହି ଭାବରେହିଁ ପଢ଼ିବାକୁ ହେବ । ଏହି ସମସ୍ତ କବିତାରେ ଭଂଗିମା ଭିନ୍ନ ଭିନ୍ନ, ସମ୍ବୋଧନ ମଧ୍ୟ ଭିନ୍ନ ଭିନ୍ନ, ଉତ୍‌ଥାନ ଓ ପତନ ମଧ୍ୟ ଭିନ୍ନ ଭିନ୍ନ, ହେଲେ ଏହାର ମୂଳ ଜଗତ କିନ୍ତୁ ଏକ ଓ ଅନନ୍ୟ । ପ୍ରେମର ଏକ ସ୍ୱାୟବିୟ ଉତ୍ସାହ ଜଗତ, ଯେଉଁଠି ପ୍ରେକ୍ଷାଳୟ ରହିଛି, ନାଟ୍ୟକର ରହିଛନ୍ତି, ଦର୍ଶକ ସୀମା ରହିଛି, ଅନ୍ତିମ ଅଙ୍କ ରହିଛି, ଦୃଶ୍ୟ ରହିଛି, ସମାପନ ମଧ୍ୟ ରହିଛି । ପ୍ରେମର ଏକ ଦୀର୍ଘ ପ୍ରହସନକୁ କେବଳ ଜଣେ ମାତ୍ର ବ୍ୟକ୍ତି ନିରୀକ୍ଷଣ କରୁଛନ୍ତି : ସ୍ରଷ୍ଟା ସ୍ୱୟଂ । ସେ ହିଁ ତାହାର ଭୋକ୍ତା, ସେ ହିଁ ତାହାର ସାକ୍ଷୀ, ସେ ହିଁ ତାହାର ସୂତ୍ରଧର ।

ଏହା ଏପରି ଏକ ଅପରିଚିତ ସଂସାର, ଯେଉଁଠି ପରିଚିତ ହେବା ପ୍ରକ୍ରିୟାରେ ସଂସାର ଆହୁରି ଅମୂର୍ତ୍ତ, ଆହୁରି ଅପରିଚିତ ଏବଂ ଆହୁରି ସମ୍ବନ୍ଧହୀନ ହୋଇ ଉଠୁଛି:

ସମୟର ଯାଦୁଘରେ
ପ୍ରଦର୍ଶନୀ ପଥର ମୂର୍ତ୍ତିର
ତୁମେ ତାକୁ କହିପାର ଗୋପନୀୟ କଥା
ତୁମ ନିଜସ୍ୱ ଭାଷାରେ
କେବେ ତାକୁ ତିରସ୍କାର କରିପାର
ଅଭିମାନ କ୍ରୋଧ ବା ଭୟରେ
ଚାହାଣୀରେ ଜାଳି ଦେଇପାର
ତା' ଆଖିରେ ରଖିପାର ଆଖି ତମେ
ଯାଇ ପାର ଅତି ନିକଟକୁ
ଇସାରାରେ କରିଦେଇ ପାର ଅସ୍ୱୀକାର
ଗାଇଡ୍ କହୁଚି କିନ୍ତୁ ଛୁଇଁବାକୁ ମନା
ଖାଲି ଯାହା ତମେ ତାକୁ କଥା କହିପାର

(ତମ ଅପେକ୍ଷାରେ)

ଜଗନ୍ନାଥ ପ୍ରସାଦ ଦାସ ପ୍ରାପ୍ତ ସଂସାର ଓ ମାନବୀୟ ସମ୍ବନ୍ଧକୁ ତା'ର ସମସ୍ୟାମାନରେ ବୁଝିବାକୁ ପ୍ରଯତ୍ନ କରିଛନ୍ତି । ଯେଉଁ ସଂସାରରେ ଆମେ ରହିଛୁ ତାହା ସେହି ସଂସାର ଠାରୁ ଅନେକ ପରିମାଣରେ ଜଟିଳ, ଯେଉଁଠି ଆମେ ରଚନା କରୁ । ଇନ୍ଦ୍ରିୟଲୋକ ତଥା ଅନୁଭବ ଜଗତ ଠାରୁ ଜଗନ୍ନାଥ ପ୍ରସାଦ ଦାସଙ୍କ ସାକ୍ଷାତକାର- କୌଣସି ପ୍ରକାରରେ ସାମାନ୍ୟ ବୋଲି ମନେ ହୁଅନ୍ତି ନାହିଁ । 'ନାୟିକାର କଟାକ୍ଷରେ ମୁହୂର୍ତ୍ତରେ ଇନ୍ଦ୍ରଜାଲ ସବୁ କଟିଯାଏ', 'ନିହତ ପକ୍ଷୀ ଶବ ହୀମ ଓ ବିବର୍ଣ୍ଣ ହୁଏ', 'ଦୁହିଁଙ୍କର ହାତ ଅବରୁଦ୍ଧ କରିଦିଏ ଶୂନ୍ୟତାକୁ' ଏବଂ 'ଆମର ସମସ୍ତ ସ୍ଥାପିତ ତର୍କମାନ ଅପ୍ରମାଣିତ ଭାବରେ ସମାନ ରୂପେ ଦୁଇଟି କାଳ ମଧ୍ୟରେ ସମାନ ଭାବେ ଗତିଶୀଳ ହୁଏ' ।

ପ୍ରେମ ଓ ମୃତ୍ୟୁ ବିଂଶ ଶତାବ୍ଦୀ କବିତା କୁଞ୍ଜରେ ସବୁଠାରୁ ଅଧିକ ପ୍ରଯୁକ୍ତ ଏବଂ ସବୁଠାରୁ ମଧ୍ୟ ଅଧିକ ରହସ୍ୟମୟ । ଉଭୟ ମନୁଷ୍ୟର ହୃଦ-ସ୍ପନ୍ଦନକୁ ବେଗଗାମୀ କରାଇ ଦିଅନ୍ତି । ଉଭୟଙ୍କ ମଧ୍ୟରେହିଁ ସୃଷ୍ଟି ବିଦ୍ୟମାନ । ସାରାକୁ ସାରା ଆଧୁନିକ କବିତା ପ୍ରେମ ଓ

Digitized by srujanika@gmail.com

ମୃତ୍ୟୁର ବ୍ୟାପକ ସନ୍ଦର୍ଭରେ ପରିଭାଷିତ ହେବାର ଏକ ଅକ୍ଲାନ୍ତ ପ୍ରୟାସ ମାତ୍ର । ଜଗନ୍ନାଥ ପ୍ରସାଦ ଦାସଙ୍କ କବିତା ଏହି ପରଂପରା ଅନ୍ତର୍ଗତ । ସେ ପ୍ରେମ ଓ ମୃତ୍ୟୁକୁ ଏକାନ୍ତ ପାଖାପାଖି ରଖି ଅନୁଧ୍ୟାନ କରନ୍ତି । ସେ ପ୍ରଥମଟିର କଳ୍ପନା ଦ୍ୱିତୀୟ ବିନା ଓ ଦ୍ୱିତୀୟଟିର କଳ୍ପନା ପ୍ରଥମଟିର ବିନା କରି ପାରନ୍ତି ନାହିଁ । ତାଙ୍କର ସମସ୍ତ କବିତା ଉପରେ ମୃତ୍ୟୁ ଅବସାଦର ପୂର୍ଣ୍ଣ ଛାୟା ରହିଛି, ପ୍ରେମର ବିଖଣ୍ଡିତ ଡେଣା ମଧ୍ୟ ରହିଛି ।

ଅନୁବାଦ ପ୍ରକ୍ରିୟାରେ କବିତାର ସଂହାର ଏବଂ ପୁନର୍ରଚନା, ଉଭୟହିଁ ହୋଇଥାଏ । କବିତାର ଗୋଟିଏ ଦୁନିଆ ଉଜୁଡ଼ି ଯାଉଥିବା ବେଳେ, ତା'ର ଆଉ ଏକ ଦୁନିଆ ବିକଶିତ ହୋଇଉଠେ । ଅନୁବାଦ କେବଳ କବିଙ୍କର ନୁହେଁ ଅନୁବାଦକ-କବିଙ୍କର ମଧ୍ୟ ରଚନା । ଏହି କାରଣରୁ ଅନୁବାଦରେ କବିଙ୍କର ପରିଚୟ ଅସ୍ପଷ୍ଟ ହୋଇଉଠେ । ମାତ୍ର ଏହା ମଧ୍ୟ ଜଣେ ଉତ୍ତମ କବିର ପରିଚୟ ଯେ, ଅନୁବାଦ ବ୍ୟତିରେକ ତାଙ୍କର ସଂସାର ଦୂରରୁ ବେଶ୍ ବାରି ହୋଇଯାଏ ।

ଜଗନ୍ନାଥ ପ୍ରସାଦ ଦାସଙ୍କ କବିତାର ସଂସାର ଏହି ଅନୁବାଦ ଛଡ଼ା ମଧ୍ୟ ଦୂରରୁ ବେଶ୍ ବାରି ହୋଇଯାଏ । ମୁଁ ତାଙ୍କ କବିତାକୁ ଚିହ୍ନେ ଏବଂ ତାଙ୍କ କବିତା ମାଧ୍ୟମରେ ତାଙ୍କୁ ମଧ୍ୟ ।

ଶ୍ରୀକାନ୍ତ ବର୍ମା

(ମୂଳ ଓଡ଼ିଆ କବିତା 'ଅନ୍ୟ ସବୁ ମୃତ୍ୟୁ'ର ହିନ୍ଦୀ ଅନୁବାଦ "କଇ ତରହ କେ ଦିନ" ୧୯୮୧ ମସିହାରେ ଜୟଶ୍ରୀ ପ୍ରକାଶନ, ୪ / ୧୧୫, ବିଶ୍ୱାସ ନଗର, ଶହଦରା, ଦିଲ୍ଲୀ-୧୧୦୦୩୨ ଦ୍ୱାରା ପ୍ରକାଶିତ ହୋଇଥିଲା । ହିନ୍ଦୀ ଅନୁବାଦ କରିଥିଲେ ବିଜୟ ଲକ୍ଷ୍ମୀ କାନୁନ୍‌ଗୋ ଏବଂ ଏହି ପୁସ୍ତକର ଭୂମିକାକୁ ପ୍ରସ୍ତୁତ କରିଥିଲେ ଶ୍ରୀକାନ୍ତ ବର୍ମା ।)

Digitized by srujanika@gmail.com

ଭୂମିକା (ହିନ୍ଦୀ) / ଲୌଟତେ ସମୟ

ଏଇ ମାତ୍ର କେତେ ବର୍ଷ ହେଲା ହିନ୍ଦୀରେ ସମକାଳୀନ ଓଡ଼ିଆ କବିତା ପ୍ରତି ଏକ ବିଶେଷ ଧରଣର ଉତ୍ସାହ ବୃଦ୍ଧି ପାଇଛି । ଏଣୁ ଏହା ମଧ୍ୟରେ ଅନେକ ପ୍ରତିଷ୍ଠିତ ତଥା ନୂତନ ଓଡ଼ିଆ କବିଙ୍କ କବିତାମାନ ଅନୂଦିତ ହୋଇ ହିନ୍ଦୀରେ ପ୍ରକାଶିତ ହୋଇଅଛି ଏବଂ ଏହି କବିମାନେ ନିଜର ବିଶେଷ ବର୍ଣ୍ଣନା ଶୈଳୀ ଓ ରସାସ୍ୱାଦପାଇଁ ହିନ୍ଦୀ କବିତା ପ୍ରେମୀଙ୍କ ଧ୍ୟାନକୁ ନିଜ ଦିଗରେ ଆକର୍ଷିତ କରାଇ ପାରିଛନ୍ତି । ଜଗନ୍ନାଥ ପ୍ରସାଦ ଦାସଙ୍କ ନାମ ଏମିତି ମଧ୍ୟ ଓଡ଼ିଆରେ ବହୁ ଚର୍ଚ୍ଚିତ କବିମାନଙ୍କ ମଧ୍ୟରେ ଅନ୍ୟତମ; ଯିଏକି ହିନ୍ଦୀ ପାଠକମାନଙ୍କ ନିକଟରେ ଆଦୌ ଅପରିଚିତ ନୁହନ୍ତି । ତାଙ୍କର ତିନିଗୋଟି କାବ୍ୟ ସଂକଳନ ପୂର୍ବରୁ ମଧ୍ୟ ହିନ୍ଦୀ ଅନୁବାଦ ଭାବରେ ପାଠକଙ୍କ ସମ୍ମୁଖକୁ ଆସି ସାରିଛି । ଏବଂ ଏହି ଚତୁର୍ଥ ଅନୁବାଦଟି ବର୍ତ୍ତମାନ ଆପଣଙ୍କ ହାତରେ ରହିଛି । ଏହି ସଂକଳନଟି ନିଜର ଆକାର ଦୃଷ୍ଟିରୁ ବେଶତ୍ତ । ପରନ୍ତୁ ଯଦି କେବଳ ଏହା ଆକାରରେ ବଡ଼ ହୋଇଥାନ୍ତା, ତାହାହେଲେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ କଥା ହୋଇ ନଥାନ୍ତା । ଏହି କବିତାଗୁଡ଼ିକ ଅତିକ୍ରମ କଲା ମାତ୍ରେ ପାଠକ ଦେଖିବେ ଯେ ଏଠାରେ କବିଙ୍କ ଦୁନିଆରେ ଇତସ୍ତତଃ ଭାବରେ କିଛି ପଡ଼ି ରହିଛି, ଅନୁଭବ ଆହୁରି ସଘନ ହୋଇ ଉଠୁଛି, ଭାଷା ଓ ଶିଳ୍ପରେ ଆହୁରି ଶାଣିତତା ପ୍ରକାଶ ପାଇଛି । ଏହାହିଁ ଏହି କବିତା ସଂକଳନକୁ ବିଶିଷ୍ଟତା ପ୍ରଦାନ କରୁଛି ଏବଂ ସମକାଳୀନ ଭାରତୀୟ କବିତାରେ ରୁଚି ରଖୁଥିବା ପାଠକମାନଙ୍କ ପାଇଁ ଏହାହିଁ ଏକାନ୍ତ ଅନିବାର୍ଯ୍ୟ – ଅପରିହାର୍ଯ୍ୟ ମଧ୍ୟ ।

'ଲୌଟତେ ସମୟ' (ଫେରିଯିବା ବେଳେ) ନାମର ଏକ ନିଜସ୍ୱ ସାର୍ଥକତା ରହିଛି । ଏକ ସତର୍କ ପାଠକର ଦୃଷ୍ଟିରେ ଏହା କେବେ ଦୁର୍ଲକ୍ଷ୍ୟ ରହିବ ନାହିଁ ଯେ ଏହି ସଂଗ୍ରହର କବିତା ଗୁଡ଼ିକ ଶବ୍ଦ ଓ ନିରବତାର ମଧ୍ୟରେ ଅହରହ ଲାଗିରହୁଥିବା ଦ୍ୱନ୍ଦ୍ୱରୁ ସୃଷ୍ଟି ବୋଲି । ଏହା ମଧ୍ୟ ଅମୂଳକ ନୁହେଁ ଯେ ଏହି ସଂକଳନର ଅଧିକାଂଶ କବିତା ଏକ ଧ୍ୱନି-ବିମ୍ବ ବା ପ୍ରଶ୍ନବାଚୀରୁ ଆରମ୍ଭ ହୋଇଛି ଏବଂ ଶେଷରେ ଗୋଟିଏ ଗଭୀର ନିରବତାରେ ପର୍ଯ୍ୟବସିତ ହୋଇଯାଉଛି । କିନ୍ତୁ ଏହାହିଁ ହେଉଛି ଯେ ପ୍ରତ୍ୟେକ କବିତାର ନିରବତା ପରେ ପୁନଶ୍ଚ ଏକ ନୂତନତାର ପ୍ରାରମ୍ଭ ଘଟୁଛି, ଯେଉଁଠି–

"ନିଃସଙ୍ଗତାର କ୍ଷତମାନଙ୍କରୁ
ଶବ୍ଦ ଝରି ଆସେ ରକ୍ତ ଭଳି"

(ଶବ୍ଦ)

ଏହିପରି ଭାବରେ ଶବ୍ଦ ଓ ନିରବତା ମଧ୍ୟରେ ସୃଷ୍ଟି ହେଉଥିବା ଧ୍ୱନିହିଁ ସଂକଳନର ପ୍ରଥମ କବିତା ଠାରୁ ଅନ୍ତିମ କବିତା ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି । ବୋଧିହୁଏ ଏହି ଅର୍ଥରେ କବିତାଗୁଡ଼ିକ ଫେରିବା ବେଳର କବିତା ହୋଇ ରହିଛି– ଯେଉଁଠି ଶବ୍ଦରୁ ନିରବତା ଆଡ଼କୁ ଯିବା ଓ ପୁନଶ୍ଚ ନିରବତାରୁ ଶବ୍ଦ ଆଡ଼କୁ ଫେରି ଆସିବା– ଏହି ଦୁଇଗୋଟି ପ୍ରକ୍ରିୟାର ଏକାଠି ମିଳନ ଘଟୁଛି । ଏହିପରି ଭାବରେ ଲେଉଟିବା ଯାତ୍ରାର ସମାପ୍ତିର ସୂଚନାତ ନାହିଁ, ବରଂ ଏହି ପ୍ରକ୍ରିୟା କେବେ ମଧ୍ୟ ସମାପ୍ତ ଯେ ହେବ ନାହିଁ ତାହାର ଉପଲବ୍ଧି ହେଉଛି ।

ପରନ୍ତୁ ଏହି 'ନିରବତା' ବାସ୍ତବରେ କଣ ? ରହସ୍ୟବାଦୀମାନଙ୍କର ନିରବତାଠାରୁ ଜଗନ୍ନାଥ ପ୍ରସାଦ ଦାସଙ୍କର ନିରବତା କେଉଁ ଅର୍ଥରେ ଭିନ୍ନ ? କହିବା ଅନାବଶ୍ୟକ ଯେ, ନିରବତା ଅନେକତ୍ର ଶବ୍ଦଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ । ଏହି କାରଣରୁ ସମ୍ଭବତଃ ନିରବତାର ଯଥେଚ୍ଛା ବ୍ୟାଖ୍ୟା ହେବାର ଆସନ୍ନ ବିପଦଟି ମଧ୍ୟ ସଦା ସମୁଦ୍ୟତ ରହୁଛି । ଏହି କବିତାଗୁଡ଼ିକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଏଠାରେ ପଂକ୍ତିମାନଙ୍କ ମଧ୍ୟରେ ଓ କେତେକ ସ୍ଥଳରେ ପଂକ୍ତିମାନଙ୍କରେ ଏକ ସ୍ୱତନ୍ତ୍ର ଧରଣର ନିରବତା ପରିବ୍ୟାପ୍ତ ରହିଛି; ଯାହାକି ଖୁବ୍ ଅପଣାର– ବେଶ୍ ଜଣାଶୁଣା– ଅତ୍ୟନ୍ତ ମାନବୀୟ; କିଏ ସେହି ସାମାଜିକ ବୃନ୍ଦଗାନ ମଧ୍ୟରେ ଜଣେ ଅନ୍ୟ ଜଣକୁ କିଛି କହିବା ବେଳେ, ମଣିଷର ସେହି ଏକାନ୍ତ ବ୍ୟକ୍ତିଗତ ନିରବତା –

'ପ୍ରତ୍ୟେକ ସଂପର୍କ
ଯେଉଁଠାରେ ଏକ ବାଦ୍ୟବୃନ୍ଦ

Digitized by srujanika@gmail.com

ଆମର କଥୋପକଥନ
ସମୟର ସ୍ୱରଲିପିରେ
ଏକ ପାରସ୍ପାରିକ ମୌନ'

(ନିସ୍ତବ୍ଧତା)

'ଫେରିଯିବା ବେଳେ'ର କବି ଜାଣନ୍ତି ଯେ ଶବ୍ଦ ଯେତେବେଳେ ଅର୍ଥବାନ୍ ହୋଇଉଠେ ସେତେବେଳେ ଏହି ଅର୍ଥବତା ସେଥିରେ ଆସେ କପରି ? 'ନିର୍ଜନତା' ଶୀର୍ଷକ କବିତାରେ କବି ଆଶାକୁ ଏହିପରି ଭାବରେ ପ୍ରକଟ କରିଛନ୍ତି, –

'ତାପରେ ଶବ୍ଦ ଆଉ ସେଠାରେ
ଦୈବୀଶକ୍ତି ସଂପନ୍ନ ନୁହେଁ
ଯେଉଁଠାରେ ନିର୍ଜନତା
ରାଜତ୍ୱ ବିସ୍ତାର କରିଥାଏ
ଏବଂ ନିସ୍ତବ୍ଧତାର ଏକ
ସ୍ୱତନ୍ତ୍ର ପରିଭାଷା ଅଛି'

(ନିର୍ଜନତା)

ଶବ୍ଦ ଦୈବୀଶକ୍ତି ସଂପନ୍ନ ନିର୍ଜନତାରେ ନୁହେଁ, ଜନ ଜୀବନ ମଧ୍ୟରେହିଁ ବର୍ତ୍ତମାନ ଥାଏ; ଏ ସମ୍ବନ୍ଧରେ ନିରବତାକୁ ନେଇ ବ୍ୟାଖ୍ୟା କରୁଥିବା ଏହି କବିଙ୍କର କୌଣସି ଶଂକା ନାହିଁ । ସେ ସମୟର ପଦଚିହ୍ନକୁ ଚିହ୍ନନ୍ତି ଏବଂ ଏହି କାରଣରୁ ଦୁଃଖିତ ମଧ୍ୟ ହୁଅନ୍ତି ଯେ ଅତିବାହିତ ହୋଇ ଯାଉଥିବା ସମୟ ସହିତ ଆମର ଏହି ପୃଥିବୀ କିପରି କ୍ରମଶଃ ଛୋଟ ହୋଇ ଯାଉଛି –

'ଋତୁମାନେ ସମୟ ଉପରେ
ସେମାନଙ୍କ ନକ୍ସା ରଖିଯାନ୍ତି
ପୃଥିବୀ ବିଭକ୍ତ ହୋଇଯାଏ
ଅଗଣିତ କୋଠରୀମାନଙ୍କରେ'

(ପାନ୍ଥଶାଳା)

ଅଗଣିତ ଛୋଟ ଛୋଟ କୋଠରୀରେ ଏହି ପୃଥିବୀ ବାଣ୍ଟି ହୋଇ ଯାଉଥିବାର ଦୁଃଖ, ଆମ ସାମାଜିକ ଜୀବନର ବିଘଟନକୁ ଯେ ସୂଚିତ କରୁଛି – ଏଥିରେ ସନ୍ଦେହ ନାହିଁ । 'ଲୌଟତେ ସମୟ'ର କବିତାଗୁଡ଼ିକରେ କବିଙ୍କର ଏହି ଦୁଃଖ କେତେ ଭଙ୍ଗୀରେ ବ୍ୟକ୍ତ ହୋଇଅଛି, କିନ୍ତୁ ତାହା କେଉଁଠି ହେଲେ ମଧ୍ୟ ଏତେ ମୁଖରିତ ନୁହେଁ ଯେ ଡାକବାଜି ଯନ୍ତ୍ରର ଧ୍ୱନିପରି ଆମ ଶ୍ରୁତିପଥକୁ ଆସି ବ୍ୟାଘାତ କରିବ । ଏହି ନିରବତାପ୍ରେମୀ କବି ଧୀରେ ଧୀରେ କହିବାରେ ବିଶ୍ୱାସ ରଖନ୍ତି ଏବଂ ବୋଧ୍ହୁଏ ଏହିପରି ଭାବରେ ତାଙ୍କର କଳା ସମ୍ବନ୍ଧୀୟ ବିଶେଷ ମାନ୍ୟତାଟି ସୂଚିତ କରିବାକୁ ଚାହୁଥାଏ ଯେ ଅଭିବ୍ୟକ୍ତିର ସୌନ୍ଦର୍ଯ୍ୟ ତାଙ୍କର ମନ୍ଦ ମନ୍ଦ ଗୁଞ୍ଜରଣ ବା ତାହାର ମିତ କଥନରେ ନିହିତ ରହିଛି । କବି ତାଙ୍କର ଏହି ପ୍ରୟାସରେ ଯେ ମାତ୍ରାଧିକ ପରିମାଣରେ ସଫଳ ହୋଇଛନ୍ତି ଏଥିରେ ସନ୍ଦେହ ନାହିଁ, ତାହା ପୁଣି ଯେତେବେଳେ ଅଧିକାଂଶ କବିତା ନିଜର ଅତିଶୟ ମୁଖରତାରେ ନିଜର ସାର୍ଥକତାକୁ ଖୋଜିବାରେ ତତ୍ପର ।

'ଲୌଟତେ ସମୟ'ରେ ସନ୍ନିବେଶିତଥିବା କବିତାଗୁଡ଼ିକର ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷତା ରହିଛି ଯେ, ଏଗୁଡ଼ିକ ମୂଳଠାରୁ ବିଚ୍ଛିନ୍ନ ହୋଇଥିବା କବିତାମାନ ନୁହନ୍ତି । ଏହି ସଂକଳନର କବି ଐତିହ୍ୟ ସହିତ ଗଭୀର ସଂସକ୍ତି ଓ ଆଧୁନିକତା ମଧ୍ୟରେ କୌଣସି ପ୍ରକାରର ବିରୋଧକୁ ଲକ୍ଷ୍ୟ କରନ୍ତି ନାହିଁ । ଏହି କ୍ରମରେ ତାଙ୍କର ଅଧିକାଂଶ କବିତାର ସଂସ୍କାରୀ ମାନସର ଏପରି ଭାବମୟୀ ତଥା ଚିନ୍ତାଦ୍ୟୋତକ ପ୍ରତିକ୍ରିୟା ଉପଲବ୍ଧ ହୁଏ, ଯେଉଁଠି ପୁରୀ ସମୁଦ୍ରର ଲହରୀବି ଥିବ ଓ ଥିବ ମଧ୍ୟ ଓଡ଼ିଆ ସମାଜର ବିଶିଷ୍ଟ ସାଂସ୍କୃତିକ ଉତ୍ସବର ଝଲକ । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ଏହି ବିଶେଷତା ଆଜିର ସମୁଦାୟ ଓଡ଼ିଆ କବିତାର ବିଶେଷତା । ଏହି ସ୍ତରରେ କବି ଜଗନ୍ନାଥ ପ୍ରସାଦ ଦାସ ସମକାଳୀନ ଓଡ଼ିଆ କବିତାର ସେହି କାବ୍ୟ ପରଂପରାର ଏକ ପ୍ରମୁଖ ସ୍ରଷ୍ଟା ଭାବରେ ବିବେଚିତ ହୁଅନ୍ତି, ଯେଉଁଠି ପଥିକୃତ କବିମାନଙ୍କ ମଧ୍ୟରେ ରମାକାନ୍ତ ରଥ ରୁହନ୍ତି ଓ ସୀତାକାନ୍ତ ମହାପାତ୍ର ଅଗ୍ରଗଣ୍ୟ ଭାବରେ ବିବେଚିତ ।

Digitized by srujanika@gmail.com

ଏହି ସଂକଳନର କବିତାଗୁଡ଼ିକ ପାଠ କଲାବେଳେ ପାଠକଙ୍କ ଧ୍ୟାନ ଅନ୍ୟ ଏକ ଦିଗପ୍ରତି ମଧ୍ୟ ନିଶ୍ଚିତ ଭାବରେ ଆକର୍ଷିତ ହୋଇ ଉଠିବ ଯେ ଏହା ହେଉଛି ଏକ ଦୀର୍ଘ ଅନୁଭବ-ଶୃଙ୍ଖଳାର ରଚନାତ୍ମକ ଅଭିଲେଖ । ଏଣୁ କାବ୍ୟ ସ୍ତରର ନିରନ୍ତରତାକୁ ଅକ୍ଷୁଣ୍ଣ ରଖିବାପାଇଁ ସଂପୂର୍ଣ୍ଣ ସଂକଳନଟିକୁ ଯଦି ଏକ ଦୀର୍ଘ କବିତା ଭାବରେ ବିବେଚନା କରାଯାଏ; ତେବେ ସେଥିରେ କୌଣସି ଅସୁବିଧା ବା ବାଧା ରହିବ ନାହିଁ । ସଂକଳନର ଶେଷତମ କବିତା 'ଅନ୍ତ୍'(ଶେଷ) ସତେ ଯେପରି ସଂପୂର୍ଣ୍ଣ ସଂକଳନର ମୂଳ ଭାବନାକୁ କେନ୍ଦ୍ର କରି ଏପରି ଏକ ପରିପକ୍ୱ ପରିଣତିରେ ପହଞ୍ଚି ପରିସମାପ୍ତି ଲାଭ କରିଛି, ଯେଉଁଠି ଏକ ତ୍ରସ୍ତ ମୋହଭଙ୍ଗରୁ ସଂଜାତ ମାନବୀୟ ପୀଡ଼ା ରହିବା ସଙ୍ଗେ ସଙ୍ଗେ ସେହି ପୀଡ଼ାକୁ ଦେଖି ପାରିବାପାଇଁ ଏକ କଳାତ୍ମକ ତଟସ୍ଥତା ମଧ୍ୟ ରହିଛି:

'ଯୁଦ୍ଧ କ୍ଷେତ୍ର ଶୁନଶାନ୍
କାହାରି ଆଖିରେ ଲୁହ ନାହିଁ'

(ଶେଷ)

କୌଣସି ମହାଯୁଦ୍ଧର ପରିଣତି ପରି 'ଲୌଟତେ ସମୟ'ର କବିତାମାନର ପରିସମାପ୍ତି ମଧ୍ୟ ଏକ ଗମ୍ଭୀର ନିସ୍ତବ୍ଧତାରେ ସମାପନ ହୋଇଅଛି – ଏହି ନିସ୍ତବ୍ଧତା ନିଜର ଅନ୍ତର୍ବିନ୍ଦୁରେ ଯେତିକି ଆଧୁନିକ, ସେତିକି ନିଜର ତାପ ଓ ତୀବ୍ରତା ସହିତ ମାନବୀୟ ମଧ୍ୟ ।

କବିତାର ଅନୁବାଦ ବସ୍ତୁତଃ କଷ୍ଟସାଧ୍ୟ ବ୍ୟାପାର । ପରନ୍ତୁ ଯଦି ଗୋଟିଏ ଭାଷାର କବିତାକୁ ଅନ୍ୟ ଏକ ଭାଷା ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଡ଼େ, ତେବେ ଏହି ଅନୁବାଦ ବ୍ୟତିରେକ ଅନ୍ୟ କୌଣସି ଉପାୟ ମଧ୍ୟ ନାହିଁ । ଭାରତୀୟ ସନ୍ଦର୍ଭରେତ ଏହା ଏକାନ୍ତ ଅପରିହାର୍ଯ୍ୟ । ଏହି ଦିଗରେ ବିଗତ କିଛି ବର୍ଷ ଧରି ପ୍ରୟାସ ବଳବତ୍ତର ରହିଛି ଏବଂ ପ୍ରସ୍ତୁତ ପ୍ରୟାସଟି ସେହି ଶୃଙ୍ଖଳର ଏକ ଅନ୍ୟତମ ନିଦର୍ଶନ । ଅନୁବାଦକ ମୂଳ ଲେଖା ସହିତ କେତେ ପରିମାଣରେ ନ୍ୟାୟ ପ୍ରକାଶ କରିଛନ୍ତି, ସେ ସମ୍ବନ୍ଧରେ ଟୀପ୍‌ପଣୀ ଦେବାର ଅଧିକାର ମୋର ନାହିଁ । ତଥାପି ଏତିକି ନିଶ୍ଚିତ ଭାବରେ କହିବି ଯେ, ଅନୁବାଦକ ଶ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କର ସମକାଳୀନ ହିନ୍ଦୀ କବିତାର ଅବବୋଧ ଓ ତାହାର ଭାଷା ଶୈଳୀ ସଂପର୍କରେ ଗଭୀର ଦକ୍ଷତା ରହିଛି, ଯାହାର ପ୍ରମାଣ ଏହି ସଂକଳନରେ ସର୍ବତ୍ର ଲକ୍ଷ୍ୟ କରାଯାଇ ପାରିବ । ମୋର ବିଶ୍ୱାସ ଯେ ଏହି ସଂକଳନର ପ୍ରକାଶନ ସହିତ ହିନ୍ଦୀ ଅନୁବାଦ ସାହିତ୍ୟ ଆହୁରି ସମୃଦ୍ଧ ହେବା ସହିତ ଶ୍ରୀ ଦାସଙ୍କ କବିତା ପ୍ରତି ହିନ୍ଦୀ ପାଠକ ମହଲରେ ଏକ ନୂତନ ଉତ୍ସୁକତା ସୃଷ୍ଟି ହେବ ।

ତା ୩୦ ଅପ୍ରେଲ, ୧୯୮୯ **କେଦାରନାଥ ସିଂହ**

('ଲୌଟତେ ସମୟ' କବିତା ସଂକଳନଟି ମୂଳ ଓଡ଼ିଆ କବିତା ସଂକଳନ "ଅନ୍ୟ ଦେଶ ଭିନ୍ନ ସମୟ"ର ହିନ୍ଦୀ ରୂପାନ୍ତର । ହିନ୍ଦୀ ଅନୁବାଦ କରିଛନ୍ତି ରାଜେନ୍ଦ୍ର ପ୍ରସାଦ ମିଶ୍ର ଓ ପୁସ୍ତକଟିକୁ ପ୍ରକାଶ କରିଛନ୍ତି : ଭାରତୀୟ ଜ୍ଞାନପୀଠ,୧୮, ଇନ୍‌ଷ୍ଟିଚ୍ୟୁସ୍‌ନାଲ ଏରିଆ, ଲୋଧୀ ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ । ଏହି ପୁସ୍ତକଟି ରାଷ୍ଟ୍ରଭାରତୀ, ଲୋକୋଦୟ ଗ୍ରଂଥମାଳାର ଅନ୍ୟତମ ପୁସ୍ତକ ଯାହାର ଗ୍ରନ୍ଥାଙ୍କ ସଂଖ୍ୟା-୪୭୧ । ଏହାର ପ୍ରଥମ ପ୍ରକାଶ କାଳ-୧୯୮୯ ।)

Digitized by srujanika@gmail.com

ପ୍ରସ୍ତୁତି (ହିନ୍ଦୀ) / ଶବ୍ଦଭେଦ୍

ନିଜ ବଂଧୁଙ୍କ ନିକଟରେ ଜେ.ପି. ଭାବରେ ପରିଚିତ ଜଗନ୍ନାଥ ପ୍ରସାଦ ଦାସଙ୍କ ସହିତ ମୋର ବାସ୍ତବିକ ପରିଚୟ କବିତା ମାଧ୍ୟମରେହିଁ ହୋଇଥିଲା । ତାଙ୍କ ନାମ ସହିତ ବହୁତ ପୂର୍ବରୁ ପରିଚୟତ ହୋଇ ସାରିଥିଲା, ମାତ୍ର ଆଜିଠାରୁ ଠିକ୍ ପନ୍ଦର ବର୍ଷ ତଳେ ତାଙ୍କ ସହିତ ପ୍ରଥମ ସାକ୍ଷାତ ହେଲା, ଯେତେବେଳେ ସେ ତାଙ୍କ କବିତାର ପ୍ରଥମ ଇଂରାଜୀ ରୂପାନ୍ତର "ଫାଷ୍ଟ୍ ପର୍ସନ୍" ମୋତେ ଉପହାର ଦେବାପାଇଁ ଆଣିଥିଲେ । ଏହି କବିତା ଗୁଡ଼ିକୁ ପଢ଼ିବା ପରେ ତତ୍‌କ୍ଷଣାତ୍ ମୁଁ ସେହିସବୁ କବିତାର ହିନ୍ଦୀ ରୂପାନ୍ତର "ପ୍ରଥମ୍ ପୁରୁଷ୍"କୁ ମଧ୍ୟ ପଢ଼ିଲି । ଏହାପରେ ସମୟକ୍ରମେ ତାଙ୍କର ଅନ୍ୟ କାବ୍ୟକୃତିକୁ ମଧ୍ୟ ପଢ଼ିବାର ଅବସର ମିଳିଲା । କହିବା ଅନାବଶ୍ୟକ ଯେ ଏହି କବିତା ଗୁଡ଼ିକ ଦ୍ୱାରା ମୁଁ ପ୍ରଭୂତ ପରିମାଣରେ ପ୍ରଭାବିତ ହୋଇ ପଡ଼ିଥିଲି । ସେହି କାରଣରୁ ଯେତେବେଳେ ମୁଁ ଭାରତୀୟ ଜ୍ଞାନପୀଠର ପ୍ରକାଶନ କାର୍ଯ୍ୟ ଦାୟିତ୍ୱରେ ରହିଲି, ସେତେବେଳେ ତାଙ୍କର ଏକ ନୂତନ କବିତା ପ୍ରକାଶନ ପାଇଁ ତାଙ୍କୁ ଅନୁରୋଧଟିଏ କରିଥିଲି । "ଲୌଟତେ ସମୟ"(୧୯୮୯) ସେହି ଅନୁରୋଧଟିର ସକାରାତ୍ମକ ଫଳଶ୍ରୁତି ।

"ଲୌଟତେ ସମୟ"କୁ ହିନ୍ଦୀ ପାଠକମାନେ ଯେଭଳି ଭବ୍ୟ ସ୍ୱାଗତ ଜଣାଇଥିଲେ, ସେଥିରେ ଜେ.ପି. ସନ୍ତୋଷ ହେଇଥିଲେ କି ନାହିଁ ତାହା ମତେ ଜଣା ନାହିଁ, ପଚାରିବା ମଧ୍ୟ ଆବଶ୍ୟକ ହେଲା ନାହିଁ । କାରଣ ସ୍ୱୟଂ ମତେ ସେହିଥିରୁ ଅତ୍ୟନ୍ତ ପ୍ରସନ୍ନତା ମିଳିଥିଲା । ଏହି ସଂକଳନଟି "ଲୌଟତେ ସମୟ"ର ପରବର୍ତ୍ତୀ ପଦକ୍ଷେପ । ଏହି ସଂକଳନରେ ସ୍ଥାନିତ ଥିବା କବିତା ଗୁଡ଼ିକର କେତେକ ବିଶିଷ୍ଟତା ରହିଛି । ସଂକ୍ଷେପରେ ସ୍ମୃତିର ପୃଷ୍ଠଭୂମିରେ କବିଙ୍କର ଆନ୍ତରିକ ଉତ୍ସାହ, ଦ୍ୱନ୍ଦ୍ୱ ଓ ସମାଧାନ ସହିତ ଆନନ୍ଦ ଓ ଅବସାଦ ଅତ୍ୟନ୍ତ ପ୍ରଖର ଭାବରେ ଚିତ୍ରିତ ହେଇଅଛି । ଆମର ସାଂପ୍ରତିକ ଜୀବନର ସମସ୍ୟା ଯେପରି ସଂତ୍ରାସ, ନିଃସଙ୍ଗତା, ରିକ୍ତତା ପ୍ରଭୃତି ସମାଜ ଠାରୁ ଯେପରି ବ୍ୟବଧାନ ସୃଷ୍ଟି କରୁଛି, ସେସବୁ ଏହି କବିତାରେ ପ୍ରତୁଳ ଭାବରେ ମୁଖରିତ ହୋଇ ଉଠିଛନ୍ତି । ଏହି କବିତା ଗୁଡ଼ିକର ତୀବ୍ର ସମ୍ବେଦନଶୀଳତା କାହା ଅନ୍ତରକୁ ନ ଛୁଇଁ ରହିପାରିବ ନାହିଁ ।

"ଲୌଟତେ ସମୟ"ର ସଫଳତା ପରେ ମୋର ଆଗ୍ରହ ହେତୁ ଜେ.ପି. ନିଜର ଏକ ପ୍ରସ୍ତୁତ ସଂକଳନ ପ୍ରକାଶନ ପାଇଁ ଦେଲେ, ଯାହାକୁ କି ପାଠକମାନଙ୍କୁ ସମର୍ପଣ କଲାବେଳେ ମୋତେ ବହୁତ ଖୁସି ଲାଗୁଛି । ଏହି ସଂକଳନରେ ଜେ.ପି.ଙ୍କର ନବିନତମ କବିତାମାନ ରହିଛି, ଯାହାର ସ୍ୱର "ଲୌଟତେ ସମୟ"ଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ । ଅବଶିଷ୍ଟ ନିର୍ଣ୍ଣୟ ବର୍ତ୍ତମାନ ପାଠକମାନଙ୍କୁ କରିବାକୁ ପଡ଼ିବ ।

ଆମ ସାହିତ୍ୟିକ ପରଂପରାରେ ଗୋଟିଏ ଭାଷାର କବିତାକୁ ଅନ୍ୟ ଭାଷା-ଭାଷୀମାନେ କେବଳ ଅନୁବାଦ ମାଧ୍ୟମରେହିଁ ଉପଲବ୍ଧି କରିଥାନ୍ତି । ଏହି ପୃଷ୍ଠଭୂମିରେ ଭାରତୀୟ ସାହିତ୍ୟିକଙ୍କ ବିଭିନ୍ନ ପର୍ଯ୍ୟାୟର କୃତିମାନଙ୍କୁ ଜ୍ଞାନପୀଠ ସୁବ୍ୟବସ୍ଥିତ ଢଂଗରେ ପ୍ରକାଶିତ କରିବାର ବିଶେଷ ଯୋଜନାକୁ କାର୍ଯ୍ୟାନ୍ୱିତ କରୁଅଛି । କବିତାର ଅନୁବାଦ ବିଶେଷ ଭାବରେ ଏକ କଠିନ ବ୍ୟାପାର । ରାଜେନ୍ଦ୍ର ମିଶ୍ରଙ୍କର ଏହି ଅନୁବାଦ କ୍ରିୟାରେ ତାଙ୍କର ଶ୍ରମ କିଛି କମ୍ ବୋଲି ମନେ ହୁଏ ନାହିଁ । ଏହି ସଶକ୍ତ ତଥା ପ୍ରଭାବୀ ଅନୁବାଦ ପାଇଁ ମୁଁ ରାଜେନ୍ଦ୍ର ମିଶ୍ରଙ୍କ ନିକଟରେ ଅତ୍ୟନ୍ତ କୃତଜ୍ଞ ।

ନୂଆଦିଲ୍ଲୀ
୫ ମାର୍ଚ୍ଚ, ୧୯୯୧

ବିଶନ୍ ଟଣ୍ଡନ୍
ନିର୍ଦ୍ଦେଶକ

(କବି ଜଗନ୍ନାଥ ପ୍ରସାଦ ଦାସଙ୍କର 'ଶବ୍ଦଭେଦ' କବିତା ସଂକଳନଟିକୁ ହିନ୍ଦୀରେ ରୂପାନ୍ତରିତ କରିଥିଲେ ଶ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର । ଏହି ପୁସ୍ତକଟି ରାଷ୍ଟ୍ର ଭାରତୀ ଲୋକୋଦୟ ଗ୍ରନ୍ଥମାଳାର ୫୨୧ ନଂ ଗ୍ରନ୍ଥ । ପୁସ୍ତକଟିର ପ୍ରଥମ ସଂସ୍କରଣ: ୧୯୯୧ ମସିହା ଓ ପୁସ୍ତକଟିକୁ ପ୍ରକାଶ କରିଥିଲେ : ଭାରତୀୟ ଜ୍ଞାନପୀଠ / ୧୮, ଇନ୍‌ଷ୍ଟିଚ୍ୟୁସ୍‌ନାଲ ଏରିଆ, ଲୋଧି ରୋଡ୍, ନୂଆ ଦିଲ୍ଲୀ-୧୧୦୦୦୩ ।)

Digitized by srujanika@gmail.com

ଭୂମିକା (ହିନ୍ଦୀ) / ଶବ୍ଦଭେଦ୍

ମୁଁ ଏହାକୁ ଦୁର୍ଭାଗ୍ୟହିଁ କହିବି ଯେ ବାରମ୍ବାର ବିରୋଧ କରିବା ପରେ ମଧ୍ୟ ଜଗନ୍ନାଥ ପ୍ରସାଦ ଦାସଙ୍କ ଏହି ସଂକଳନର ଭୂମିକା ଲେଖିବା ପାଇଁ ମୋତେ କୁହା ନଯାଉ, ମୋର କଥାକୁ ଗମ୍ଭୀରତା ପୂର୍ବକ ଗ୍ରହଣ କରାଗଲା ନାହିଁ । ମୋର ସେହି ବିରୋଧର ଦୁଇଟି ଆଧାର ରହିଥିଲା । ପ୍ରଥମଟି ହେଉଛି ଯେ ଜଗନ୍ନାଥ ପ୍ରସାଦ ଦାସ ହେଉଛନ୍ତି ଏକ ପ୍ରକାରରେ ମୋ ଠାରୁ ଜଣେ ବରିଷ୍ଠ କବି । କୌଣସି ପତ୍ରିକାରେ ମୋର ଗୋଟିଏ କବିତା ପ୍ରକାଶ ପାଇବା ବେଳକୁ ଜଗନ୍ନାଥ ପ୍ରସାଦ ଦାସଙ୍କର ପ୍ରଥମ କବିତା ସଂକଳନ ପ୍ରକାଶ ପାଇ ସାରିଥିଲା ଏବଂ ତାଙ୍କୁ ଜଣେ ପ୍ରତିଭାବାନ୍ କବି ଭାବରେ ସ୍ୱୀକୃତି ମିଳି ସାରିଥାଏ । ଦ୍ୱିତୀୟଟି ହେଉଛି କେବଳ ତାଙ୍କ କବିତାକୁ ଆଧାର କରି ତାଙ୍କ ଭିତରେ ଥିବା ସୃଜନଶୀଳତାକୁ ବୁଝିବା ପାଇଁ ପ୍ରୟାସ କରିବାକୁ ମୁଁ ଠିକ୍ ବୋଲି ଭାବି ପାରୁ ନାହିଁ । ସେ କାହାଣୀ (ଗଳ୍ପ) ଓ ନାଟକ ମଧ୍ୟ ଲେଖିଛନ୍ତି, ଓଡ଼ିଶାର ଇତିହାସ ଓ ପାରଂପାରିକ ଚିତ୍ରକାରିତା ଉପରେ ଗବେଷଣାତ୍ମକ ନିବନ୍ଧ ମଧ୍ୟ ଲେଖିଛନ୍ତି, ତା ମଧ୍ୟରେ ମଧ୍ୟ ଗୋଟିଏ ଉପନ୍ୟାସ ରଚନା କରିଛନ୍ତି । ମଝିରେ କିଛି ସମୟ ପାଇଁ ତାଙ୍କର ପ୍ରଗଲ୍‌ଭତା ଚିତ୍ରକଳା ଦିଗକୁ ଢଳିଥିଲା । ଏହି ସୂତ୍ରରେ କବିତା ତ ତାଙ୍କ ଆତ୍ମାଭିବ୍ୟକ୍ତିର ବିଭିନ୍ନ ପ୍ରଣାଳୀ ମଧ୍ୟରୁ ମାତ୍ର ଗୋଟିଏ । ମୋ ସ୍ଥାନରେ କୌଣସି ଅନ୍ୟ ବ୍ୟକ୍ତି, ଯିଏକି ଜଗନ୍ନାଥ ପ୍ରସାଦଙ୍କ ଅନ୍ୟାନ୍ୟ କଳାକୃତିକୁ ଅତ୍ୟନ୍ତ ମୋଠାରୁ ଅଧିକ ଉପଲବ୍ଧି କରିଥିବେ, ତାଙ୍କୁ ସେ ହିନ୍ଦୀ ପାଠକଙ୍କ ସମ୍ମୁଖରେ କବି ଭାବରେ ଉପସ୍ଥାପିତ କରିବାର କର୍ମକୁ ମୋଠାରୁ ନିଶ୍ଚିତ ଭାବରେ ବହୁତ ଭଲ ଭାବରେ କରି ପାରିଥାନ୍ତେ ।

ତଥାପି ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆତ୍ମାଭିବ୍ୟକ୍ତି ପାଇଁ କବିତା ଜଗନ୍ନାଥ ପ୍ରସାଦଙ୍କ ନିକଟରେ ଏକ ମହତ୍ତ୍ୱପୂର୍ଣ୍ଣ ସାଧନ ହୋଇ ରହିଛି । ମୁଁ କେବେ ସ୍ୱୀକାର କରେ ନାହିଁ ଯେ ଜଗନ୍ନାଥ ପ୍ରସାଦ ନିଜ କବିତାରେ ଯେଉଁ କଥା କହିବାକୁ ଚାହିଛନ୍ତି, ତାହାକୁ କହିବା ପାଇଁ ସେ ଗଳ୍ପରେ ମଧ୍ୟ ସଫଳତା ପାଇଛନ୍ତି । ଏହା ମଧ୍ୟ ହୋଇପାରେ ଯେ ମୂଳତଃ ସେ ଯାହା କହିବା ପାଇଁ ଚାହିଛନ୍ତି ତାହା ହେଉଛି ଗୋଟିଏ, ତାହା ଗଳ୍ପ ହୋଇପାରେ ବା କବିତା, କିନ୍ତୁ କବିତାରେ ହିଁ ସେ ସ୍ୱୟଂକୁ ପୂର୍ଣ୍ଣ ରୂପରେ ଏବଂ ଅଧିକ ଗଭୀରତାର ସହିତ ବ୍ୟକ୍ତ କରି ପାରିଛନ୍ତି । ଗଳ୍ପରେ ଗୋଟିଏ ଚରିତ୍ର ଗୋଟିଏ ସ୍ଥିତିରେ ରହିଥାଏ ବା ପୁଣି କୌଣସି ବିଶେଷ ଘଟଣାରେ ତାକୁ ଅନ୍ୟ ଚରିତ୍ରମାନଙ୍କର ସାପେକ୍ଷତାରେ ଉପସ୍ଥାପିତ କରା ଯାଇଥାଏ । ତାହାର ଅସ୍ତିତ୍ୱର ଗୁଣବତ୍ତା ସେହି ପରିସ୍ଥିତିରେ ତଥା ସେହି ଚରିତ୍ରମାନଙ୍କ ସହିତ ତାହାର ପାରସ୍ପରିକତା ଉପରେ ନିର୍ଭର କରୁଛି । ଯେତେବେଳେ କବିତାରେ ତାହାର ବିପରୀତ ଦିଗରେ କବି ଅସ୍ତିତ୍ୱର ଗୁଣବତ୍ତାକୁ ବର୍ଣ୍ଣନା କରନ୍ତି, ତାହା ଅତ୍ୟନ୍ତ ସ୍ପଷ୍ଟ ଏବଂ ଅସନ୍ଦିଗ୍ଧ ରୂପରେ ମାନବର ଅସ୍ତିତ୍ୱର ଗୁଣାବତ୍ତାରେ ପରିଣତ ହୋଇଯାଏ । ଅର୍ଥାତ୍ ତାହାର ବୋଧ ତତ୍କାଳ ହୋଇଉଠେ । ଏହା ପାଇଁ ବାଲ୍ୟ ଘଟଣାବଳୀ ତଥା ସେହି ଘଟଣାବଳୀ ମହତ୍ତ୍ୱକୁ ଆତ୍ମାଦ୍ୱାରା ଚିହ୍ନିବା ମଧ୍ୟରେ ଥିବା ଦୂରତାକୁ ନିର୍ଦ୍ଧାରଣ ନକରି ମଧ୍ୟ ବେଶ ଜାଣି ହୋଇଥାଏ । ଜଗନ୍ନାଥ ପ୍ରସାଦଙ୍କର ଅନେକ ଗଳ୍ପ (ଯାହାର କଥାବସ୍ତୁ ତଥା ଶିଳ୍ପ ପ୍ରକରଣ ଅତ୍ୟନ୍ତ ଅସାଧାରଣ ଏବଂ ଉତ୍କୃଷ୍ଟ ମଧ୍ୟ)କୁ ପାଠ କଲା ପରେ ମୁଁ ନିଃସଙ୍କୋଚରେ କହିପାରେ ଯେ, ଜଗନ୍ନାଥ ପ୍ରସାଦ ନିଜ କବିତା ମଧ୍ୟରେ ସ୍ୱୟଂକୁ ଯେଉଁ ପ୍ରକାରରେ ଅଭିବ୍ୟକ୍ତ କରିବାପାଇଁ ପ୍ରୟାସ କରିଛନ୍ତି, ତାହା ଗଳ୍ପରେ ଆଦୌ ସମ୍ଭବ ନୁହେଁ ।

ତାଙ୍କ କବିତାର ଏକ ଅସାମାନ୍ୟ ବିଶେଷତା ହେଉଛି ଯେ, ଏଥିରେ କୌଣସି ପ୍ରକାରରେ ବ୍ୟଗ୍ରତା ନାହିଁ, ପାଠକଙ୍କୁ ଶବ୍ଦ ମାଧ୍ୟମରେ ଚକିତ କରାଇ ସାବାସୀ ନେବାର ବା ଏମିତି ଏକ ପଥକୁ ନେଇ ଯିବାର, ଯେଉଁଠିକୁ ତାଙ୍କର ବିବେକ କେବେ ନେଇଯାଇ ନାହିଁ, ଏପରି ଅଭିପ୍ରାୟ ମଧ୍ୟ ନାହିଁ । ଭାଷା ଏପରି ହୋଇଛି, ଯେଉଁଠି ଗଦ୍ୟର ତର୍କ ତଥା କାବ୍ୟର ଗତିର ଏକ ଅପୂର୍ବ ସମ୍ମିଶ୍ରଣ ଘଟିଛି, ଯେଉଁଠି ଆନ୍ତରିକ ଘଟଣାବଳୀର ଶୃଙ୍ଖଳା ସ୍ୱାଭାବିକ ଭାବରେ ପ୍ରକାଶ ଲାଭ କରିଛି, ଯଦ୍ୟପି ଏଥିରୁ କିଛି ଘଟଣା ଅତ୍ୟନ୍ତ ଅସାମାନ୍ୟ, ମାତ୍ର ଏହା ଅପରିହାର୍ଯ୍ୟ ଏବଂ ପୂର୍ବ ଘଟଣାର ଏକ ସ୍ୱାଭାବିକ ପରିଣତି । ଉଦାହରଣ ପାଇଁ ଯେତେବେଳେ କେହି ନିଜକୁ ଏପରି ସ୍ଥିତିରେ ଆବିଷ୍କାର କରେ ଯେ, –

> "ଅନେକ ଜିଜ୍ଞାସାର କୌଣିସି
> ଅନ୍ତିମ ଉପଲକ୍ଷ ନ ଥାଏ
> ପ୍ରଶ୍ନହିଁ ନିଜର ଉଦ୍ଦେଶ୍ୟ"
>
> (ଯକ୍ଷ ପ୍ରଶ୍ନ)

Digitized by srujanika@gmail.com

ଘଟଣାର କ୍ରମରେ ସେ ପାଏ ଯେ,

> "ଉତ୍ତର ଦେବାରୁ ମୁକ୍ତି ନାହିଁ
> ମୃତ୍ୟୁର ଚିରନ୍ତନତାରୁ ଖୋଜି ନେବାକୁ ହୁଏ
> ବଞ୍ଚିବାର କ୍ଷଣିକ ମୁହୂର୍ତ୍ତମାନଙ୍କୁ"
>
> (ଯକ୍ଷ ପ୍ରଶ୍ନ)

ତାହାହେଲେ ଏ ସବୁ ପୂର୍ଣ୍ଣତଃ ସ୍ୱାଭାବିକ ଓ ଅପରିହାର୍ଯ୍ୟ ନିଶ୍ଚୟ । ଯଦି ପରିସ୍ଥିତି ଏପରି ହୋଇଛି ଯେ ଯେଉଁଠି –

> "ଏହିଠାରେ ଶେଷ ହୁଏ
> ମନସ୍କାମନାର ନିଜସ୍ୱ ନଗରୀ"

ତାହାହେଲେ ଏହା ଏକାନ୍ତ ସ୍ୱାଭାବିକ ଯେ ପରବର୍ତ୍ତୀ ଘଟଣାମାନ ଏପରି ହୋଇ ଉଠିବ ଯେ ତାହାକୁ ରୂପ ଦେବାର କ୍ଷମତା ବ୍ୟକ୍ତିଠାରେ ନ ଥିବ ଏବଂ ତାହାର ପ୍ରତିକ୍ରିୟାର ମଧ୍ୟ କୌଣସି ପରିଣାମ ନ ଥିବ । ସେତିକିବେଳେ ସେ ସ୍ୱାଭାବିକ ଭାବରେ ଏପରି ଏକ ସ୍ଥିତାବସ୍ଥା ଦିଗକୁ ଅଗ୍ରସର ହୋଇ ଉଠେ, ଯେଉଁଠାରେ,-

> "ଆଉ ନିଶ୍ଚୟ କରିବାର ସମୟ ହୁଏ ନାହିଁ
> ଅନ୍ତରଙ୍ଗ ଇଚ୍ଛା ସବୁ ମଉଳି ଯାଇ
> ଦେହକୁ ଭାରାକ୍ରାନ୍ତ କରି ଦିଅନ୍ତି
> ନିଜର ମୁହଁହିଁ ମୁଖା ପାଲଟି ଯାଏ
> ଆଖିରେ ଆଉ ଲକ୍ଷ୍ୟସ୍ଥଳ ନ ଥାଏ ....."
>
> (ମଧ୍ୟ ପର୍ବ)

ଜଗନ୍ନାଥ ପ୍ରସାଦଙ୍କ କବିତାଗୁଡ଼ିକରେ ଯେଉଁ ଉଦାସୀନତା ବ୍ୟାପ୍ତ ରହିଛି, ତାହାର କାରଣ, ଯେଉଁ ପର୍ଯ୍ୟନ୍ତ ମୁଁ ବୁଝିଛି, ତାଙ୍କର ଏକ ଅନୁଭୂତି ହେଉଛି ଯେ ଆଜିର ମନୁଷ୍ୟ ଏକାନ୍ତ ଅସହାୟ । ଏହି ଅସହାୟତାପାଇଁ ଦାୟିତ୍ୱ ସଂପନ୍ନ କେତେକ ଘଟଣାତ ତାଙ୍କ ନିୟନ୍ତ୍ରଣ ବାହାରେ (ଯେପରି ଦେବୀ ଆଗମନରେ), ତଥାପି କେତେ ଏପରିବି ଅଛନ୍ତି, ଯେଉଁଥିପାଇଁ କି ଅନ୍ୟଲୋକମାନେ ରହିଛନ୍ତି । ଏହି ଭିନ୍ନ ସ୍ଥିତି ଜଗନ୍ନାଥ ପ୍ରସାଦଙ୍କ ଭିତରେ କ୍ରୋଧ ତଥା କ୍ଷୋଭ ଜାତ କରାଉଛି । କ୍ରାନ୍ତି, ଗାନ୍ଧୀ ତଥା ଧର୍ମଯୁଦ୍ଧ ପରି କବିତାମାନରେ ମୂଲ୍ୟ ତଥା ସଂସ୍ଥାମାନର ବିକୃତିକୁ ନେଇ ତାଙ୍କର ବ୍ୟାକୁଳତା ସ୍ପଷ୍ଟ ରୂପରେ ଦୃଶ୍ୟମାନ । ତାଙ୍କର ସ୍ପଷ୍ଟ ବାର୍ତ୍ତା ଏହି ଯେ ନିଜର ଯନ୍ତ୍ରଣାରେ ବଞ୍ଚିଥିବା ବ୍ୟକ୍ତି ନିଜଠାରୁ ଶ୍ରେଷ୍ଠ ଓ ବିରାଟ ଶକ୍ତିମାନଙ୍କର ବୀରତ୍ୱପୂର୍ଣ୍ଣ ଭାବରେ ସମ୍ମୁଖୀନ ହୋଇ ଉଲ୍ଲାସ ଲାଭ କରିବା ଠାରୁ ସ୍ୱୟଂ ମଧ୍ୟ ବିମୁଖ ହୋଇ ପଡୁଛନ୍ତି । ତାଙ୍କର ସମସ୍ତ ସଂଘର୍ଷ ସେହି ଲୋକମାନଙ୍କ ଦୁଷ୍ଟତା, ଧୋକାବାଜି ତଥା ଆତ୍ମଶ୍ଳାଘା ସହିତ ସମ୍ମୁଖୀନ ହେବାରୁ ସୃଷ୍ଟି ହେଉଛି, ଯେଉଁମାନଙ୍କ ଉପରେ ସାମାନ୍ୟତମ ଭାବରେ ସାମାଜିକ ସଂସ୍ଥା ତଥା ମୂଲ୍ୟବୋଧର ଅକ୍ଷୁଣ୍ଣତା ନିର୍ଭର କରୁଛି । ଏହି ଶକ୍ତିମାନଙ୍କ ସହିତ ସଂଗ୍ରାମ କରିବାର ଅନୁଭବ ଅତୀବ ଯନ୍ତ୍ରଣାଦାୟକ, କାରଣ ଏହା ନୀଚତା ଓ ଲଜ୍ଜାର ଅନୁଭବ ।

ଅସହାୟତାର ଅନୁଭବ ବ୍ୟକ୍ତିକୁ ନିଜ ମଧ୍ୟରେ ସ୍ୱୟଂଠାରୁ ବିମୁଖ ହେବା ପାଇଁ ବାଧ୍ୟ କରାଇ ଥାଏ । ଏହି ପ୍ରକାରରେ ନିଜଠାରେ ଶରଣାପନ୍ନ ହେଉଥିବା କବି ଏହା ମଧ୍ୟ ଜାଣନ୍ତି ଯେ ବାହାର ଜଗତ ପରି ନିଜର ଅନ୍ତଃଜଗତ ମଧ୍ୟ ଖଣ୍ଡ ବିଖଣ୍ଡିତ ହାଇ ସାରିଛି । ଏହି ଜଗତରେ:

> "କୋଠରୀ ଭିତରେ ମରୁଭୂମି
> ଛାତରେ ବୁଣିଯାଉଛି ବୁଢ଼ିଆଣୀ ଜାଲ
> ଅପନ୍ତରା ପାଲଟି ଯାଉଛି
> ଝରକା ବାହାରର ଘାସ ପଡ଼ିଆ
> ଘର ଭାଂଗି ପଡୁଛି ଧ୍ୱଂସ ସ୍ତୁପହୋଇ

Digitized by srujanika@gmail.com

ଖାଲି ଚଉକି ଉପରେ ଆଉଜି ପଡ଼ୁଛି
ମୋ ଦେହର ଅସ୍ଥି ଓ କଙ୍କାଳ"

(ଖାଲିଘର)

ଏହା ଏପରି ସୁନ୍ଦର, ସୁରକ୍ଷିତ ତଥା ଏକାତ୍ମକ ଜଗତ ନୁହେଁ ଯେ ଯେଉଁଠି ବ୍ୟକ୍ତି ସାନ୍ତ୍ୱନା ଓ ଅର୍ଥ ପାଇ ପାରିବ । ଏହାତ ବାହ୍ୟ ଜଗତର ବିସ୍ତାର ମାତ୍ର । ପାର୍ଥକ୍ୟ କେବଳ ଏତିକି ଯେ, ଏହି ଅନ୍ତର୍ଜଗତରେ ବାସ କରୁଥିବା ବ୍ୟକ୍ତିସତ୍ତାର ଚତୁର୍ପାର୍ଶ୍ୱରେ ବିଚ୍ଛୁରିତ ହୋଇ ରହିଥିବା ଭଗ୍ନାବଶେଷକୁ ଖୋଜିବା ଏବଂ ନିଜର ଅବଶିଷ୍ଟ ଜୀବନରେ ଯେଉଁ ରିକ୍ତତା ସହିତ ରହିବାକୁ ହେବ, ତାକୁ ଚିହ୍ନିବାରେ ଅନେକ ସମୟବି ଦରକାର ଏବଂ ଅନେକ ସ୍ୱତନ୍ତ୍ରତା ମଧ୍ୟ ଦରକାର । ଏହି ଅନ୍ତର୍ଜଗତରେ ନୂଆ ନିୟତି ପାଇଁ କାର୍ଯ୍ୟ ସଂପନ୍ନ କରିବା ତଥା ଜୀବନକୁ ଏକ ନୂତନ ଅର୍ଥ ପ୍ରଦାନ କରିବା ଆଉ ସମ୍ଭବ ହୋଇ ପାରେ ନାହିଁ । ଏହି ଜଗତରୁ ମଧ୍ୟ ମୁକ୍ତି ସମ୍ଭବ ହୋଇ ପାରିବ ନାହିଁ କାରଣ ଏହାଛଡା ଅନ୍ୟ ଜଗତ କେଉଁଠି ହେଲେ ମଧ୍ୟ ନାହିଁ । ସମୟର ଅର୍ଥ କେବଳ ଘଟଣାମାନର କ୍ରମବଦ୍ଧତା । ଅତୀତ ଯାହା ମନୁଷ୍ୟର ଉତ୍ତରାଧିକାରର ପ୍ରତିନିଧିତ୍ୱ କରିଥାଏ, କେବଳ ସେହି ଅର୍ଥରେହିଁ ତାହାର ଦୃଷ୍ଟିତୀକରଣର ସମସ୍ତ ସମ୍ଭାବନା ବର୍ତ୍ତମାନ ସମାପ୍ତ ହୋଇ ପାରେ ନାହିଁ । ବର୍ତ୍ତମାନର ସମସ୍ତ ଆଶା ସମାପ୍ତ ହୋଇ ଯାଇଛି ଏବଂ ଭବିଷ୍ୟତ ଆହୁରି ଅଧିକ ଅମାନବୀୟକରଣର ସାକ୍ଷୀ ହୋଇ ରହିବ ।

ଜଗନ୍ନାଥ ପ୍ରସାଦଙ୍କ ଭାଷାର ଶବ୍ଦର ଏକ ବିଲକ୍ଷଣ ମିତବ୍ୟୟତା ରହିଛି । ପଙ୍‌କ୍ତି ଛୋଟ ମାତ୍ର, ସେ ଯାହା ଅଭିବ୍ୟକ୍ତ କରିଛନ୍ତି, ତାହା ଅନେକ ବଡ଼ ବଡ଼ ଅର୍ଥ ପ୍ରତି ଇଙ୍ଗିତ ପ୍ରଦାନ କରିବାକୁ କ୍ଷମ ହୋଇଥାଏ । ମୁଁ ପୂର୍ବରୁ କହି ରଖିଛି ଯେ ସେ ଏକଦା ଚିତ୍ରକଳାରେ ନିଜକୁ ନିୟୋଜିତ କରିଥିଲେ । ମନେହୁଏ ବର୍ତ୍ତମାନ ସେ ତାଙ୍କର ସେହି ପ୍ରବଣତାକୁ ତ୍ୟାଗ କରି ପାରିନାହାନ୍ତି । ପାର୍ଥକ୍ୟ କେବଳ ଏତିକି ଯେ ରଙ୍ଗର ସ୍ଥାନକୁ ଶବ୍ଦ ଅଧିକାର କରି ନେଇଛି । ଯାହାର ବିବରଣ ଏକ ସୁସ୍ପଷ୍ଟ ଅନ୍ତର୍ଜଗତର ଭୂଦୃଶ୍ୟକୁ ଯେପରି ସାକ୍ଷାତ୍ ସାମ୍ନାକୁ ନେଇ ଆସୁଛି, ଚିତ୍ରକଳାରେ ଯେପରି କୌଣସି ଅସଙ୍ଗତ ରଙ୍ଗର ସ୍ଥାନ ନଥାଏ; ସେହି ପ୍ରକାରରେ ଜଗନ୍ନାଥ ପ୍ରସାଦଙ୍କ ଅନ୍ତର୍ଜଗତର ଭୂଦୃଶ୍ୟରେ କୌଣସି ନିରର୍ଥକ ଶବ୍ଦ ନାହିଁ । ଏକ ପରିପକ୍ୱ କବିଙ୍କର ସହଜାନୁଭୂତି କୌଣସି ପ୍ରକାରର ନିରର୍ଥକ ଅଭିବ୍ୟକ୍ତିକୁ ବାରି ଦେଇଥାଏ ଏବଂ ତତ୍କାଳ ତାହାକୁ ନିବାରଣ ମଧ୍ୟ କରାଇ ନିଏ । ଜଗନ୍ନାଥ ପ୍ରସାଦଙ୍କର ଅଭିବ୍ୟକ୍ତି ଏପରି ମଧ୍ୟ ନୁହେଁ ଯେ ତାହାକୁ ଚଟାପଟ ପଢ଼ିନେଇ କୌଣସି ଏକ ସରଳ ମନ୍ତବ୍ୟ ଦେଇହେବ । ତାହା ପାଠକଙ୍କୁ ଧୀରେ ଧୀରେ ପଢ଼ିବାକୁ ହେବ, ଯାହା ଫଳରେ ତାଙ୍କର ସମଗ୍ର ପ୍ରଭାବକୁ ଗ୍ରହଣ କରିହେବ । ଏପରି କଲେହିଁ ତାଙ୍କ କବିତାର ପାଠକ ତାଙ୍କର ଚେତନା କ୍ଷେତ୍ରରେ ପହଞ୍ଚି ପାରିବେ । ସେତେବେଳେ ଜାଣିହେବ ଯେ ଏହି କବିତା ଏକ କ୍ଷଣିକ ଅନୁଭବ ମାତ୍ର ନୁହେଁ; ଅଧିକନ୍ତୁ ପାଠ କଲାପରେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଠକ ସେଥିରେ ତଲ୍ଲୀନ ରହିଥିଲେ ବୋଲି ।

ନୂଆଦିଲ୍ଲୀ
ତା ୦୨-୦୩-୧୯୯୧

ରମାକାନ୍ତ ରଥ

(କବି ଜଗନ୍ନାଥ ପ୍ରସାଦ ଦାସଙ୍କର 'ଶବ୍ଦଭେଦ' କବିତାର ହିନ୍ଦୀ ସଂକଳନଟି, ଯାହାକି ରାଷ୍ଟ୍ର ଭାରତୀ ଲୋକୋଦୟ ଗ୍ରନ୍ଥମାଳାର ୫୨୧ ତମ ଗ୍ରନ୍ଥ ଭାବରେ ଚିହ୍ନିତ, ତାହା ଭାରତୀୟ ଜ୍ଞାନପୀଠ, ୧୮, ଇନ୍‌ସ୍ଟିଚ୍ୟୁସନାଲ ଏରିଆ, ଲୋଦୀ ରୋଡ, ନୂଆଦିଲ୍ଲୀ-୧୧୦୦୦୩ ଦ୍ୱାରା ୧୯୯୧ରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଅଛି ।)

Digitized by srujanika@gmail.com

ପ୍ରସ୍ତୁତି (ହିନ୍ଦୀ)/ ସ୍ଥିରଚିତ୍ର

ଭାରତୀୟ ବାଙ୍ଗ୍‌ମୟର ସମ୍ବର୍ଦ୍ଧନାରେ ଭାରତୀୟ ଜ୍ଞାନପୀଠର ବହୁମୁଖୀ ପ୍ରୟାସ ସଦୈବ ବର୍ତ୍ତମାନ । ତନ୍ମଧ୍ୟରୁ ଗୋଟିଏ ହେଉଛି ଭାରତୀୟ ସାହିତ୍ୟର ଶ୍ରେଷ୍ଠ ଉପଲବ୍ଧିଗୁଡ଼ିକୁ ରେଖାଙ୍କିତ କରିବା ପୂର୍ବକ ଜ୍ଞାନପୀଠ ପୁରସ୍କାର ମାଧ୍ୟମରେ ସାହିତ୍ୟ ପ୍ରତି ସମର୍ପିତ ଅଗ୍ରଣୀ ଭାରତୀୟ ଲେଖକମାନଙ୍କୁ ସମ୍ମାନିତ କରାଯାଉଛି, ଯାହା ଫଳରେ ସେମାନଙ୍କର ଶ୍ରେଷ୍ଠ କୃତିଗୁଡ଼ିକ ଅନ୍ୟ ସାହିତ୍ୟିକଙ୍କପାଇଁ ଆଲୋକ ବର୍ତ୍ତିକା ହୋଇ ପ୍ରତିଭାତ ହେଉଛି । ଦ୍ୱିତୀୟ ବିଶେଷ କାର୍ଯ୍ୟଟି ହେଉଛି ସମଗ୍ର ଭାରତୀୟ ସାହିତ୍ୟରୁ କାଳଜୟୀ ରଚନାଗୁଡ଼ିକୁ ଚୟନ କରି ସେଗୁଡ଼ିକୁ ହିନ୍ଦୀ ମାଧ୍ୟମରେ ଅନେକ ସାହିତ୍ୟ ଶୃଙ୍ଖଳାରେ ଅନ୍ତର୍ଗତ କରାଇ ପ୍ରକାଶ କରିବା ଦ୍ୱାରା ତାହା ବୃହତ୍ତର ପାଠକ ସମାଜଙ୍କ ନିକଟରେ ପହଞ୍ଚି ପାରୁଛି । ଯାହାଦ୍ୱାରା ଗୋଟିଏ ଭାଷାର ସର୍ବୋତ୍କୃଷ୍ଟ ସାହିତ୍ୟ, ଦ୍ୱିତୀୟ ଭାଷା ପର୍ଯ୍ୟନ୍ତ ବା ଅନ୍ୟାନ୍ୟ ଭାଷା ପର୍ଯ୍ୟନ୍ତ ପହଞ୍ଚି ପାରିବ ଏବଂ ଏହି କ୍ରମରେ ବିଭିନ୍ନ ଭାଷାର ସାହିତ୍ୟିକଗଣ ପ୍ରବୁଦ୍ଧ ପାଠକଙ୍କ ମଧ୍ୟରେ ଏକ ପ୍ରକାର ଭାବର ଆଦାନ-ପ୍ରଦାନ ଘଟିବା ସହ ପରସ୍ପର ମଧ୍ୟରେ ବୈଚାରିକ ସଂପ୍ରେଷଣ ସମ୍ଭବ ହୋଇ ପାରିବ ।

ପ୍ରସ୍ତୁତ କୃତି 'ସ୍ଥିରଚିତ୍ର' ଭାରତୀୟ ଜ୍ଞାନପୀଠ ଦ୍ୱାରା ଦୁଇ ବର୍ଷ ପୂର୍ବରୁ ଆରମ୍ଭ କରାଯାଇଥିବା 'ଭାରତୀୟ କବି' ଶୃଙ୍ଖଳାର ଏକ ନୂତନ ସଂଯୋଜନ । କୃତିକାର ଜଗନ୍ନାଥ ପ୍ରସାଦ ଦାସ (ନିଜର ମିତ୍ରଙ୍କ ପାଇଁ ମାତ୍ର ଜେ.ପି.) ଓଡ଼ିଆର ସମକାଳୀନ ବହୁ ଚର୍ଚ୍ଚିତ କବିମାନଙ୍କ ମଧ୍ୟରେ ଅନ୍ୟତମ, ଯିଏକି ହିନ୍ଦୀ ପାଠକମାନଙ୍କ ନିକଟରେ ବର୍ତ୍ତମାନ ଆଦୌ ଅପରିଚିତ ନୁହନ୍ତି । ହିନ୍ଦୀ ଅନୁବାଦ ଭାବରେ ତାଙ୍କର ଆଜି ପର୍ଯ୍ୟନ୍ତ ଛଅ ଖଣ୍ଡ କବିତା ସଂଗ୍ରହ- 'ପ୍ରଥମ ପୁରୁଷ', 'କଇ ତରହ କେ ଦିନ', 'ଅପନା ଅପନା ଏକାନ୍ତ', 'ଲୌଟତେ ସମୟ', 'ଶବ୍ଦଭେଦ' ଓ 'ଆହ୍ନିକ' ପାଠକଙ୍କ ନିକଟକୁ ପ୍ରଥମରୁ ହିଁ ଆସି ସାରିଥିଲା । ଏଗୁଡ଼ିକ ମଧ୍ୟରୁ ଦୁଇଟି କାବ୍ୟ ସଂଗ୍ରହ- 'ଲୌଟତେ ସମୟ' ଓ 'ଶବ୍ଦଭେଦ' ଜ୍ଞାନପୀଠ ଦ୍ୱାରା ପ୍ରକଶିତ ହୋଇ ଅଛି ।

'ଲୌଟତେ ସମୟ' (ଫେରିଯିବା ବେଳ)ର କବିତାଗୁଡିକ ହିନ୍ଦୀ ଭାଷାର ବରିଷ୍ଠ ସମୀକ୍ଷକ ଶ୍ରୀ କେଦାରନାଥଙ୍କ ଶବ୍ଦରେ, ଶବ୍ଦ ଓ ନିରବତାର ମଝିରେ ନିରନ୍ତର ଗୋଟିଏ ବାର୍ତ୍ତାଳାପର ଆକର୍ଷଣ ସୃଷ୍ଟି କରୁଅଛି । ଅଧିକାଂଶ କବିତା ଏକ ଧ୍ୱନିବିମ୍ବ ବା ପ୍ରଚେଷ୍ଟାରୁ ଆରମ୍ଭ ହେଉଛି ଏବଂ ବେଳେ ବେଳେ ଏକ ପ୍ରକାର ଗମ୍ଭୀର ନିରବତା ମଧ୍ୟରେ ପର୍ଯ୍ୟବସିତ ହୋଇ ଯାଉଛି । କିନ୍ତୁ ଏହାହିଁ ହେଉଛି ଯେ, ପ୍ରତ୍ୟେକ କବିତାର ନିରବ ପରିସମାପ୍ତି ପରେ, ପୁଣି ଏକ ପ୍ରକାର ନୂତନତାର ଆରମ୍ଭ ଘଟୁଛି । ଅନ୍ୟ ଭାଷାରେ କହିବାକୁ ଗଲେ ଶବ୍ଦରୁ ନିରବତା ଦିଗକୁ ଏବଂ ପୁନଶ୍ଚ ନିରବତାରୁ ଶବ୍ଦ ଆଡ଼କୁ ଫେରିବା- ଏହି ଦୁଇଗୋଟି ପ୍ରକ୍ରିୟା ବାରମ୍ବାର କ୍ରିୟାଶୀଳ ରହୁଛି:

> "ଉତ୍ତର ଦେବା ବିନା ମୁକ୍ତି ନାହିଁ
> ମୃତ୍ୟୁର ଚିରନ୍ତନତାରେ ଖୋଜିବାକୁ ପଡୁଛି
> ବଞ୍ଚିବାର କ୍ଷଣିକ ମୁହୂର୍ତ୍ତକୁ "

'ଶବ୍ଦଭେଦ', 'ଲୌଟତେ ସମୟ' (ଫେରିଯିବା ବେଳ)ର ପରବର୍ତ୍ତୀ ପଦକ୍ଷେପ ହେଉଛି, ଯେଉଁଠି ଆତ୍ମାଭିବ୍ୟକ୍ତିରେ ମନୁଷ୍ୟର ଅସହାୟ ହୋଇ ଉଠିବା ଚିତ୍ରଣ ରହିଛି । ଏହି ଅସହାୟ ଭାବ ବା ବିବଶତା ପାଇଁ କିଛି ଘଟଣାତ ତାଙ୍କ ନିୟନ୍ତ୍ରଣ ବାହାରେ, ଦୈବୀୟ । ହେଲେ କିଛି ଏମିତି ମଧ୍ୟ ରହିଛି ଯାହାର କାରଣ ଆମମାନଙ୍କ ମଧ୍ୟରୁ କିଛି ଲୋକମାତ୍ର । ଏପରି ସ୍ଥଳରେ ମୂଲ୍ୟବୋଧ ଓ ସଂସ୍ଥାମାନର ବିକୃତି ଗୁଡ଼ିକୁ ନେଇ କବିର ବ୍ୟାକୁଳତା ଏହି ସବୁ କବିତାରେ ସ୍ପଷ୍ଟ ପ୍ରତିଭାତ ହୋଇ ଉଠିଥାଏ ।

'ସ୍ଥିରଚିତ୍ର'ରେ ତାଙ୍କର ଯାତ୍ରା ଆତ୍ମନେପଦୀରୁ ପରସ୍ମୈପଦୀ ପର୍ଯ୍ୟନ୍ତ, ରୋମାଣ୍ଟିକ୍ ଆବେଗରୁ ଧୂସର ନିତ୍ୟ ପର୍ଯ୍ୟନ୍ତ, ଅନ୍ତର୍ନିହିତ ଇନ୍ଦ୍ରଧନୁର ରଙ୍ଗରୁ ଆମ ସମୟର ଅଘଟିତ ବିଘଟଣ ପର୍ଯ୍ୟନ୍ତ । ଏଠାରେ ବାସ୍ତବିକତା ସ୍ୱପ୍ନରୁ ମୁକ୍ତି ପାଇବାପାଇଁ ଏକ ନୂତନ ବାଟର ସଂଧାନରେ ମଗ୍ନ ରହିଛି, କିନ୍ତୁ ଏହି ବାସ୍ତବିକତାରୁ ମଧ୍ୟ ପୁନଶ୍ଚ ସ୍ୱପ୍ନକୁ ଫେରିବା ପାଇଁ ବାଧ୍ୟ ହେବାକୁ ହୋଇଛି । 'ଶବ୍ଦଚିତ୍ର'ର ଏହି ଶିଳ୍ପୀ ଦ୍ୱୈତ ଭାବର ଏହି କ୍ରିୟାଶୀଳତାକୁ 'ସ୍ଥିରଚିତ୍ର' ରୂପରେ ଅଙ୍କନ କରିଛନ୍ତି, ଯେପରିକି ସହୃଦୟ ପାଠକ ଅତ୍ୟନ୍ତ ସହଜ ଓ ନିଶ୍ଚଳ ରୂପରେ ତାହାର ସାକ୍ଷାତକାର କରି ପାରିବେ । ତାହାହିଁ ହେଉ ।

Digitized by srujanika@gmail.com

ଜଗନ୍ନାଥ ପ୍ରସାଦ ଦାସଙ୍କର ପ୍ରସ୍ତୁତ ସଂକଳନର କବିତାମାନରେ ପ୍ରବେଶ କରିବାପାଇଁ ଡଃ ସୀତାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ 'ପ୍ରାକ୍ କଥନ' ପାଠକଙ୍କ ମନୋଭୂମି ନିର୍ଣ୍ଣୟ ଦିଗରେ ପର୍ଯ୍ୟାପ୍ତ ସହଯୋଗୀ ହେଉଅଛି । ଏହି ସହଯୋଗପାଇଁ ଡଃ ମହାପାତ୍ରଙ୍କ ନିକଟରେ ମୁଁ ହୃଦୟତାର ସହିତ ଋଣ ସ୍ୱୀକାର କରୁଛି । ଭାବାନୁରୂପ ହିନ୍ଦୀ ରୂପାନ୍ତରୀକରଣ ପାଇଁ ଡାକ୍ତର ରାଜେନ୍ଦ୍ର ମିଶ୍ର ମଧ ଅତ୍ୟନ୍ତ ଅଭିନନ୍ଦନର ପାତ୍ର ।

ସବୁଥର ପରି ଆମର ସହଯୋଗୀ ଡଃ ଗୁଲାବ ଚନ୍ଦ୍ର ଜୈନ୍ ଏହାର ମୁଦ୍ରଣ ପ୍ରକାଶନ ଇତ୍ୟାଦି କାର୍ଯ୍ୟରେ ନିଜର ଦାୟିତ୍ୱକୁ ସୁଚାରୁ ରୂପରେ ନିର୍ବାହ କରିଛନ୍ତି, ତାଙ୍କୁ ମୋର ସାଧୁବାଦ । ପୁସ୍ତକଟିର ସୁନ୍ଦର ଆବରଣ-ଶିଳ୍ପ ପାଇଁ ଶ୍ରୀ ସତ୍ୟସେବକ ମୁଖାର୍ଜୀଙ୍କୁ ମଧ ଧନ୍ୟବାଦ ।

ରଂ. ଶଂ. କେଲକର

୯ ଜୁଲାଇ, ୧୯୯୩ — ସଚିବ

Digitized by srujanika@gmail.com

ପ୍ରାକ୍ କଥନ୍ (ହିନ୍ଦୀ) / ସ୍ଥିରଚିତ୍ର

ପ୍ରତ୍ୟେକ କବିତା କେତେକ ଶବ୍ଦକୁ ନେଇ ଚିତ୍ରଟିଏ ଆଙ୍କିଥାଏ । ପ୍ରତ୍ୟେକ ଶବ୍ଦ ଅର୍ଥ ଓ ଆବେଗର ଗୋଟିଏ ବିଚିତ୍ର ମିଳନ ସ୍ଥଳଟିଏ ମାତ୍ର । ଅର୍ଥ ଯାହାକି ଇତିହାସ, ସମାଜ ସମୂହ ଓ ସମୟକୁ ନେଇ ଗଠିତ ହୋଇଥାଏ । ଏବଂ ଅନ୍ୟ ପକ୍ଷରେ ଆବେଗ ଅତ୍ୟନ୍ତ ବ୍ୟକ୍ତିଗତ; ବ୍ୟକ୍ତିର ଏକାନ୍ତ ମୁହୂର୍ତ୍ତମାନର ନିବିଡ଼ତମ ଅନୁଭବରେ ସୀମାବଦ୍ଧ । ଶବ୍ଦ ଉଭୟଙ୍କୁ ମିଳନ କରାଏ, ସମୟ ଓ ଇତିହାସକୁ ନିଜ ମଧ୍ୟରେ ଲୀନ କରାଇ ଦିଏ; ଆବେଗର ରସାୟନରେ ନୂଆ ରଙ୍ଗ ଓ ନୂଆ ସ୍ୱର ଦିଏ । ଏହିପରି ଗୋଟିଏ ଗୋଟିଏ ଶବ୍ଦ ଗଢ଼ି ଦିଅନ୍ତି କବିତାରେ ସ୍ଥାପତ୍ୟ, କାବ୍ୟଚିତ୍ର ।

ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଆ କବିତାରେ ଏକ ସ୍ମରଣୀୟ ନାମ, ଯାହାଙ୍କ କବିତାରେ ଆବେଗମୟ ବ୍ୟକ୍ତି ସର୍ବସ୍ୱ ଅନୁଭବ ଧୀରେ ଧୀରେ ସାମୂହିକ ଭାଗ୍ୟ ସହିତ ଅଧିକରୁ ଅଧିକ ଭାବରେ ଏକାତ୍ମ ହୋଇ ଉଠିଥାଏ । ତାଙ୍କର କାବ୍ୟ ରଚନା 'ପ୍ରଥମ ପୁରୁଷ'ରେ କାବ୍ୟସତ୍ତା ପ୍ରାୟ ଆତ୍ମମଗ୍ନ; ନିଜର ଅନ୍ତରଙ୍ଗ ମୁହୂର୍ତ୍ତ, ନିଜର ମୁଖ ଓ ମୁଖା, ନିଜର ସ୍ନେହସିକ୍ତ ହତାଶା, ପ୍ରତ୍ୟୟ ଓ ଅନୁରାଗମାନର ବିଳମ୍ବିତ ଆତ୍ମନେପଦୀ କ୍ରମଶଃ ଆତ୍ମଲୀନତାରୁ ମୁକ୍ତି ନେଇ ରାସ୍ତା, ରାସ୍ତାର ଲୋକ, କଳାହାଣ୍ଡି, ବାଲିଆପାଳ, ସହର ତଳି ବସ୍ତିରେ ରହୁଥିବା ଛାୟାନଟମାନଙ୍କୁ ସେ ନିଜ ମଧ୍ୟକୁ ଆକର୍ଷିତ କରି ଆଣନ୍ତି; 'ଐତିହ୍ୟର ଦେଶ'ର ଅମାପ ରଙ୍ଗ ଓ ସ୍ୱରର ପ୍ରାଚୁର୍ଯ୍ୟକୁ ପ୍ରତ୍ନତତ୍ତ୍ୱର ସୂତ୍ର ଓ କୋଣାର୍କକୁ ନିଜ ମଧ୍ୟରେ ଆବୋରି ବସନ୍ତି । ଏହିସବୁକୁ ନେଇ ଶବ୍ଦର ଚିତ୍ରଶିଳ୍ପୀ ସ୍ଥିରଚିତ୍ରହିଁ ଅଙ୍କନ କରନ୍ତି, ଯାହା ଫଳରେ ପାଠକ ନିଶ୍ଚଳ ରୂପରେ ଓ ସଠିକ ଭାବରେ ତାହାକୁ ଆକଳନ କରିପାରିବ । ଗତିଶୀଳ ଚିତ୍ରର ଭ୍ରମ, ଅଦୃଶ୍ୟ ହୋଇ ଉଠିବାର ଭାବ ଏଥିରେ ନାହିଁ । ପ୍ରତିବନ୍ଧକର ଅଙ୍କୁଶଟିଏ ଲଗାଇ ବାସ୍ତବତାକୁ ଯେମିତି ସାମ୍ନାରେହିଁ ବାଧ୍ୟ କରି ଛିଡ଼ା କରାଇ ଦିଏ ତାଙ୍କର ଚିତ୍ରକଳା । ତାଙ୍କ କବିତାର ପାଠକ ଜାଣନ୍ତି ଯେ, ସେ ଏକଦା ଏକ ଶକ୍ତିଶାଳୀ ଚିତ୍ରଶିଳ୍ପୀ ରୂପେ ନିଜକୁ ପରିଚିତ କରାଇ ପାରିଥିଲେ । ବସ୍ତୁତଃ ସେ ଜଣେ ସ୍ୱୟଂ ସଂପୂର୍ଣ୍ଣ କଳାକାର । କବିତା, କ୍ଷୁଦ୍ରଗଳ୍ପ, ନାଟକ, ଉପନ୍ୟାସ, ଗବେଷଣାତ୍ମକ ନିବନ୍ଧ ଓ ଚିତ୍ରକଳା – ସୃଜନଶୀଳତାର ଦିଗନ୍ତ ତାଙ୍କର ବହୁମୁଖୀ ଏବଂ ପ୍ରତ୍ୟେକରେ ଅନ୍ୟ ବିଭାଗର ସ୍ପଷ୍ଟ ଆଭାଷ ବିଦଗ୍ଧ ପାଠକମାନଙ୍କ ନିକଟରେ ଆଦୌ ଦୁର୍ଲକ୍ଷ୍ୟ ରୁହେ ନାହିଁ । ତାଙ୍କ କବିତାରେ ମୋତେ ଗଳ୍ପ କହିବାର ଶୈଳୀ ଦୃଷ୍ଟି ଗୋଚର ହୁଏ; ଗଳ୍ପରେ କବିତାକୁ ପଢେ; କବିତାରେ ଚିତ୍ରକଳ୍ପର ଝଲକ ପାଏ ଓ ନାଟକରେ କାବ୍ୟବିଭାର ସୂଚନା ମିଳେ ।

ମୋର ମନେହୁଏ କବିତାର ଅବଶ୍ୟମ୍ଭାବୀ ସ୍ୱୟଂ ସଂପୂର୍ଣ୍ଣତା ଏବଂ ବିଚ୍ଛିନ୍ନତାରେ ସେ ବିଶ୍ୱାସ ରଖନ୍ତି ନାହିଁ । ସେହି କାରଣରୁ ତାଙ୍କର ଯାତ୍ରା ଆତ୍ମନେପଦୀରୁ ପରସ୍ମୈପଦୀ ପର୍ଯ୍ୟନ୍ତ, ରୋମାଣ୍ଟିକ ଆବେଗରୁ ଧୂସର ପ୍ରାତ୍ୟହିକତା ପର୍ଯ୍ୟନ୍ତ, ଅନ୍ତର୍ଲୀନ ଇନ୍ଦ୍ରଧନୁର ବର୍ଣ୍ଣାଳି ଠାରୁ ଆମ ସମୟର ଅଘଟିତ ବିଘଟଣ ପର୍ଯ୍ୟନ୍ତ :

"ବର୍ଣ୍ଣାଳୀ ପ୍ରେମ ସବୁ କବିତା ବହିର ପୃଷ୍ଠାରେ"
(ସ୍ଥିରଚିତ୍ର)

ଏବଂ

"ପର୍ଦ୍ଦା ଉହାଡ଼ରୁ ଛିଟିକି ଆସୁଥିବା
ସୂର୍ଯ୍ୟର ସାମାନ୍ୟ କିରଣ ସୂଚାଇ ଦିଏ
କାହାରି କୌଣସି ନିଜସ୍ୱ ରଙ୍ଗ ନାହିଁ ।"
(ସ୍ଥିରଚିତ୍ର)

ଏହି ରଙ୍ଗହୀନ ସାମୂହିକ-ବ୍ୟକ୍ତିଗତ ଆବେଗର ଭୂ-ଚିତ୍ରହିଁ 'ସ୍ଥିରଚିତ୍ର' କାବ୍ୟ ସଂକଳନର ଆତ୍ମା ଅଟେ । ରଙ୍ଗହୀନ ପ୍ରାତ୍ୟହିକତାକୁ କବିତାର ଏକମାତ୍ର ଭାଗ୍ୟ ବୋଲି ଆଦରି ନେବା ପରେ, ଇନ୍ଦ୍ରଧନୁ ଆବେଗର କ୍ଷଣ ସ୍ଥାୟିତ୍ୱ ଉପଲବ୍ଧ ହେବା ପରେ, ବାସ୍ତବିକତା 'ସ୍ୱପ୍ନରୁ ନିସ୍ତାର' ଖୋଜିବାର ବିଭିନ୍ନ ଚରଣରେ ରୂପାନ୍ତରିତ ହୋଇଯାଏ । କିନ୍ତୁ ବାସ୍ତବତାରୁ ଯେ ପୁଣି ସ୍ୱପ୍ନକୁ ଫେରିବାକୁ ପଡ଼େ । କିଏ ବାଧ୍ୟ କରେ ? ଏଇ ଅବାଧ୍ୟ ହୃଦୟ ? ରକ୍ତ ମାଂସର ପ୍ରାଣ ପିତୁଳା ? "ସ୍ୱପ୍ନରୁ ନିସ୍ତାର" ଲୋଡୁଥିବା କାବ୍ୟପୁରୁଷ ପୁଣି କାହିଁକି ରୁକ୍ଷ ବାସ୍ତବତାରୁ ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଏ ? ଏହି ଦ୍ୱୈତ ବିରୋଧାଭାଷୀ ଚେତନା 'ସ୍ଥିରଚିତ୍ର' ସଂଗ୍ରହରେ ଦେଖିବାକୁ ମିଳିଥାଏ ।

Digitized by srujanika@gmail.com

"ଶେଷଅଙ୍କ" କବିତାରେ ପୃଥିବୀରୁ ବଞ୍ଚିବା ପାଇଁ ଯେମିତି ପ୍ରେକ୍ଷାଳୟକୁ ଆସିବାକୁ ପଡ଼େ, ଠିକ୍ ସେତିକି ତତ୍ପରତାର ସହ ସ୍ୱପ୍ନରୁ ନିସ୍ତାର ପାଇଁ ବାସ୍ତବତାକୁହିଁ ଫେରି ଯିବାକୁ ହୁଏ ।

ଏହାହିଁ ମନୁଷ୍ୟର ଭାଗ୍ୟ । ପ୍ରାତ୍ୟହିକତା, ରଙ୍ଗହୀନ ଧୂସର ପ୍ରାତ୍ୟହିକତାହିଁ ନିୟତି । ପ୍ରଜ୍ଞା ଓ ପ୍ରତ୍ୟୟ ପରେ ମିଞ୍ଜି ମିଞ୍ଜି କରୁଥିବା ସନ୍ଧ୍ୟାଦୀପର ହତୋତ୍ସାହ ଭାବହିଁ ନିୟତି । ଅସନ୍ତୁଷ୍ଟ ଆତ୍ମାର ଅନ୍ୱେଷଣ କରୁ କରୁ ପ୍ରାର୍ଥନାର ଅନ୍ତଃସ୍ଥଳକୁ ଫେରି ଆସିବାହିଁ ନିୟତି । ଏହି କଠୋର ଶାସ୍ତି ଶିକ୍ଷ ଶାସ୍ତ୍ରର ପ୍ରାମାଣିକତା ପରି । ସେଠାରେ ଆବେଗ ଆଦୌ ନିର୍ଣ୍ଣାୟକ ନୁହେଁ ।

"ଏଥରକ ନିର୍ବାସନର ବେଳ
ନିଜ ଭିତରେ ନିଜେ ଆତ୍ମକେନ୍ଦ୍ରିକ ହୋଇ
ବନ୍ଦ ଘରେ ବସି ରହିଥିବାର ସମୟ"

(ଏପ୍ରିଲ)

କିନ୍ତୁ ନା, ବର୍ତ୍ତମାନ ତାଙ୍କ କାବ୍ୟ ପୁରୁଷ ବନ୍ଦ ଘରେ ବସି ରହିବା ପାଇଁ ପ୍ରସ୍ତୁତ ନୁହେଁ । ରାସ୍ତା ଲମ୍ୱିଯାଏ । 'ଗଳି ମୁଣ୍ଡରେ ନିଶ୍ଚିନ୍ତ ଖେଳୁଥିବା / ଏଇ ମାତ୍ର ଅନାଥ ହୋଇଥିବା ଶିଶୁଟି ଭଳି'ଙ୍କ ଆଡ଼କୁ 'ଏକ ଆକର୍ଷକ ବିଷାଦର ଆର୍ଦ୍ରତା' ନେଇ ଅନ୍ତଃସ୍ଥଳର ବାଲିଚରମାନଙ୍କୁ ପ୍ଲାବିତ କରିଦିଏ । ଧୂସର ନିର୍ଜୀବ ଇତିହାସ ଭିତରେ ଏକ ସବୁଜ ପ୍ରତିଶ୍ରୁତି ଅତ୍ୟନ୍ତ ପ୍ରାଣବନ୍ତ ହୋଇଉଠେ । ହେଲେ ବ୍ୟକ୍ତିଗତ ଆବେଗର ଭାଗ୍ୟ କଣ ? 'ଅବାଧ ସ୍ୱପ୍ନମାନଙ୍କୁ
ବନ୍ଦ କରିନିଅ ଟିଫିନ ଡବାରେ' ।

ଏହାଛଡା ସେହି 'ଲୋକଟି' ଯିଏ ଏହି ପୃଥିବୀ ଓ ପ୍ରତ୍ୟହିକତାର କ୍ରୂରତା ସହିତ ଆପୋଷ ବୁଝାମଣା କରିବା ପାଇଁ ଆଦୌ ପ୍ରସ୍ତୁତ ନୁହେଁ; ଅନ୍ତତଃ ବୁଝିଯାଏ ଯେ ନିଷ୍କ୍ରିୟତା ଏକ ଏପରି ପାପ ଯାହାର ପ୍ରାୟଶ୍ଚିତ୍ତ ନାହିଁ ।

'ସ୍ଥିରଚିତ୍ର' କ୍ରିୟାଶୀଳତାର ସୂଚନା ପ୍ରଦାନ କରେ । କାବ୍ୟ ପୁରୁଷର ତନ୍ମୟତାକୁ ଜବରଦସ୍ତ ଭାଗ୍ୟର ପ୍ରାମାଣିକତାକୁ ପ୍ରକଟ କରିଦିଏ, କିନ୍ତୁ କର୍ମ ଦ୍ୱାରା ମୁକ୍ତିର ସୋପାନ ତଥାପି ଦୂରରେ ରୁହେ । ହୁଏତ ଲୋକଟି ପୃଥିବୀ ଓ ନିଜ ସହିତ ନିଜର ପ୍ରଥମ କଠୋର ମୁକାବିଲା କରିବା ପୂର୍ବରୁ ନିଜେ ନିଃଶେଷ ହୋଇ ସାରିଥାଏ । ଏହି ଆବେଗପୂର୍ଣ୍ଣ ଅସହାୟତା ଓ ଏହାର ଅନୁଭବ 'ସ୍ଥିରଚିତ୍ର'ର ଦ୍ୱିତୀୟ ସୋପାନ । ପ୍ରାତ୍ୟହିକତାର ଅନୁଭବହିଁ ଆମମାନଙ୍କର ଭାଗ୍ୟ, ଯାହାକି ଏହି ସ୍ତରରୁ ଅସହାୟତାକୁ ଟାଣିନିଏ ସମୂହଙ୍କ ପାଇଁ ଥିବା ଅକୁହା ସହନୁଭୂତି ନିକଟକୁ । କାବ୍ୟ ପୁରୁଷ ତଥାପି ଆଶା ରଖେ, –

"ସମୟ ସହିତ ବାଜିରଖି
ତମର ଗଣନା ଭିତରୁ
ଭାଗ୍ୟକୁ ବିତାଡ଼ିତ କରି ଦିଅ"

ସେ ମଧ୍ୟ ସାହସ ବାନ୍ଧେ :

"ସମୟ ବାହାରେ ଛିଡ଼ାହେଲେ ଦେଖିବ
କାହା ସହିତ କାହାରି ବିରୋଧ ନାହିଁ
ଯାହା ନିତ୍ୟ ବର୍ତ୍ତମାନ
ତାହାହିଁ ଚିରନ୍ତନ ଭବିଷ୍ୟତ"

(ଜୁନ ଅନୁଚିନ୍ତା)

Digitized by srujanika@gmail.com

'ସ୍ଥିରଚିତ୍ର' ଯୋଡ଼ିଏ ସୋପାନ ଟପି ଆଗେଇଯାଏ ସେହି ଦିଗରେ ଯେଉଁଠି ଭାଗ୍ୟହିଁ ବିତାଡ଼ିତ, ଯେଉଁଠି ସକଳ ଭୂ-ଚିତ୍ର ସମୟ ବାହାରେ ଛିଡ଼ା ହୋଇଥାଏ, ଯାହାକି ଅମର ବର୍ତ୍ତମାନ ଓ ଚିରନ୍ତନ ଭବିଷ୍ୟତ । 'ସ୍ଥିରଚିତ୍ର' ସେହି ମାର୍ମିକ ଭୂମିକୁହିଁ ଅଙ୍ଗୁଳି ନିର୍ଦ୍ଦେଶ କରେ, ଡାକେ ।

ନୂଆଦିଲ୍ଲୀ
୧୭, ଜୁନ ୧୯୯୩ **ସୀତାକାନ୍ତ ମହାପାତ୍ର**

('ସ୍ଥିରଚିତ୍ର' କବିତା ସଂକଳନର ହିନ୍ଦୀ ଭାଷାନ୍ତର ପ୍ରସ୍ତୁତ କରିଥିଲେ ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ଏବଂ ଏହି ହିନ୍ଦୀ କବିତା ସଂକଳନ ପାଇଁ ଭୂମିକା ପ୍ରସ୍ତୁତ କରିଥିଲେ
ଶ୍ରୀ ସୀତାକାନ୍ତ ମହାପାତ୍ର । ଏହି ସଂକଳନଟିର ପ୍ରକାଶକ ଥିଲେ ଭାରତୀୟ ଜ୍ଞାନପୀଠ; ୧୮,ଇନ୍‌ସ୍ଟିଚ୍ୟୁସନାଲ ଏରିଆ, ଲୋଦି ରୋଡ, ନୂଆଦିଲ୍ଲୀ -୧୧୦୦୦୩ । ପୁସ୍ତକଟିର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ୧୯୯୩ ମସିହାରେ ।)

Digitized by srujanika@gmail.com

ଭୂମିକା (ବଙ୍ଗଳା) / ପ୍ରଥମ୍ ପୁରୁଷ୍

ସ୍ୱାଧୀନତାର ପରବର୍ତ୍ତୀ କାଳଠାରୁ ବା ଆହୁରି ଭଲ ଭାବରେ କହିବାକୁ ଗଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟଠାରୁ ଭାରତୀୟ ସାହିତ୍ୟରେ ଇମେଜିଜିମ୍, ସିମ୍ବଲିଜିମ୍, ସର-ରିଆଲିଜିମ୍ ଇତ୍ୟାଦି ବିଶ୍ୱର ବିଭିନ୍ନ ଧାରା ସହିତ କାବ୍ୟର ଆଙ୍ଗିକଗତ ବହୁବିଧ ନୂତନ ଧାରାର ପରୀକ୍ଷା ଓ ପ୍ରୟୋଗ ପ୍ରାୟ ବିଂଶ ଶତାବ୍ଦୀର ଷଷ୍ଠ ଦଶକର ମଧ୍ୟବର୍ତ୍ତୀ କାଳ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଏହି ବାହ୍ୟ ଧାରାଗୁଡ଼ିକର ପ୍ରତୁଳତା ଓ ପରୀକ୍ଷାଧର୍ମୀ ମନୋଭାବର ପ୍ରାବଲ୍ୟ ହେତୁ ସ୍ୱାଧୀନତା ପରବର୍ତ୍ତୀ କାଳରେ କବିତା କ୍ରମଶଃ ନିଜର ସାର୍ବଜନୀନ ନୈର୍ବକ୍ତିକ ଭାବଟିକୁ ହରାଇ ତତୋଽଧିକ ବ୍ୟକ୍ତିନିଷ୍ଠ ହୋଇ ଉଠିଛି, ଯାହା ଫଳରେ ନାନା ବ୍ୟକ୍ତିଗତ ପ୍ରତୀକ ଆହୁରି ଜଟିଳ ଅନ୍ତଃମନନଶୀଳତା ହେତୁ କବିତା ହେଇ ଉଠିଛି ଦୁର୍ବୋଧ, ଏପରିକି ସମୟ ବିଶେଷରେ ମଧ ଅବୋଧ । କିନ୍ତୁ ଏହି ଅବସ୍ଥା ଆଉ ଦୀର୍ଘସ୍ଥାୟୀ ହୋଇ ରହିଲା ନାହିଁ । ପ୍ରାୟ ଷଷ୍ଠ ଦଶକର ମଧ୍ୟବର୍ତ୍ତୀ କାଳଠାରୁ ସପ୍ତମ ଦଶକର ମଧ୍ୟବର୍ତ୍ତୀ କାଳ ମଧ୍ୟରେ (ପ୍ରାୟ ୧୯୫୫-୫୬-୧୯୬୫-୬୬) ପୁନଶ୍ଚ ଏକ ବିପୁଳ ପରିବର୍ତ୍ତନ ଧୀରେ ଧୀରେ ମୁଣ୍ଡ ଟେକି ଉଠିଲା- କବିମାନେ ସଚେତନ ଭାବରେ ଜଟିଳ ପରୀକ୍ଷା ଓ ତା'ର ପ୍ରୟୋଗର ଜାଲରୁ ନିଜକୁ ମୁକ୍ତ କରି ନଜ ନିଜର ପଥରେ ବ୍ରତୀ ହୋଇ ଉଠିଲେ ।

ବ୍ୟକ୍ତିଗତତା ଓ ଅର୍ନ୍ତମୁଖୀନତାର ପ୍ରଭାବ ପୂର୍ଣ୍ଣମାତ୍ରାରେ ନିଃଶେଷ ନ ହେବା ପୂର୍ବରୁ କିନ୍ତୁ କବିମାନେ ପାଶ୍ଚାତ୍ୟ କାବ୍ୟଚିନ୍ତାର ମୋହରୁ ମୁକ୍ତ ହୋଇ ନିଜର କାବ୍ୟିକ, ସଂସ୍କୃତିକ ଓ ପୌରାଣିକ ଐତିହ୍ୟ ସଂପର୍କରେ ସଚେତନ ହୋଇ ଉଠିଲେ ଓ ସ୍ୱଦେଶୀ ଆଦିରୂପ (ଆର୍କିଟାଇପ୍), ନାନାବିଧ ପୌରାଣିକ, ଐତିହାସିକ, ଲୋକାୟତ ଅନୁସଂଗ, ରୂପକଳ୍ପକୁ ସାର୍ବଜନୀନ ରଙ୍ଗ ପ୍ରଦାନ କଲେ, ଯଦିଓ ପ୍ରତୀକର ପ୍ରୟୋଗ କ୍ଷେତ୍ରରେ ତାହା ବେଶି ଭାଗ ଅର୍ନ୍ତମୁଖୀ, ବ୍ୟକ୍ତିନିଷ୍ଠ ହୋଇ ଉଠିଲା ।

ଏହି ସମୟର କବିତା ସହିତ ସମକାଳୀନ ଓଡ଼ିଆ କବିତାର ମାନଚିତ୍ର ପ୍ରାୟ ଏକ ପ୍ରକାରର ବୋଲି ମନେ ହୋଇଥାଏ । ବିଂଶ ଶତାବ୍ଦୀର ସପ୍ତମ ଦଶକର ମଧ୍ୟ ଭାଗରୁ ଜଣାଯାଏ ଯେ ଓଡ଼ିଆ କବିତା ତାର ନିଜର ଗତିପଥ ପ୍ରାୟ ନିର୍ଦ୍ଦିଷ୍ଟ କରି ସାରିଛି । ପରୀକ୍ଷା ଓ ପ୍ରୟୋଗର ମୋହକୁ ଛାଡ଼ି ନିଜର ଦେଶ-କାଳ-ପାତ୍ର ଦେଇ ତିଷ୍ଠି ରହିବାକୁ ଚାହିଛନ୍ତି କବିମାନେ । ପ୍ରବୀଣ କବି ସଚ୍ଚିଦାନଂଦ ରାଉତରାୟ(୧୯୧୩ ଖ୍ରୀ:ଅ:), ଗୁରୁ ପ୍ରସାଦ ମହାନ୍ତି (୧୯୨୪ ଖ୍ରୀ:ଅ:) ମୁଣ୍ଡ ଟେକି ରହିଛନ୍ତି ନବାଗତ କବିମାନଙ୍କପାଇଁ – ସଚେତନ ଭାବରେ ପ୍ରଭାବ ମୁକ୍ତି ପ୍ରୟାସୀ ତରୁଣଗଣ – ରମାକାନ୍ତ ରଥ (୧୯୩୪), ଜଗନ୍ନାଥ ପ୍ରସାଦ ଦାସ (୧୯୩୫), ସୀତାକାନ୍ତ ମହାପାତ୍ର (୧୯୩୬), ସୌଭାଗ୍ୟ କୁମାର ମିଶ୍ର ଏବଂ ଆହୁରି ଅନେକେ । ତେବେ ଅନେକଙ୍କ ମଧ୍ୟରେ ଏହି ଚାରିଜଣଙ୍କ ନାମ ବିଶେଷ ଭାବରେ ଗ୍ରହଣ କରାଯାଇଥାଏ, କାରଣ ଅନେକଙ୍କ ମଧ୍ୟରେ ମୁଖ୍ୟତଃ ଏହି ଚାରିଜଣ ଯୁବକ-କବି ଓଡ଼ିଆ ସାହିତ୍ୟରେ ନୂତନ ସୌଧର ବୁନିଆଦିକୁ ଅଦ୍ୟାବଧି ଦୃଢ଼ତାର ସହିତ ତୁଳନା କରିବାକୁ କ୍ଷମ ହେଇ ପାରିଛନ୍ତି । ଏମାନେ ନିଜ ନିଜର ପଥ ଅନୁସଂଧାନ କରି ସାରିଛନ୍ତି ଓ ଓଡ଼ିଆ କବିତାକୁ ମଧ ଦେଇଛନ୍ତି ନୂତନ ପରିଚୟ ଓ ସ୍ୱାତନ୍ତ୍ର୍ୟ । ଭାଷାକୁ ବର୍ଣ୍ଣନାର 'ପୋଷାକୀ ମକର କୁଣ୍ଡଳୀ'କୁ ବହନ କରିବାରୁ ମୁକ୍ତ କରି ପଦ୍ୟ ଆବେଗ ସହିତ ଗଦ୍ୟର ସ୍ଫଟିକ-ସ୍ୱଚ୍ଛତାକୁ ମିଳନ କରିବାର ପ୍ରୟାସ କରନ୍ତି ଅଗ୍ରଜ କବି ସଚ୍ଚିଦାନଂଦ, ସେହି ପ୍ରୟାସକୁ ପୂର୍ଣ୍ଣତା ଦିଗରେ ଗତିଶୀଳ କରାଇ ଦିଅନ୍ତି ଗୁରୁପ୍ରସାଦ ଏବଂ ସଂପୂର୍ଣ୍ଣତା ପ୍ରଦାନ କରନ୍ତି ଏହି ତରୁଣ କବିଗଣ । ପାଶ୍ଚାତ୍ୟର ଇଲିଅଟ ଆଦି ମନିଷୀଗଣଙ୍କ ପ୍ରଭାବକୁ ଏହି ତରୁଣମାନେ ତ୍ୟାଗ କରି ଦେବାକୁ ଚେଷ୍ଟା କରିଛନ୍ତି । ସ୍ୱଚ୍ଛ କଥନ, ସଫଳ ରୂପକଳ୍ପର ପ୍ରୟୋଗ, ଉଜ୍ଜ୍ୱଳ ପ୍ରତୀକର ସୃଷ୍ଟି, ଆବେଗ ଓ ଅନ୍ତର୍ଦୃଷ୍ଟିରେ ସମୃଦ୍ଧ ଓଡ଼ିଶାର ସାଂସ୍କୃତିକ ଜୀବନରୁ ପ୍ରେରଣା ସଂଗ୍ରହ, ସର୍ବଜନ ସ୍ୱୀକୃତ ଆର୍କିଟାଇପ୍‌ର ପ୍ରୟୋଗ ଇତ୍ୟାଦି ଦ୍ୱାରା ଏମାନେ କ୍ରମଶଃ ଓଡ଼ିଆ କବିତାକୁ ଏକ ଆଶାତୀତ ପରିମଣ୍ଡଳ ପ୍ରଦାନ କରିବାକୁ ସମର୍ଥ ହୋଇ ପାରିଥିଲେ । ଏମାନଙ୍କ କବିତାକୁ ଅବଶ୍ୟ ନୈର୍ବକ୍ତିକ ସାର୍ବଜନୀନ ବୋଲି କୁହା ଯାଇ ପାରିବ ନାହିଁ । ଏମାନେ ଏକକ ହେଲେ ମଧ ନିଜର ଦେଶ କାଳ ପାତ୍ର ସଂପର୍କରେ ଏତେ ସଚେତନ, ବ୍ୟକ୍ତିର ବ୍ୟକ୍ତିସତ୍ତାର ଭଲ ମନ୍ଦ ବିଷୟରେ ଏତେ ଗଭୀର ଚିନ୍ତାଶୀଳ ଯେ ଏମାନଙ୍କୁ ବ୍ୟକ୍ତିକୈନ୍ଦ୍ରିକ କୁହ ବା ଏମାନଙ୍କର ଚିନ୍ତାକୁ ଆତ୍ମନିଷ୍ଠ କୁହ, କାହାରିକୁ ମଧ ଅସ୍ୱୀକାର କରିହେବ ନାହିଁ । ନିଜର ପ୍ରଥମ କାବ୍ୟ ସଂକଳନ 'କେତେ ଦିନର'ର

Digitized by srujanika@gmail.com

ପୁସ୍ତକର ପୃଷ୍ଠବଂଧରେ କବି ରମାକାନ୍ତ ସ୍ପଷ୍ଟ ଭାବରେ କହିଛନ୍ତି ଯେ,"ଭାରତୀୟ ସାହିତ୍ୟକୁ ତା'ର ନିଜର ପଥ ଖୋଜି ନିର୍ଣ୍ଣୟ କରିବାକୁ ହେବ – ଏହି ପଥ ବିଭିନ୍ନ ସାହିତ୍ୟିକଙ୍କ ପକ୍ଷରେ ଭିନ୍ନ ଭାବରେ ଗୃହୀତ ହେବ" । କବି ସୀତାକାନ୍ତ ମହାପାତ୍ର ଆଉ ଦୁଇ ପାଦ ଆଗକୁ ଆସି 'ଦୀପ୍ତି ଓ ଦ୍ୟୁତି'ର ମୁଖଶାଳାରେ କହିଛନ୍ତି ଯେ, "ଆଧୁନିକ ମାନସ + + + + ଚାରାଗଛ ନ୍ୟାୟାଲୋକ ଓ ପବନ ସଂଗ୍ରହ କରି, ପରେ ପୃଥିବୀର ପ୍ରତ୍ୟେକ କୋଣ ଠାରୁ, ଏବଂ ମାଟିର ଗଭୀର ପ୍ରଦେଶରୁ ରସ ସଂଗ୍ରହ କରିଛି । ଏବଂ ସେହି ମୃତ୍ତିକାର ଗଂଧ ଓ ସ୍ପର୍ଶ ବହନ କରି ସେ ଚାରାର ପ୍ରତ୍ୟେକ ଫୁଲ, ପ୍ରତ୍ୟେକ ପତ୍ର, ଫ୍ରଏଡ, ୟଙ୍ଗ, ମନସ୍ତତ୍ତ୍ୱ, ଆପେକ୍ଷିକବାଦ, ଟ୍ରେନ ଇଞ୍ଜିନ୍, କାରଖାନାର ଧୂମ ପବନ, ଶ୍ରେଣୀ ସଂଘର୍ଷ ଏବଂ ସାମଜିକ ଅସ୍ତିତ୍ୱର କଥା ଲେଖିଦେଲେ ଯେ କେହି ଜଣେ ଆଧୁନିକତାର ପୂଜାରୀ ବୋଲି ନିଜକୁ ପରିଚୟ ଦେଇ ଦେବ – ଏହା ଏକ ହାସ୍ୟାସ୍ପଦ ବ୍ୟାପାର ।"

ଏହିସବୁ ଦୃଷ୍ଟିରୁ କହିବାକୁ ଗଲେ ସପ୍ତମ ଦଶକର (୧୯୬୧-୧୯୭୦) ମଧ୍ୟ ଭାଗ ଠାରୁ ଉତ୍କଳୀୟ ସାଂସ୍କୃତିକ ପରିମଣ୍ଡଳକୁ କେନ୍ଦ୍ର କରି ଏକ ନୂଆ ପ୍ରକାରର କବିତାର ଧାରା ପ୍ରବାହିତ ହେଲା । ଏହି ପରିପ୍ରେକ୍ଷୀରେ କବି ଜଗନ୍ନାଥ ପ୍ରସାଦ ଦାସଙ୍କ କବିତାକୁ ବିଚାର କରାଯାଇ ପାରେ ।

ପ୍ରଥମରୁ ସୂଚନା ପ୍ରଦାନ କରାଯାଇଛି ଯେ, ସପ୍ତମ ଦଶକରେ ଯେଉଁ କାବ୍ୟଧାରା ପ୍ରତିଷ୍ଠା ଲାଭ କରିଥିଲା ଜଗନ୍ନାଥ ପ୍ରସାଦ ସେହି ଧାରାର ପ୍ରତିଷ୍ଠାତାଙ୍କ ମଧ୍ୟରୁ ଅନ୍ୟତମ । ପ୍ରଖ୍ୟାତ ସମାଲୋଚକ-କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି ଏକଦା କହିଥିଲେ ଯେ ମଧ୍ୟବର୍ତ୍ତୀ କାଳରେ କିଛି ସମୟ ପାଇଁ ନୀରବତା ଆସି ନଥିଲେ ଜଗନ୍ନାଥ ପ୍ରସାଦ ସପ୍ତମ ଦଶକର କାବ୍ୟଧାରାରେ ପ୍ରମୁଖ ନାୟକ ଭାବରେ ପ୍ରତିଷ୍ଠା ପାଇ ବହୁ ପୂର୍ବରୁ ଇତିହାସରେ ସ୍ଥାନ ପାଇ ପାରିଥାନ୍ତେ ।

ଜଗନ୍ନାଥ ପ୍ରସାଦ ଦାସଙ୍କୁ କେବଳ ମାତ୍ର କବି ଭାବରେ ଚିହ୍ନିତ କଲେ ଯଥେଷ୍ଟ ହେବ ନାହିଁ । ସେ ବସ୍ତୁତଃ ଅନେକ ମୁଖାଧାରୀ (many faces) ଲେଖକ – ଏକ ସଙ୍ଗେ କବି, ନାଟ୍ୟକାର, ଚିତ୍ରଶିଳ୍ପୀ, ଗାଳ୍ପିକ, ଅନୁବାଦକ, ଗବେଷକ ଇତ୍ୟାଦି ଇତ୍ୟାଦି । ତେବେ ହଁ, କବି ଭାବରେ ତାଙ୍କର ସିଦ୍ଧି ସର୍ବଜନ ସ୍ୱୀକୃତ । ଜଗନ୍ନାଥ ପ୍ରସାଦ ଦାସଙ୍କର କବିତା ସାଂପ୍ରତିକ ଯୁଗର ସର୍ବବିଧ ଲକ୍ଷଣକୁ ବହନ କରେ । ତାଙ୍କ କବିତାର ବ୍ୟକ୍ତିନିଷ୍ଠତା, ଆତ୍ମମଗ୍ନତା, ଅନ୍ତର୍ମନନତା ଅଧିକ, ଏବଂ ତାହାରି ମଧ୍ୟରେ ମଧ୍ୟ ବିଶ୍ୱମନସ୍କତାର ଆଦୌ ଅଭାବ ରହି ନାହିଁ । ତାଙ୍କର କବିତା 'Personal', କିନ୍ତୁ ତାଙ୍କର 'Person' କେବଳ ମାତ୍ର ଓଡ଼ିଆ ବା ଭାରତୀୟ ନୁହନ୍ତି; ସେହି 'Person' ବିଶ୍ୱର ଯେ କୌଣସି ବ୍ୟକ୍ତି ହୋଇ ପାରନ୍ତି । ଜଗନ୍ନାଥ ପ୍ରସାଦ ଦାସଙ୍କର କବିତାର ଅମୂର୍ତ୍ତ ବିଷାଦ, ନିଃସଙ୍ଗତା,Tragedy, କାରୁଣ୍ୟ, ପ୍ରେମ ଜନିତ ବୈଫଲ୍ୟ ବିଶ୍ୱର ଯେ କୌଣସି ବ୍ୟକ୍ତିର ଜୀବନର ଅବବୋଧ ହୋଇପାରେ । ଏହି କ୍ଷେତ୍ରରେ ତାଙ୍କର କବିତା ସର୍ବଜନୀନ, ଯାହା ଫଳରେ ସେସବୁ ଦୁରୁହତାର ହାତରୁ ମୁକ୍ତ, ଏ କ୍ଷେତ୍ରରେ ରସ ଗ୍ରହଣରେ ବା ଆନନ୍ଦ ଲାଭରେ କୌଣସି ବିଘ୍ନ ସୃଷ୍ଟି ହୁଏ ନାହିଁ । ପରଂପରା, ପୁରାଣ, ରୂପକଥା ଇତ୍ୟାଦି ଠାରୁ ବିଭିନ୍ନ ପ୍ରକାରର ଅନୁଷଙ୍ଗ, ଆଦିରୂପ, ପ୍ରତୀକ, ରୂପକଳ୍ପାଦିର କାରୁକାର୍ଯ୍ୟ ଏହି କବିତା ବିଶ୍ୱମନସ୍କତାରେ ଜାଜ୍ୱଲ୍ୟ । ଅବଶ୍ୟ ଜଗନ୍ନାଥ ପ୍ରସାଦଙ୍କ କବିତାର ବ୍ୟକ୍ତି ମଝିରେ ମଝିରେ ନିଜକୁ ଏଠାରେ ବାହାରର ମଣିଷ ପରି (Out sider) ମନେକଲେ ମଧ୍ୟ ଏହି ମଣିଷଟିକୁ ଚିହ୍ନିବାପାଇଁ ପାଠକର ଆଦୌ ଅସୁବିଧା ହୁଏନାହିଁ ।

ଜଗନ୍ନାଥ ପ୍ରସାଦଙ୍କର କବିତାର ବୈଶିଷ୍ଟ୍ୟ ଆଙ୍ଗିକଗତ ନୁହେଁ, ଆତ୍ମିକଗତ । ଆଙ୍ଗିକଗତ କୌଣସି ପରୀକ୍ଷାର ପ୍ରୟାସୀ ହୋଇ ନାହାନ୍ତି କବି । ସେ ବ୍ୟକ୍ତିର ପରିଜନହୀନ, ନିଃସଙ୍ଗ, ଅସ୍ତିତ୍ୱର ଅଭିବ୍ୟକ୍ତି ରଖିଛନ୍ତି କବିତାରେ । ତାଙ୍କ କବିତାର ବ୍ୟକ୍ତି ନିଜ ବ୍ୟକ୍ତିତ୍ୱର ସଂକୀର୍ଣ୍ଣ ପରିଧିରେ ଆବଦ୍ଧ, ଯେଉଁ ପରିଧି ଏକ ନିବୃତ୍ତ କକ୍ଷ, ଯାହାକୁ ଅତିକ୍ରମ କରି ସେ କୌଣସି ବ୍ୟକ୍ତିର ନିର୍ଜନ ବ୍ୟକ୍ତିତ୍ୱକୁ ଦେଖି ପାରେନା କି ଛୁଇଁ ମଧ୍ୟ ପାରେନା । ନିଜର କକ୍ଷରେ ନିଜେ ବନ୍ଦୀ ହୋଇ ରହିଥିବା ବ୍ୟକ୍ତି ଗୋଟିଏ ଗୋଟିଏ ସମୟରେ ନିଜ ଭିତରକୁ ଉଙ୍କିମାରେ – ବ୍ୟକ୍ତିତ୍ୱ 'ପାଚେରୀ ହୋଇ ଘେରି ରହିଛି', 'ଶ୍ୱାସରୁଦ୍ଧ' କରିଦିଏ ବ୍ୟକ୍ତିକୁ । ଏହା ଏକ ଅଦ୍ଭୁତ ବନ୍ଦିତ୍ୱ; କିଛିଟା ସ୍ୱେଚ୍ଛାକୃତ, କିଛିଟା ସମୟକୃତ; ନିଜର ଅସହାୟତା, ଅପାରଗତା, ଅସାଫଲ୍ୟ, ନିରୁପାୟଭାବ, ପରାଜୟ, ଅପମାନ ଇତ୍ୟାଦି ଯେପରି ଗୋଟିଏ ଗୋଟିଏ ଆତ୍ମପ୍ରତାରଣା ।

ଥରେ ଅଧେ ନିଜର ସଂକୀର୍ଣ୍ଣ ପରିଧି ମଧ୍ୟରୁ କୌତୁହଳ ବଶତଃ ବାହାରି ଯାଇ ବହିଃଜଗତକୁ ଦେଖିଲେ ଯେଉଁ ପ୍ରଶ୍ନ ନିଜ ସଂପର୍କରେ ନିଜ ମଧ୍ୟରେ ଜାଗ୍ରତ ହୁଏ, ସେ ପ୍ରଶ୍ନର ସମ୍ମୁଖୀନ ହେବାର ସାମର୍ଥ୍ୟ ବ୍ୟକ୍ତିର ନଥାଏ; ସେ ପ୍ରଶ୍ନ ତାର ନିଜର ଅସ୍ତିତ୍ୱକୁ ନେଇ । ଯେଉଁ ପ୍ରଶ୍ନ ତାର ଅସ୍ତିତ୍ୱକୁ ଦୋହଲାଇ ଦିଏ – ତାର ପଥ ଆଗରେ ଆସି ଦଣ୍ଡାୟମାନ ହୁଏ – "ମୁଁ କିଏ ରାସ୍ତା ମୋର କୁଆଡ଼େ ଯାଇଛି, ଏ

Digitized by srujanika@gmail.com

ପାହାଚ ତଳକୁ ନା ଉପରକୁ' + + + + ମୋ ଦେହର ପଞ୍ଜୁରୀରେ / ପକ୍ଷୀଟି ଯେ ଚିତ୍କାର କରୁଛି ତାର ଅର୍ଥ କଣ?" ନିଜକୁ ନେଇ ନିଜ ଭିତରେ ଏକ ପ୍ରେତର ପ୍ରହେଳିକା ସୃଷ୍ଟି ହୁଏ। ଭୟ ଏବଂ ତ୍ରାସ, ସଂକୋଚ ଏବଂ ଆତ୍ମ ପ୍ରତାରଣା ବ୍ୟକ୍ତିକୁ କ୍ରମଶଃ ଆବଦ୍ଧ କରି ରଖେ। ନିଜକୁ ମୁକ୍ତ କରିବାକୁ, ବିସ୍ତାରିତ, ବିସ୍ଫୋରିତ କରିବାକୁ ଭୟ ପାଏ ବ୍ୟକ୍ତି। ଆବେଗହୀନ ଧାତବ କଠିନ ବ୍ୟକ୍ତିତ୍ୱର 'ଗାଡ଼ିର କବାଟକୁ, ସନ୍ତର୍ପଣରେ ବନ୍ଦ କରିନେଇ ପୁଣି ଥରେ ସେହି ବ୍ୟକ୍ତିତ୍ୱର ପ୍ରାଚେରୀରେ ଟେକି ନିଜକୁ ଫିଙ୍ଗିଦିଏ – ତାର ପ୍ରତାରଣାର, ଆତ୍ମପ୍ରବଞ୍ଚନାର କବଚ ଖୋଜି 'ଖବର କାଗଜ ସିଗାରେଟ ଟିଣ ଆଉ ରେଜା ପଇସାରେ' (କବଚ)।

କେବଳ ଓଡ଼ିଆ କବିତାରେ ନୁହେଁ; ବିଂଶ ଶତକର ଷଷ୍ଠ-ସପ୍ତମ ଦଶକର ଭାରତୀୟ କବିତାର ପ୍ରେକ୍ଷାପଟରେ ବ୍ୟକ୍ତିର ଅସ୍ତିତ୍ୱ ଅନେକାଂଶରେ ଏହିପରି। ପରିଜନମାନେ ମଧ୍ୟ ପାରସ୍ପରିକତାରେ ବ୍ୟକ୍ତିକୁ ଛଦ୍ମ ବଂଧୁତ୍ୱର ଆଢୁଆଳରେ ନୀତି ଓ ଆଦର୍ଶର କବଚ ପିନ୍ଧାଇ ଶେଷ କରନ୍ତି। ନୀତି ଓ ଆଦର୍ଶର ଚାପରେ ସଂକୁଚିତ ହୋଇ ଉଠିଥାଏ ବ୍ୟକ୍ତିର ଅସ୍ତିତ୍ୱ। ଭଲ କରି ଏହି କଥା ବୁଝିବା ପୂର୍ବରୁ ଜୀବନ ଠାରୁ ସମୟ ଖସି ଚାଲିଯାଏ। ସଂକୋଚ ଓ ପରସ୍ପରର କବଚ ବହନ କରି ବ୍ୟକ୍ତି ନିରେଖି ଦେଖେ ଯେ ତାର ଯୌବନ ଶେଷ ହୋଇ ଯାଇଛି, ଶେଷ ହୋଇ ଯାଇଛି ତାର ଜୀବନର ଉତ୍ତାପ। ପରିଣତିରେ କଣ ମିଳେ ତାକୁ? ପରସ୍ପରତାକୁହିଁ ହରାଇ ବସେ – ଯାହା ତାର ପ୍ରାଥମିକ କବଚ ଥିଲା। ହରାଇ ବସେ ଯୌବନକୁ, ଆଉ ମଧ୍ୟ ହରାଇ ବସେ ତାର ଆୟୁଷକୁ – ଯାହାକୁ ଆଉ ସେ ଫେରି ପାଇବ ନାହିଁ ନିଜ ମନ ମୁତାବକ ବଞ୍ଚିବା ପାଇଁ।

ବର୍ତ୍ତମାନ ସେ ମୁଖା ପିନ୍ଧି ରୁହେ। ବିଭିନ୍ନ ପ୍ରକାରର ମୁଖା – ବହିର୍ଜଗତର କୋଳାହଳ, ଅତ୍ୟାଚାର, ଏବଂ ପ୍ରତାରଣାଠାରୁ ତ୍ରାଣର ଉପାୟ, ନିଜକୁ ଗୋପନ କରିବାର ଅସ୍ତ୍ର; ଆହୁରି ମଧ୍ୟ ସେ ବୁଝି ପାରେ ଯେ କେବଳ ସେ କାହିଁକି ତାର ଚାରି ପାଖରେ ଥିବା ଏବଂ ଦୂର ଦୂରାନ୍ତରରେ ଥିବା ପ୍ରତ୍ୟେକଟି ମଣିଷ ଆଜି ମୁଖାଧାରୀ – ସବୁ ମଣିଷ ପ୍ରତ୍ୟେକ ନିଜକୁ ନିଜ କକ୍ଷରେ ଗୋପନ କରି ରଖିଛନ୍ତି। ନିଜ ମଧ୍ୟରେ ଥିବା ନିର୍ଜନଦ୍ୱୀପରେ ନିଜେ ବଂଦୀ, ଅଥବା ଫାଶୀ ପାଇବାକୁ ଯାଉଥିବା ମଣିଷ ପରି ଏକାକୀ ବୁଲୁଛି ସେ ଜୀବନର ଦେହରେ, ନିଃସଙ୍ଗ। ତାର ଜୀବନରେ ସେ କେବେ ମଧ୍ୟ ଖୋଜି ପାଏନା ସଫଳତାକୁ, ନା ପ୍ରେମରେ ନା ବଞ୍ଚିବାରେ। ସେ ଜାଣେ 'ଗୋଟିଏ ସଫଳ ପ୍ରେମ : ସମସ୍ତ ଜୀବନ'। କିନ୍ତୁ ସେ ପ୍ରେମ ସେ ପାଇ ପାରେ ନାହିଁ। ଜୀବନକୁ ଘେରି ରହିଥିବା ନାନା ଆଦର୍ଶର ନାନା ପ୍ରକାରର ନୀତି-ଅନୀତିର ଲକ୍ଷ୍ମଣ ରେଖା ଅତିକ୍ରମ କରି ସେ କେଉଁଟିକୁ ହେଲେ ମଧ୍ୟ ପୂର୍ଣ୍ଣ ଭାବରେ ପାଇ ପାରେ ନାହିଁ। ଏହି ଲକ୍ଷ୍ମଣରେଖା ମଧ୍ୟରେ ସେ ଆଜି କ୍ଲୀବ, ନିଶ୍ଚେଷ୍ଟ, ପ୍ରବଣତାହୀନ ମୃତ ପ୍ରାୟ ସେ ବଞ୍ଚିରୁହେ।

ବ୍ୟକ୍ତି ଏକଥା ମଧ୍ୟ ଜାଣି ସାରିଛି ଯେ, ବ୍ୟକ୍ତି ହିଁ ବ୍ୟକ୍ତିର ପରମ ଶତ୍ରୁ। ବ୍ୟକ୍ତିର ବ୍ୟକ୍ତିତ୍ୱ ପାଇଁ କେତେକାଳ ଧରି ସୃଷ୍ଟି କରି ଚାଲିଛି ପରସ୍ପର ନାମକ ପ୍ରଶ୍ନବାଚୀ, ପ୍ରହେଳିକା, ପ୍ରତିବନ୍ଧକ – ଯାହା ବ୍ୟକ୍ତିର ବିକାଶର ପରିପନ୍ଥୀ ଆଉ ମଧ୍ୟ କବଚ।

ଏହି ସବୁ ଜଟିଳ ଅବବୋଧ, ଆପାତ ବିରୋଧ, ବ୍ୟକ୍ତିନିଷ୍ଠତା ପୁଣି ନୈର୍ବ୍ୟକ୍ତିକତା ଇତ୍ୟାଦିର ପ୍ରକାଶ ପାଇଁ ଜଗନ୍ନାଥ ପ୍ରସାଦଙ୍କୁ ନିଜର ପରସ୍ପରତା ବା ସଂସ୍କୃତିର ବାହାରକୁ ଯିବାକୁ ହୋଇ ନାହିଁ। ଉତ୍କଳୀୟ ତଥା ଭାରତୀୟ ଉର୍ବର ପରସ୍ପରଭାବ, ପୁରାଣ ପ୍ରସଙ୍ଗ, ପୁଷ୍କଳ ସାହିତ୍ୟ ସମ୍ଭାର, ମହାନ ଇତିହାସ ଚେତନା, ରୂପକଥାର ଐନ୍ଦ୍ରଜାଳିକ ସଂସାର ଠାରୁ ହିଁ ସେ ନିଜର ମନୋମତ ଉପାଦାନମାନଙ୍କୁ ଲାଭ କରିଛନ୍ତି। ଜୀବନର 'ଚଉମୁହାଣିରେ ଠିଆ ହୋଇ ରାସ୍ତା ଖୋଜିବା ପରେ' ପାଶ୍ଚାତ୍ୟ ଦିଗକୁ ଚାହିଁବାପାଇଁ ତାଙ୍କ ପାଖରେ ଅବସର ନାହିଁ। ଯାହା କରିଛନ୍ତି ନିଜର ସମକାଳୀନ ବହୁ ଭାରତୀୟ କବି ନିଜର ମାଟି-ପବନରେ ଯେ ଜଣେ କବିର ସିଦ୍ଧିର ଗୋପନ କଥା ନିହିତ, ତାହା ବୁଝି ସେ ତାଙ୍କ କାବ୍ୟର ଆଙ୍ଗିକକୁ ପରୀକ୍ଷାର ମୁଖଶାଳା ନକରି ସାଧନାର ପଥରେ ଆଗେଇ ଯାଇଛନ୍ତି। ଉତ୍କଳର ନୌ-ବାଣିଜ୍ୟଠାରୁ ଆରମ୍ଭ କରି ରୂପକଥା, ସାମାଜିକ ଜୀବନଧାରା, ଭାରତୀୟ ପୁରାଣ ଦର୍ଶନ ସବୁ କିଛିଠାରୁ ସେ ଅକ୍ଲେଶରେ ସଂଗ୍ରହ କରିଛନ୍ତି ପ୍ରତୀକ Archetype ଅନୁଷଙ୍ଗ ଇତ୍ୟାଦି ଏବଂ ଅଦ୍ଭୁତ ଚିତ୍ରକଳ୍ପର ମଧ୍ୟ ଦେଇ ଚିନ୍ତାକୁ 'ଚତୁଷ୍କୋଟି ବିନିର୍ମୁକ୍ତି' ଦାନ କରିଛନ୍ତି, ଯେପରି ମନେ ହେଉଛି ଏକ କାପାଳିକ, ଚାରିଛକ, ମୋଡ଼ ଇତ୍ୟାଦି ବର୍ଣ୍ଣନର ଅନୁଷଙ୍ଗ ରୂପକଥାରେ ନିହିତ। ବାରମ୍ବାର ବତୀଘରର ଅନୁଷଙ୍ଗ ଉତ୍କଳୀୟ ନୌବାଣିଜ୍ୟରେ ଖୋଜିବାଇବାକୁ ହୁଏ କିମ୍ବା ଧରି ନେବାକୁ ହୁଏ ଯେ, 'ଏକ ମାତ୍ର ଲକ୍ଷ୍ୟସ୍ଥଳ ନିର୍ଦ୍ଦିଷ୍ଟ ବୃତ୍ତର ବିନ୍ଦୁ ଶର ସଂଧାନୀର' ଅନୁଷଙ୍ଗ ପୁରାଣର, ବା 'ଛକି-ଶୂନ ଖେଳ' ଦୈନନ୍ଦିନ ଜୀବନର। ଏପରିକି ଜଗନ୍ନାଥଙ୍କର ନବ କଳେବର ଧାରଣ କାଳୀନ ବୃକ୍ଷ ଅନ୍ୱେଷଣର ଅନୁଷଙ୍ଗ ବେଶ୍ ନିପୁଣ ଭାବରେ ବ୍ୟବହୃତ ହୋଇଛି କବିତାରେ।

Digitized by srujanika@gmail.com

ଜଗନ୍ନାଥ ପ୍ରସାଦଙ୍କ ରୂପକଳ୍ପର ନୈପୁଣ୍ୟ ବିଶେଷ ପ୍ରଶଂସାର ଅପେକ୍ଷା ରଖେ, ସାଦୃଶ୍ୟ ପ୍ରଦାନ କ୍ଷେତ୍ରରେ । ଏପରି ଧୂରୀଣତା କ୍ୱଚିତ୍ କେଉଁ କବିର ସାଧ୍ୟ ହୋଇ ପାରେ । ଗଦ୍ୟର କଠିନତା ସହିତ ମିଶି ଯାଇଥିବା ପଦ୍ୟର ତାରଲ୍ୟତାର ଭାଷା ରଙ୍ଗରେ ଜଗନ୍ନାଥ ପ୍ରସାଦ ଅପରୂପ କଳ୍ପରୂପ ନିର୍ମାଣ କରି ପାରିଛନ୍ତି, ଯେପରି : -

ଝରକାର ମୁହଁମାନେ ଗୁଡ଼ି ହୋଇ ଭାସୁଛନ୍ତି
କୋଠରୀର ଛୋଟ ଆକାଶରେ
ଆଖିମାନେ ତାରା ହୋଇ ଜଳୁଛନ୍ତି
ଅଥବା
ମୋର ଯେତେ ଗୋପନୀୟ ସତ୍ୟସବୁ
ଚାଲିଗଲେ ମୋ ପାଖରୁ
ସକାଳର କୁହୁଡ଼ିରେ ମିଶିଯିବା ପାଇଁ
ମୋର ପ୍ରିୟ ବତୀଘର ଶେଷ ପାହାଚରୁ
ଶୂନ୍ୟତାର ସିଡ଼ିରେ ଓହ୍ଲାଇ
ସେମାନେ ସମସ୍ତେ ଯାଇ
ସମୁଦ୍ରରେ ଝାସ ଦେଲେ ମତେ ଛାଡ଼ି ଦେଇ
କିମ୍ବା
ଇସ୍ପାତରେ ଗଛମାନଙ୍କରେ
ନିଅନର ଫୁଲ ଫୁଟୁଥିଲେ
ଆମର ମନର ସବୁ ମିନି ବସ୍‌ମାନେ
ଲୁଚକାଳି ଖେଳୁଥିଲେ କଂକ୍ରିଟ୍ ଗୋଲକ ଧନ୍ଦାରେ

ଜଗନ୍ନାଥ ପ୍ରସାଦଙ୍କ ପ୍ରତୀକଗୁଡ଼ିକ ପରିଚିତ ଓ ସହଜଭେଦ୍ୟ - ଯେପରି ମୁଖା, ସହର, ବତୀଘର, ପ୍ରିୟତମା ତମକୁ ଇତ୍ୟାଦି । ଏସବୁ ପ୍ରତୀକ ବ୍ୟକ୍ତିଗତ ପ୍ରତୀକ ହେଲେ ମଧ୍ୟ ଦୁରୁହ ହୋଇ ଉଠି ନାହିଁ, ଯାହା ଫଳରେ କାବ୍ୟର ସୌଷ୍ଠବ କେବଳ ସୁନ୍ଦର ହୋଇନାହିଁ, ଅଧିକନ୍ତୁ ରସମୟ ଓ ସୁଗମ ହୋଇ ଉଠିଛି ।

ବିଂଶ ଶତକ ଷଷ୍ଠ-ସପ୍ତମ ଦଶକର ଏହି ସମସ୍ତ ପ୍ରଶ୍ନ, ସଂଶୟ, ପ୍ରବଞ୍ଚନା, ନିଃସଙ୍ଗତା ଇତ୍ୟାଦି ଧାରଣାର ଧାରକ ଜଗନ୍ନାଥ ପ୍ରସାଦଙ୍କର 'ପ୍ରଥମ ପୁରୁଷ'(୧୯୭୧)- ଯାହାର ଦ୍ୱିତୀୟ ସଂସ୍କରଣର ନାମ 'କିଛି ବର୍ଷା, କିଛି ରାସ୍ତା, କିଛି ନିର୍ଜନତା'(୧୯୮୧) । କିଛି ବର୍ଷା, କିଛି ରାସ୍ତା ଓ କିଛି ନିର୍ଜନତାକୁ ନେଇ 'ପ୍ରଥମ ପୁରୁଷ' ଆଜି ଆଉ 'ମୁଁ'ର ବୃତ୍ତରେ ବନ୍ଦୀ ହୋଇ ରହି ନାହିଁ - ଗୋଟିଏ ସମୟରେ 'ଅନ୍ୟ ଦେଶ ଭିନ୍ନ ସମୟ'ରେ ଏକୀଭୂତ ହୋଇ ଯାଇଛି । ଆଜି ଦେଶ ପ୍ରଥମ ପୁରୁଷର ଯଶ ଜ୍ଞାନରେ ମଗ୍ନ । ୧୯୮୧ ସାଲରେ ଗୋଟିଏ ଦଶକ ପରେ 'ପ୍ରଥମ ପୁରୁଷ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଏ । ସେହି ସମୟରେ ତାର ଦଶକର ଓ ବିଚାର-ସମୀକ୍ଷାର ଦାୟିତ୍ୱ ଆସି ମୋ ଉପରେ ପଡ଼େ । ଆଜି ପ୍ରଥମ ପୁରୁଷର ବୟସ ଏକତ୍ରିଶ ବର୍ଷ । ଆଜି ପୁଣି ଏକତ୍ରିଶ ବର୍ଷର ବ୍ୟବଧାନରେ କବିର ପଇଁତ୍ରିଶ୍ ବର୍ଷର ବୟସରେ ପ୍ରକାଶିତ ସଂକଳନ ଭାଷାନ୍ତରିତ ହୋଇ ନବ କଳେବର ଧାରଣ କରିଛି, ପୁଣି ଥରେ ତାର ପରିଚୟ ପ୍ରଦାନ କରିବାର ଦାୟିତ୍ୱ ଆସି ନ୍ୟସ୍ତ ହୋଇଛି ମୋ ଉପରେ । ଭାବରେ ଏବଂ ଭାଷାରେ, ଆତ୍ମିକରେ ଓ ଆଙ୍ଗିକରେ, ରୂପକଳ୍ପରେ ଓ ପ୍ରତୀକରେ ଉଜ୍ଜ୍ୱଳ ଏହି ସବୁ କବିତାର କବି ମୋର ଅଗ୍ରଜ ଓ ଅଗ୍ରଜ ପ୍ରତିମ ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କର କବିତା ବ୍ୟାଖ୍ୟାର ଅପେକ୍ଷା ରଖେ ନାହିଁ; ପୁଣି ମଧ୍ୟ ବ୍ୟାଖ୍ୟାର ଶେଷ ହୁଏ ନାହିଁ । ମୁଁ କେବଳ ଏହି କବିତା ଗୁଡ଼ିକର ଜଣେ ମୁଗ୍ଧ ପାଠକ, ଯେଉଁ ପଦ୍ମକୁ ସୂର୍ଯ୍ୟ ବିକଶିତ କରେ, ସେହି ପଦ୍ମକୁ ନେଇ ସୂର୍ଯ୍ୟଙ୍କର ପୂଜା କରାଯାଏନା । ମୋର ଗ୍ରାହକତାକୁ ବିସ୍ଫୋରିତ କରିଛନ୍ତି ଯେଉଁ କବି, ତାଙ୍କ କବିତାର ପରିଚୟ ପ୍ରଦାନର

Digitized by srujanika@gmail.com

ଅବସର ପାଇ ମୁଁ କେବଳ ମୋର ଶ୍ରଦ୍ଧାଟିକୁ ନିବେଦନ କରିଛି ମାତ୍ର । ନିଜ ସମୟ ମଧ୍ୟରେ ଦଣ୍ଡାୟମାନ ହୋଇ ନିଜର ସମୟକୁ ଅତିକ୍ରମ କରି ଯାଇଛନ୍ତି ଜଗନ୍ନାଥ ପ୍ରସାଦ । ନିଜକୁ ଏଠାରେ ବହିରାଗତ ମନେ କରିଛନ୍ତି ସତ୍ୟ, ଅଥଚ ଜୀବନକୁ ଏକାନ୍ତ ଆପଣାର କରାଇ ନେଇଛନ୍ତି । ସେ ଏକଥା ଭଲ ଭାବରେ ଜାଣନ୍ତି ଯେ ସବା ଶେଷରେ 'ରହିଯାଏ ଯନ୍ତ୍ରଣା କେବଳ / କିଛି ବର୍ଷା କିଛି ରାସ୍ତା କିଛି ନିର୍ଜନତା' ।

ଗିରିବାଳା ମହାନ୍ତି
ଶାନ୍ତି ନିକେତନ

(ପ୍ରଥମ୍ ପୁରୁଷ୍ (ବଙ୍ଗଳା ଅନୁବାଦ) / ଅନୁବାଦକ : ବିଭୂତିଭୂଷଣ ଭଟ୍ଟାଚାର୍ଯ୍ୟ / ପ୍ରଥମ ପ୍ରକାଶ : ଜାନୁଆରୀ, ୨୦୦୩ / ପ୍ରକାଶକ : ପାର୍ଥ ଶଙ୍କର ବସୁ, ନୟା ଉଦ୍ୟୋଗ, ୨୦୬, ବିଧାନ ସରଣୀ, କଲିକତା ।)

Digitized by srujanika@gmail.com

ପାତନି (ଆସାମୀୟା) / ଆହ୍ନିକ

ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ କବିତା ଏହା ମଧ୍ୟରେ ଓଡ଼ିଶାର ସୀମା ପାରି ହୋଇ ସର୍ବଭାରତୀୟ ଖ୍ୟାତି ଲାଭ କରିଛି । ୧୯୩୬ ମସିହାରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଦାସ ଉତ୍କଳ ଓ ଆଲ୍‌ହାବାଦ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ । ରାଜନୀତି ବିଜ୍ଞାନରେ ସେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ । ଓଡ଼ିଶାର କଳା ଓ ଇତିହାସରେ ଗବେଷଣା କରି ପି.ଏଚ.ଡି. ଡିଗ୍ରୀ ମଧ୍ୟ ଲାଭ କରିଥିଲେ ।୧୯୮୪ ସାଲରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ସାହିତ୍ୟ ସେବାରେ ନିଜକୁ ସଂପୂର୍ଣ୍ଣ ରୂପେ ଉତ୍ସର୍ଗ କରିବା ପାଇଁ ସ୍ୱଇଚ୍ଛାରେ ମଧ୍ୟ ଅବସର ଗ୍ରହଣ କରିଥିଲେ ।

ଶ୍ରୀ ଦାସ ନ'ଖଣ୍ଡ କବିତାର ଗ୍ରନ୍ଥ ଲେଖିଛନ୍ତି । ସେଗୁଡ଼ିକ ମଧ୍ୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୂଦିତ ହୋଇଅଛି । ଇଂରାଜୀରେ ଅନୁବାଦ ହୋଇଥିବା ତାଙ୍କର କବିତା ସଂଗ୍ରହମାନ ହେଉଛି : First Person, Love is a Season, Time Scapes, Silences ଇତ୍ୟାଦି ଏହା ମଧ୍ୟରେ ଅନେକ ଜନପ୍ରିୟତା ଲାଭ କରି ସାରିଛି । ତାଙ୍କର କେତୋଟି ଗଳ୍ପ ମଧ୍ୟ ଇଂରାଜୀରେ ଅନୁବାଦ ହୋଇଛି । ତନ୍ମଧ୍ୟରୁ The Forbidden Street, The Spider's Web ଅତ୍ୟନ୍ତ ବିଖ୍ୟାତ ।

ଶ୍ରୀ ଦାସ ନାଟକ ଲେଖିଛନ୍ତି । ସେହି ନାଟକଗୁଡ଼ିକ ମଧ୍ୟ ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇଛି । ତାଙ୍କର ନାଟକ ମଧ୍ୟ ଇଂରାଜୀରେ ଅନୁବାଦ ହୋଇଛି । Before the Sunset, The Underdog ଆଦି ତାଙ୍କର ଇଂରାଜୀରେ ଅନୁବାଦ କରାଯାଇଥିବା ନାଟକଗୁଡିକ ଅତ୍ୟନ୍ତ ପ୍ରଶଂସନୀୟ ।

ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ "ଆହ୍ନିକ" କବିତା ସଂକଳନରେ ସର୍ବମୋଟ ତିରିଶିଟି କବିତା ରହିଛି । ଓଡ଼ିଶା ମାଟିର ଗନ୍ଧ ତାଙ୍କ ସମଗ୍ର କବିତାରେ ଯେପରି ବିଦ୍ୟମାନ । ଆସାମ ସହିତ ଓଡ଼ିଶାର ସଂପର୍କ ଅତି ପ୍ରାଚୀନ । ମହାପୁରୁଷ ଶଙ୍କର ଦେବ (୧୪୪୯-୧୫୯୮) ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'କୀର୍ତ୍ତନତ'ରେ ଓଡ଼ିଶାର ବର୍ଣ୍ଣନା ଲେଖି ଯାଇଛନ୍ତି । ଓଡ଼ିଶାରେ ଜଗନ୍ନାଥ ମନ୍ଦିରର ପ୍ରାଚୀନ ଘଟନା ସମୂହ ମାଦଳାପାଞ୍ଜି ନାମରେ ବେଶ୍ ଜଣାଶୁଣା ।

ଏହି ଜଗନ୍ନାଥ ମନ୍ଦିର ଆସାମୀୟା ଲୋକମାନଙ୍କର ଅତି ପରିଚିତ । ଶ୍ରୀ ଶଙ୍କର
ଦେବଙ୍କ ପ୍ରିୟ ଶିଷ୍ୟ ଶ୍ରୀ ମାଧବଦେବଙ୍କ ନାତି ଶ୍ରୀ ଅନିରୁଦ୍ଧ କାୟସ୍ଥ ଭାଗବତର ୫ମ ସ୍କନ୍ଧର ଅନୁବାଦ କାଳରେ ଶ୍ରୀ ଶଙ୍କର ଦେବଙ୍କ ସମ୍ବନ୍ଧରେ ଲେଖୁଛନ୍ତି –

"ଅଳ୍ପ ବୟସତେ ଜଗନ୍ନାଥ କ୍ଷେତ୍ରେ ଗୈଲା ।
ବହୁ ଦିନ ହରିର ସେ ଚରଣ ସେବିଲା । ।
ତଥାତେ ପାଇଲନ୍ତ ଜ୍ଞାନ ଭକତି ବିଶେଷ ।
ଆଜ୍ଞା ପାୟା ପାସେ ଆସିଲନ୍ତ ନିଜ ଦେଶ । ।"

.... ଓଡ଼ିଶାର ପ୍ରଖ୍ୟାତ ସ୍ଥାନ ଭୁବନେଶ୍ୱର, ପୁରୀ, କଳାହାଣ୍ଡି, ବାଲିଆପାଳ ଆଦିକୁ ନେଇ ଜଗନ୍ନାଥ ପ୍ରସାଦ ଦାସଙ୍କ କବିତାଗୁଡ଼ିକ ପାଠକଙ୍କ ହୃଦୟ ସ୍ପର୍ଶ କରିଛି ।

ଓଡ଼ିଶାର କଳାହାଣ୍ଡି ସ୍ଥାନଟି ବର୍ତ୍ତମାନ ଏକ ଜିଲ୍ଲା, ଯେଉଁଠି ମନୁଷ୍ୟ ଦୁର୍ଭିକ୍ଷ ବେଳେ ବଞ୍ଚିବା ପାଇଁ ଅହରହ ସଂଗ୍ରାମ କରେ । ଏହି କଳାହାଣ୍ଡିକୁ ନେଇ ଶ୍ରୀ ଦାସ କବିତା ଲେଖିଛନ୍ତି । ସେହି କବିତାର ଏହି ଅଂଶକୁ ଲକ୍ଷ୍ୟ କରନ୍ତୁ –

"ଯେଉଁଠାରେ ଦେଖ କଳାହାଣ୍ଡି
ପଞ୍ଜରା ହାଡରେ କୋଟରଗତ ଆଖିରେ
ଦେହ ଲୁଚୁନଥିବା ଛିଣ୍ଡା କନାରେ
ବନ୍ଧା ପଡିଥିବା କଂସା ବାସନରେ
କୁଡ଼ିଆ ଘରର ଉଲୁରା ଛାତରେ

Digitized by srujanika@gmail.com

ଦୁଇଟି ମାଟିହାଣ୍ଡିର ସର୍ବସ୍ୱରେ
ସବୁଠାରେ କଳାହାଣ୍ଡି”

ବାଲିଆପାଳ ଓଡ଼ିଶାର ଏକ ଶସ୍ୟ ଶ୍ୟାମଳା ଭୂମି । ଏହି ଭୂମିକୁ ଉଚ୍ଛନ୍ନ କରି ସରକାର ‘କ୍ଷେପଣାସ୍ତ୍ର’ ପରୀକ୍ଷା କରିବାପାଇଁ ଗବେଷଣାଗାର ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛନ୍ତି । ଶସ୍ୟ ଶ୍ୟାମଳା ଏହି ଉର୍ବର ଭୂମିର କୃଷକଗଣ ସମବେତ ଭାବରେ ସରକାରଙ୍କ ଏହି ପରିକଳ୍ପନା ବିରୁଦ୍ଧରେ ଶାନ୍ତି ପୂର୍ଣ୍ଣ ପ୍ରତିବାଦ ଜଣାଇବା ପାଇଁ ପ୍ରୟାସ କରନ୍ତି । କବି ଲେଖନ୍ତି- “ଏଠାରେ ତୁମେ ଧାନ ଗଛ ଉପାଡି ଦେଇ

ବନ୍ଧୁକ ପୋତି ଦେଇ ପାର
ସାର ବଦଳରେ ବାରୁଦ ବିଞ୍ଚି ଦିଅ
ପାଣି ବଦଳରେ ରକ୍ତ ସିଞ୍ଚି ଦିଅ
କିନ୍ତୁ ବାଲିଆପାଳର ମାଟିରୁ ଶେଷରେ
ଧାନହିଁ ଉପୁଜିବ କ୍ଷେପଣାସ୍ତ୍ର ନୁହେଁ”

ଜଗନ୍ନାଥ ଦାସ କଟକ ସହରକୁ ନେଇ କବିତା ରଚନା କରିଛନ୍ତି । ଓଡ଼ିଶାର ସାଧବଗଣ ପ୍ରାଚୀନ କାଳରେ ବାଲି ଦ୍ୱୀପକୁ ଯାଇ ସେଠରେ ବାଣିଜ୍ୟ କାରବାର କରୁଥିଲେ । ଏହି ବାଣିଜ୍ୟର କଥା ସ୍ମରଣ କରି କଟକ ସହରରେ ବଡ଼ ଧରଣର ‘ବାଲିଯାତ୍ରା ଉତ୍ସବ’ ପାଳନ କରାଯାଏ । ମହାନଦୀ ଓଡ଼ିଶାର ଐତିହ୍ୟକୁ ବହନ କରୁଥିବା ଶ୍ରେଷ୍ଠ ନଦୀ । କାଠଯୋଡ଼ି ସେହି ମହାନଦୀର ଏକ ଅଂଶ ପରି ଶାଖା ନଦୀଟିଏ ହୋଇ ବହି ଯାଇଛି । କଟକ ସହର ତାହାରି ମଧ୍ୟରେ ଅବସ୍ଥିତ ।

କବି ଲେଖୁଛନ୍ତି- “ଦୁଇ ନଈର ଆଶ୍ଳେଷ ଭିତରେ
ନିର୍ବିକାର ବସି ରହିଥାଏ ସହର
ସଂସାର ଏକା ଭଳି ରହିଥାଏ
ଇତିହାସ ବଦଳି ବଦଳି ଯାଏ”

ଆସାମର ଷଷ୍ଠଦଶ ଶତକର କବି ରାମ ସରସ୍ୱତୀଙ୍କ ଦ୍ୱାରା ଅନୁବାଦ କରା ଯାଇଥିବା ମହାଭାରତର ବିଭିନ୍ନ ପର୍ବରୁ ମିଳୁଥିବା କାହାଣୀ ଯେପରି ବ୍ୟାସଙ୍କ ମହାଭାରତରେ ମିଳି ନଥାଏ; ଠିକ୍ ସେହିପରି ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସଙ୍କ ମହାଭାରତରେ ଥିବା ବିଭିନ୍ନ କାହାଣୀ ମଧ୍ୟ ବ୍ୟାସଦେବଙ୍କ ମହାଭାରତରେ ମିଳି ନଥାଏ । ସାରଳା ଦାସଙ୍କ ଏହିସବୁ କାହାଣୀ ମଧ୍ୟରୁ ଅନ୍ୟତମ କାହାଣୀ ହେଉଛି ‘ନବ ଗୁଞ୍ଜର’ କାହାଣୀ । ପାଣ୍ଡବମାନଙ୍କର ଅଜ୍ଞାତ ବାସ କାଳରେ ଶ୍ରୀକୃଷ୍ଣ ନବଗୁଞ୍ଜର ବେଶ ଧାରଣ କରି ହଠାତ୍ ଅର୍ଜୁନଙ୍କ ସମ୍ମୁଖରେ ଉଭା ହୋଇଥିଲେ । ନବଗୁଞ୍ଜର ଏକ ପ୍ରାଣୀ ମାତ୍ର, ଯାହାର ଦେହରେ ଭିନ୍ନ ଭିନ୍ନ ଆଠଗୋଟି ପ୍ରାଣୀଙ୍କ ଶରୀର ବିଦ୍ୟମାନ । ଏହି ବିଚିତ୍ର ପ୍ରାଣୀଟି କିନ୍ତୁ ଓଡିଶାର କବି ସାହିତ୍ୟିକମାନଙ୍କୁ ସଦୈବ ପ୍ରେରଣା ପ୍ରଦାନ କରିଆସିଛି । ଜଗନ୍ନାଥ ଦାସ ମଧ୍ୟ ଏହି ସଂକଳନରେ ‘ନବଗୁଞ୍ଜର’ ନାମକ ଏକ କବିତାକୁ ସନ୍ନିବେଶିତ କରିଛନ୍ତି ।

ଦେଶ ସେବକ ଗୋପବନ୍ଧୁ ଦାସ ଓଡ଼ିଶାର ଏକ ମହାନ ପୁତ୍ର । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ସେ ଧ୍ରୁବ ତାରା ସଦୃଶ । ଅନେକଥର ସେ କାରା ବରଣ କରିଥିଲେ । ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କ ନିକଟକୁ ଯାଇ ସେ ନିଃସ୍ୱାର୍ଥ ସେବା ପ୍ରଦାନ କରିଥିଲେ । କବି ଜଗନ୍ନାଥ ଦାସଙ୍କ ତାଙ୍କୁ ନେଇ ରଚନା କରିଥିବା କବିତାଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ।

“ଏକାକୀ ଠିଆ ରହି
କଣ କରିବ ଆଉ ଗୋପବନ୍ଧୁ
ଏଥରକ ଛକ ଉପରୁ ଓହ୍ଲାଇ ଆସି
ପୁଣି ଥରେ ଭାଙ୍ଗିପଡ଼
ଏ ଦେଶ ମାଟିରେ ମିଶିଯାଉ ତମର ଦେହ

Digitized by srujanika@gmail.com

ତମ ପିଠି ଉପରେ ଚାଲିଯାନ୍ତୁ ଦେଶବାସୀ

ତମର ଆଦର୍ଶର ସ୍ୱରାଜ୍ୟ ଆଡ଼କୁ”

ଏହି କବିତା ସଂକଳନଟିକୁ ଅନୁବାଦ କରିବା ମୋ ପକ୍ଷରେ ଆଦୌ ସହଜ କଥା ନଥିଲା । ଶ୍ରୀ ଦାସଙ୍କ ମୂଳ କବିତା ସହିତ ଶ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ହିନ୍ଦୀ ଅନୁବାଦ, ଶ୍ରୀମତୀ ମଞ୍ଜୁଳା ଚକ୍ରବର୍ତ୍ତୀଙ୍କ ବଙ୍ଗଳା ଅନୁବାଦ ଓ ଶ୍ରୀ ହୃଷିକେଶ ପଣ୍ଡାଙ୍କ ଇଂରାଜୀ ଅନୁବାଦର ସାହାଯ୍ୟ ନିଆ ଯାଇଛି ।

ମୋର ଦୃଢ଼ ବିଶ୍ୱାସ, ଆସାମୀୟା ପାଠକ ଏହିଭଳି ଜଣେ ସମ୍ବେଦନଶୀଳ କବିଙ୍କର କବିତାକୁ ନିଶ୍ଚିତ ଭାବରେ ହୃଦୟତାର ସହ ଗ୍ରହଣ କରିବେ ।

ଅନୁବାଦିକା

ଇନ୍ଦିରା ଗୋସ୍ୱାମୀ

(‘ଆହ୍ନିକ’ ଆସାମୀୟା ଭାଷାରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ପ୍ରକାଶ ପାଇଥିଲା ୨୦୦୧ ମସିହାରେ । ଏହାର ଅନୁବାଦିକା ଥିଲେ ଇନ୍ଦିରା ଗୋସ୍ୱାମୀ ।)

Digitized by srujanika@gmail.com

ପ୍ରସଙ୍ଗ : ନାଟକ

ଗ୍ରନ୍ଥ ପରିଚୟ (ବଙ୍ଗଳା) : ସୂର୍ଯ୍ୟାସ୍ତେର୍ ଆଗେ

ଓଡ଼ିଆ ନାଟ୍ୟକାର ଓ କବି ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଆ ସାହିତ୍ୟରେ ଜଣେ ସୁପ୍ରତିଷ୍ଠିତ ଲେଖକ । ବର୍ତ୍ତମାନ ମୂଳ ଗ୍ରନ୍ଥଟି ହେଉଛି ଓଡ଼ିଆ ଭାଷାରେ ଲିଖିତ ଖଣ୍ଡିଏ ନାଟକ । ବର୍ତ୍ତମାନ ବଙ୍ଗଳା ଭାଷାରେ ତାହାର ଅନୁବାଦଟି ପ୍ରକାଶିତ ହେଲା ।

ନାଟକଟି ବିଶେଷତଃ ନୂତନ ଟେକ୍‌ନିକ୍‌ରେ ଲେଖା ଯାଇଛି, ଏହି ଟେକ୍‌ନିକ୍‌ର ବୈଶିଷ୍ଟ୍ୟ ହେଉଛି ଯେ ନାଟକୀୟ ସଂଳାପ ସଙ୍ଗେ ସଙ୍ଗେ ସଂଯୁକ୍ତ ରହିଛି ଆବୃତ୍ତି । ସେ ଆବୃତ୍ତି ମଧ୍ୟ ଦୁଇ ପ୍ରକାରର, କେତେବେଳେ ତାହା ଆତ୍ମଗତ ତ କେତେବେଳେ ତାହା ଦର୍ଶକଗତ । ଏହି ତିନିଗୋଟିର ସମ୍ମିଶ୍ରଣରେ ନାଟକର ଅବୟବଟି ଗଠିତ ହୋଇଛି ।

ନାଟକର ନାୟକ ଦୀପଙ୍କରର ବୟସ ଚାଳିଶ୍ । ଏହି ବୟସହିଁ ତାର ଜୀବନର ଯେପରି ସୂର୍ଯ୍ୟାସ୍ତ । ଚାଳିଶ୍‌କୁ ଆଜିକାଲି କେହି ଜୀବନର ସୂର୍ଯ୍ୟାସ୍ତ ବୋଲି ମନେ କରନ୍ତି ନାହିଁ । କିନ୍ତୁ ଦୀପଙ୍କରର ଏପରି ମନେ ହେବାର କାରଣ ହେଉଛି ଜୀବନର ଆଦର୍ଶ ସମ୍ବନ୍ଧରେ ସେ ଅତିମାତ୍ରାରେ ହତାଶ ହୋଇ ଉଠିଛନ୍ତି । ଏହି ହତାଶାବୋଧ ଶେଷ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନକୁ ସ୍ପର୍ଶ କରିବା ସହିତ ନାଟକର ଅବସାନ ଘଟିଛି । ନାଟକରେ ମଧ୍ୟ ଆହୁରି ତିନିଜଣ ପାତ୍ର-ପାତ୍ରୀ ରହିଛନ୍ତି - ସଞ୍ଜୟ ଏକାଧାରରେ ଦୀପଙ୍କରର ବସ୍ (Boss) ଓ ବନ୍ଧୁ; ଶୀଳା ତା'ର ସ୍ତ୍ରୀ ଏବଂ ସରୋଜ ବାନ୍ଧବୀ ।

ଚାଳିଶ ବର୍ଷର ବୟସ ବର୍ତ୍ତମାନ ଯୁଗରେ ଜୀବନର ସୂର୍ଯ୍ୟାସ୍ତର ଗୋଧୂଳି କି ନୁହେଁ, ତାହା ଜଣାନାହିଁ ଅବଶ୍ୟ । ତେବେ ଗୋଟିଏ ସମୟରେ ଅନେକ ଠିକ୍ ସେହିପରି ମନେ କରିଥାନ୍ତି, ବଙ୍କିମଚନ୍ଦ୍ର ଓ ରବୀନ୍ଦ୍ରନାଥ ଚାଳିଶ୍‌କୁ ଠିକ୍ ସେହିପରି ମନେ କରିଥିଲେ । ତେବେ ସେ ଯୁଗ ଅନେକ ଦିନରୁ ଅତୀତ ହୋଇ ଗଲାଣି । ତେବେ ଏ ସଂକ୍ରାନ୍ତରେ ତର୍କ କରି ଆଉ ବିଶେଷ ଲାଭ ନାହିଁ; ନାଟ୍ୟକାର ଯାହା ମନେ କରିଛନ୍ତି ତାହାକୁହିଁ ଆମେ ମାନି ନେଉଛୁ ।

ନାଟକର ପ୍ରଧାନ ଦୁଇଗୋଟି ଗୁଣ ଏହି ପୁସ୍ତକରେ ରହିଛି, ସଂଳାପ ଗଠନ କରିବାର ଦକ୍ଷତା ଏବଂ ସଂଳାପ ଓ ଆବୃତ୍ତି ମଧ୍ୟ ଦେଇ ଅବ୍ୟାହତ ଗତିରେ ନାଟକଟିକୁ ନିର୍ଦ୍ଦିଷ୍ଟ ପରିଣାମ ଆଡ଼କୁ ଚାଳନା କରାଇ ନେବାର କ୍ଷମତା ।

ଅନୁବାଦର ବାହାଦୂରୀ ହେଉଛି ଏହି ଯେ ଏହା ଅନୁବାଦ ବୋଲି ଆଦୌ ବୋଧଗମ୍ୟ ହେଉ ନାହିଁ । ନାଟକଟି ପାଠକ ଓ ଦର୍ଶକଙ୍କ ନିକଟରେ ହୃଦୟଗ୍ରାହୀ ହୋଇ ପାରିବ ବୋଲି ବିଶ୍ୱାସ ।

ଶ୍ରୀ ପ୍ରମଥନାଥ ବିଶୀ

('ସୂର୍ଯ୍ୟାସ୍ତ ପୂର୍ବରୁ' ଓଡ଼ିଆ ନାଟକର ବଙ୍ଗଳା ଅନୁବାଦ "ସୂର୍ଯ୍ୟାସ୍ତେର୍ ଆଗେ" ଶିବଶେଖର ସରକାରଙ୍କ ଦ୍ୱାରା କରାଯାଇଥିଲା । ପୁସ୍ତକଟିର ପ୍ରକାଶକ ଥିଲେ, ମିତ୍ର ଓ ଘୋଷ, କଲିକତା । ପୁସ୍ତକଟିର ପ୍ରକାଶ କାଳ -୧୯୭୭ ମସିହା ।)

Digitized by srujanika@gmail.com

ଦୀପଙ୍କରକା ଜନ୍ମଦିନ୍ (ହିନ୍ଦୀ) : ସୂର୍ଯ୍ୟାସ୍ତ

ଆଧୁନିକ ଓଡ଼ିଆ ସାହିତ୍ୟ ସହିତ ମୋର ସର୍ବପ୍ରଥମ ପରିଚୟ ଶ୍ରୀ ଗୋପୀନାଥ ମହାନ୍ତିଙ୍କ କଥା-ସାହିତ୍ୟରୁ ଆରମ୍ଭ ହେଲା- ବିଶେଷ କରି ତାଙ୍କର ପ୍ରଖ୍ୟାତ ଉପନ୍ୟାସ 'ମାଟି ମଟାଳ' ମୋତେ ଆଶ୍ଚର୍ଯ୍ୟ-ଚକିତ କରି ତୋଳି ଧରିଥିଲା । ଏହା ପରେ ପରେ ମୁଁ ଶ୍ରୀ ରମାକାନ୍ତ ରଥଙ୍କ କାବ୍ୟ-ସଂସାର ସହିତ ସଂପର୍କ ସ୍ଥାପନ କରିଥିଲି । ଠିକ୍ ଏହାରି ପରେ ପରେ ଶ୍ରୀ ଜଗନ୍ନାଥ ପ୍ରସାଦଙ୍କ କବି-ବ୍ୟକ୍ତିତ୍ୱ ସହିତ ମୋର ସୁଖଦ ସଂଯୋଗ ଘଟିଲା । ପ୍ରଥମେ ତାଙ୍କର କାବ୍ୟ, ପୁଣି ତାଙ୍କ ଦ୍ୱାରା ଲିଖିତ ନାଟକ 'ସୂର୍ଯ୍ୟାସ୍ତ' ମୋତେ ଦାସ ବାବୁଙ୍କ ପ୍ରତି ଅନୁରକ୍ତ କରାଇଲା । ମହାନ୍ତି, ରଥ ଓ ଦାସ- ଏହି ତ୍ରିବେଣୀରୁ ମୋତେ ଯେଉଁ ଆନନ୍ଦ ମିଳିଲା, ତାହାକୁ ମୁଁ ମୋର ସୌଭାଗ୍ୟ ବୋଲି ମନେ କରୁଛି ।

ଦାସ ବାବୁଙ୍କ ନାଟକ 'ସୂର୍ଯ୍ୟାସ୍ତ'କୁ ପଢ଼ି ଯେତେବେଳେ ମୁଁ ତାର ଅଭ୍ୟନ୍ତରକୁ ଉଙ୍କି ମାରି ଦେଖିଲି, ସେତେବେଳେ ମୋର ମନେ ହେଲା ଯେ,ଏହା ଯେତିକି ଆଧୁନିକ, ସେତିକି ମଧ୍ୟ ସମସାମୟିକ । ଏହିଥିରୁ ମୋତେ ଆଉ ମଧ୍ୟ ଅନୁଭବ ହେଲା ଯେ, ଆମ ଭାରତୀୟ ଭାଷାଗୁଡ଼ିକରେ, ବିଶେଷ କରି ସୁଦୂର ଓଡ଼ିଶା ଭୂଖଣ୍ଡରେ ଯେଉଁ ପ୍ରତିଭାର ବିକଶିତ ହେଉଛି, ତାହାକୁ ଦେଖିବା ପାଇଁ ଆମକୁ ସଦା ସର୍ବଦା ତତ୍ପର ରହିବାକୁ ହିଁ ହେବ ।

ଆଜି 'ସୂର୍ଯ୍ୟାସ୍ତ' ସମ୍ବନ୍ଧରେ କିଛି ଲେଖିବା ବେଳେ ମୋର ଅନୁଭବ ହେଉଛି ଯେ ଏହାର ନାଟ୍ୟକାର ଶ୍ରୀ ଦାସଙ୍କର କବିମାନସ କେତେ ସହଜରେ ରଙ୍ଗ ପୁରୁଷ ଭାବରେ ଅବତୀର୍ଣ୍ଣ ହୋଇଅଛି । 'ସୂର୍ଯ୍ୟାସ୍ତ'ର ନାୟକ ଦୀପଙ୍କର ତ କବି ଜଗନ୍ନାଥ ପ୍ରସାଦ ଦାସଙ୍କର ମାନସ ସନ୍ତାନ, ତା' ସତ୍ତ୍ୱେ ମଧ୍ୟ ସେ ଯେପରି ସମସ୍ତଙ୍କର ପ୍ରତିନିଧି । ଯିଏ ଯେତେ ପରିମାଣରେ ପ୍ରତିନିଧିତ୍ୱ କରେ, ବାସ୍ତବରେ ସେ ହିଁ ନାଟକରେ ସେତିକି ନାୟକ; ଏହାହିଁ ଶାସ୍ତ୍ରର ନିୟମ । ହେଲେ ଜୀବନ, ସାକ୍ଷାତ ଜୀବନର ସତ୍ୟ ହେଉଛି ଯେ, ଦୀପଙ୍କର ଏହି ନାଟକରେ ଯେପରି ନିଜର ପରିଚୟ ପ୍ରଦାନ କରିଛି, ସଂଘର୍ଷ ପ୍ରସ୍ତୁତ କରିଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ ସେ ଯେପରି ଭାବରେ ନିଜର ବିଦ୍ରୂପ କରିଛି,- ଅଭିନୟରେ ହେଉ ପଛେ ସେ ସମସ୍ତ ମଧ୍ୟବର୍ଗୀୟ ସମାଜକୁ ନ୍ୟାୟର କାଠଗଡ଼ା ମଧ୍ୟକୁ ଆଣି ଠିଆ କରାଇ ଦେଇଛି । ସେ ଅମ ସମସ୍ତଙ୍କ ଉପରେ ମକଦ୍ଦମା କରିଛି, କିନ୍ତୁ ସଂପୂର୍ଣ୍ଣ ମକଦ୍ଦମାର ପ୍ରସ୍ତୁତିରେ ନିଜର ଅଭିଯୋଗକୁ ସ୍ୱୀକାର କରୁ କରୁ ଦର୍ଶକଙ୍କୁ ନିଜର ସାକ୍ଷୀ ଭାବରେ ସାବ୍ୟସ୍ତ କରାଇଛି ।

ଦର୍ଶକ ସାକ୍ଷୀ ହୋଇଯିବେ, ରଙ୍ଗମଞ୍ଚର ଏହି କଳ୍ପନା ବାସ୍ତବରେ ଅତ୍ୟନ୍ତ ହୃଦୟଗ୍ରାହୀ । ଏବଂ ରଙ୍ଗମଞ୍ଚର ଦୃଷ୍ଟିକୋଣରୁ ଏହା ମଧ୍ୟ ଅତ୍ୟନ୍ତ ପ୍ରଭାବପୂର୍ଣ୍ଣ ।

ଦୀପଙ୍କର ଏହି ନାଟକର ମୁଖ୍ୟ ସୂତ୍ରଧର । ଦୀପଙ୍କର ଏହି ନାଟକର ନାୟକ । ଦୀପଙ୍କର ଏହି ନାଟକର ମଧ୍ୟ ଖଳନାୟକ । କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଯେ, ଦୀପଙ୍କର ମଧ୍ୟ ଏହି ନାଟକର ବିଦୂଷକ । ଗୋଟିଏ ପାତ୍ର ଗୋଟିଏ ନାଟକରେ ଏତେଗୁଡ଼ିଏ ଭୂମିକାରେ ଅବତୀର୍ଣ୍ଣ ହେବା ପରେ ସେ ପାତ୍ରରୁ ଚରିତ୍ରରେ ପରିଣତ ହୋଇ ଯାଇଛି । ଦୀପଙ୍କର 'ସୂର୍ଯ୍ୟାସ୍ତ'ରେ ପାତ୍ରରୁ ଚରିତ୍ର ହୋଇଗଲା, ତାହାର ଏହି ବିକାଶ କେତେ ଅର୍ଥବାନ ସତେ !

ଦୀପଙ୍କରର ଜନ୍ମଦିନ । ଅର୍ଥାତ ମୋର ଜନ୍ମଦିନ । ଆଜି ମୁଁ ଚାଳିଶ ବର୍ଷ ଅତିକ୍ରମ କରି ଆଗାମୀ ଦିନର ଜୀବନରେ ପଦାର୍ପଣ କରିବାକୁ ଯାଉଅଛି- ଏହିଠାରୁ ଏହି ସଂକ୍ରାନ୍ତି ବିନ୍ଦୁରୁ ନାଟକର ଅୟମାରମ୍ଭ ଘଟୁଛି । ଅର୍ଥାତ ଦୀପଙ୍କର ସ୍ୱୟଂ ନିଜର ଜୀବନ-ନାଟକ ଦେଖିବାକୁ ଆରମ୍ଭ କରିଛି । ସେ ଏହି ଜନ୍ମଦିନକୁ କାହିଁକି ବାଛିଛି ? ଗମ୍ଭୀରତା-ଭୟାନକତାକୁ କେବେ କଳ୍ପନା ମଧ୍ୟ କରି ପାରିବ ନାହିଁ । ବୟସର ଏହି ମୋଡ଼ରେ ଜୀବନର ସବୁ କିଛି ବଦଳି ଯାଏ । ଏବଂ ଭବିଷ୍ୟତର ଜୀବନ ଏକ ଆହ୍ୱାନ ଭାବରେ ଆସି ସମ୍ମୁଖରେ ଠିଆ ହୋଇଯାଏ ।

ଦୀପଙ୍କର ଏହି ଜନ୍ମଦିନରେ କୌଣସି ଏକ ନିଷ୍ପତ୍ତି ନେବାକୁ ଚାହିଁଛି; ନଚେତ୍ ତା'ର ଜୀବନର ସୂର୍ଯ୍ୟ ଅସ୍ତ ହୋଇଯିବ ଓ ତାକୁ ସାରା ଜୀବନ ରାତ୍ରିର ଅନ୍ଧକାରରେ ବିତାଇବାକୁ ପଡ଼ିବ । ସେ କଣ ନିଷ୍ପତ୍ତି କରିବାକୁ ଚାହୁଁଛି, ସେହି ନିର୍ଣ୍ଣୟକୁହିଁ ମଞ୍ଚ ଉପରେ ସ୍ୱୟଂ ଅଭିନେତା ହୋଇ ସମସ୍ତଙ୍କ ସମ୍ମୁଖରେ, ସମସ୍ତ ଦର୍ଶକ ସମାଜକୁ ସାକ୍ଷୀ କରାଇ, ସମସ୍ତଙ୍କୁ ଦେଖାଇ ଦେଉଛି । ଯେଉଁଟି ତାଙ୍କ ବଙ୍ଗଳାର

Digitized by srujanika@gmail.com

ଡ୍ରଇଁରୁମ ହୋଇ ଆସୁଥିଲା, ତାହାକୁ ସେ ଆଜି ଅଫିସ ଓ ପାର୍କର ବେଞ୍ଚରେ ପରିବର୍ତ୍ତନ କରାଇ ଦେଇଛି । ତାଙ୍କ ସହିତ ଆହୁରି ତିନିଜଣ ପାତ୍ର ମଧ୍ୟ ରହିଛନ୍ତି- ତାଙ୍କର ପତ୍ନୀ ଶୀଳା, ତାଙ୍କର ବନ୍ଧୁ ସରୋଜ ଓ ତାଙ୍କର ଉପରିସ୍ଥ ହାକିମ ସଞ୍ଜୟ । ଏହି ତିନିଜଣ ମୁଖ୍ୟତଃ ପାତ୍ର ବିଶେଷ ନୁହନ୍ତି; ଅଧିକନ୍ତୁ ସେହି ପାତ୍ରମାନଙ୍କର ଅଭିନେତା ଅଟନ୍ତି; ଯେପରି ସ୍ୱୟଂ ଦୀପଙ୍କର ନିଜ ପାତ୍ରର ଅଭିନେତା । ପାତ୍ର ଯେତେବେଳେ ସ୍ୱୟଂ ନିଜର ସଂକଳ୍ପରେ ଆତ୍ମ ଅଭିନେତା ହୋଇଯାଏ, ସେତେବେଳେ ନାଟକ, ନାଟକର ପରବର୍ତ୍ତୀ 'ଲୀଳା' ରେ ପରିଣତ ହୋଇଯାଏ । 'ଲୀଳା' ହେଉଛି ଭାରତୀୟ ରଙ୍ଗମଞ୍ଚର ମହାନ ବିଭୂତି । ଏହି ମୂଳ ତତ୍ତ୍ୱ ସହିତ ସଂଶ୍ଳିଷ୍ଟ ହୋଇ ଭାରତର ନାଟ୍ୟ ସମଗ୍ର ବିଶ୍ୱରେ ଯଶସ୍ୱୀ ହୋଇ ଉଠିବ, ଏ ବିଶ୍ୱାସ ମୋର ରହିଛି । ଯିଏ ଏହି ମୂଳ ତତ୍ତ୍ୱରୁ ବିଚ୍ଛିନ୍ନ ହୋଇଯାଏ, ତାହା ପାଶ୍ଚାତ୍ୟ 'ଆବସର୍ଡ'ର ଉଚ୍ଛିଷ୍ଟ ମାତ୍ର ହେବ ଏବଂ ଯିଏ ନିଜ ମୂଳରୁ ଉତ୍ପନ୍ନ ହୋଇ ଉଠିବ, ତାହାହିଁ ହେବ ଭାରତବର୍ଷର ଅତି ଆପଣାର, ମୌଳିକ ନାଟ୍ୟକୃତି । ଏହି ନାଟକର ବୀଜ, ଶ୍ରୀ ଦାସଙ୍କର ଏହି ରଙ୍ଗନାଟ୍ୟରେ ରହିଛି, ଏହି ଅନୁଭବ ମୋତେ ବିଭୋର କରି ଦେଇଛି ।

ଆମର ବର୍ତ୍ତମାନ ତଥାକଥିତ ସଂଭ୍ରାନ୍ତ, ଉଚ୍ଚତର ଜୀବନ ଯାପନ ଶୈଳୀ ବିଶେଷରେ ଚାକିରି, ବ୍ୟାଙ୍କ୍ ବାଲାନ୍ସ, ଚେକ୍‌ବୁକ୍, ପାସପୋର୍ଟ, ଟିକେଟ, ଲାଇସେନ୍ସ, ପଲିସି ଇତ୍ୟାଦିର ଚକ୍ରବ୍ୟୂହ ମଧ୍ୟରେ ବନ୍ଦୀ ହୋଇ ଯାଇଛି । ଏବଂ ଏହି କାଠଗଡ଼ାରେ ଛିଡ଼ା ହୋଇଥିବା ଆମ୍ଭେମାନେ ଏହାକୁ ଅଦାଲତ ବୋଲି ମନେକରି ଏତାଦୃଶ ଜୀବନ ପଦ୍ଧତିରୁ ନ୍ୟାୟର କାମନା କରୁଛୁ ଯେ ଅମ୍ଭମାନଙ୍କୁ ଏଥିରୁ ମୁକ୍ତି ମିଳୁ । ଏହା ମାତ୍ର ଅସମ୍ଭବ । 'ଅସମ୍ଭବ ଅଟେ' - ଏତିକି କହିଦେଲେ ତ ନିଷ୍ପତ୍ତି ହୋଇଗଲା । ଶ୍ରୀ ଦାସ ନିଜ ନାଟକରେ ଏଭଳି କୌଣସି ନିଷ୍ପତ୍ତି ଶୁଣାଇ ନାହାନ୍ତି । ସେ ତ ଦେଖାଇ ଦେଇଛନ୍ତି ଯେ ଏହା କେତେ କରୁଣ ! ବର୍ତ୍ତମାନ ଜୀବନରୁ କରୁଣାକୁ ଦେଖାଇବା ମଧ୍ୟ ଏକ ଉପଲବ୍ଧି । ଏବଂ ସେହି ଉପଲବ୍ଧିହିଁ ହେଉଛି, 'ସୂର୍ଯ୍ୟାସ୍ତ' । ସେତେବେଳେ ଯାଇ 'ସୂର୍ଯ୍ୟାସ୍ତ'କୁ ଏକ ନୂତନ ଅର୍ଥ ପ୍ରାପ୍ତି ହେବ, ଯେତେବେଳେ ସୂର୍ଯ୍ୟଙ୍କର ଆଲୋକ ରଶ୍ମିର ସନ୍ଧାନ ମିଳିବ ।

ଜୀବନର ସତ୍ୟତାକୁ ଦେଖାଇବା ଓ ନିଜେ ଦେଖିବା ହେଉଛି ସବୁଠାରୁ ବଡ଼ କଥା । ଏହି ନାଟକରେ କିଛି ଭାବିବାର ନାହିଁ, ଚିନ୍ତନ-ମନନ ମଧ୍ୟ ନାହିଁ । ଏଥିରେ କେବଳ ଦେଖିବାର ଅଛି । ମୋର ବିଶ୍ୱାସ ଜୀବନ ଭାବିବା ପାଇଁ ନୁହେଁ, ଜୀବନ କେବଳ ଦେଖିବା ପାଇଁ । ଏହି 'ଦେଖିବା' ପାଇଁ ସୂର୍ଯ୍ୟାସ୍ତର ନାଟ୍ୟକାରଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

ଦୀପଙ୍କରଙ୍କ ଜନ୍ମଦିନହିଁ ଗୋଟିଏ ମକଦ୍ଦମା - ଏହିପରି ତାତ୍ପର୍ଯ୍ୟପୂର୍ଣ୍ଣ କଳ୍ପନା ଶ୍ରୀ ଦାସଙ୍କର କବି-ନାଟ୍ୟକାର ମାନସହିଁ କେବଳ କରି ପାରିବେ । ନିଜ ଜନ୍ମ ଦିନରେ କେବଳ ସଞ୍ଜୟ ଓ ସରୋଜ ପରି ଅତିଥିମାନଙ୍କୁ ନିମନ୍ତ୍ରଣ କରି ଏପରି ଏକ ମକଦ୍ଦମାର କାଠଗଡ଼ାରେ ଛିଡ଼ା କରାଇ ଦେଖିବା, ସଞ୍ଜୟ ପାଇଁ ଅପମାନ ବୋଧ ହୋଇପାରେ, ମାତ୍ର ସରୋଜପାଇଁ କେବେ ତ ନୁହେଁ । ସେ କେବଳ ଗୋଟିଏ ପ୍ରଶ୍ନ ଦୀପଙ୍କରଙ୍କୁ ପଚାରିଛି- "ତୁମେ କେବେ କାହାକୁ ପ୍ରେମ କରିଛ ?" ଅତ୍ୟନ୍ତ ଅସହାୟ ଭାବରେ ଦୀପଙ୍କର ପ୍ରଶ୍ନ କର୍ତ୍ତା ସରୋଜର ମୁହଁକୁ କେବଳ ଚାହିଁଛି । ତା' ମୁହଁରୁ କେବଳ ଏତିକି ଝରି ଆସିଛି,- 'ରାତି ବହୁତ ହେଲାଣି' ।(ଆଖି ବୁଜି ଦେଇଛି) 'ଚାରିଆଡ଼ ଖାଲି ଅନ୍ଧାର' ।

ଦୀପଙ୍କର ପ୍ରେମ କରି ପାରିଲା ନାହିଁ । ଏହି କାରଣରୁ ସମ୍ଭବତଃ ଜୀବନରେ ସବୁକିଛି ପାଇ ମଧ୍ୟ କିଛି ବି ପାଇ ପାରିଲା ନାହିଁ । ତାର ଏତିକି ମାତ୍ର ଅଭିଯୋଗ । ଆଉ କେବଳ ତାହାରି ପାଇଁ ନିଜ ସହିତ ଆତ୍ମମାନଙ୍କୁ, ନିଜର ଅତି ଆପଣାର ଲୋକ (ପତ୍ନୀ, ବନ୍ଧୁ ଓ ଉପରିସ୍ଥ ହାକିମ)ଙ୍କୁ ମକଦ୍ଦମାର କାଠଗଡ଼ାରେ ଆଣି ଛିଡ଼ା କରାଇଛି । ତାର ହାତରେ ଗୁଳିଭରା ପିସ୍ତଲ୍ ରହିଛି । ସେ ନିଜ ଉପରେ ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବାକୁ ଚାହିଁଛି, ଆଜି ନିଜର ଚାଳିଶିତମ ଜନ୍ମ ଦିବସରେ । ଆଜି ଯଦି ସେ ଏହି ନିଷ୍ପତ୍ତିକୁ ପୂରଣ ନ କରି ପାରିବ, ତେବେ ସେ ଜୀବନରେ କେବେ କିଛି କରିପାରିବ ନାହିଁ । ଅବଶିଷ୍ଟ ଜୀବନ ତେବେ 'ସୂର୍ଯ୍ୟାସ୍ତ'ରେ ହିଁ ହେବ । ମାତ୍ର ସେ ଏହି ନିଷ୍ପତ୍ତିକୁ ପୂର୍ଣ୍ଣ କରିପାରେ ନାହିଁ । ସେ କ୍ଳାନ୍ତ ହୋଇ, ମଦର ସାହାଯ୍ୟ ନେଇ ଶେଷରେ ଶୋଇ ପଡ଼ିଛି । ପତ୍ନୀ ଶିଳା, ସ୍ୱାମୀଙ୍କର ଉପରିସ୍ଥ ହାକିମ ସଞ୍ଜୟକୁ ବାହୁଡ଼େଇ ଦେବା ପାଇଁ ବାହାରକୁ ଚାଲିଯାଏ । ସରୋଜ ଉଠି ଦୀପଙ୍କରଙ୍କୁ ଚାଦର ଘୋଡ଼େଇ ଦେଇ ପାର୍କର ବେଞ୍ଚରେ ଉଦାସ ହୋଇ ବସେ । ରିଭଲଭର୍‌କୁ ନେଇ ଦୀପଙ୍କର ଟେବୁଲ୍ ଡ୍ରୟାରରେ ରଖିଦିଏ । ପୁଣି ଆସି ବେଞ୍ଚ ଉପରେ ବସିଯାଏ । ଚାରିଆଡ଼ ନିସ୍ତବ୍ଧ । ଏହି 'ସୂର୍ଯ୍ୟାସ୍ତ'ର ନିସ୍ତବ୍ଧତାରେ ଗୋଟିଏ ଅବ୍ୟକ୍ତ ସଂଳାପ ସ୍ପଷ୍ଟ ହୋଇଉଠେ,-

ଦୀପଙ୍କର : ସରୋଜ

ସରୋଜ : ହଁ

ଦୀପଙ୍କର : ତୁମେ ଜୀବନରେ ଯାହା ଚାହିଥିଲ, ତାହା ପାଇଛ ?

Digitized by srujanika@gmail.com

ସରୋଜ : ହଁ, ସବୁ ପାଇଛି ।

ଦୀପଙ୍କର : ତୁମ ବ୍ୟାଗରେ ଚାବି ଅଛି ?

ସରୋଜ : ହଁ

ଦୀପଙ୍କର : ଏହି ଚାବିରେ ମୋ ଘରର କବାଟ ଖୋଲି ହେବ ?

ସରୋଜ : ମୁଁ ତ କେବେ ଚେଷ୍ଟା କରି ନାହିଁ ।

(ନିସ୍ତବ୍ଧତା)

ଦୀପଙ୍କର : ମୁଁ ଯଦି କୁହେ ଯେ, ପ୍ରେମ କରିବା ଏକ ଅପରାଧ ବୋଲି ।

ସରୋଜ : ତୁମ ଏପରି କହିବାଟା ଭୁଲ ହେବ ।

(ନିସ୍ତବ୍ଧତା)

ଏହି ଦୃଶ୍ୟ ଆମ ରସଜ୍ଞ ଦର୍ଶକଙ୍କ ମାନସ ପଟରେ ଉଙ୍କି ମାରେ, 'ସୂର୍ଯ୍ୟାସ୍ତ' ନାଟକଟିକୁ ପଢ଼ି, ନାଁ ନାଁ, ଏହାକୁ ଦେଖିଲା ପରେ । ଏଥିରେ ତ କେବଳ ଦେଖିବାରହିଁ ରହିଛି- କୋଠରୀରୁ ନେଇ ଲଜ୍ ପର୍ଯ୍ୟନ୍ତ, ଅଫିସରୁ ନେଇ ପୁଷ୍ପରାଶି ପର୍ଯ୍ୟନ୍ତ ଏବଂ ଅଭିଯୋଗରୁ ଆରମ୍ଭ କରି ନିଃଶବ୍ଦ ସମ୍ବାଦ ପର୍ଯ୍ୟନ୍ତ ଇତ୍ୟାଦି ଇତ୍ୟାଦି ।

'ସୂର୍ଯ୍ୟାସ୍ତ'ର ମଞ୍ଚାୟନ ଅତ୍ୟନ୍ତ ସାରଗର୍ଭକ । ଏହାଠାରୁ ବଳି ଅଧିକ ହେଉଛି ତାହାର ସମ୍ବାଦପକ୍ଷ । ଏହି ସଂପୂର୍ଣ୍ଣ ନାଟକଟିରେ ବଡ଼ ଅଦ୍ଭୁତ ବ୍ୟଞ୍ଜନା ରହିଛି । ଏହା ଭିତରେ ପ୍ରବାହିତ ହେଉଥିବା ଜୀବନ-କାବ୍ୟଧାରାକୁ ମଞ୍ଚ ଉପରେ ପ୍ରସ୍ତୁତ କରି ପାରିବା ଯେ କେତେ ବଡ ସ୍ପର୍ଦ୍ଧା !

ଆମର ବର୍ତ୍ତମାନର ସମୟ ରଙ୍ଗମଞ୍ଚ କାହିଁକି, ସଂପୂର୍ଣ୍ଣ ଜୀବନ ପ୍ରସଙ୍ଗରେ ମଧ୍ୟ ଦୁର୍ଭାଗ୍ୟକ୍ରମେ ପାଶ୍ଚାତ୍ୟ ଦ୍ୱରା ବହୁମାତ୍ରାରେ ପ୍ରଭାବିତ । ଆମେ ପ୍ରଥମେ ପଶ୍ଚିମକୁ ଦେଖୁଛୁ ଓ ସେହି 'ଦେଖା' ଦିଗରେ ନିଜ ପ୍ରାଚ୍ୟକୁ ମଧ୍ୟ ଦେଖୁଛୁ - ଏହାହିଁ ଆମର ସବୁଠାରୁ ବଳି ବଡ଼ ଦୁର୍ଭାଗ୍ୟ । କିନ୍ତୁ ଏହି ଦୁର୍ଭାଗ୍ୟ 'ସୂର୍ଯ୍ୟାସ୍ତ' ପରି ନାଟକରେ ହିଁ ତାର ଅସ୍ତିତ୍ୱ ହରାଇ ବସେ । 'ସୂର୍ଯ୍ୟାସ୍ତ'ରେ ସୂର୍ଯ୍ୟୋଦୟର ଆଭାଷ ମିଳେ । ଏଥିରେ କେବଳ ଜୀବନ ଦେଖା ଦେଇ ନାହିଁ; ଆମ ରଙ୍ଗମଞ୍ଚ ମଧ୍ୟ ଦେଖା ଦେଇଛି; ଯାହାକି ନିତାନ୍ତ ଆମର । ଏବଂ ଏହି ନାଟକର ସଂପୂର୍ଣ୍ଣ ଅବବୋଧ ମଧ୍ୟ ଆମମାନଙ୍କର । ଏହି କାରଣରୁ ଏହା ନୂଆ ଓ ନୂତନ ମଧ୍ୟ । ଏଥିରେ କାବ୍ୟର ବ୍ୟଞ୍ଜନା ରହିଛି, ରଙ୍ଗମଞ୍ଚର ଧାରା ମଧ୍ୟ ରହିଛି । ଏହା ଦୀପଙ୍କରଙ୍କର ଜନ୍ମଦିନ ମାତ୍ର ନୁହେଁ; ଅଧିକନ୍ତୁ ନାଟ୍ୟକାର ଜେ.ପି. ଦାସଙ୍କର ଜନ୍ମଦିନ ସହିତ ଆମ ସମସ୍ତ 'ଦର୍ଶକ'ଙ୍କର ମଧ୍ୟ ଶୁଭ ଜନ୍ମଦିନ ।

ତା: ୧୬।୦୪।୧୯୭୯ **- ଲକ୍ଷ୍ମୀ ନାରାୟଣ ଲାଲ୍**

ବି:ଦ୍ର: ୧। ହିନ୍ଦୀ ଭାଷାରେ ଏହି 'ସୂର୍ଯ୍ୟାସ୍ତ' ନାଟକଟି ଶ୍ରୀମତୀ କାନ୍ତିଦେବଙ୍କ ଦ୍ୱାରା ଅନୁବାଦ କରାଯାଇଥିଲା । ଏହାର ପ୍ରକାଶକ ଥିଲେ, 'ରାଧାକୃଷ୍ଣ ପ୍ରକାଶନ, ନୂଆଦିଲ୍ଲୀ
(୧୯୭୬)' । ପରବର୍ତ୍ତୀ କାଳରେ ଏହା ମଧ୍ୟ 'ପ୍ରଭାତ ପ୍ରକାଶନ, ଚୌରୀ ବଜାର, ନୂଆଦିଲ୍ଲୀ-୬ (୧୯୯୪)' ଦ୍ୱାରା ପୁନଶ୍ଚ ପ୍ରକାଶିତ ହୋଇଥିଲା ।

୨। ଏହି ନାଟକଟି ତା ୨୫।୦୫।୧୯୭୬ରେ ଶ୍ରୀ ରାମ ଗୋପାଲ ବଜାଜ୍‌ଙ୍କ ନିର୍ଦ୍ଦେଶନାରେ 'ଦିଶାନ୍ତର' ପାଇଁ ହିନ୍ଦୀ ଭାଷାରେ ପ୍ରଥମେ 'ସୂର୍ଯ୍ୟାସ୍ତକ୍' ନାମରେ 'ଫାଇନ୍ ଆର୍ଟ ଥିଏଟର୍ସ' ଦ୍ୱାରା ରଫି ମାର୍ଗ ଠାରେ ମଞ୍ଚସ୍ଥ ହୋଇଥିଲା ଏବଂ ନାଟକର ମୁଖ୍ୟ ଭୂମିକାରେ ଥିଲେ ଅଭିନେତା ଓମ୍ ପୁରୀ ।

Digitized by srujanika@gmail.com

ନିର୍ଦ୍ଦେଶକ୍ କା ବକ୍ତବ୍ୟ (ହିନ୍ଦୀ) : ସୂର୍ଯ୍ୟାସ୍ତ

ଏହି ନାଟକର ନିର୍ବାଚନ ଓ ନାମକରଣ କରାଯିବାର କାହାଣୀକୁ ବାଦ୍ ଦେଇ ମୋର ବକ୍ତବ୍ୟ ସଂପୂର୍ଣ୍ଣ ହୋଇପାରିବ ନାହିଁ । 'ଆପଣଙ୍କୁ ଗୋଟିଏ ନାଟକର କପି ଦେଉଛି, ପଢ଼ିକରି ଆପଣଙ୍କର ସମ୍ମତି ଦିଅନ୍ତୁ' ଏବଂ ଏହି ପଦିଏ କଥା ସହିତ ମୋର ହାତକୁ ତତ୍‌କ୍ଷଣାତ୍ ଗୋଟିଏ ଫାଇଲ୍ ଆସିଗଲା । 'ସାମ୍ ହୋନେସେ ପହେଲେ' । ଓଡ଼ିଆ କବି ଜଗନ୍ନାଥ ପ୍ରସାଦଙ୍କ ନାଟକ । ହିନ୍ଦୀ ଅନୁବାଦ । ନାମ ଅସ୍ପଷ୍ଟ । ଯାହାହେଉ, ସେତେବେଳେ ଆକାଶବାଣୀରୁ ପ୍ରସାରିତ ହେଉଥିବା ଦୀନାଭାଇ (ଶ୍ରୀ ଦୀନାନାଥ)ଙ୍କ ଦ୍ୱାରା ଉପସ୍ଥାପିତ ନାଟକକୁ ଶୁଣିବାକୁ ପଡ଼ିଲା । ଦେଶାନ୍ତରର ରୀତିନୀତି ମାତ୍ରାଧିକ ଥିଲା । ମୁଁ ପଞ୍ଜାବ ବିଶ୍ୱବିଦ୍ୟାଳୟର ଭାରତୀୟ ରଙ୍ଗମଞ୍ଚ ବିଭାଗରେ ରିଡର ଭାବରେ ଯୋଗ ଦେବାକୁ ଯାଉଥିଲି । ଉଣେଇଶହ ତେସ୍ତରୀର ବର୍ଷା ଦିନ । ମୁଁ ନାଟକକୁ ପଢ଼ିବାକୁ ଲାଗିଲି ଓ ଏକା ଥରରେ ପଢି ସାରିକି ଉଠିଲି । ନାଟକର ମୁଖ୍ୟ ପାତ୍ର ଦୀପଙ୍କର ମୋତେ ନିଜ ଭିତରେ କେମିତି ବ୍ୟତିବ୍ୟସ୍ତ କରାଉ ଥିଲା । ଶେଷ ପର୍ଯ୍ୟାୟରେ ଅଦ୍ଭୁତ ଏକ ନିସ୍ତବ୍ଧତାରେ ପରିପୂର୍ଣ୍ଣ ପରିବେଶ, ବର୍ତ୍ତମାନ ସଚେତନ ପୃଥିବୀର ଦୁଃଖ ଭରା ଆବେଗ ସହିତ ମିଶି କେମିତି ଏକ କରୁଣ ରାଗିଣୀ ସୃଷ୍ଟି କରୁଥିଲା । ମୁଁ ଦୀନାଭାଇଙ୍କ ପାଖରେ ପହଞ୍ଚିଲି ଓ କହିଲି – "ଭାଇ ! ମୁଁ ଏହାକୁ ନାଟକ କରିବାକୁ ଚାହୁଁଛି" । ଏବେ ତ ମୁଁ ବାଦଲ ବାବୁଙ୍କ ନାଟକ 'ଶେଷ ନେଇ' (ହିନ୍ଦୀ ରୂପ- ଅନ୍ତ ନହିଁ) ବିଦେଶରେ କରାଇ ଥିଲି । ଅବଚେତନ ସ୍ତରରେ ମଗ୍ନ ରହିଥିବା ଲୋକମାନଙ୍କର ଦୁନିଆଁ ସେଠାରେ ମଧ୍ୟ ଥିଲା । କିନ୍ତୁ ସେତେବେଳେ ଲେଖକ ଜଗନ୍ନାଥ ପ୍ରସାଦଙ୍କ ସହିତ ସଂପର୍କ ସ୍ଥାପିତ ହେବା ପୂର୍ବରୁ ମୁଁ ପଞ୍ଜାବ ଚାଲିଗଲି । ଏହା ପରେ 'ସୂର୍ଯ୍ୟର ଅନ୍ତିମ କିରଣ ଠାରୁ ସୂର୍ଯ୍ୟଙ୍କର ପ୍ରଥମ କିରଣ ପର୍ଯ୍ୟନ୍ତ'ର ପ୍ରସ୍ତୁତି କାଳରେ ଜଣେ ନୌଜୱାନ-ସୁଠାମ ଯୁବକ ରବୀନ୍ଦ୍ର ଭବନରେ ମୋତେ କହିଲେ ଯେ ଏହି ନାଟକର ନିର୍ଦ୍ଦେଶକ ବଜାଜଙ୍କ ସହିତ ମୋର ଦେଖା କରିବାର ଅଛି । ମୁଁ ଦେଖା କଲି । ସେ ନିଜେ ସ୍ୱୟଂ ଜଗନ୍ନାଥ ପ୍ରସାଦ ଦାସ ଥିଲେ । କଥା ଉଠିଲା ଯେ ମୁଁ ତାଙ୍କର ସେହି ନାଟକଟିକୁ ମଞ୍ଚସ୍ଥ କରିବାକୁ ଚାହୁଁଥିଲି, କେବଳ ସଂପର୍କ ହୋଇ ପାରୁ ନଥିଲା ଯାହା । ଏବେ ଠିକ୍ ଅଛି .... ।

ଦିନ ଗଡ଼ି ଚାଲିଲା, ହେଲେ ନାଟକର ନାଁ ମନକୁ ପାଉ ନଥିଲା – ବହୁତ ଭାବି ଚିନ୍ତି 'ସୂର୍ଯ୍ୟାସ୍ତ' ପର୍ଯ୍ୟନ୍ତ ଆସିଲା ବେଳକୁ 'ସୂର୍ଯ୍ୟାସ୍ତକ୍'- ତାହାର ବିପର୍ଯ୍ୟୟ ଧ୍ୱନିଟି ଅଧିକ ଭଲ ଲାଗିଲା, ଏଣୁ ମଞ୍ଚନ ପାଇଁ ଲେଖକଙ୍କ ସହମତି ନେଇ ମୁଁ ନାଟକର ନାମ 'ସୂର୍ଯ୍ୟାସ୍ତକ୍' ରଖିଲି । ମାତ୍ର ଓମ୍ ମହାଶୟ ପ୍ରକାଶନ ପାଇଁ 'କ'କୁ ତ୍ୟାଗ କରି 'ସୂର୍ଯ୍ୟାସ୍ତ'କୁ କେବଳ ଉପଯୁକ୍ତ ବୋଲି ମନେକଲେ- ଭାଷାଗତ ଆଗ୍ରହ ପ୍ରକାଶନ ପାଇଁ ଉଚିତ୍ ମନେ ହେଲା ।

ବର୍ତ୍ତମାନ ନାଟକର ଅନ୍ତର କଥା । ଦୀପଙ୍କର ତାହାହେଲେ କାହିଁକି ଏତେ ବିଚଳିତ ? ତାକୁତ ସବୁକିଛି, ସାମାନ୍ୟ ଜୀବନ ଯାପନ ସ୍ତରଠାରୁ ବହୁତ୍ କିଛିତ ଅଧିକ ଉପଲବ୍ଧ ହୋଇଛି । ନାଟକରେ ଉତ୍ତର ରହିଛି- ସେ ତା'ର ପୂର୍ବତନ ପ୍ରେମିକା- 'ସହନଶୀଳ ମିତ୍ର'- ଉପରିସ୍ଥ ହାକିମ ଏବଂ ମିତ୍ର, ପତ୍ନୀ ସମସ୍ତଙ୍କୁ ପାରସ୍ପରିକ ସମ୍ବନ୍ଧ ମଧ୍ୟରେ ବିଶ୍ଳେଷଣ କରିଛନ୍ତି । ସେ ସବୁବେଳେ ନିଜ ଦୃଷ୍ଟି କୋଣରୁ, ନିଜ ପ୍ରସଙ୍ଗ କ୍ରମରେ ସେହି ସବୁ ସମ୍ବନ୍ଧକୁ ମାପିଛନ୍ତି । ଯେତେବେଳେ ବି ତା'ର ସମ୍ମୁଖରେ ଗୋଟିଏ ପ୍ରଶ୍ନ ଆସି ଉଙ୍କି ମାରୁଛି ଯେ, 'ତାହାହେଲେ ସେ ଜୀବନରେ କଣ ଚାହିଁଥିଲା ?'; ସେତେବେଳେ ଦୀପଙ୍କର ପାଖରେ ତାହାର କୌଣସି ସ୍ପଷ୍ଟ ଉତ୍ତର ନଥିଲା । ସେ ଆହୁରି ଯେମିତି ତଳକୁ ତଳକୁ ଖସି ଯାଉଥିଲା । ପ୍ରତିକ୍ରିୟା-ସଂବାଦ ମୁଦ୍ରା- ସବୁ କିଛି ନାଟକୀୟ । କାହିଁକି ? କଣ ସେ ନିଜେ ଛଳନାବାଦୀ ? ଯଦି ସେ ଏତେ ମାତ୍ରାରେ ବିଚଳିତ- ବାସ୍ତବ ଜୀବନକୁ ଅନୁଭବ କରି ତାହାକୁ ଅତିକ୍ରମ କରିବାକୁ ଚାହୁଁଛନ୍ତି- ତେବେ ସେ ସୂତ୍ରଧର କାହାର ? ଉତ୍ତର ମିଳେ ନାହିଁ । ଏହି ପ୍ରଶ୍ନକୁ ଅଭ୍ୟାସ କଲା ପରି ଦୀପଙ୍କରର ଭୂମିକାରେ ଅଭିନୟ କରୁଥିବା ଓମ୍ ପୁରୀ ଗୁରୁତ୍ୱ ପ୍ରଦାନ କରୁଥିଲେ । ଏହା ପୂର୍ବରୁ କମଳ କପୁର ଓ ସ୍ୱୟଂ ନାଟ୍ୟକାର ମଧ୍ୟ ଦୀପଙ୍କରଙ୍କ ଅସମର୍ଥ ବ୍ୟବସ୍ଥା ଓ ନିଷ୍ଫଳତା ପାଇଁ ତା' ଚାରିପାଖରେ ଥିବା କେତେକ ଲୋକମାନଙ୍କୁ ଦାୟୀ କରୁଥିଲେ । ସେଥିପାଇଁ ତାହାର ନାଟକୀୟ ମହତ୍ତ୍ୱକୁ ତ ଉପେକ୍ଷା କରି ହେବନାହିଁ କାରଣ ଏତେ ଗଭୀର ପ୍ରତିରୋଧର ରେଖା ସତ୍ତ୍ୱେ ବ୍ୟକ୍ତି ମଧ୍ୟ ଆମର ନୁହେଁ, କାରଣ ପରିଶେଷରେ ସେ କିଛିହିଁ କରେ ନାହିଁ । ବହୁତ କଥା କୁହେ, ଅନୁଭବ ମଧ୍ୟ କରେ, କିଛି ନାଟକୀୟ ପ୍ରକାଶ ବିନା ମଧ୍ୟ ଧରାଶାୟୀ ହୋଇଯାଏ । ମୋର ମନେ ହୁଏ- ନିମ୍ନ ମଧ୍ୟବିତ୍ତ ମାନଙ୍କର ଗୋଟିଏ ବହୁତ ବଡ ଗୋଷ୍ଠୀ ଅଛି, ଯେଉଁମାନେ ସମାଜର ଏକ ବିଶେଷ ସ୍ଥିତିରେ ପହଞ୍ଚି ଗଲା ପରେହିଁ ସେମାନଙ୍କର ସମ୍ବେଦନା, ଚେତନା ରହିଛି ବୋଲି ଅନୁଭବ କରନ୍ତି ।

Digitized by srujanika@gmail.com

ବ୍ୟକ୍ତିତ୍ୱରେ ଏତାଦୃଶ ବିରୋଧ, ଅବରୋଧ ଏବଂ ତାହାର ପରିଚୟ ନିଜ ଭିତରେ ପାଇ ସାରିବା ପରେ ଏକ ପ୍ରକାର ମିଥ୍ୟା କ୍ରୋଧ ସ୍ୱତଃ ଏକ ନାଟକୀୟ ଏବଂ ପ୍ରତାରଣାପୂର୍ଣ୍ଣ ସ୍ଥିତିରେ ପରିଣତ ହୋଇଯାଏ ।

ସମ୍ଭବତଃ ଏହି ସ୍ଥିତିରେ ସାକ୍ଷାତକାର ଏବଂ ସେଥିରେ ଥିବା ଭୟ ଅତିରଞ୍ଜିତ ହେବ (ବ୍ୟଞ୍ଜନା ପାଇଁ), ଅତଏବ୍ ହାସ୍ୟାସ୍ପଦ ମଧ୍ୟ । ଉକ୍ତ ପ୍ରସ୍ତୁତିର ସଂପୂର୍ଣ୍ଣ ପ୍ରୟାସ ହେଉଛି ଯେ, ଏଥିରେ ହାସ୍ୟ ପ୍ରତିବଦଳରେ ଉପହାସ ଯେପରି ଆମର ମନ୍ତବ୍ୟ ହେବ । ଉପହାସ- ଯାହା ପରସ୍ପର ସମ୍ବନ୍ଧରେ ଲାଗି ରହିଥିବା ଚାରିଜଣ ବ୍ୟକ୍ତିଙ୍କ ସହଯୋଗରେ ସୃଷ୍ଟି ହୋଇଥାଏ । ମାତ୍ର ଚାରିଜଣ ବ୍ୟକ୍ତି- ପତି, ପତ୍ନୀ, ପ୍ରେମିକା-ମିତ୍ର ଏବଂ ହାକିମ - ପୂରା ପରିବେଶକୁ ଉପସ୍ଥିତ କରିଥାନ୍ତି ବା କହିହେବ ଯେ ପୂରା ପରିବେଶର ପ୍ରତିଫଳନ ଏହିପରି ଘଟିଛି ବୋଲି । ପରିବେଶ ଦିଗରେ, ସଂରଚନା ଦିଗରେ ଯେଉଁଠି ଏହିମାନେହିଁ ଗୋଟିଏ ଗୋଟିଏ ଉପାଦାନ- ସେଠାରେ ମଧ୍ୟ ସିଧା ସଳଖ ଭାବରେ ଆଲୋକପାତ କରାଯାଇ ନାହିଁ । ସଂପୂର୍ଣ୍ଣ ଅଭିନୟ ମଧ୍ୟରେ ଦୀପଙ୍କରଙ୍କର କଟୁତା ପାଇଁ ପରିବେଶ ଏବଂ ପାରିପାର୍ଶ୍ୱିକ ବ୍ୟବସ୍ଥା ଦ୍ୱାରା ପ୍ରତିକ୍ରିୟା ପ୍ରାପ୍ତ ହୋଇଅଛି । ମୁଁ ଭାବୁଛି ଜୀବନର ଅତ୍ୟନ୍ତ ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ଆତ୍ମକୈନ୍ଦ୍ରିକ ହୋଇ ଇତଃସ୍ତତ ହୋଇଯାଉଥିବା ପାତ୍ର ଅଜ୍ଞାତରେ ହେଉପଛେ ଅଧିକ ସତ୍ୟଶୀଳ । ସେ କୌଣସି ବୃହତ୍ତର ପରିଧି ସହିତ ସଂଶ୍ଳିଷ୍ଟ ହୋଇ ପାରୁ ନାହିଁ, ଏବଂ ଏହି ନ ହୋଇ ପାରିବାର ଅନୁଭୂତି ଅବଶିଷ୍ଟ ଉପଲବ୍ଧି ସମ୍ମୁଖରେ ପ୍ରଶ୍ନବାଚକ ଚିହ୍ନ ଲଗାଇ ଦେଉଛି । ତାହା ସାଙ୍ଗକୁ ମଧ୍ୟ ସେ ସେହି ସାମାନ୍ୟ ପ୍ରାପ୍ତିକୁ ଉପେକ୍ଷା କରି ପାରୁନାହିଁ, କାରଣ ତାହା ବ୍ୟତିରେକ ସେ ସମ୍ଭବତଃ ସେତିକି ମଧ୍ୟ ନୁହେଁ । ଦୀପଙ୍କର ହେଉଛି ସିଏ, ଯିଏ ପ୍ରତ୍ୟେକ ଦିନ ବିଦ୍ରୋହ କରିବାକୁ ଇଚ୍ଛା କରେ, ମାତ୍ର ସଂକଳ୍ପ ନୁହେଁ । ଯେ କୌଣସି ଏକ ବୟସରେ କିଛି ବି କାର୍ଯ୍ୟ ଆରମ୍ଭ କରି ବଞ୍ଚୁଥିବା ଲୋକମାନଙ୍କ ତାଲିକାରେ ସେ କଣ ଗଣା ଯାଇ ପାରିବେ ? ଆମେ ତାହାକୁ ସେଭଳି କରି ଦେଖାଉ ନାହୁଁ, ଯାହାପାଇଁ ଦର୍ଶକଙ୍କର କରୁଣା ନୁହେଁ, ସମବେଦନା ନୁହେଁ, କେବଳ ଯେ କୌଣସି ପ୍ରତିକ୍ରିୟା ଦିଗରେ କଟୁତା ମାତ୍ର ବୃଦ୍ଧି ପାଇବ ।

ପ୍ରାରମ୍ଭରୁ ମଞ୍ଚ ଅତି ସାମାନ୍ୟ, ଯାହାର ସୁବିଧା ମାତ୍ର ଚାରିଜଣ ପାତ୍ରଙ୍କ ପାଇଁ ବ୍ୟବସ୍ଥିତ ଓ ପର୍ଯ୍ୟାପ୍ତ ମଧ୍ୟ । କଠିନ ମଧ୍ୟ, କାରଣ ବିନ୍ୟାସ ଓ ସଂଖ୍ୟା ଦ୍ୱାରା ପ୍ରଭାବର ପ୍ରଶ୍ନ ଉଠୁନାହିଁ । ଶିଳ୍ପ ଦୃଷ୍ଟିକୋଣରୁ ଦୀପଙ୍କର ନିଜର ଅଭିଯୁକ୍ତଙ୍କ ଉପରେ ଯେଉଁ ମକଦ୍ଦମା ଚଳାଇଛନ୍ତି, ତାହା ଏକ ଶୈଳୀ ମାତ୍ର; ଯାହାକୁ ଆମେ ଏକ ବିଶେଷ ଶୈଳୀ ପରି ମହତ୍ତ୍ୱ ପ୍ରଦାନ କରୁଅଛୁ । ସଞ୍ଜୟ ଓ ଶୀଲା ମଧ୍ୟ ସେପରି ନୁହନ୍ତି, ଯେପରି ଦୀପଙ୍କର ସେମାନଙ୍କୁ ଦେଖିଛି । ଅଧିକନ୍ତୁ ସେପରି ହୋଇ ମଧ୍ୟ ତାହାର ନିଜସ୍ୱ ଯନ୍ତ୍ରଣା ରହିଛି । ସ୍ୱପ୍ନ ମଧ୍ୟ ରହିଛି । ସଞ୍ଜୟଙ୍କ ସେହି ପକ୍ଷ ଯଦି ଏଠାରେ ଆମର କ୍ଷେତ୍ର ହୋଇଉଠେ, ତେବେ ନାଟକ ବଦଳି ଯିବ ନିଶ୍ଚୟ । ଶୀଲାର ଅନ୍ତର୍ଦାହ ଅବଶ୍ୟ ଉକ୍ତିମାରେ ଯେତେବେଳେ ସେ ବବଲୁର ଚିଠିକୁ ଚର୍ଚ୍ଚା କରିଥାନ୍ତି, କିମ୍ବା ଦୀପଙ୍କରଙ୍କଠାରୁ କିଛି କରିବାର ଅଭିଳାଷ ରଖିଥାନ୍ତି । ସରୋଜ ଓ ଶୀଲାଙ୍କ ଦୃଷ୍ଟିରେ ଦୀପଙ୍କର ଅତି ମାତ୍ରାରେ ଦୁର୍ବଳ ତଥା ଏକ ଆତ୍ମକୈନ୍ଦ୍ରିକ ବ୍ୟକ୍ତି, ଯାହା ସହିତ ସେମାନେ ମାତ୍ର କେବଳ ସଂପର୍କ ରଖିଛନ୍ତି । ପୂର୍ଣ୍ଣ ସହାନୁଭୂତି ମିଳିବା ଆଦୌ ସମ୍ଭବ ନୁହେଁ । କିନ୍ତୁ ରୂପ ସଂରଚନା ଦୃଷ୍ଟିରୁ ସମସ୍ତ ପାତ୍ରଙ୍କୁ ଦୀପଙ୍କରଙ୍କ ପକ୍ଷରୁ ଦେଖିବାକୁ ପଡ଼ିଛି, ଯିଏକି ଭୟଙ୍କର ଆତ୍ମରତିରେ ମଗ୍ନ ହୋଇ ଉଠିଛି । ଦୁର୍ବଳ କିନ୍ତୁ ସମବେଦନାଶୀଳ ପ୍ରାଣୀ ଛଟପଟ ହୋଇ କେବଳ ଦେଖେ ଦର୍ଶକଙ୍କୁ । ସଂପୂର୍ଣ୍ଣ ସ୍ଥିତି ପୁଣି କେବଳ ଉପହାସ ଦିଗରେ କେନ୍ଦ୍ରିଭୂତ ହୋଇ ଉଠେ, ହେଲେ ଅପାରଙ୍ଗମତା ଦିଗରେ ତ ଆଦୌ ନୁହେଁ । ଏଣୁ ପାତ୍ରମାନଙ୍କୁ ଅଧିକ ପ୍ରଭାବଶାଳୀ କରାଇବା ପାଇଁ ଧୀର ପ୍ରବାହ, ସଂଗୀତାତ୍ମକ ନୀରବତାକୁ ଭଗ୍ନ କରୁଥିବା କଟୌକ୍ତି ପ୍ରଭୃତିର ପ୍ରୟୋଗ କରାଯାଇଛି । ସମଗ୍ର ପ୍ରଭାବରେ ପ୍ରକାଶ-ଯୋଜନା ମଞ୍ଚ ଉପରେ ଅବଚେତନ, ସ୍ୱପ୍ନମୟ ପରି ପ୍ରଭବ ଯେପରି ସୃଷ୍ଟି କରେ, ତାହାର ଅପେକ୍ଷା ରଖିଥାଏ । ସଂଗୀତ ଚୟନ କ୍ଷେତ୍ରରେ ସିଂଫୋନିର ପ୍ରୟୋଗ ଏହି କାରଣରୁ କରାଯାଇ ଅଛି ଯେ, ଥରେ ମାତ୍ର ଗୌଣ ଧ୍ୱନି ବିକଶିତ ହୋଇ ଉର୍ଦ୍ଧ୍ୱମୁଖୀ ହେବା ଅର୍ଥ ସେହି ସ୍ଥିତି ଅବଚେତନ ସ୍ତରକୁହିଁ ପ୍ରକାଶ କରୁଛି । ଭାବୁଛି ଅମୂର୍ତ୍ତ ରୂପରେ ଏପରି ସାଂଗୀତିକ ବାତାବରଣ ଏବଂ ଅନ୍ତସ୍ଥ ବ୍ୟକ୍ତ କିନ୍ତୁ ଅଦୃଷ୍ଟ କ୍ରିୟା-ବ୍ୟାପାରକୁ ଇଙ୍ଗିତ ଦେଇ ପାରିବ, ଏବଂ ଏହି ଦେବାଦ୍ୱାରାହିଁ ନାଟକ ଓ ଅଭିନେତାଙ୍କୁ ତାହା ସହାୟକ ହେବ ।

ରାମ ଗୋପାଳ ବଜାଜ୍

(‘ସୂର୍ଯ୍ୟାସ୍ତ ପୂର୍ବରୁ’ ନାଟକର ହିନ୍ଦୀ ଅନୁବାଦ “ସୂର୍ଯ୍ୟାସ୍ତ”କୁ ପ୍ରସ୍ତୁତ କରିଥିଲେ, କାନ୍ତି ଦେବ । ଏହି ପୁସ୍ତକଟି ରାଧାକୃଷ୍ଣ ପ୍ରକାଶନ, ନୂଆଦିଲ୍ଲୀ କର୍ତ୍ତୃକଙ୍କ ଦ୍ୱାରା ୧୯୭୬ ମସିହାରେ ପ୍ରକାଶିତ ହୋଇଥିଲା ।)

Digitized by srujanika@gmail.com

ଦୋ ଶବ୍ଦ (ହିନ୍ଦୀ) : ଏକ୍ ଦୁସରେ କେ ଲିୟେ

ଡଃ ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଆ ଭାଷାର ଜଣେ ସୁପରିଚିତ ନାଟ୍ୟକାର । ସଂକଳନରେ ସଂକଳିତ ତାଙ୍କର ଦୁଇଗୋଟି ଅନୂଦିତ ଏକାଙ୍କିକା 'ଅଚାନକ' ଓ 'ପୂର୍ବରାଗ' ଏହି ଉକ୍ତିର ପ୍ରମାଣ କରିଥାଏ ଯେ, ନାଟକୀୟ ସ୍ଥିତି ସଂରଚନା କରିବା ଦିଗରେ ସେ ଜଣେ ଅତ୍ୟନ୍ତ କୁଶଳୀ କଳାକାର । ଦୁଇଗୋଟି ଏକାଙ୍କିକାର ବିଷୟବସ୍ତୁ ସଂଯୋଗ ବଶତଃ 'ବିବାହ'କୁ କେନ୍ଦ୍ରକରି ଗଢ଼ିଥିଲେ ମଧ୍ୟ ସେହି ସଂଯୋଗ କେବେ ଭିତ୍ତିହୀନ ବୋଲି ମନେହୁଏନାହିଁ । ସାଂପ୍ରତିକ ସାହିତ୍ୟର ମୁଖ୍ୟ ଚିନ୍ତନରେ ଗୋଟିଏ ନାରୀ ବି ରହୁଛି, ଏବଂ ନାରୀ ମଧ୍ୟ ବିବାହ ସହିତ ବାନ୍ଧି ହୋଇ ରହୁଛି । ବିବାହ ସଂସ୍ଥା ଆଜି କେଉଁ ପ୍ରକାରର ବିଡ଼ମ୍ବନାରେ ପରିଣତ ହୋଇ ଯାଇଛି ତାହା ସର୍ବବିଦିତ । ବିବାହ କେବେ ହେବ, ଏହି ଦାୟିତ୍ୱ ବାପା-ମାଙ୍କର ନା ପୁଅ-ଝିଅମାନଙ୍କର ନିଜ ନିଜର ଜୀବନସାଥୀ ବାଛିବାର ଅଧିକାର ରହିଛି ? ପ୍ରେମ ବିବାହ ଓ ଯୌତୁକ ପ୍ରଥା ବା ସେହିପରି ଥିବା ଅନେକ ସମସ୍ୟାମାନ ଆଜି ଆମମାନଙ୍କୁ ବ୍ୟତିବ୍ୟସ୍ତ କରୁଛି । ଏହି ଦୁଇଗୋଟି ଏକାଙ୍କିକା ମାଧ୍ୟମରେ ଲେଖକ ଏହି ଜ୍ୱଳନ୍ତ ସମସ୍ୟାମାନର ଅସଙ୍ଗତି ପ୍ରତି ଦୃଷ୍ଟି ଆକର୍ଷଣ କରାଇଛନ୍ତି ।

ଲେଖକ ଏହିସବୁ ସମସ୍ୟାମାନ ଉପରେ କେବେ ସିଦ୍ଧାନ୍ତରେ ପହଞ୍ଚିଲା ପରି ଯୁକ୍ତି ବାଢ଼ି କୌଣସି ନିର୍ଣ୍ଣୟରେ ପହଞ୍ଚିବାକୁ ଚେଷ୍ଟା କରି ନାହାନ୍ତି ବରଂ ହାସ୍ୟ-ବ୍ୟଙ୍ଗ ମାଧ୍ୟମରେ ସମସ୍ୟାର ବ୍ୟର୍ଥତା ଓ ଅସଙ୍ଗତିକୁ ଅତି ସ୍ପଷ୍ଟ ଭାବରେ ସୂଚାଇଛନ୍ତି । ଲେଖକ ମାନବ-ମନୋବିଜ୍ଞାନର ଜ୍ଞାତା । ଏହି କାରଣରୁ ଅତି ସହଜ ଭାବରେ ଏପରି ସ୍ଥିତିକୁ ସୃଷ୍ଟି କରାଇ ପାରନ୍ତି, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିରାଭରଣ ହୋଇଉଠେ । ଯେପରି 'ଅଚାନକ' ଏକାଙ୍କିକାରେ ଦୁଇ ଜଣ ବୁଢ଼ା, ଯିଏକି ନିଜର ପରିଣତ ବୟସରେ ମଧ୍ୟ ଖବର କାଗଜରେ ପ୍ରକାଶିତ ବିବାହ-ବିଜ୍ଞାପନ ଦେଖିବାରେ ଅତ୍ୟନ୍ତ ରସିକପ୍ରବଣ । ପ୍ରଥମରୁ ସେମାନେ ଯୌତୁକ ବିରୋଧି ଭାବରେ ଆତ୍ମ ପ୍ରକାଶ କରିଥିଲେ ମଧ୍ୟ ଶେଷରେ ନିଜ ନିଜର ଝିଅମାନଙ୍କପାଇଁ ଅଧିକରୁ ଅଧିକ ଯୌତୁକ ଦେବାପାଇଁ ଇଚ୍ଛା ପ୍ରକଟ କରିଛନ୍ତି । ହେଲେ ସେମାନଙ୍କ ସମ୍ଭାବିତ ଜ୍ୱାଇଁ ତ କୌଣସି ତୃତୀୟ ଯୁବତୀ ସହିତ ବିବାହ କରି ତାଙ୍କର ଆଶାକୁ ପାଣିରେ ମିଳାଇ ଦିଅନ୍ତି । 'ଅଚାନକ' ରେସ୍‌ର ଘୋଡ଼ାର ନାମ ମାତ୍ର; ହେଲେ ଲେଖକ ଏହି ଦୁଇ ଅର୍ଥ ବିଶିଷ୍ଟ ଶବ୍ଦର ବ୍ୟଞ୍ଜନାତ୍ମକ ଉପଯୋଗ କରି ସତେ ଯେପରି କହିବାକୁ ଚାହିଛନ୍ତି ଯେ, ବିବାହ ମଧ୍ୟ ଏକ ପ୍ରକାର ଜୁଆ ଖେଳ ଛଡ଼ା ଅନ୍ୟ କିଛି ନୁହେଁ ।

ଦ୍ୱିତୀୟ ଚିତ୍ତାକର୍ଷକ ଏକାଙ୍କିକା 'ପୂର୍ବରାଗ' ମଧ୍ୟ ବିବାହ ସମସ୍ୟା ଉପରେ ଆଧାରିତ । ପ୍ରାରମ୍ଭରୁହିଁ ପୁଅ ଓ ଝିଅ ଦୁହିଁଙ୍କର ମା-ବାପା ସେମାନଙ୍କୁ ବିବାହ କରାଇବାପାଇଁ ସ୍ୱାଧୀନତା ଦେବାର ଅଭିନୟ କରନ୍ତି, ଯଦିଓ ବାସ୍ତବରେ ଚାହୁଁଥାନ୍ତି ଯେ, ସେ ଦୁଇଜଣ ପରସ୍ପରକୁ ବିବାହ ହୋଇ ଯାଆନ୍ତୁ ବୋଲି । ହେଲେ ସେମାନେ ଭିନ୍ନ ଭିନ୍ନ କାରଣରୁ ଏପରି କରିବାକୁ ଚାହାନ୍ତି ନାହିଁ । ଅନ୍ୟ ପକ୍ଷରେ ନିଜ ବାପାଙ୍କୁ ନାରାଜ ମଧ୍ୟ କରାଇ ପାରନ୍ତି ନାହିଁ । ଏଣୁ ସେମାନଙ୍କର ପ୍ରଯତ୍ନକୁ ବ୍ୟର୍ଥ କରିବା ପାଇଁ ସେମାନେ ଯାହା ନୁହନ୍ତି, ତାହା ବୋଲି ଅଭିନୟ କରନ୍ତି । ଏବଂ ଏହିପରି ଭାବରେ ସେମାନେ ତାଙ୍କର ବ୍ୟୂହରୁ ଖସି ଯିବାରେ ସଫଳ ହୋଇ ଉଠନ୍ତି ।

ଉଭୟ ଏକାଙ୍କିକାକୁ ସଫଳତା ପୂର୍ବକ ମଞ୍ଚସ୍ଥ କରାଯାଇ ପାରିବ । ମନୋରଞ୍ଜନ ସହିତ ବିଭିନ୍ନ ସମସ୍ୟା ପ୍ରତି ଧ୍ୟାନ ଆକର୍ଷଣ କରାଇବାର ନିଜସ୍ୱ ଉଦ୍ୟମରେ ମଧ୍ୟ ସେ ସଫଳ ହୋଇ ପାରିଛନ୍ତି । ହିନ୍ଦୀ ଅନୁବାଦକ ଶ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର ନିଜର ଅନୁବାଦ କାର୍ଯ୍ୟକୁ ଏତେ କୁଶଳତା ପୂର୍ବକ ସଂପନ୍ନ କରିଛନ୍ତି ଯେ ପଢ଼ିଲେ ତାହା ମୂଳ ହିନ୍ଦୀରେ ରଚନା ହୋଇଥିବାର ଭ୍ରମ ସୃଷ୍ଟି କରାଏ ।

ମୋର ବିଶ୍ୱାସ ଯେ ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କର ଆହୁରି ଅନେକ ଏକାଙ୍କିକା ହିନ୍ଦୀ ପାଠକ ଓ ଦର୍ଶକମାନଙ୍କ ପାଇଁ ସୁଲଭ ହୋଇ ଉଠିବ ।

୮୨୮, କୁଣ୍ଡେୱାଲାନ,ଅଜମେରୀ ଗେଟ୍, ଦିଲ୍ଲୀ – ୧୧୦୦୦୬ **ବିଷ୍ଣୁ ପ୍ରଭାକର**

("ଏକ ଦୁସ୍‌ରେ କେ ଲିୟେ" ପୁସ୍ତକଟି ମୂଳ ଓଡ଼ିଆ ଏକାଙ୍କିକା ସଂକଳନ 'ପୂର୍ବରାଗ'ର ହିନ୍ଦୀ ଅନୁବାଦ । ଅନୁବାଦ ପ୍ରସ୍ତୁତ କରିଥିଲେ ରାଜେନ୍ଦ୍ରପ୍ରସାଦ ମିଶ୍ର । ଏହି ପୁସ୍ତକଟି ପ୍ରଥମ କରି ୧୯୮୬ ମସିହାରେ ଜୟଶ୍ରୀ ପ୍ରକାଶନ, ୪/୧୧୫, ବିଶ୍ୱାସ ନଗର, ଦିଲ୍ଲୀ-୧୧୦୦୩୨ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ।)

Digitized by srujanika@gmail.com

ପ୍ରସଙ୍ଗ : ଗଳ୍ପ

ରୁମାନ୍ କୀ ସରହଦୋଁ କେ ଇଧର୍ ଉଧର୍ (ହିନ୍ଦୀ) : ତିସରୀ ଦୁନିୟା

କୌଣସି ଏକ ଲେଖକଙ୍କର କାହାଣୀ ଉପରେ କିଛି ଆଲୋଚନା କରିବା, ଯିଏ କି ଏକାଧାରରେ ଜଣେ କବି ଓ କଥାକାର ଉଭୟେ, ଏକ କଷ୍ଟକର ବ୍ୟାପାର । ବିଶେଷ କରି ସେତେବେଳେ, ଯେତେବେଳେ କଥାକାର କବି ପରି ଜଣା ଯାଉଥିବେ ଏବଂ ସେ ପ୍ରଥମେ କବି ନା କଥାକାର, ଏହା ମଧ୍ୟ ନିର୍ଣ୍ଣୟ କରିବା ଅତ୍ୟନ୍ତ ମୁସ୍କିଲ କଥା । ହିନ୍ଦୀରେ ଏଭଳି ସ୍ଥିତି ଥିଲେ ଥିବ, ତେବେ ମୋଟା ମୋଟି ଭାବରେ ନାହିଁ କହିଲେ ଚଳେ । ଏଠାରେ କବି-କଥାକାର ରହିଛନ୍ତି, ହେଲେ ତାଙ୍କର ପରିଚିତି ସର୍ବ ପ୍ରଥମେ କବିଙ୍କ ପରିହିଁ ହୋଇଥାଏ । ଏହିଭଳି ଲେଖକମାନଙ୍କର ହିନ୍ଦୀ ସାହିତ୍ୟରେ ମହତ୍ତ୍ୱପୂର୍ଣ୍ଣ ପ୍ରତିଷ୍ଠା ରହିଛି । ସେମାନେ ହେଲେ, ଅଜ୍ଞେୟ, ଶ୍ରୀକାନ୍ତ ବର୍ମା, କୁଅଁର ନାରାୟଣ, ରଘୁବୀର ସହାୟ, ଉଦୟ ପ୍ରକାଶ ପ୍ରମୁଖ କବି ଓ କଥାକାର । ଅଜ୍ଞେୟଙ୍କର କଥାକାର ସ୍ୱରୂପକୁ ନା ସେ ନିଜ ପ୍ରଚେଷ୍ଟାରେ ସୂଚାଇ ପାରିଲେ, ନା ଲେଖକ-ପାଠକ ସମାଜ ତାହାକୁ ସଂପନ୍ନ କଲା । ସେ ନିର୍ବିବାଦ ରୂପରେ ଶୀର୍ଷସ୍ଥ କବି ଭାବରେ ପରିଗଣିତ ହେବା ସଂଗେ ସଂଗେ ଶୀର୍ଷସ୍ଥ କଥାକାରଙ୍କ ପରି ମଧ୍ୟ ବେଶ୍ ପରିଚିତ ହୋଇ ଉଠିଲେ । ଏବଂ ଶ୍ରୀକାନ୍ତ ବର୍ମା ମହୋଦୟ କେବଳ ଜଣାଶୁଣା କଥାକାର ଅପେକ୍ଷା ଖୁବ୍ ବଡ କାହାଣୀର ଲେଖକ ଭାବରେ ମଧ୍ୟ ଅଜସ୍ର ପ୍ରତିଷ୍ଠା ପାଇଗଲେ । ଏହା ପଛରେ କୌଣସି ଆକସ୍ମିକତା ନଥିଲା କି କୌଣସି ପ୍ରକାରର ସଂଯୋଗର ଭୂମିକା ମଧ୍ୟ ନଥିଲା ।

ଓଡ଼ିଆର ଜଣାଶୁଣା ଲେଖକ ଜଗନ୍ନାଥ ପ୍ରସାଦ ଦାସଙ୍କ ନାମ ହିନ୍ଦୀ ପାଠକଙ୍କ ପାଇଁ ଆଦୌ ନୂଆ ନୁହେଁ । ସେ ହିନ୍ଦୀ ସାହିତ୍ୟରେ ଓଡ଼ିଆ କବି ଭାବରେ ସୁପରିଚିତ । ଯିଏ ତାଙ୍କର କବିତାଗୁଡ଼ିକୁ ପଢ଼ିଛନ୍ତି, ସେ ଯେ କେବେ ତାଙ୍କର ମୂଳସତ୍ତାକୁ ଭୁଲିଯିବେ,ତାହା ଅସମ୍ଭବ ବ୍ୟାପାର । ତାଙ୍କ କବିତାରେ ସ୍ତ୍ରୀ ଅଛନ୍ତି, ପ୍ରେମ ଥାଉ କି ନଥାଉ ଉତ୍କଟ କାମନା ବି ରହିଛି, ଉଦ୍‌ବେଗ ରହିଛି, ବାସ୍ତବତା ରହିଛି ଓ ଏକ ଅନବରତ ଭାଷା ମଧ୍ୟ ରହିଛି, ରହିଛି ମଧ୍ୟ ବିମ୍ବର ପ୍ରବାହ ଯାହାକି ରୋମାଞ୍ଚର ଇନ୍ଦ୍ରଧନୁରେ ପାଠକଙ୍କୁ ନିରନ୍ତର ବାନ୍ଧି ରଖିଥାଏ ।

ହିନ୍ଦୀରେ କଥାକାର ଭାବରେ ଏହା ତାଙ୍କର ତୃତୀୟ ସଂକଳନ । ବିହଙ୍ଗାବଲୋକନରେ ଜଗନ୍ନାଥ ପ୍ରସାଦ ଦାସଙ୍କର କେତେକ କାହାଣୀ ତାଙ୍କ କବିତାର ବିସ୍ତାରିତ ରୂପ ଭଳି ମନେହୁଏ; ଯଦିଓ ତାହା ଆଦୌ ନୁହେଁ । ବୋଧିହୁଏ ଏହାର କାରଣ ଏହା ହୋଇପାରେ ଯେ କାହାଣୀ ଗୁଡ଼ିକର ରଚନା-ସଂସାର ରୋମାଞ୍ଚର ସରହଦ ନିକଟରେ ଅଟକି ଯାଇଛି । ତାହା ସ୍ତ୍ରୀ-ପୁରୁଷଙ୍କ ସମ୍ବନ୍ଧର କାହାଣୀ ହୋଇପାରେ ବା ହୋଇପାରେ କୌଣସି ସାମାଜିକ ଚିନ୍ତାକୁ ନେଇ ରଚିତ ହୋଇଥିବା କାହାଣୀ । 'ସ୍ପର୍ଶ' ଓ 'ସଂପ୍ରଦାୟ' ପରି କାହାଣୀଗୁଡ଼ିକ ଏହାର ପ୍ରକୃଷ୍ଟ ଉଦାହରଣ । 'ସ୍ପର୍ଶ' 'ସାକ୍ଷାତକାର' ଓ 'ବୁଢ଼ିଆଣୀ ଜାଲ' ସ୍ତ୍ରୀ-ପୁରୁଷର ସମ୍ବନ୍ଧ ବା ପ୍ରେମ ହେବା-ନହେବାର କାହାଣୀ ଇତ୍ୟାଦି ଇତ୍ୟାଦି । ଏଗୁଡ଼ିକ ମଧ୍ୟରୁ 'ସ୍ପର୍ଶ'କୁ ଛାଡ଼ିଦେଲେ ପ୍ରାୟ ଅନ୍ୟସବୁ ଅତ୍ୟନ୍ତ ରୋମାଞ୍ଚକର ମନେହୁଏ । ଦୁଇଟି ଯାକ କାହାଣୀ ସ୍ତ୍ରୀ-ପୁରୁଷଙ୍କର ପ୍ରେମରେ ବଦଳୁଥିବା ରଙ୍ଗକୁ ଚିତ୍ରିତ କରିବା ପାଇଁ ପ୍ରୟାସ କରିଛନ୍ତି ।

'ସାକ୍ଷାତକାର' ଅନେକ ଦୃଷ୍ଟିକୋଣରୁ ଏକ ଶକ୍ତିଶାଳୀ ଗଳ୍ପ ବୋଲି ମନେ ହୋଇଥାଏ । ଏହି କାହାଣୀଟି ଅତି ସରଳ ଭାବରେ ବର୍ଣ୍ଣିତ ହୋଇଛି । ଗୋଟିଏ ପ୍ରେମୀ ଓ ତାର ଏକ ପ୍ରେମିକା ଏକାନ୍ତ ସ୍ଥାନକୁ ଖୋଜି ଖୋଜି ଯାଇ ଏକ ହୋଟେଲରେ ପହଞ୍ଚିଛନ୍ତି । କିନ୍ତୁ ହୋଟେଲର ସେହି ଏକାନ୍ତ କୋଠରୀ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ଜଣେ ବନ୍ଧୁଙ୍କ ସହିତ ଭେଟ ହୋଇ ଯାଇଛି ଏବଂ ଉପସ୍ଥିତ ମୁହୂର୍ତ୍ତରେ ଅନନ୍ୟୋପାୟ ହୋଇ ସେମାନଙ୍କୁ ଅଭିନୟ ମାତ୍ର କରିବାକୁ ପଡ଼ିଛି । ଏହି ଅଭିନୟ ଖୁସି-ମଜାରେ କେବଳ ବନ୍ଧୁଙ୍କୁ ଦେଖାଇବା ପାଇଁ

Digitized by srujanika@gmail.com

ଆରମ୍ଭ କରା ଯାଇଥିଲେ ମଧ୍ୟ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ, ଖେଳ-କୌତୁକରେ ଅଭିନୟ କରୁ କରୁ ଉଭୟଙ୍କ ବାସ୍ତବ ରୂପ ଉଭୟଙ୍କ ଆଖିରେ ବେଶ୍ ସ୍ପଷ୍ଟ ହୋଇଉଠେ ଏବଂ ନିଜ ମନର ଉତ୍କଟ ଇଚ୍ଛା ଶକ୍ତି ସେହିଠାରେ ଅବଦମିତ ହୋଇ ରହିଯାଏ ।

'ସଂପ୍ରଦାୟ' ଏକ ପାଗଳ ମାଧ୍ୟମରେ ସଂପ୍ରଦାୟିକତା, ସାମାଜିକ ହିଂସା ଓ କ୍ରୂରତା ଉପରେ ଗଭୀର ଆଘାତପ୍ରାପ୍ତ କରୁଥିବା କାହାଣୀ । ଏହି କାହାଣୀଟି ଅତ୍ୟନ୍ତ ମାର୍ମିକ ହେଲେ ମଧ୍ୟ ଉର୍ଦ୍ଦୁର କାଳଜୟୀ କଥାକାର ସଆଦତ ହସନ୍ ମଣ୍ଟୋଙ୍କ 'ଟାମ୍ପା ଟ୍ୟାକ୍ସି' ସ୍ମୃତିପଥକୁ ଆସିବା ମାତ୍ରେ ଏହାର ପ୍ରଭାବ ସ୍ୱତଃ ନିଷ୍ପ୍ରଭ ହୋଇଉଠେ ।

ସଂକଳନର ଅନ୍ୟାନ୍ୟ ଉଲ୍ଲେଖନୀୟ କାହାଣୀଗୁଡ଼ିକ ମଧ୍ୟରୁ 'ସମସ୍ୟା', 'ସାମ୍ରାଜ୍ୟ' ଓ 'ଐଶ୍ୱର୍ଯ୍ୟ' ଅତ୍ୟନ୍ତ ସ୍ମରଣୀୟ ନିଶ୍ଚୟ । ଏହି ତିନିଗୋଟି କାହାଣୀ ନିଜ ନିଜ ଢଙ୍ଗରେ କୌଣସି ନା କୌଣସି ପ୍ରକାରରେ ସାମାଜିକ ସମସ୍ୟାକୁ ନେଇ ବ୍ୟତିବ୍ୟସ୍ତ ରହିଛନ୍ତି ଓ ଏଭଳି ଏକ ଭୂମିର ସଂଧାନରେ ବ୍ୟସ୍ତ ରହିଛନ୍ତି, ଯେଉଁ ଦିଗକୁ କି ଖୁବ୍ କ୍ୱଚିତ କଥାକାରଙ୍କ ଦୃଷ୍ଟି ଆକର୍ଷିତ ହୋଇଥାଏ । ବିଶେଷ କରି 'ସାମ୍ରାଜ୍ୟ' ଗଳ୍ପରେ ଜଣେ ବ୍ୟକ୍ତିର ଅହମିକାର ସାମ୍ରାଜ୍ୟ ଧ୍ୱଂସ ପାଇବା ପରବର୍ତ୍ତୀ ଗଭୀର ବ୍ୟଥାକୁ ବର୍ଣ୍ଣନା କରାଗଲା ବେଳେ ଏହା ମନର ଅତ୍ୟନ୍ତ ଗଭୀରତମ ପ୍ରଦେଶକୁ ଯାଇ ସ୍ପର୍ଶ କରିଥାଏ ।

ଜଗନ୍ନାଥ ପ୍ରସାଦ ଦାସଙ୍କର ସୃଷ୍ଟି ସଂସାର ବ୍ୟତିରେକ ସେଗୁଡିକ ରୋମାଞ୍ଚ ଉପତ୍ୟକାର ଅତ୍ୟନ୍ତ ନିକଟବର୍ତ୍ତୀ ସ୍ଥଳରେ ଇତସ୍ତତଃ ଭାବରେ ରହିଛନ୍ତି ବୋଲି ପ୍ରତୀୟମାନ ହୁଏ; ଅତ୍ୟନ୍ତ ସ୍ପଷ୍ଟ ଓ ଅବୟବଧାରୀ । ଯଦିବା ତାହା କେଉଁଠି ଇନ୍ଦ୍ରିୟଗତ ହୋଇ ରହିଛି, ତାହା କେବଳ ଏହି କାରଣରୁ ଯେ ଲେଖକ ସେହି ସତ୍ୟ ଠାରୁ ନିଜକୁ ନିବୃତ କରି ରଖିବାକୁ ଚାହିଛନ୍ତି; ଯେଉଁଠାରୁ ଆମେ ସାଧାରଣତଃ ମୁହଁ ଲୁଚାଇ ଫେରି ଚାଲିଆସୁ- କାରଣ ସେଗୁଡ଼ିକର ଯଥାର୍ଥତା ବାସ୍ତବରେ ଅତ୍ୟନ୍ତ ଯନ୍ତ୍ରଣାଦାୟକହିଁ ହୋଇଥାଏ ।

ଜଗନ୍ନାଥ ପ୍ରସାଦ ଦାସଙ୍କୁ କଥାକାର ଭାବରେ ହିନ୍ଦୀ ସାହିତ୍ୟରେ ସ୍ୱାଗତ କରିବା ଏକାନ୍ତ ବିଧେୟ ।

ନୂଆଦିଲ୍ଲୀ **ଶାନୀ**
୧୨-୦୬-୧୯୯୦

('ତିସିରି ଦୁନିୟା' ଜଗନ୍ନାଥ ପ୍ରସାଦ ଦାସ କେତେକ ଓଡ଼ିଆ କ୍ଷୁଦ୍ରଗଳ୍ପର ହିନ୍ଦୀ ରୂପାନ୍ତର ।
ହିନ୍ଦୀ ଭାଷାରେ ଅନୁବାଦ କରିଥିଲେ ରାଜେନ୍ଦ୍ର ପ୍ରସାଦ ମିଶ୍ର । ଏହି ପୁସ୍ତକଟି ବିଦ୍ୟା ବିହାର, ୧୯୮୫, କୁଚା ଦକ୍ଷିଣୀ ରାୟ, ଦରିଆ ଗଞ୍ଜ, ନୂଆଦିଲ୍ଲୀ-୨ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ପ୍ରଥମ ସଂସ୍କରଣଟି ପ୍ରକାଶ ଲାଭ କରିଥିଲା, ୧୯୯୦ ମସିହାରେ ।)

Digitized by srujanika@gmail.com

ପ୍ରସ୍ତୁତି (ହିନ୍ଦୀ) / ମକଡ଼ୀ କା ଜାଲ୍

ଭାରତୀୟ ଜ୍ଞାନପୀଠ ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟ ମନୀଷୀ ଓ ଲେଖକମାନଙ୍କ କୃତିର ହିନ୍ଦୀ ଅନୁବାଦକୁ ପ୍ରକାଶନ କରିବା ଦିଗରେ ବିଶେଷ ଭାବରେ ସକ୍ରିୟତା ପ୍ରଦାନ କରିଛନ୍ତି । ପ୍ରତ୍ୟେକ ସାହିତ୍ୟିକ ବିଭାଗର ଅଗ୍ରଣୀ ଲେଖକଙ୍କ କୃତି ବା ସଂକଳନକୁ ସୁନିୟୋଜିତ ଢଙ୍ଗରେ ହିନ୍ଦୀ ଜଗତକୁ ସମର୍ପିତ କରିବାର କାର୍ଯ୍ୟ ପ୍ରଗତି ପଥରେ ଗତିଶୀଳ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଦ୍ୟାବଧି ପ୍ରକାଶିତ ପୁସ୍ତକମାନର ଯେପରି ସ୍ୱାଗତ କରାଯାଇଛି, ସେହି କାରଣରୁ ଆମେ ସାହିତ୍ୟ ମର୍ମଜ୍ଞ ତଥା ପାଠକମାନଙ୍କଠାରେ ଅତ୍ୟନ୍ତ କୃତଜ୍ଞ । ଏହା ଫଳରେ ଆମର ଏହି ଯୋଜନାକୁ ଶକ୍ତି ପ୍ରାପ୍ତ ହେବା ସହିତ ଆମକୁ ପ୍ରୋତ୍ସାହନ ମଧ୍ୟ ମିଳି ପାରିଛି ।

'ଭାରତୀୟ କହାନୀକାର' ଶୃଙ୍ଖଳାରେ ଓଡ଼ିଆ ଭାଷାର ପ୍ରଖ୍ୟାତ ଲେଖକ ଜଗନ୍ନାଥ ପ୍ରସାଦ ଦାସ (ଯାହାଙ୍କୁ ମୁଁ ଆତ୍ମୀୟତା ବଶତଃ କେବେଠାରୁ ଜେ.ପି. ବୋଲି ସମ୍ବୋଧନ କରି ଆସୁଛି)ଙ୍କ କାହାଣୀ ସଂଗ୍ରହର ହିନ୍ଦୀ ରୂପାନ୍ତରର ପ୍ରକାଶନ ଆମମାନଙ୍କପାଇଁ ଅତ୍ୟନ୍ତ ଆନନ୍ଦର କଥା । ସାମାଜିକ ଐତିହାସିକ ଓ କଳା-ସମୀକ୍ଷକ ସାଙ୍ଗକୁ ଜେ.ପି. ଓଡ଼ିଆ ଭାଷାର ଜଣେ ଅଗ୍ରଣୀ ସାହିତ୍ୟିକ । ସେ ସାହିତ୍ୟ ସୃଜନର ସମସ୍ତ ବିଭାଗ- ଗଳ୍ପ, କବିତା, ନାଟକ ଏବଂ ପ୍ରବନ୍ଧାଦି କ୍ଷେତ୍ରରେ ସକ୍ରିୟ ଯୋଗଦାନ କରିଛନ୍ତି । ତାଙ୍କର ହିନ୍ଦୀରେ ପାଞ୍ଚ ଖଣ୍ଡ କବିତା ସଂଗ୍ରହ ପ୍ରକାଶିତ ହୋଇ ସାରିଛି । ପଞ୍ଚମ ସଂକଳନ "ଲୌଟତେ ସମୟ"କୁ ଗତ ବର୍ଷ ଜ୍ଞାନପୀଠ ପ୍ରକାଶ କରି ସାରିଛନ୍ତି । ହିନ୍ଦୀ ଜଗତରେ ମଧ୍ୟ ତାଙ୍କୁ ମାତ୍ରାଧିକ ସ୍ୱାଗତ କରାଯାଇଛି । ତାଙ୍କର ତିନିଗୋଟି ଗଳ୍ପ ସଂକଳନ ମଧ୍ୟ ହିନ୍ଦୀରେ ପ୍ରକାଶିତ ହୋଇ ସାରିଛି । ମାତ୍ର ବର୍ତ୍ତମାନ ଆମେ ଯେଉଁ ଚତୁର୍ଥ ଗଳ୍ପ ସଂକଳନକୁ ପ୍ରକାଶ କରୁଛୁ, ତାହା ଅନ୍ୟ ସମସ୍ତଙ୍କଠାରୁ ଏକାନ୍ତ ଭାବରେ ପୃଥକ୍ । ଏହା ତାଙ୍କର ସଂପୂର୍ଣ୍ଣ କଥାଯାତ୍ରାର ଏକ ମନ୍ମୟ ବୃତ୍ତାନ୍ତ । ପ୍ରାରମ୍ଭିକ କାହାଣୀ ଠାରୁ ସଦ୍ୟତମ କାହାଣୀ ପର୍ଯ୍ୟନ୍ତ ଏଥିରେ ସଂକଳିତ ହୋଇଅଛି ଏବଂ ଏହାର ଚୟନ କରିଛନ୍ତି ଓଡ଼ିଆର ପ୍ରଖ୍ୟାତ ସମୀକ୍ଷକ ପ୍ରଫେସର ଦାଶରଥି ଦାସ । ଏହାର ଭୂମିକା କଥାଯାତ୍ରାରେ ଅନ୍ତର୍ନିହିତ ସମ୍ବେଦନା, ଭାବନା ଓ ବିଚାରକୁ ଅତ୍ୟନ୍ତ ସୂକ୍ଷ୍ମ ରୂପରେ ଉଦ୍‌ଘାଟିତ କରୁଅଛି । ମୁଁ ପ୍ରଫେସର ଦାଶରଥି ଦାସଙ୍କ ନିକଟରେ ଅତ୍ୟନ୍ତ କୃତଜ୍ଞ କାରଣ ସେ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଭା ସମ୍ପନ୍ନ ସାହିତ୍ୟିକଙ୍କ ଗଳ୍ପମାନକୁ ହିନ୍ଦୀ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରିବାପାଇଁ ଆମ୍ଭମାନଙ୍କୁ ଅଶେଷ ସହଯୋଗ କରିଛନ୍ତି । ସତ୍ୟ କଥା କହିବାକୁ ଗଲେ ଏଭଳି ସାହିତ୍ୟ ମନୀଷୀମାନଙ୍କ ସହଯୋଗ ବ୍ୟତିରେକ ବିଭିନ୍ନ ଭାରତୀୟ ଭାଷାର ସୀମାକୁ ଉଲଙ୍ଘନ କରିବାରେ ଆମର ପ୍ରୟାସ ବିଶେଷ ଭାବରେ ସଫଳ ହୋଇ ପାରିନଥାନ୍ତା ।

ସବୁ ସମୟ ପରି ଜ୍ଞାନପୀଠର ମୋର ସହକର୍ମୀ ନେମୀଚନ୍ଦ୍ର ଜୈନ, ଚକ୍ରେଶ ଜୈନ ଓ ସୁଧା ପାଣ୍ଡେୟ ଏହି ପୁସ୍ତକର ପ୍ରକାଶନ ଦିଗରେ ବିଶେଷ ତତ୍ପରତା ପ୍ରକାଶ କରିଥିବାରୁ ମୁଁ ସେମାନଙ୍କଠାରେ ଅତ୍ୟନ୍ତ କୃତଜ୍ଞ । ସୁରୁଚିପୂର୍ଣ୍ଣ ସାଜସଜାପାଇଁ ପୁଷ୍ପକଣା ମୁଖାର୍ଜୀ ଏବଂ ସୁନ୍ଦର ମୁଦ୍ରଣ ପାଇଁ ଅମ୍ବୁଜ ଜୈନଙ୍କଠାରେ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

ନୂଆଦିଲ୍ଲୀ
ତା ୨୬ । ୦୬ । ୧୯୯୦

ବିଶନ ଟଣ୍ଡନ
ନିର୍ଦ୍ଦେଶକ

(ଜଗନ୍ନାଥ ପ୍ରସାଦ ଦାସଙ୍କର କଥାଯାତ୍ରାରୁ ନିର୍ବାଚିତ ଗଳ୍ପମାନଙ୍କୁ ଚୟନ କରିଥିଲେ ଓ ସଂକଳନର ଭୂମିକାକୁ ପ୍ରସ୍ତୁତ କରିଥିଲେ ଓଡ଼ିଆ ସାହିତ୍ୟର ସମୀକ୍ଷକ ପ୍ରଫେସର ଡକ୍ଟର ଦାଶରଥି ଦାସ । ଭୂମିକା ପୂର୍ବରୁ ଏହାର ପ୍ରସ୍ତୁତିକୁ ଲେଖିଥିଲେ ଶ୍ରୀ ବିଶାଲ ଟଣ୍ଡନ । ପୁସ୍ତକଟି ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ-୧୧୦୦୦୧ କର୍ତ୍ତୃକଙ୍କ ଦ୍ୱାରା ପ୍ରକାଶିତ ।)

Digitized by srujanika@gmail.com

ଭୂମିକା : ମକଡ଼ୀ କା ଜାଲ୍

ଜଗନ୍ନାଥ ପ୍ରସାଦ ଦାସଙ୍କ କ୍ଷୁଦ୍ରଗଳ୍ପ ସ୍ୱୟମ୍ଭୂ ନୁହେଁ; ତାହା ପଛରେ ସମୃଦ୍ଧ ଏକ ଦୀର୍ଘ ଐତିହ୍ୟ ବର୍ତ୍ତମାନ । ଅଜିଠାରୁ ୯୨ ବର୍ଷ ପୂର୍ବେ 'ଉତ୍କଳ ସାହିତ୍ୟ' ପତ୍ରିକାର ଦ୍ୱିତୀୟ ବର୍ଷ ସପ୍ତମ ସଂଖ୍ୟାରେ ଓଡ଼ିଆ ଗଦ୍ୟ ସାହିତ୍ୟର ସିଦ୍ଧିଦାତା ଫକୀରମୋହନ ତାଙ୍କ ପରିଣତ ପ୍ରତିଭା ଘେନି ଗୋଟିଏ କ୍ଷୁଦ୍ରଗଳ୍ପ ଲେଖନ୍ତି- ନାମ 'ରେବତୀ' । ତାହାହିଁ ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ, ଯଥାର୍ଥ ବି । ଉନବିଂଶ ଶତାବ୍ଦୀର ଯୁଗମାନସ ତାର ଭାବସତ୍ୟକୁ ଜନ୍ମ ଦେଇଥିଲା, ମାସିକ ପତ୍ର କାୟାରୂପଟିକୁ ନିର୍ମାଣ କଲା । ମାସିକ ସାହିତ୍ୟ ପତ୍ର କ୍ଷୁଦ୍ରଗଳ୍ପର ଧାରକ କି ବାହକ ମାତ୍ର ନୁହେଁ, ଜନ୍ମଦାତା ମଧ୍ୟ, ଆଉ ଯୁଗମାନସ ତାର ବସ୍ତୁମୟ ଜୀବନ ଭୂମି । ସେଦିନର ସେହି ନୂତନ ଆଗନ୍ତୁକ ଆଜିମଧ୍ୟ ସୃଜ୍ୟମାନ । ଜଗନ୍ନାଥ ପ୍ରସାଦ ଦାସ ସେହି ସୃଜ୍ୟମାନତାର ଅନ୍ୟତମ ପରିଣତ ପ୍ରକାଶ ମାତ୍ର । ତାଙ୍କର ସଙ୍କଳନ 'ଭବନାଥ ଓ ଅନ୍ୟମାନେ' ୧୯୮୨ରେ ପ୍ରକାଶ ପାଏ । ୧୮୯୮ରୁ ୧୯୮୨- ଜନ୍ମଠାରୁ ଏ ପରିଣତି ମଧ୍ୟରେ ଦୂରତ୍ୱ ଅନେକ । ଏଥିରେ ଆଧୁନିକତା ଆସିଛି ଅନେକ ଛୋଟବଡ଼ ତରଙ୍ଗ ପରେ ତରଙ୍ଗଭଙ୍ଗ ଭାବରେ । ବଡ଼ ତରଙ୍ଗଗୁଡ଼ିକୁ ଯେ କେହି ଯୁଗାନ୍ତର କହି ପାରନ୍ତି; ମାତ୍ର ତରଙ୍ଗଭଙ୍ଗର ଆଦୌ କେଉଁଠି ବିରାମ ନାହିଁ । କ୍ଷୁଦ୍ରଗଳ୍ପର ବେଗ ଓ ବାଗ ନିୟତ ବଦଳିଛି । ଫକୀରମୋହନ ଯେଉଁ ମଣିଷକୁ ପ୍ରତିଦିନର ପ୍ରତ୍ୟକ୍ଷ ତଥା ବାସ୍ତବ ଗ୍ରାମୀଣ ପଟ୍ଟଭୂମିରୁ ଦେଖିଛନ୍ତି, ସେ ମଣିଷ ଥିଲା ପ୍ରାୟ ପୂରାପୂରି ସମାଜବଦ୍ଧ । କିନ୍ତୁ ଜଗନ୍ନାଥ ପ୍ରସାଦଙ୍କ ମଣିଷ ସମାଜ ସଚେତନ ମାତ୍ର ନୁହେଁ, ପୂରା ଆତ୍ମସଚେତନ ମଧ୍ୟ । ତାହାର ସମସ୍ୟା ସମାଜନୀତିର ସମସ୍ୟା ନୁହେଁ, ତାହାର ସମସ୍ୟା ବ୍ୟକ୍ତିତ୍ୱର ସମସ୍ୟା- ଅସ୍ତିତ୍ୱର ସମସ୍ୟା । ସମାଜ ଦୂରକୁ ଅପସରି ଯାଇଛି । ସାମାଜିକ ପଟ୍ଟଭୂମିରେ ବ୍ୟକ୍ତିର ସମସ୍ୟା ନାହିଁ କହିଲେ ଚଳେ । ଶ୍ରୀ ଦାସ ମଧ୍ୟ ମଣିଷର ବିଚାରକ ନୁହନ୍ତି, ସେ ଅନୁଗ୍ର ସହାନୁଭୂତିଶୀଳ ସାକ୍ଷୀଟିଏ ମାତ୍ର । କ୍ଷୁଦ୍ରଗଳ୍ପ ମଧ୍ୟ ଘଟନା ପ୍ରଧାନ ନୁହେଁ, ପ୍ଲଟ (Plot) ପ୍ରଧାନ କି ଥୀମ୍ (Theme) ପ୍ରଧାନ । ଓଡ଼ିଆ କ୍ଷୁଦ୍ରଗଳ୍ପରେ ଧାରାବାହିକତା ଓ ପରିବର୍ତ୍ତନଶୀଳତା ହାତ ଧରାଧରି ହୋଇ ଚାଲି ଆଜି ଅନେକ ଦିନ ପରେ ଏଠାରେ ଉପନୀତ ହୋଇଛନ୍ତି । ସବୁଜ ଚେତନାର ଭାବଧର୍ମୀ ଗଳ୍ପ ଓ ପ୍ରଗତି ଚେତନାର ସାମାଜିକ ବାସ୍ତବବାଦୀ ଗଳ୍ପ କାହିଁ କେତେଦୂର ପଛରେ ପଡ଼ିଲେଣି । ଫ୍ରୟେଡୀୟ ତତ୍ତ୍ୱ ଓ ମାର୍କସୀୟ ସମାଜ ବିସ୍ତାର ପ୍ରଭାବ କେବେଠୁଁ ମ୍ଳାନ ହେଲାଣି । ସ୍ୱାଧୀନତାପ୍ରାପ୍ତି ପରେ ପରେ ଓଡିଆ କ୍ଷୁଦ୍ରଗଳ୍ପ ବିଶ୍ୱ କଥା ସାହିତ୍ୟ ସହିତ ପୂର୍ବ ତୁଳନାରେ ଅନେକ ବେଶି ଘନିଷ୍ଠ ହୋଇ ଉଠିଛି । ବହୁ ବିଦ୍ୱାନ ବିଦଗ୍ଧ କଥାଶିଳ୍ପୀ ଗୋଟିକ ପରେ ଗୋଟିଏ ଆସି ଗଳ୍ପ ବିତାନ ମଣ୍ଡିଛନ୍ତି । ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ରାଜକିଶୋର ରାୟ ଓ ରାଜକିଶୋର ପଟ୍ଟନାୟକଙ୍କ ସହିତ ଆସି ଯୋଗ ଦେଇଛନ୍ତି କିଶୋରୀଚରଣ ଦାସ, ମହାପାତ୍ର ନୀଳମଣି ସାହୁ ଓ ଅଖିଳ ମୋହନ ପଟ୍ଟନାୟକ । ପରେ ପରେ ଆସିଛନ୍ତି ଶାନ୍ତନୁକୁମାର ଆଚାର୍ଯ୍ୟ ଓ ମନୋଜ ଦାସ ପ୍ରମୁଖ ବହୁ କୃତୀଶିଳ୍ପୀ । ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ ଏହିମାନଙ୍କ ସମସାମୟିକ, କିନ୍ତୁ କ୍ଷୁଦ୍ରଗଳ୍ପ ଲେଖିଛନ୍ତି ବହୁତ ପରେ । ସେଥିପାଇଁ ଅନ୍ୟମାନଙ୍କୁ ଆଧୁନିକତାକୁ ଆୟତ୍ତ କରିବାକୁ ପଡ଼ିଥିଲାବେଳେ ସେ ମୂଳରୁ ଆଧୁନିକ ।

ସଭ୍ୟତାର ଅଗ୍ରଗତି ସର୍ବତ୍ର ସମତାଳରେ ଘଟିନାହିଁ । ସାହିତ୍ୟର ଆଧୁନିକତା ତେଣୁ ପୃଥିବୀର ସବୁଠି ଏକା ସାଙ୍ଗରେ ଆସିନାହିଁ । ପାଶ୍ଚାତ୍ୟ ସାହିତ୍ୟରେ ୩୦।୪୦ ବର୍ଷ ତଳେ ଯାହା ସବୁ ଘଟିଯାଇଛି, ଭାରତୀୟ ସାହିତ୍ୟରେ ସେସବୁର ଅୟମାରମ୍ଭ ହୋଇଛି ଏହି ଅଳ୍ପଦିନ ତଳେ । ଯାହା ଏବେ ସେଠାରେ ଘଟୁଛି, ତାହା ଆସିବ କିଛିଦିନ ପରେ । କିଛିଟା ପଛରେ ଥାଇ ପାଶ୍ଚାତ୍ୟକୁ ଅନୁସରଣ କରିବା ଆଧୁନିକ ଭାରତୀୟ ସାହିତ୍ୟର ଭାଗ୍ୟଲିପି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଗଲା ଅଳ୍ପ କିଛି କାଳ ପୂର୍ବେ ସେଠାରେ ଅସ୍ତିତ୍ୱବାଦୀ ସାହିତ୍ୟ ଆନ୍ଦୋଳନର ସୂତ୍ରପାତ ଘଟେ । ପାଶ୍ଚାତ୍ୟ କବି, ନାଟ୍ୟକାର ଓ କଥାଶିଳ୍ପୀଗଣ କ୍ରମଶଃ ଅସ୍ତିତ୍ୱବାଦୀ ମନୋପ୍ରତିନ୍ୟାସକୁ ତୀକ୍ଷ୍ଣତର କରିନିଅନ୍ତି । ସେହି ତୀକ୍ଷ୍ଣତା ତତ୍କାଳୀନ ପରିବେଶର ବିଶିଷ୍ଟତାରୁ ଅସିଥିବା ଅସମ୍ଭବ ନୁହେଁ । ନୃଶଂସ ହତ୍ୟା, କଳ୍ପନାତୀତ ବର୍ବରତା ଓ ପାରମାଣବିକ ବିସ୍ଫୋରଣ ଘେନି ସେଦିନ ଉଭୟ ଦେଶକାଳ ଅନ୍ତଃସତ୍ତ୍ୱା ହୋଇ ଉଠିଥିଲା । ସ୍ୱାଧନତା ପ୍ରାପ୍ତି ପରେ ଭାରତ ଅନୁରୂପ ଏକ ଅନ୍ଧଯୁଗରେ ଉପନୀତ ହୋଇଛି । ସେଇଥିପାଇଁ ସେଇ ଗୋଟିଏ ଧରଣର ଭାବନା ଓ ଧାରଣା ଅନୁଭବ କରିଛି । ସ୍ୱାଧୀନତାର ମୋହଭଙ୍ଗ, ଶିକ୍ଷିତ ମଧ୍ୟବିତ୍ତ ବିପୁଳ ଆଶାଭଙ୍ଗ ଓ ନୈରାଶ୍ୟ, ଦଙ୍ଗା, ନୃଶଂସ, ନରହତ୍ୟା, ବର୍ବରତା ଓ ଜରୁରୀକାଳୀନ ଦୁଃସ୍ଥିତି ଭିତରେ ସାହିତ୍ୟିକମାନଙ୍କର ଶାସନ ତଥା ବିଶ୍ୱ ବିଧାନ ପ୍ରତି ଅବିଶ୍ୱାସ ଜନ୍ମିବା ସ୍ୱାଭାବିକ । ପ୍ରକୃତରେ ଆମେବି ସେଦିନ ପାଶ୍ଚାତ୍ୟ ଅଧିବାସୀଙ୍କ ପରି ଏକ ଅସୁସ୍ଥ ଜଗତରେ ନିକ୍ଷିପ୍ତ ହୋଇଛୁ, ଯେଉଁ ଜଗତ ଈଶ୍ୱରଙ୍କର ନୁହେଁ କି ମନୁଷ୍ୟର ନୁହେଁ । ଏପରି କ୍ଷେତ୍ରରେ ଯଦି ଆମର ସ୍ୱର୍ଣକାତର

Digitized by srujanika@gmail.com

କଥାଶିଳ୍ପୀଗଣ ଅସ୍ତିତ୍ୱବାଦୀ ଦର୍ଶନର ଉପଲବ୍ଧିରେ ନିଜର ଅନ୍ତର୍ଦୃଷ୍ଟିକୁ ଶାଣିତ ଘେନିଥାନ୍ତି ଓ ଜୀବନବୋଧକୁ ସମୃଦ୍ଧ କରି ଗଢ଼ିଥାନ୍ତି, ତେବେ ତାଙ୍କର ପାଶ୍ଚାତ୍ୟାନୁସରଣକୁ ଦୋଷ ଦେଇ ହେବନାହିଁ। ଅସ୍ତିତ୍ୱବାଦ ମଧ ଦର୍ଶନ ପ୍ରସ୍ଥାନଟିଏ ମାତ୍ର ନୁହେଁ, ତାହା ବିଶେଷ ଏକ ଜୀବନବୋଧ। ଶ୍ରୀ ଦାସ ମୂଳରୁ ଏହି ଜୀବନବୋଧରେ ଦୀକ୍ଷିତ ହୋଇ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆତ୍ମପ୍ରକାଶ କରିଛନ୍ତି। ତେଣୁ ତାଙ୍କ ଆଧୁନିକତା ଓଡ଼ିଶାର ସାଂସ୍କୃତିକ ଭୂଗୋଳରେ ସୀମାବଦ୍ଧ ଅଲଗା କୌଣସି ଆଧୁନିକତା ନୁହେଁ, ତାହା ବିଶ୍ୱ କଥା ସାହିତ୍ୟର ଅବିଚ୍ଛେଦ୍ୟ ଅଂଶ। ସେଇଥିପାଇଁ ତାଙ୍କ ଗଳ୍ପରେ ରୋମାଣ୍ଟିକ ସହାନୁଭୂତିର ଭାବୁଳତା ସଂପୂର୍ଣ୍ଣ ଅନୁପସ୍ଥିତ। ସାମନ୍ତ ଗୋଷ୍ଠୀର ଅବକ୍ଷୟଜନିତ କାରୁଣ୍ୟ ଅବର୍ତ୍ତମାନ, ସାମାଜିକ ସଂକଟ ଗୁରୁତ୍ୱହୀନ। ତାଙ୍କ ଗଳ୍ପରେ ସାମାଜିକ ଅଭିପ୍ରାୟ ନାହିଁ ବୋଲି କହିଲେ କିନ୍ତୁ ଭୁଲ ହେବ। ଅଛି, ବରଂ ସେଥିରେ ନାରୀଘଟିତ ସାମାଜିକ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ତୀକ୍ଷଣ ଦୃଷ୍ଟି ସମୁଦ୍ୟତ, ସମକାଳୀନ ସାମାଜିକ ସଙ୍କଟ ଓ ସମାଜ ସଂଶ୍ଲିଷ୍ଟ ଜୀବନ ଭାବନା ବଡ଼ ସୁପ୍ରତ୍ୟକ୍ଷ। ଏପରିକି ରାଜନୀତିକ ପରିସ୍ଥିତି ବିଷୟରେ ସଚେତନତା ମଧ ସୁସ୍ପଷ୍ଟ। ତାଙ୍କ କ୍ଷୁଦ୍ରଗଳ୍ପ ଯନ୍ତ୍ରଣାର ଫସଲ। କେଉଁଠି କିନ୍ତୁ ସାମାଜିକ ଅଭିପ୍ରାୟ ଶେଷ ପର୍ଯ୍ୟନ୍ତ ବଡ଼ ଦିଶିନାହିଁ। ସବୁଠି ତାଙ୍କ କ୍ଷୁଦ୍ରଗଳ୍ପ ସୁନିର୍ଦ୍ଦିଷ୍ଟ ଦେଶକାଳକୁ ଅତିକ୍ରମକରି ମାନବ ପରିସ୍ଥିତିର ମୌଳିକ ସଙ୍କଟକୁ ଉନ୍ମୋଚନ କରିବାକୁ ଚାହିଁଛି। ମାନବ ଅସ୍ତିତ୍ୱର କୌଣସି ନା କୌଣସି ଜିଜ୍ଞାସାର ମୁହାଁ ମୁହିଁ ହେବାକୁ ଉନ୍ମୁଖ ରହିଛି। ଅସ୍ତିତ୍ୱବାଦୀ ସାହିତ୍ୟ ଆନ୍ଦୋଳନର ଥିମ୍ (Theme) ଅନ୍ୟ ଓଡ଼ିଆ ଗାଳ୍ପିକଗଣ ବ୍ୟବହାର ନ କରିଛନ୍ତି ନୁହେଁ। କରିଛନ୍ତି। ସୁଗଠିତ ଅସ୍ତିତ୍ୱବାଦୀ ଦର୍ଶନ ଉପଲଭ୍ୟ ନ ହେଲେହେଁ କିଶୋରୀଚରଣ ଦାସ, ଶାନ୍ତନୁକୁମାର ଆଚାର୍ଯ୍ୟ ଓ ମନୋଜ ଦାସ ପ୍ରମୁଖ ବହୁ କଥାଶିଳ୍ପୀଙ୍କ ଗଳ୍ପରେ ତାହାର ସୁସ୍ପଷ୍ଟ ପଦାଙ୍କ ଲକ୍ଷ୍ୟ କରିହୁଏ। ଶୂନ୍ୟତାବୋଧ, ମୋହଭଙ୍ଗ, ନିର୍ତ୍ୟୋକ୍ରଣ୍ଠା (angst), ତ୍ରାସ, ବିଚ୍ଛିନ୍ନତାବୋଧ ଓ ମୃତ୍ୟୁଜିଗମିଷା ତଥା ଅଚରିତାର୍ଥତାକୁ ସେମାନେ ମଧ ଯଥୋଚିତ ଶିଳ୍ପପ୍ରଯୁକ୍ତିର ସେବା ଯୋଗାଇଛନ୍ତି। ସେମାନଙ୍କ ଅଧୀତ ବିଦ୍ୟା ଓ ପରିଶୀଳିତ ନୈପୁଣ୍ୟ ଅବିସମ୍ବାଦିତ। ସେମାନଙ୍କୁ ଏଠାରେ ପହଞ୍ଚିବାକୁ ବହୁ ପଥ ଅତିକ୍ରମ କରିବାକୁ ପଡ଼ିଛି, ଶ୍ରୀ ଦାସ କିନ୍ତୁ ଏଇଠୁ ସିଧା ବାହାରିଛନ୍ତି। ମୂଳରୁ ଜୀବନକୁ ଏକ ଦୁଃସାହସିକ ଅଭିଯାନ ଭାବରେ ଗ୍ରହଣ କରିଛନ୍ତି, ସେକେଣ୍ଡ ହ୍ୟାଣ୍ଡ୍ ଜୀବନ ଯାତ୍ରାକୁ ପରିହାସ କରି ଅଥେଣ୍ଟିକ (ଯଥାର୍ଥ) ସତ୍ତା ଘେନି ଉଭା ହେବାକୁ ଚରିତ୍ରଗୁଡ଼ିକୁ ପ୍ରବର୍ତ୍ତାଇଛନ୍ତି, ବିଶୁଦ୍ଧ ପ୍ରାତିସ୍ୱିକତା ଭିତରେ ମଣିଷକୁ ଆବିଷ୍କାର କରିବାକୁ ଚାହିଛନ୍ତି। ଅଧିକନ୍ତୁ ଭାରହୀନ ସୂକ୍ଷ୍ମ ବୈଦଗ୍ଧ ସହିତ ଯେଉଁ ଫରାସୀ ସାହିତ୍ୟ ସୁଲଭ ସୁକୁମାର ସମ୍ବେଦନଶୀଳତା ତାଙ୍କ ଗଳ୍ପରେ ଅନାୟସଲଭ୍ୟ, ତାହା ଅନ୍ୟତ୍ର କ୍ୱଚିତ୍ ଦେଖିବାକୁ ମିଳେ।

ଶ୍ରୀ ଦାସ ୧୯୭୧ରେ ପ୍ରଥମେ ଓଡ଼ିଆ ସାହିତ୍ୟରେ ଆତ୍ମପ୍ରକାଶ କରନ୍ତି। ହାତରେ 'ପ୍ରଥମ ପୁରୁଷ' କବିତା ସଙ୍କଳନ। ସେତେବେଳକୁ କବି ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦ ଓଡ଼ିଆ କବିତାରେ ନୂଆ ଐତିହ୍ୟଟିଏ ଗଢ଼ି ସାରିଥାନ୍ତି, ରମାକାନ୍ତ ଓ ସୀତାକାନ୍ତ ନିଜ ନିଜର ଅନ୍ୱିଷ୍ଟଦିଗ ଓ ବେଗ ଲାଭ କରିଥାନ୍ତି, କବିଗୁରୁ ଏଲିୟଟଙ୍କ ପ୍ରଭାବରୁ ଓଡିଆ କବିତାର ରୁଚି ଓ ଚେତନାରେ ତୁମୂଳ ପରିବର୍ତ୍ତନ ଘଟି ସାରିଥାଏ, ଆବେଗମୟତାର ସ୍ଥାନ ଗ୍ରହଣ କରିଥାଏ ତୀକ୍ଷ୍ଣ ମନନ, ପ୍ରତ୍ୟୟକୁ ଛିନ୍ନ କରି ସାରିଥାଏ ସଂଶୟ ଓ ଅବିଶ୍ୱାସ। ନୂଆ ଆବେଗାନୁଭୂତିର ଚାପରେ ଛନ୍ଦ ଓ ଶବ୍ଦର ପ୍ରଚଳିତ ବିନ୍ୟାସ ଭଙ୍ଗୀ ଉତ୍‌ଖାତ ହୋଇ ସାରିଥାଏ। ଏହି ଐତିହାସିକ ପଟ୍ଟଭୂମିରେ 'ପ୍ରଥମ ପୁରୁଷ'ର ଆବିର୍ଭାବ। ଯେତେବେଳେ ଶ୍ରୀ ଦାସଙ୍କ ସାହିତ୍ୟିକ ସମ୍ଭାବନାରେ ସମସ୍ତେ ସବୁପ୍ରକାର ପ୍ରତ୍ୟାଶା ହରାଇ ବସିଛନ୍ତି, ସେତେବେଳେ ସେ ଆତ୍ମନିର୍ବାସନରୁ ଏଇ ସଦ୍ୟ ଫେରିଛନ୍ତି, ପ୍ରସ୍ତୁତି ଓ ପ୍ରତିଶ୍ରୁତି ମାତ୍ର ଘେନି ନୁହେଁ, ଅନେକଟା ସିଦ୍ଧି ଓ ସଂକଳ୍ପ ଘେନି। ତେଣୁ ତାଙ୍କୁ ପ୍ରଥମ ଧାଡ଼ିରେ ସ୍ଥାନଟିଏ ଛାଡ଼ି ଦେବାକୁ ହୋଇଛି। ଆଧୁନିକ କବିତାର 'ମୁଁ'ଟି ଏହି ପ୍ରଥମ ପୁରୁଷ (First man ନୁହେଁ First Person) । ଏହି ମୁଁଟିକୁ ନ ଚିହ୍ନିଲେ ଆଧୁନିକ କବିତାକୁ ବୁଝିହେବ ନାହିଁ କି ଶ୍ରୀ ଦାସଙ୍କୁ ଚିହ୍ନିହେବ ନାହିଁ। କବିତା ସବୁଦିନେ ଅହଂ ପ୍ରବଣ- ମୁଁକାରସ୍ଫୀତ। ଏଇ ମୁଁଟି କିନ୍ତୁ ଏଇ ସେଦିନ ପର୍ଯ୍ୟନ୍ତ ଥିଲା ଭଲ୍‌ଟେୟାରିଆନ୍ ମୁଁ (Voltarian I)- ସ୍ୱୟଂସିଦ୍ଧ କାବ୍ୟ ନାୟକ- ବିପନ୍ନ ବିଶୃଙ୍ଖଳ ବିରୂପ ଜଗତରେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଏକ ମାତ୍ର ସିଦ୍ଧପୁରୁଷ। ସବୁରି ଉର୍ଦ୍ଧ୍ୱରେ ସେ। ସେ ନିଜକୁ ନିଷ୍ପାପ ହରିଣ ବୋଲି ଭବେ, ରାଷ୍ଟ୍ର ତଥା ସମାଜ ବ୍ୟବସ୍ଥାକୁ ଦୁରନ୍ତ ଶ୍ୱାପଦ ମନେକରି ଅଭିଶାପ ଦିଏ। ଶ୍ୱାପଦର ମୃତ୍ୟୁରେ ସବୁ ସଙ୍କଟର ପ୍ରତିକାର ଘଟିବ, ସବୁ ସମସ୍ୟାର ସମାଧାନ ସମ୍ଭବ ହେବ। କବି ଏଲିୟଟ ଏହି 'ମୁଁ'ଟିର ଚରିତ୍ର ବଦଳାଇ ଦେଲେ। ଆତ୍ମ-ସଚେତନତା ତାହାର କାଳ ହେଲା, ସେ ଏବେ ନିଜକୁ ବିଚାରି ବସିଲା, ଶ୍ଳେଷ ବକ୍ର ଆତ୍ମ ସମୀକ୍ଷାରେ ବିବ୍ରତ ହେଲା, "No, I am not a prince Hamlet not was meant to be" - ପ୍ରୁଫକଙ୍କର ଏହି ଆତ୍ମଭାବନା ଆଧୁନିକ 'ମୁଁ'ଟିର ଆତ୍ମକଥା। ଶ୍ରୀ ଦାସ ଏହିଠାରୁ ପ୍ରେରଣା ପାଇଥିବା ଅସମ୍ଭବ ନୁହେଁ। ପ୍ରଥମ ପୁରୁଷ ପ୍ରଥମରୁ ହିଁ modern I। ସେ ବକ୍ତା ନୁହେଁ କି ତ୍ରାତା ନୁହେଁ; ନୁହେଁ ବି ଅସ୍ୱୀକୃତ

Digitized by srujanika@gmail.com

ବିଧାନକର୍ତ୍ତା । ସେ ଆତ୍ମବ୍ୟଙ୍ଗ ପରାୟଣ, ଆତ୍ମସଚେତନ ମଣିଷଟିଏ ମାତ୍ର । ନିଜକୁ ନିଜର ଚୈତନ୍ୟବହ୍ନିରେ ଦଗ୍ଧ କରିବା ଭିନ୍ନ ସେ ପ୍ରାୟ ଆଉ କିଛି କରିପାରେ ନାହିଁ । ରୋମାଣ୍ଟିକ କବିତାରେ ମୁଁ କାବ୍ୟର ନାୟକ । କିନ୍ତୁ ଆଧୁନିକ କବିତାର ଏହି ପ୍ରଥମ ପୁରୁଷଟି ନାୟକ ମାତ୍ର ନୁହେଁ, ଭିଲେନ୍ (Villain) ବି । ନିଷ୍ପାପ ହରିଣଟି ସ୍ୱୟଂ ଦୁରନ୍ତ ଶ୍ୱାପଦ; ସେହି ହିଁ ବଳି, ସେହି ବି ଘାତକ । ସେହି ହିଁ ଦ୍ରାକ୍ଷାପୁଞ୍ଜ, ସେହି ବି ବକଯନ୍ତ୍ର । ତାହାର ଆତ୍ମପ୍ରତିହିଂସା କିଛି କମ୍ ନୁହେଁ । ଆହୁରି ମଜାର କଥା ଯେ ସେହି ବି ଅସଙ୍ଗତ ଜୀବନ ନାଟ୍ୟର ସୂତ୍ରଧର, ସେହି ବି ବିଦୂଷକ । ସେ ହସେ, ହସାଏ ଓ ହାସ୍ୟାସ୍ପଦ ହୁଏ । ତାହାବିନୁ ଅନ୍ୟ କେହି ନାହିଁ । କିମ୍ଭୂତ ପାତ୍ରଟିଏ ସେ । ବ୍ୟକ୍ତିଗତ ଜୀବନରେ ଶ୍ରୀ ଦାସ ସୁଦକ୍ଷ ଆଇ.ଏ.ଏସ୍. ଅଫିସରଟିଏ ହୋଇ ପାରନ୍ତି, ହୋଇ ପାରନ୍ତି ମେଧାବୀ ଗବେଷକଟିଏ କି ପ୍ରତିଭାବାନ ଚିତ୍ରକର ଓ ସାହିତ୍ୟ ଶିଳ୍ପୀ; ତାଙ୍କ କବି ସତ୍ତାଟି କିନ୍ତୁ ବଡ଼ ଅକ୍ଷମ ଓ ଅସହାୟ ତଥା ବିଷାଦାକ୍ରାନ୍ତ- 'ସାମ୍ରାଜ୍ୟ' ଗଳ୍ପର ରଘୁପତିଙ୍କ ପରି ବିରୂପ ବିଶ୍ୱରେ ସଂପୂର୍ଣ୍ଣ କର୍ତ୍ତୃତ୍ୱହୀନ । ସେହି ସାମ୍ରାଜ୍ୟରେ ସେ ନିଷ୍ଫଳ ଅନୁଗ୍ରହ ଭୀକ୍ଷା କରି ପାରନ୍ତି, କିନ୍ତୁ କୌଣସି ପ୍ରକାରର ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ । ଏହି ମାନବିକ ଅବସ୍ଥାଟିକୁ ସେ ଯେ ହୃଦୟଙ୍ଗମ କରିପାରନ୍ତି ତାହାହିଁ ତାଙ୍କ ବିରଳ ବଳ ଓ କାଳ, ଯୁଗୋପତ ଶକ୍ତି ଓ ଦୁର୍ଭାଗ୍ୟ । ସେଇଥିପାଇଁ ଅଚରିତାର୍ଥତା ଓ ଅକ୍ଷମତା ଘେନି ନିଜକୁ ସେ କିଛି କମ୍ ଅପଦସ୍ଥ କରନ୍ତି ନାହିଁ । ଆତ୍ମବ୍ୟଙ୍ଗ ତାଙ୍କର କବିକୃତ୍ୟ । ସେ ସ୍ୱପ୍ନ ନ ଦେଖନ୍ତି ନୁହେଁ, ଦେଖନ୍ତି; କିନ୍ତୁ ସ୍ୱପ୍ନ ଶେଷରେ ଚିରସ୍ଥାୟୀ ଧୂସରତାକୁହିଁ ସ୍ୱୀକାର କରନ୍ତି, ସନ୍ଧ୍ୟାବେଳେ ମୃତ୍ୟୁ ଇଚ୍ଛା ହୋଇଯାଏ ସକାଳର ବଞ୍ଚିବାର ମୋହ (ପ୍ରେମ ଏକ ମୃତ୍ୟୁ) । ବିଚରା ବଡ଼ ସମୟ ସଚେତନ । ଆଉ ତାଙ୍କର ସମୟ ବଡ଼ ସୀମାବଦ୍ଧ । 'ପ୍ରଥମ ପୁରୁଷ' ସେଦିନ ଥିଲା ଦ୍ୱିଧାଦୀର୍ଣ୍ଣ ଆଧୁନିକ ମଣିଷର ସୂଚନା ସମାପ୍ତିହୀନ ଆତ୍ମକଥନ । ସେଥିରେ କମା ପୂର୍ଣ୍ଣଚ୍ଛେଦର ଅସ୍ତିତ୍ୱ ପର୍ଯ୍ୟନ୍ତ ଅନୁପସ୍ଥିତ । ହୁଏତ ଶ୍ରୀ ଦାସ ଆପୋଲୋନେୟାରଙ୍କ ପରି କବିତାରେ ବିରାମ ଚିହ୍ନକୁ ବାହୁଲ୍ୟ ମନେ କରନ୍ତି । ତେବେ ଶ୍ରୀ ଦାସଙ୍କ ସମଗ୍ର ସାହିତ୍ୟ ସୃଷ୍ଟି ସେହି ବିରାମହୀନ ଆତ୍ମକଥନର ସଂପ୍ରସାରଣ ମାତ୍ର । ସବୁଠି ସେହି ବ୍ୟାକୁଳ ଆତ୍ମସନ୍ଧାନ- ପ୍ରେମ ଓ ସମୟର ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ । ପ୍ରକୃତରେ ତାଙ୍କ ସମଗ୍ର ସାହିତ୍ୟ ସୃଷ୍ଟିର ଗୋଟିଏ ମାତ୍ର ପାତ୍ର ସେହି 'ପ୍ରଥମ ପୁରୁଷ' । ନାଟକରେ ସେ ଦୀପଙ୍କର, କ୍ଷୁଦ୍ରଗଳ୍ପରେ ସେ ଭବନାଥ ଓ ଅନ୍ୟମାନେ । ଆଉ ଜୀବନରେ ? 'ଆମେମାନେ ସବୁ ସେହି ଏକାଲୋକ' (ଦର୍ପଣ) । ଆମକଥା ସବୁ ତାହାରି କଥାରହିଁ ପ୍ରତିଧ୍ୱନି । ଜୀବନ ଏକ ମୁଖାମୁହାଁ ନାଟକ- ଯେଉଁଠି ଗୋଟିଏ ପାତ୍ର ବିଭିନ୍ନ ସମୟରେ ବିଭିନ୍ନ ମୁଖା ପିନ୍ଧି ବିଭିନ୍ନ ଭୂମିକାରେ ଅଭିନୟ କରିଥାଏ । ମାତ୍ର; ଯେମିତି ଶ୍ରୀ ଦାସ କବି, ନାଟ୍ୟକାର ଓ କଥାଶିଳ୍ପୀ । କବି ଜଗନ୍ନାଥ ପ୍ରସାଦ, ନାଟ୍ୟକାର ଜଗନ୍ନାଥ ପ୍ରସାଦ ଓ କଥାଶିଳ୍ପୀ ଜଗନ୍ନାଥ ପ୍ରସାଦ ଦାସ ଆଦି ବିଭାଗ ଗୁଡ଼ିକ ସ୍ୱୀକାର୍ଯ୍ୟ ହେଲେ ହେଁ ଶେଷ ପର୍ଯ୍ୟନ୍ତ ପରସ୍ପର ପ୍ରବିଷ୍ଟ, ଉଦ୍ଦୀପକ ଓ ପରିପୂରକ । ଏକାଧାରରେ ଅବଶ୍ୟ କବି, ନାଟ୍ୟକାର ଓ କଥାଶିଳ୍ପୀ ହେବା ଦୁସାଧ୍ୟ । ଜଣେ ଉଭୟ କବି ଓ କଥାଶିଳ୍ପୀ ହେଲେ ତାଙ୍କର ଗୋଟିଏ ଦିଗ ସମୃଦ୍ଧ ହୋଇ ଅନ୍ୟ ଦିଗଟି ଖର୍ବ ହୋଇ ଉଠିବାର ଆଶଙ୍କାକୁ ଏଡ଼େଇ ଦେଇ ହୁଏ ନାହିଁ । ଏଥିରେ ଏକା ସାଙ୍ଗରେ ତିନିଟା ଯାକ ବୋଧହୁଏ ଭଲ ହୁଏନା । କିନ୍ତୁ ସୃଜନଶୀଳତା କ୍ଷେତ୍ରରେ କୌଣସି ନିୟମ ନ ଥିବାଟାହିଁ ନିୟମ । ସେଥିପାଇଁ ଜଗନ୍ନାଥ ପ୍ରସାଦ ଭଲ କବି ହୋଇ ବି ଉଜ୍ଜ୍ୱଳ ନାଟ୍ୟକାର, ଭଲ ନାଟ୍ୟକାର ହୋଇବି କ୍ଷୁଦ୍ରଗଳ୍ପର ମହତ କାରୁଶିଳ୍ପୀ । ବିଦ୍ୟା, ସାହିତ୍ୟିକ ଅନ୍ତର୍ଦୃଷ୍ଟି, ବିଶ୍ଳେଷଣୀ, ସରସ ସୃଜନଶୀଳ ପ୍ରତିଭା ଓ ସୂକ୍ଷ୍ମ ସୁକୁମାର ମାନବିକ ସମ୍ବେଦନା ଘେନି ତିନୋଟି ଯାକ ସାରସ୍ୱତ କ୍ଷେତ୍ରରେ ସେ ପ୍ରାୟ ସମାନ ପଦକ୍ଷେପ କରିଛନ୍ତି । ବସ୍ତୁ ଅନୁଭବ କ୍ଷେତ୍ରରେ ସେଗୁଡ଼ିକର ବିଚରଣ ଭୂମି ଭିନ୍ନ ଭିନ୍ନ ହେଲେହେଁ ମୂଳତଃ ଏକ ଅଖଣ୍ଡ ସତ୍ତାର ପ୍ରତିରୂପ ହୋଇ ଉଠିଛନ୍ତି । ରୂପ ଭିନ୍ନ, କିନ୍ତୁ ଅଭିପ୍ରାୟ ଏକ । କିମ୍ଭୂତ ଜୀବନର ରୂପାୟନ । ଜଗନ୍ନାଥ ପ୍ରସାଦ ଜାଣନ୍ତି ଯେ କୌଣସି ଶିଳ୍ପ ପରି ସାହିତ୍ୟ ଶିଳ୍ପବି ଜୀବନର ସ୍ୱରୂପକୁ ବଦଳାଇ ପାରିବ ନାହିଁ, ଶୂନ୍ୟତାର ମରୁଭୂମିରେ କୌଣସି ନିଶ୍ଚିତ ଆଶ୍ରୟ ଦେଇ ପାରିବ ନାହିଁ । ତାହାର ଗୋଟିଏ ମାତ୍ର କାମ- କିମ୍ଭୂତ ଅସ୍ତିତ୍ୱର ବାଣୀ ରୂପାୟନ- ମଣିଷର ବିପନ୍ନ ମୁଖ ଦର୍ଶନ । ତେଣୁ ସେ ସର୍ବତ୍ର ଜାଗ୍ରତ । ଏକ ନିର୍ମୋହ ଦୃଷ୍ଟିଘେନି ଜୀବନକୁ ଦେଖନ୍ତି ଓ ତାକୁ ଯଥାସମ୍ଭବ ଚମତ୍କାର ଭାବରେ ଭାଷା ଶିଳ୍ପରେ ରୂପାୟିତ କରନ୍ତି । ବୋଧହୁଏ ଜୀବନର ଅସଙ୍ଗତି, ଅର୍ଥହୀନତା ଓ ବିପନ୍ନତା ବିରୋଧରେ ଏହାହିଁ ସବୁ ଶିଳ୍ପୀ ସାହିତ୍ୟିକଙ୍କର ବିଦ୍ରୋହ ଆଚରଣର ଏକମାତ୍ର ଭଙ୍ଗୀ ଶ୍ରୀ ଦାସଙ୍କ ନାଟକ ଅସଙ୍ଗତ ଜୀବନକୁ ଦେଖାଏ । (ଶ୍ରୀ ଦାସଙ୍କର ତିନୋଟି ନାଟକ ଓ ଗୋଟିଏ ଏକାଙ୍କିକା ଗ୍ରନ୍ଥ ପ୍ରକାଶିତ: ସୂର୍ଯ୍ୟାସ୍ତ ପୂର୍ବରୁ (୧୯୭୭) ସବାଶେଷ ଲୋକ (୧୯୮୦) ଅସଙ୍ଗତ ନାଟକ (୧୯୮୧) ଓ ଏକାଙ୍କିକା: ପୂର୍ବରାଗ (୧୯୮୩) । ସେଠାରେ ମନନ କିଛି ନାହିଁ, ସବୁ ପ୍ରଦର୍ଶନ । କବିତାର ଜୀବନ ଚିନ୍ତା ହୁଏ ନାଟକର ଜୀବନ ଦର୍ଶନ । ଆଉ କ୍ଷୁଦ୍ରଗଳ୍ପର ? କ୍ଷୁଦ୍ରଗଳ୍ପରେ ବି ସେହି ଜୀବନଚିନ୍ତା ବିଶେଷ ଭୂଗୋଳ ନିର୍ଭର ସମସାମୟିକ ଇତିହାସରେ ବିନ୍ୟସ୍ତ ରହି ସାମାଜିକ ଅବସ୍ଥା ସହିତ ନିଜର ସାମଞ୍ଜସ୍ୟ ଖୋଜିନିଏ । କବିତାରେ ଯାହା ଥାଏ ନିର୍ବିଶେଷ ସତ୍ୟ, କ୍ଷୁଦ୍ରଗଳ୍ପରେ ତାହା ହୁଏ ସ୍ପେସିଫିକ୍

Digitized by srujanika@gmail.com

(Specific) କଥା । ଅବଶ୍ୟ ଶ୍ରୀ ଦାସଙ୍କ କ୍ଷୁଦ୍ରଗଳ୍ପର ଭୂଗୋଳ ଓ ସଂପ୍ରତିକ ଇତିହାସ ଓଡ଼ିଶାରେ ସୀମାୟିତ ରହିନାହିଁ; ବରଂ ଓଡ଼ିଶା ବାହାରର ଚିତ୍ର ଓ ଚରିତ୍ର ସେଥିରେ ଭିଡ଼ ଜମାଇଛନ୍ତି । ତଦ୍ଦ୍ୱାରା କିନ୍ତୁ ତାଙ୍କ କବିତା ଓ କ୍ଷୁଦ୍ରଗଳ୍ପର ସତ୍ତା ବିନିମୟ କ୍ଷେତ୍ରରେ କୌଣସି ବାଧା ଉପୁଜୁ ନାହିଁ । ଉଭୟତ୍ର ମଣିଷ ଜୀବନହିଁ ଉପଜୀବ୍ୟ, ହେଉ ନା ତାହା ଯେଉଁ ଭୂଖଣ୍ଡର । କବିତାର ସଂଜ୍ଞା ଓ ସ୍ୱରୂପ କଣ ? ଜାଗତିକ ଘଟନାର ଆଲୋଡ଼ନରୁ ସ୍ଥାନୀୟ ତଥା ସାମୟିକ ପରିବର୍ତ୍ତନମାନ ଦେହମୟ ଅଂଶଟି ଝଡ଼ି ପଡ଼ିଲେ ଯେଉଁ ଭାବ ସ୍ୱର କଂପନ ଅବଶେଷ ରହିଯାଏ, ତାହା କବିତା ନୁହେଁ କି ? 'ଶବ୍ଦଭେଦ' ଗଳ୍ପର କବି ଭବନାଥ ବୁଝାଇଛି ଏହି କଥା, ଗଳ୍ପରୁ ଚରିତ୍ରଗୁଡ଼ିକୁ ଅଲଗା କରି ନିଅନ୍ତୁ, ସମସ୍ତ ପ୍ରକାର ସଂଳାପ ଓ ଭାବପ୍ରବଣତାରୁ ତାକୁ ମୁକ୍ତ କରନ୍ତୁ, ଏବେ ଯାହା କିଛି ବାକି ରହିଯିବ, ତାହାହିଁ କବିତା "କିଛି ଦୁଃଖ, କିଛି ଅନ୍ତର୍ଦାହ ଓ କିଛି ବୁଝିବା ।" କବିତା ଚରିତ୍ର ଘଟନା ସଂଳାପ ନିରପେକ୍ଷ ସାର୍ବଭୌମ ସତ୍ୟ । ଆଉ କ୍ଷୁଦ୍ରଗଳ୍ପ ସେହି ସତ୍ୟର ବିଶେଷ ସ୍ଥାନକାଳ ନିର୍ଭର ଚରିତ୍ର ଘଟନା ସଂଳାପ ସଂଯୁକ୍ତ ଭାଷ୍ୟ ମାତ୍ର । ଜଗନ୍ନାଥ ପ୍ରସାଦଙ୍କ କବିତା ଓ କ୍ଷୁଦ୍ରଗଳ୍ପ ସେଇଥିପାଇଁ ସ୍ୱଚ୍ଛନ୍ଦରେ କାୟା ବିନିମୟ କରି ପାରନ୍ତି । ଗୋଟିଏ ଗୋଟିଏ ନାମରେ ତାଙ୍କର ଉଭୟ କବିତା ଓ କ୍ଷୁଦ୍ରଗଳ୍ପ ଅଛି । ଯଥା : ଭାଗ୍ୟ, ଶବ୍ଦଭେଦ, ସଂପର୍କ, ଦିନଚର୍ଯ୍ୟା ଓ ସାକ୍ଷାତକାର । 'ଦିନଚର୍ଯ୍ୟା' କବିତାଟିକୁ ଚରିତ୍ର ଘଟନା ସଂଳାପରେ ସଜାଇ ଦେଲେ 'ଦିନଚର୍ଯ୍ୟା' ଗଳ୍ପଟି ଫୁଟିଉଠିବ, ଆଉ ଗଳ୍ପଟି ଦେଶ କାଳ ନିର୍ଭର ଘଟନାକୁ ଚିପୁଡ଼ି ନିର୍ଯ୍ୟାସ କାଢ଼ି ନେଲେ କବିତାଟି ମୁହଁ ଦେଖାଇବ : ସ୍ୱର୍ଣ୍ଣାଭ ସ୍ୱପ୍ନ ପଛରେ / ନିର୍ଦ୍ଦିଷ୍ଟ କ୍ରମରେ ଧାଉଁଥିବା / ପ୍ରାତ୍ୟହିକ ପର୍ବମାନଙ୍କୁ / ସମୟ ନେଇ ସଜାଇ ରଖିଦିଏ / ଶ୍ୱେତବର୍ଣ୍ଣ ବିଛଣା ଉପରେ / ଅନ୍ୟ ଏକ ଅବଧି ପର୍ଯ୍ୟନ୍ତ ।" ଏଥିରେ ଆଉ କିଛି ଭଲ ଲାଗିବ କିପରି ? ଠିକ୍ ଯେମିତି 'ଘର' ଗଳ୍ପଟିକୁ ଘଟନା, ଚରିତ୍ର, ସଂଳାପ ଓ ଭାବ ପ୍ରବଣତାରୁ ମୁକ୍ତ କରିଦେଲେ ଅବଶେଷ କବିତାଟିଏ ରହିଯିବ: "ଏପରି ଘର / କିପରି କାହାକୁ ଧରି ରଖିପାରିବ / ଯାହାର ଭିତର ଓ ବାହାର ସବୁ ଶୂନ୍ୟ ।" (ଗୃହ ପ୍ରବେଶ) । ଓଲଟାଟା ମଧ ଦ୍ୱୈତଥ୍ୟ ହେବ ନାହିଁ । ତେବେ ଜଗନ୍ନାଥ ପ୍ରସାଦଙ୍କ କବିତା ଓ କ୍ଷୁଦ୍ରଗଳ୍ପର ଚରିତ୍ର ଓ ଉପଲବ୍ଧିରେ କିଛିଟା ବ୍ୟବଧାନ ଅଛି । ଏ ମଧରେ ତାଙ୍କର ୬ଟି କବିତା ସଂକଳନ ପ୍ରକାଶିତ : ପ୍ରଥମ ପୁରୁଷ (୧୯୭୧), ଅନ୍ୟ ସବୁ ମୃତ୍ୟୁ (୧୯୭୬), ଯେ ଯାହାର ନିର୍ଜନତା (୧୯୭୯), ଅନ୍ୟ ଦେଶ ଭିନ୍ନ ସମୟ (୧୯୮୨), ଯାତ୍ରାର ପ୍ରଥମ ପାଦ (୧୯୮୭) ଓ ଆହ୍ନିକ (୧୯୯୦) । କାବ୍ୟବୃତ୍ତଟି ଜଟିଳ ଅବଶ୍ୟ । ତେବେ ତା'ର ୩ଟି ମୁଖ୍ୟ ସ୍ୱର ବାରି ହୋଇ ଯାଏ, ପ୍ରେମ, ସମୟ ଓ ସ୍ମୃତି । ପ୍ରେମର ପରିଭାଷାରେ କିନ୍ତୁ ସମୟକୁ ବୁଝିବାକୁ ହୁଏ: "ପ୍ରେମର ଅବର୍ତ୍ତମାନତାରେ/ ଯାହାସବୁ ବିତିଯାଏ / ତା'ର ନାଁ ସମୟ ।" ଏକ ପକ୍ଷରେ ଗୋଟିଏ ସଫଳ ପ୍ରେମ ସମସ୍ତ ଜୀବନ ହୁଏ, ଅନ୍ୟ ପକ୍ଷରେ ପ୍ରତ୍ୟେକଟି ବ୍ୟର୍ଥ ପ୍ରେମ ଗୋଟିଏ ଗୋଟିଏ ମୃତ୍ୟୁ । ପ୍ରେମ ଓ ସମୟର ନିରନ୍ତର ଦ୍ୱନ୍ଦ୍ୱ ଓ ମୂଲ୍ୟାୟନ ଜଗନ୍ନାଥ ପ୍ରସାଦଙ୍କ କବିତାର ସର୍ବଧାତ୍ରୀ ପ୍ରେରଣା । ସେଇଥିପାଇଁ ବ୍ୟାକୁଳ ସନ୍ଧାନଟିଏ ସବୁଠିଁ ସମୁଦ୍ୟତ । ଆବେଗାନୁଭୂତିର ଯେଉଁଠୁ ଶ୍ରୀ ଦାସ ଯାତ୍ରା ଆରମ୍ଭ କରିଥିଲେ, ସେଠାରୁ ଆଜି ସେ ଅନେକ ଦୂରକୁ ଚାଲି ଆସିଛନ୍ତି । ପ୍ରେମରେ ଏବେ ସଦ୍ୟ ସେ ଜୀବନର ଚରିତାର୍ଥତାକୁ ଦେଖୁଛନ୍ତି, ଏଠାରେ କୌଣସି ତଥ୍ୟ / ପ୍ରାସଙ୍ଗିକ ନୁହେଁ / ତମର ସାମୟିକ କାମନା ବ୍ୟତୀତ ।(ଚରମ ସତ୍ୟ) କ୍ଷୁଦ୍ରଗଳ୍ପର କିନ୍ତୁ ପ୍ରେମର ଚରିତାର୍ଥତା ନାହିଁ କହିଲେ ଚଳେ । (ଯେଉଁ ପ୍ରେମ ତ୍ରିଭୁଜ ଗଳ୍ପରେ ଉଷ୍ମ ଉତ୍ତେଜନା ଆଣେ ତାହା ସଂପୂର୍ଣ୍ଣ ଅନୁପସ୍ଥିତ) । ବ୍ୟର୍ଥତାରୁ ସାମୟିକ ଚରିତାର୍ଥତାକୁ ଓ ସାମୟିକ ଚରିତାର୍ଥତାରୁ ବ୍ୟର୍ଥତାକୁ ଯିବା ଆସିବା ଅଛି କବିତାରେ; କିନ୍ତୁ କ୍ଷୁଦ୍ରଗଳ୍ପରେ ବ୍ୟର୍ଥତାର ଛବି ଘନ ଭାବରେ ବିନ୍ୟସ୍ତ । ବାସ୍ତବତା ଅମୋଘ । ଆବେଗ କଠୋର ଭାବରେ ନିୟନ୍ତ୍ରିତ । ନିରାବେଗ ଜୀବନ ବିଶ୍ଳେଷଣର ଶେଷ କଥା । ତେବେ ସେଥିରେ ଏକ ବିଶେଷ ମାତ୍ରାର କାଳ୍ପନିକତା ଅଛି, ଯାହା କବିତାରେ ଅନୁପଲଭ୍ୟ । ଆଧୁନିକ ସାହିତ୍ୟରେ ବାସ୍ତବ ଯେତେବେଳେ ଅସହ୍ୟ ଓ ଅପ୍ରୀତିକର ମନେହୁଏ, ସେତେବେଳେ ଶିଳ୍ପୀ ଏହି କଳ୍ପନା ପ୍ରବଣତାର ଆଶ୍ରୟ ଘେନିଥାନ୍ତି । ଶ୍ରୀ ଦାସଙ୍କ 'ସବାଶେଷ ଲୋକ' ନାଟକରେ ଏହି ପ୍ରବଣତାଟି ଅନାୟସଲକ୍ଷ୍ୟ । ଯେଉଁ ସମାଜରେ ନାରୀ ରକ୍ଷିତା, କଳାକାର ଚାକର ଓ ସାହିତ୍ୟିକ ପ୍ରସାଦାର୍ଥୀ, ସେଠାରେ ପରିତ୍ରାଣ କାହିଁ ? ତେଣୁ ନାଟ୍ୟକାର ଏହି କଳ୍ପନା ବଳରେ ଜୀବନ ସହିତ ବୁଝାମଣା କରିଛନ୍ତି, ବାସ୍ତବତାକୁ ହସରେ ଉଡ଼ାଇ ଦେଇଛନ୍ତି, "ଶ୍ୟାମ ଆସିବ, ସବୁ ଦୁର୍ଦ୍ଦଶାର ପ୍ରତିକାର ଘଟିବ ।" ଏହା ହୋଇପାରେ ବି ଏକ ପ୍ରକାର ରୋମାନ୍ସ ପ୍ରବଣତା କି ଇଚ୍ଛା ପୂରଣ ବ୍ୟାପାର । କ୍ଷୁଦ୍ରଗଳ୍ପରେ ଏହି ଇଚ୍ଛାପୂରଣାତ୍ମକ କଳ୍ପନା ସକ୍ରିୟ । ଏମିତିକି ଗୋଟିଏ ଗଳ୍ପର ନାମ 'ଇଚ୍ଛା ପୂରଣ' । ଚରିତ୍ରଗୁଡ଼ିକ ବିରୂପ ବ୍ୟକ୍ତି, ବିଶ୍ୱ ଓ ବସ୍ତୁକୁ ନିଜ ମନୋମତ ସ୍ଥାନରେ ରଖି କାଳ୍ପନିକ ଆମୋଦ ଉପଭୋଗ କରନ୍ତି । କଠିନ ବାସ୍ତବତା ସହିତ ଫାଣ୍ଟାସି ବା ରୂପକଥା ସୁଲଭ ବୁଝାମଣା କରିନିଅନ୍ତି । ଏତଦ୍ଦ୍ୱାରା ଅବଶ୍ୟ ବାସ୍ତବତା ତରଳିଯାଏ ନାହିଁ, ଚରିତ୍ରର ଅକ୍ଷମତା ଓ ଅସହାୟତା ସ୍ପଷ୍ଟ ପ୍ରତିପନ୍ନ ହୁଏ ମାତ୍ର । ସେଇଥିପାଇଁ କହିବାକୁ ହୁଏ ଜଗନ୍ନାଥ ପ୍ରସାଦଙ୍କ ଗଳ୍ପରେ ଅବକ୍ଷୟ, ଅସହାୟତା ଓ ଅଚରିତାର୍ଥତା ବଡ଼ ଦିଶିଛି । କବିତା ତୁଳନାରେ ତାଙ୍କ

Digitized by srujanika@gmail.com

ଗଳ୍ପ ଜଗତ ତେଣୁ ଅପେକ୍ଷାକୃତ ବେଶି ଆଶାହୀନ ଓ ଆଲୋକଶୂନ୍ୟ । ନାଟକରେ ସାମାଜିକ ଅବ୍ୟବସ୍ଥାରୁ ପରିତ୍ରାଣର ସମ୍ଭାବନା ହୁଏତ ଅଛି । କିନ୍ତୁ କ୍ଷୁଦ୍ରଗଳ୍ପର ମାନବିକ ଦୁଃସ୍ଥିତି ଦୁର୍ମୋଚନୀୟ ।

ଜଗନ୍ନାଥ ପ୍ରସାଦଙ୍କର ଚାରିଟି କ୍ଷୁଦ୍ରଗଳ୍ପ ସଂକଳନ ପ୍ରକାଶିତ । ଭବନାଥ ଓ ଅନ୍ୟମାନେ (୧୯୮୨), ଦିନଚର୍ଯ୍ୟା (୧୯୮୩), ଆମେ ଯେଉଁମାନେ (୧୯୮୬) ଓ ସାକ୍ଷାତକାର (୧୯୮୭) । ଭାବାଳୁତା ବର୍ଜନ ଓ ଆବେଗାନୁଭୂତିର କଠିନ ନିୟନ୍ତ୍ରଣ ତଥା ନିର୍ମୋହ ମନନ ପ୍ରଧାନ ଜୀବନ ବିଶ୍ଳେଷଣ ଶ୍ରୀ ଦାସଙ୍କ ଗଳ୍ପର ବିଲକ୍ଷଣ ଲକ୍ଷଣ । ତାଙ୍କର ବସ୍ତୁ ଜ୍ଞାନ ପ୍ରଖର । ଉଦ୍ଭାବନା ଶକ୍ତି ବି ପ୍ରବଳ । ତେବେ ତାଙ୍କ ଅଭିଜ୍ଞତା ଓ ଉପଲବ୍ଧିର ସୀମା ଅଛି । ଯେଉଁ ଭଦ୍ର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀରେ ସେ ବିଚରଣ କରନ୍ତି, ଯେଉଁ ସ୍ତରର ଜୀବନ ଯାତ୍ରା ଓ ଚରିତ୍ର ସହିତ ତାଙ୍କର ପରିଚୟଅଛି, ତାହା ବାହାରକୁ ସେ ପ୍ରାୟ ଯାଆନ୍ତି ନାହିଁ । ସେ ବିଶେଷ ଭାବରେ ସମକାଳ ଆକ୍ରାନ୍ତ ନିଶ୍ଚୟ । କ୍ଷୁଦ୍ରଗଳ୍ପରେ ନିଜ ସମୟର ପାଠୋଦ୍ଧାର କରିବାକୁ ଚାହାନ୍ତି । ତେଣୁ ସହର କୈନ୍ଦ୍ରିକ ଶିକ୍ଷିତ ମଧ୍ୟବିତ୍ତ ସମାଜ ତାଙ୍କ ଗଳ୍ପର ଭୂମିକା ରଚନା କରିଥାଏ । ଏହି ଜୀବନରେ ସାମାଜିକ ଓ ପାରିବାରିକ ସଂହତି ଶାସନ ଅଚଳ; ବ୍ୟକ୍ତିମାତ୍ରେ ଆତ୍ମକୈନ୍ଦ୍ରିକ, ସୁଖପ୍ରିୟ ଓ ସ୍ୱାର୍ଥପର ତଥା ସମୃଦ୍ଧିକାମୀ । ସବୁଠି ନୈତିକ ଅଧୋପତନ ଚୂଡ଼ାନ୍ତ । ମଣିଷ ମଣିଷ ଭିତରେ ବ୍ୟବଧାନ ଦୁସ୍ତର । ତେଣୁ ବ୍ୟକ୍ତି ଏଠି ବିଚ୍ଛିନ୍ନତାବୋଧ ଓ ଏକାକୀତ୍ୱ ପୀଡ଼ିତ । ସେଇଥିପାଇଁ ତାକୁ ପ୍ରାୟ ତ୍ରାସ, ଉଦ୍‌ବେଗ ଓ ଶୂନ୍ୟତାବୋଧ ଭିତରେ ପ୍ରାଣଧାରଣ କରିବାକୁ ହୁଏ । ପୁରୁଣା ମୂଲ୍ୟବୋଧ ଓ ଶୁଭବୁଦ୍ଧି ବିପର୍ଯ୍ୟସ୍ତ । କିନ୍ତୁ ନୂତନ କୌଣସି ମାନସିକ ଆଶ୍ରୟ କେଉଁଠି ଗଢ଼ି ଉଠେ ନାହିଁ । ଜଗନ୍ନାଥ ପ୍ରସାଦ ବଡ଼ ସମାଜ ମନସ୍କ । ତେଣୁ ତାଙ୍କ ଗଳ୍ପରେ ଏହି ମଧ୍ୟବିତ୍ତ ସଂପ୍ରଦାୟର ବୁଦ୍ଧିଜୀବୀଙ୍କ ଆତ୍ମକୈନ୍ଦ୍ରିକତାଠାରୁ ଆରମ୍ଭକରି ଚରିତ୍ରହୀନତା ପର୍ଯ୍ୟନ୍ତ ସବୁ ନୀଚତାର ନିର୍ମମ ବିଶ୍ଳେଷଣ ଅଛି । ସେ କିନ୍ତୁ ସମାକାଳୀନତାରେ କେବେ ଆବଦ୍ଧ ନୁହନ୍ତି । ମଧ୍ୟବିତ୍ତର କ୍ରମ ଅବକ୍ଷୟ, ମନସ୍ତାତ୍ତ୍ୱିକ ଜଟିଳତା ଓ ଆଭ୍ୟନ୍ତରୀଣ ବିକାର ମଧ୍ୟରେ ସେ ମଣିଷର ବିଚ୍ଛିନ୍ନତା ଓ ଚରିତ୍ର ନିୟତିର ଦୁର୍ଜ୍ଞେୟତା ଲକ୍ଷ୍ୟ କରିଛନ୍ତି । ଜୀବନର ଅର୍ଥ ଅନ୍ୱେଷଣ ଗଳ୍ପକୃତ୍ୟ; ସମାଜ ବିଶ୍ଳେଷଣ ଉପଲକ୍ଷ୍ୟ ମାତ୍ର । ସେଥିପାଇଁ ସେ ଆଧୁନିକ କଥା ସାହିତ୍ୟରେ ଡିଟେକ୍‌ସନ (Detection) ପଦ୍ଧତିଟି ଅବଲମ୍ବନ କରନ୍ତି । ଜୀବନର ଅର୍ଥ ଅନ୍ୱେଷଣରେ ଏହି ନୂଆ ପଦ୍ଧତିଟିର ଚରିତାର୍ଥତା । ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଓ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ତାଙ୍କର ସମ୍ବଳ । କ'ଣ ଏ ଜୀବନର ସ୍ୱରୂପ ? ସତ୍ୟ ? ଜୀବନ ଏକ ପ୍ରବହମାନ ଧାରା, ଯାହାର ଉପକୂଳରେ ବସି ଗାଳ୍ପିକ ତାଙ୍କର ଅନ୍ୟତମ ନାୟିକା ଶବରୀ ପରି ମଣିଷକୁ ସ୍ରୋତର ଅନୁକୂଳରେ ଅସହାୟ ଓ ଅର୍ଥହୀନ ଭାବରେ ଭାସିଯିବାର ଦେଖୁଛନ୍ତି । ସେ ନୀରବରେ ଦେଖୁଛନ୍ତି ଓ ନିର୍ମୋହ ଭାବରେ ଦେଖାଉଛନ୍ତି । ମହତ ଶିଳ୍ପସୃଷ୍ଟି ଦୃଷ୍ଟିକୁ ସଂସ୍କାର କରେ ନାହିଁ, ଏମିତି ଦେଖାଏ ମାତ୍ର । ଜଗନ୍ନାଥ ପ୍ରସାଦଙ୍କର ଗଳ୍ପର ଜୀବନ ଯେବେ ସଂଶୟ-ନୈରାଶ୍ୟ-ବିକ୍ଷୋଭରେ ଅସ୍ଥିର ରହିଥାଏ, ନିଃସଙ୍ଗତା, ବିଚ୍ଛିନ୍ନତାବୋଧ ଓ ଶଙ୍କାତୁରତାରେ ବିକଳ ହୋଇ ଉଠିଥାଏ, ତେବେ ସେଥିପାଇଁ ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀ ଦାୟୀ ନୁହେଁ, ସ୍ୱୟଂ ଜୀବନ ଦାୟୀ । ଜୀବନ ଯେପରି ହେବା କଥା ସେପରି ହେବାର ଅଧିକାର ତା'ର ଅଛି ଅବଶ୍ୟ । ଶ୍ରୀ ଦାସ ହସ୍ତକ୍ଷେପ କରନ୍ତି ନାହିଁ । ସେ କେବଳ ଦେଖନ୍ତି ଓ ଆବେଗ ସହକାରେ ଦେଖାନ୍ତି, ଯେପରି କୌଣସିଟିରେ କିଛି ଆଶ୍ଚର୍ଯ୍ୟାନ୍ୱିତ ହେବାର ନାହିଁ ।

ଜଗନ୍ନାଥ ପ୍ରସାଦଙ୍କ ଗଳ୍ପର ମଣିଷ ପ୍ରାୟ ନିଃସଙ୍ଗ, ନିରୁପାୟ; ତ୍ରାସ, ଉତ୍କଣ୍ଠା ଓ ଶୂନ୍ୟତାବୋଧର ଶିକାର । ଆଉ ଅପରାଧ ନ କରି ବି ଅପରାଧବୋଧରେ ସେ ମ୍ରିୟମାଣ । ଚାରିପାଖରେ ତା'ର ବିରୂପ ବିଶ୍ୱ ବିଦ୍ୟମାନ । ଗନ୍ତବ୍ୟ ଅବଧାରିତ; ଯାତ୍ରାରେ କିନ୍ତୁ ତା'ର ଆନନ୍ଦ ନାହିଁ କି ଆଲୋକ ନାହିଁ । ଜୀବନ ବିଷଣ୍ଣ । ଅର୍ଥହୀନ ଭାବରେ ତାହା ପୁଣି ସମୟ କି ନିୟତି ହାତରେ ନିରନ୍ତର ଭୂମିଶାୟୀ ହେଉଥାଏ । ମଣିଷ ତାଙ୍କର ନିୟତି ସହିତ ନ ଲଢ଼େ ନୁହେଁ ଲଢ଼େ; କିନ୍ତୁ ଶେଷ ପର୍ଯ୍ୟନ୍ତ ନିରୁପାୟ ହୋଇ ତାହା ସହିତ ସହାବସ୍ଥାନ କରିବାକୁ ବାଧ୍ୟ ହୁଏ । ନିୟତି ଅନତିକ୍ରମ୍ୟ । ଏହି ନିୟତିର ନିବାସ କିନ୍ତୁ ରାଷ୍ଟ୍ରରେ ନୁହେଁ କି ସମାଜରେ ନୁହେଁ, ଏପରିକି ନୈତିକତାରେ ବି ନୁହେଁ । ନିବାସ ତାର ମଣିଷର ଅସ୍ତିତ୍ୱରେ । ମଣିଷ ଅସ୍ତିତ୍ୱ କେବଳ ଜଟିଳ କି ଦୁର୍ବୋଧ ନୁହେଁ, ବଡ଼ ସ୍ୱାର୍ଥପର ମଧ୍ୟ । ବେଶ ଭୋଗ ସୁଖ ପରାୟଣ । ଏହି ସ୍ୱାର୍ଥପରତା ଯୋଗୁ ମଣିଷ ସତ୍ୟ, ସୌନ୍ଦର୍ଯ୍ୟ ଓ ମାନବିକତାକୁ ସହ୍ୟ କରି ପାରେ ନାହିଁ । ଅସ୍ତିତ୍ୱର ମୂଲ୍ୟ ଦେବାକୁ ଯାଇ ସେ ସ୍ୱାଭାବିକ ଭାବରେ ଆତ୍ମପ୍ରବଞ୍ଚନାମୟ ଚରିତ୍ରରେ ପରିଣତ ହୋଇଯାଏ । କର୍ଫ୍ୟୁ, ଚରିତ୍ର ଓ ଜରୁରୀ ପରିସ୍ଥିତି ଆଦି ଗଳ୍ପରେ ଏପରି ଚରିତ୍ର ଦୁର୍ଲକ୍ଷ୍ୟ ରୁହନ୍ତି ନାହିଁ । 'ଚରିତ୍ର' ଗଳ୍ପରେ ପ୍ରମୋଦର ମନ୍ତବ୍ୟ ସ୍ମର୍ତ୍ତବ୍ୟ । ସେ ଝିଅଟିର ଭଲ ସ୍ୱଭାବକୁ ମନେ ପକାଇଲା ଅଥଚ ନିଜକୁ ପୁଣି ସଂଶୋଧନ କଲା, "ଯାହାର ଚରିତ୍ର ଠିକ୍ ନାହିଁ, ତା'ର ଭଲ ସ୍ୱଭାବ ହେବ କିପରି ?" ଜଗନ୍ନାଥ ପ୍ରସାଦ ଏମିତି ଗଳ୍ପ ଶେଷରେ ଗୋଟିଏ ଗୋଟିଏ ବାକ୍ୟରେ ସାଧାରଣ କଥାକୁ ଅସାଧାରଣତ୍ୱ ପ୍ରଦାନ କରିଥାନ୍ତି, ଯାହା ପାଠକ ମନରେ ଅନୁରଣିତ ରହେ ।

Digitized by srujanika@gmail.com

ଗୋଟିଏ ଜୀବନର ବିଶେଷ ଗୋଟିଏ ମୁହୂର୍ତ୍ତର ଅଭିଘାତ ବା ଆବେଗ ସର୍ବ ଦେଶ କାଳର ଜୀବନ ଭୂମିକୁ ଉତ୍‌କ୍ରମଣ କରିଯାଏ। ପ୍ରମୋଦର ଉକ୍ତି କ'ଣ ମଣିଷର ନିଜ ସ୍ୱଭାବ ସମ୍ବନ୍ଧରେ ସ୍ୱଗତ ମନ୍ତବ୍ୟ ପ୍ରକାଶ ନୁହେଁ? ଆତ୍ମ ବ୍ୟଙ୍ଗ ନୁହେଁ? 'ଚରିତ୍ର' ନାମକରଣରେ ନିହିତ ବ୍ୟଙ୍ଗ କ'ଣ କାହାକୁ ବୁଝାଇ କହିବାକୁ ହେବ? କେବଳ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ନୁହେଁ, ଫ୍ରଣ୍ଟିୟର (Frontier) ସୋସାଇଟିରେ ପ୍ରେମ, ସାହିତ୍ୟ ଓ ସାମାଜିକ ତଥା ପାରିବାରିକ ସଂପର୍କ ଭିତରେ ଏହି ଗ୍ରନ୍ଥର ସ୍ୱାର୍ଥପରତାର କଠିନ ଉପଦ୍ରବ ଆଦୌ ଦୁର୍ଲକ୍ଷ୍ୟ ନୁହେଁ। ତେଣୁ ଜଗନ୍ନାଥ ପ୍ରସାଦଙ୍କ ଚରିତ୍ର ଗୁଡ଼ିକ ଆଦୌ ସଲ୍ଲଜ କି ମୁହଁଚୋର ନୁହନ୍ତି, ବରଂ ଅଶୁଭ ଅନୁଦାର କୁତ୍ସିତ କୋଳାହଳମୟ ପରିପାର୍ଶ୍ୱ ଭିତରେ କିପରି ବଞ୍ଚିବାକୁ ହୁଏ, ତାହା ସେମାନେ ଶିଖିଥାନ୍ତି। ଗାଳ୍ପିକ ମଧ୍ୟ ସେମାନଙ୍କୁ ନିଜ ନିଜର ବାଟରେ ଛାଡି ଦେଇ ଥାନ୍ତି। ପ୍ରକୃତରେ ଚରିତ୍ର ସର୍ଜନ କ୍ଷେତ୍ରରେ ତାଙ୍କର ସତ୍ୟନିଷ୍ଠା ବିସ୍ମୟକର। ଗଳ୍ପର ସ୍ୱତଃସ୍ଫୂର୍ତ୍ତ ଗତିମୟତା ଅବ୍ୟାହତ ରୁହେ। ଅଥଚ ଚରିତ୍ର ଗୁଡ଼ିକ ନିଜ ନିଜର ସଂଳାପ ଓ ଆଚାର ଆଚରଣରେ ନିଜକୁ ସୃଷ୍ଟି କରି ଚାଲିଥାନ୍ତି। ଜଗନ୍ନାଥ ପ୍ରସାଦ ଇତିହାସ ଲେଖକଙ୍କ ପରି ରାଗ-ଦ୍ୱେଷ ବିବର୍ଜିତ ହୋଇ ଠିକ୍ ଠିକ୍ ବିବରଣୀ ପ୍ରଦାନ କରିଥାନ୍ତି ମାତ୍ର। ସେଇଥିପାଇଁ ତାଙ୍କ ଗଳ୍ପରେ ବିବୃତି ଓ ବିଶ୍ଳେଷଣ ପ୍ରଧାନ ଭୂମିକା ଗ୍ରହଣ କରିଛି। ଯାହା ଘଟଣା କି ସଂଳାପ ମାଧ୍ୟମରେ ପ୍ରକାଶ ପାଇବା କଥା, ତାହା ବିବରଣୀ ମାଧ୍ୟମରେ ରୂପ ଘେନିଛି। ଗଳ୍ପ ସୃଷ୍ଟିରେ ଏହା ଏକ ଅପରାଧ ନିଶ୍ଚୟ। କିନ୍ତୁ ଏବେ ଅନେକ ଦେଶୀ-ବିଦେଶୀ ଭଲ ସାହିତ୍ୟ ଶିଳ୍ପୀ ଏହି ରୀତିର ପକ୍ଷପାତୀ ହୋଇ ଉଠିଛନ୍ତି। ପାଠକର ପ୍ରତ୍ୟକ୍ଷ ସଂଶ୍ଳେଷ ସେମାନେ ଭାଙ୍ଗିବାକୁ ଚାହାନ୍ତି। ଘଟଣା ଘଟିବ ନୈପଥ୍ୟରେ, ବିବରଣୀରେ ଗଳ୍ପର ଉନ୍ମୋଚନ ହେବ। ଗଳ୍ପ ଯେ ଗଳ୍ପ; ମାତ୍ର ସତ୍ୟ ନୁହେଁ- ଏହି ଚେତନାଟିକୁ ପାଠକ ମନରେ ସୃଷ୍ଟି କରିବାକୁ ପଡ଼ିବ; ସେ ଯେପରି ଅପ୍ଲୁତ (Involved) ହୋଇ ନ ପଡ଼େ। ଜଗନ୍ନାଥ ପ୍ରସାଦ ଏହି ରୀତିଟିକୁ ସ୍ୱୀକାର କରନ୍ତି। କିନ୍ତୁ ରୀତିଟିକୁ ସ୍ୱୀକାର କରିବାର କୌଣସି ଆୟାସ ତାଙ୍କ ଗଳ୍ପରେ ନାହିଁ। ସବୁ ସ୍ୱାଭାବିକ ଓ ସ୍ୱଚ୍ଛଳ। ନିପୁଣ ସୃଷ୍ଟି କର୍ମର ଅନ୍ୟ ଏକ ଅଭିଜ୍ଞାନ ହେଉଛି ଏହି ଅନାୟାସ ଦକ୍ଷତା। ଶିଳ୍ପୀଙ୍କ ସଚେତନ ମନରେ ଶିଳ୍ପର ଉପାଦାନ ଉପକରଣ ଆହୃତ ଓ ବିନ୍ୟସ୍ତ ହେବେ, କିନ୍ତୁ ସେହି ସଚେତନ ଆୟାସର କୌଣସି ଚିହ୍ନ ସୃଷ୍ଟିକର୍ମରେ ଧରା ପଡ଼ିବ ନାହିଁ। ଶିଳ୍ପ ହେବ ଏମିତି ସହଜ। ଅର୍ଜିବ ଏମିତି ଅନାୟାସ ଦକ୍ଷତା। ଜଗନ୍ନାଥ ପ୍ରସାଦଙ୍କ ଗଳ୍ପ ଗୁଡ଼ିକ ପରିକଳ୍ପିତ ନିଶ୍ଚୟ, କିନ୍ତୁ କୌଣସି ଗଳ୍ପ ଆମୂଳାନ୍ତ ପରିକଳ୍ପନା ତୁଲ୍ୟ ଆଗେଇ ନାହିଁ। କୌଣସି ଶିଳ୍ପରେ କୌଣସି ପରିଣାମୀ ସିଦ୍ଧାନ୍ତ ବି ନାହିଁ। କୌଣସି ଚରିତ୍ର ଅବଶ୍ୟ ଆଦର୍ଶ ସ୍ଥାନୀୟ ନୁହନ୍ତି, ତେବେ ଅଧିକାଂଶ ଗଳ୍ପର ବିନ୍ୟାସ କୌଶଳରୁ ପାଠକର ସହାନୁଭୂତି ଆକର୍ଷଣ କରିଥାନ୍ତି।

ନିର୍ବେଦ, ନିଃସଙ୍ଗତା ଓ ବିଚ୍ଛିନ୍ନତାବୋଧ ତଥା ତଜ୍ଜନିତ ବିଷାଦ ଅସ୍ତିତ୍ୱର ସହଜାତ। ଆଧୁନିକ ଯୁଗରେ ସଙ୍ଗଠନ ଗୁଡ଼ିକ ଅତିକାୟ ହୋଇ ଉଠିଥିବାରୁ ନିର୍ବେଦ ଓ ନିଃସଙ୍ଗତା ବଢ଼ିଛି। ଯେତେ ଭିଡ଼, ମଣିଷ ସେତେ ବିଚ୍ଛିନ୍ନ। ଆଧୁନିକ ମଣିଷ ତେଣୁ ସଂଯୋଗହୀନ ବଡ଼ ଏକୁଟିଆ। ଏହି ଏକାକୀତ୍ୱର ଚିତ୍ରକୁ ବାଦ୍ ଦେଇ ଆଧୁନିକ ସାହିତ୍ୟର କଳ୍ପନା କରିହୁଏ ନାହିଁ। ଜଗନ୍ନାଥ ପ୍ରସାଦଙ୍କ ଗଳ୍ପରେ ମଣିଷ ଏହି ଏକାକୀତ୍ୱର ସମ୍ମୁଖୀନ ହୋଇଛି। ବ୍ୟାଧିଟିରେ ଗାର୍ହସ୍ଥ୍ୟଜୀବନ ପର୍ଯ୍ୟନ୍ତ ଆକ୍ରାନ୍ତ। ଘର, ବନ୍ଧନ ଓ ସହୋଦର- ଏହି ତିନୋଟି ଗଳ୍ପରେ ଶବ୍ଦ ତିନୋଟି ସବୁ ପ୍ରକାରେ ତାତ୍ପର୍ଯ୍ୟହୀନ। ପତି-ପତ୍ନୀ, ପୁତ୍ର-କନ୍ୟା, ଭାଇ-ଭାଇ ମଧ୍ୟରେ ସବୁ ସଂପର୍କ ଆଜି ସଂପର୍କହୀନତାର ସଂପର୍କ। ସବୁଠି ସଂପର୍କହୀନତାର ନୀରବ ହାହାକାର। ମଣିଷ ମଣିଷର ମୁହଁ ଦେଖି ଆହ୍ଲାଦ ପାଉ ନାହିଁ। ଅଧିକନ୍ତୁ ପରିବାରର ପ୍ରତ୍ୟେକଟି ସଭ୍ୟ ଆତ୍ମକୈନ୍ଦ୍ରିକ ଜୀବନର ସଂକୀର୍ଣ୍ଣ ବୃତ୍ତି ମଧ୍ୟରେ ଏମିତି ଆବର୍ତ୍ତିତ ଯେ, ନିଜର ସମସ୍ୟା କ୍ଲିଷ୍ଟ ଅସ୍ତିତ୍ୱର ନିଃସଙ୍ଗତମ ବେଦନାରେ ଏମିତି ଉନ୍ମଥିତ ଯେ ପରସ୍ପର ପାଇଁ ବାହାରୁ ସାମାନ୍ୟତମ ଉଦ୍‌ବେଗ ମଧ୍ୟ ଅନୁଭବ କରନ୍ତି ନାହିଁ। ସେଠାରେ ଅନ୍ତରଙ୍ଗ ଉତ୍ତୀର୍ଣ୍ଣ ଅର୍ଥପୂର୍ଣ୍ଣ ସଂପର୍କ ସ୍ଥାପନା କି ହିତ ସାଧନ ପ୍ରୟାସ କାହୁଁ ଆସିବ? ଏବେ ଅନେକ ଭାରତୀୟ ବିଦେଶ ଯାଇ ସେଠାରେ ଅର୍ଥ ସଂଗତି ଯୋଗୁଁ ରହି ଯାଉଛନ୍ତି। ନିହାତି ଟେଲିଗ୍ରାମ ପାଇ ମୃତ୍ୟୁଯାତ୍ରୀ ଆତ୍ମୀୟଟିକୁ ଦେଖିବାକୁ ଯାହା ଆସୁଛନ୍ତି, ମନ କିନ୍ତୁ ଫେରିବାକୁ ବ୍ୟାକୁଳ। ସ୍ୱଚ୍ଛଳତା ବିଳାସୀ ସୁବୋଧ କେଉଁ ଦୁଃଖରେ ପଲ୍ଲୀ ଭୂଇଁରେ ପଡ଼ି ରହିବ? ତେବେ ଆଉ କିଏ ରହିବାକୁ ଚାହୁଁଛି ଯେ? 'ସହୋଦର' ଗଳ୍ପରେ ସହୋଦରଗୁଡ଼ିକ ଏକାଠି ବସି ପାରି ନାହାନ୍ତି, ମାଡ଼ି ମାଡ଼ି ପଡିଛି। ଶେଷକୁ ଠିକ୍ କରିଛନ୍ତି ଫଟୋ ଉଠାଇବେ, 'ସତେ ଯେମିତି ଫଟୋର କାଗଜ ଟୁକୁଡ଼ାରେ ସେମାନଙ୍କ ହଜି ଯାଇଥିବା ପୁରୁଣା ସଂପର୍କ ସବୁ ଯୋଡ଼ି ହୋଇ ସେମାନଙ୍କୁ ଏକାଠି କରିଦେବ!' ଦାମ୍ପତ୍ୟବନ୍ଧନତ 'Nothing with nothing'ର ବନ୍ଧନ। ମାୟାମୃଗ ଗଳ୍ପର ମାନସୀ ତା'ର ଉଦ୍‌ବୃତ୍ତ ସମୟ ଓ ବିରକ୍ତି କଟାଇବା ପାଇଁ ମାୟାମୃଗ ପଛରେ ଧାଇଁଛି ଆଉ ତା'ର ସ୍ୱାମୀ ତାହା ସହିତ ଯୋଗାଯୋଗ କରିଛି ପୂର୍ଣ୍ଣପ୍ରାଣରେ; ତେବେ ପ୍ରେମରେ ନୁହେଁ, ତା'ର ସମୟ ଉପରୁ ସ୍ୱୀଟିର ଦାବିକୁ ଯଥେଷ୍ଟ କମାଇବାକୁ ହେବ ବୋଲି। ଏଥିରେ କ'ଣ କୌଣସି ଅର୍ଥପୂର୍ଣ୍ଣ ନିବିଡ଼ ସଂପର୍କ ସ୍ଥାପନ

Digitized by srujanika@gmail.com

କରିହୁଏ ? ସେହି ଗଳ୍ପରେ ଅବଶ୍ୟ କଣ୍ଟ୍ରାଷ୍ଟ କୌତୁକଟିଏ ଅଛି, ଯେଉଁଠି ଆଧୁନିକ ସଭ୍ୟତା ତଥାପି ସଂପୂର୍ଣ୍ଣ ପ୍ରବେଶ ପଥ ପାଇ ନାହିଁ; ଯେଉଁଠି ପ୍ରକୃତି ସହିତ ମଣିଷର ସଂପର୍କ ଏବେବି ଅତୁଟ ରହିଛି, ସେଠାରେ ପାରିବାରିକ ଆନନ୍ଦ ଅଛି । ଆଧୁନିକ ମଣିଷ ପକ୍ଷରେ ସେହି ଆନନ୍ଦକୁ ଅଲୌକିକ ନ କହି ଗତ୍ୟନ୍ତର ନାହିଁ । ଗାଳ୍ପିକ ପାରିବାରିକ ସଂପ୍ରୀତିରେ ମଣିଷର ଆତ୍ମିକ ଉନ୍ମୋଚନ ଲକ୍ଷ୍ୟ କରିଛନ୍ତି, ତଥାପି ମଣିଷ ପାଇଁ ନିଶ୍ଚିତ ଆଶ୍ରୟ ଅଛି । କଣ୍ଟ୍ରାଷ୍ଟ୍‌ଟି ଦୂରରୁ ପିଲାଳିଆ ମନେ ହୋଇପାରେ, କିନ୍ତୁ ବିଶ୍ୱାସର ସଂକଟରୁ ମଣିଷର ବିଶୁଦ୍ଧ ପରିତ୍ରାଣାକାଙ୍‌କ୍ଷାଟିକୁ ସନ୍ଦେହ କରିହେଉ ନାହିଁ । 'ସଂପର୍କ' ଗଳ୍ପଟି ସ୍ମରଣୀୟ । ଧୁନାମାମୁ ଓ ବବିର ସଂପର୍କ ଏବେବି ସମ୍ଭବ । ଏବେ ବି ବନ୍ଧୁତ୍ୱର ତାତ୍ପର୍ଯ୍ୟ ଅଛି । ଯେଉଁଠି ବ୍ୟକ୍ତିଗତ ସଂପର୍କ ପଣ୍ୟଦ୍ରବ୍ୟର ବିକଳ୍ପ ହୋଇ ଉଠି ନାହିଁ, ସେଠାରେ ଉତ୍ତୀର୍ଣ୍ଣ ବନ୍ଧୁତ୍ୱ ସମ୍ଭବ । ଆନ୍ତରିକତା ସୁଲଭ । ତେବେ କଣ ବିଚ୍ଛିନ୍ନତା ଶୋଚନୀୟ ? ନିର୍ବେଦ ଓ ନିଃସଙ୍ଗତା ଉତ୍ତରଣଯୋଗ୍ୟ ଆଧି ? ତାହା ସମକାଳୀନ ଇତିହାସର ଗୋଟିଏ ବିକୃତ ସ୍ୱର ମାତ୍ର ? ତେବେ କାହିଁକି 'ଐଶ୍ୱର୍ଯ୍ୟ' ଗଳ୍ପର ପଣ୍ଡିତ ମହୋଦୟ ନିଜ ମନ ସହିତ ଏତେ ଯୁକ୍ତିତର୍କ କଲାପରେ ବି ପୁଅ କି ସ୍ତ୍ରୀ ସହିତ ଭଲରେ ଦି' ପଦ ମିଠା କଥାବାର୍ତ୍ତା କରି ପାରିଲେ ନାହିଁ ? ତେଣୁ ଏଠାରେ ହଁ ଭରିଲେ ସତ୍ୟର ଯେତିକି ନିକଟବର୍ତ୍ତୀ ହୋଇ ହେବ, ନାଁ କହିଲେ ବି ସେତିକି ଠିକ୍ କୁହାଯିବ ।

ଜଗନ୍ନାଥ ପ୍ରସାଦଙ୍କ କ୍ଷୁଦ୍ରଗଳ୍ପରେ ସଂପର୍କର ସଂକଟହିଁ ପ୍ରକୃତରେ ଅସ୍ତିତ୍ୱର ସଂକଟ । ମଣିଷ ନାନା ଭାବରେ ନିଃସଙ୍ଗତା ଓ ବିଚ୍ଛିନ୍ନତାବୋଧର ତ୍ରାସ ଓ ଉତ୍କଣ୍ଠା ବିରୋଧରେ ଆତ୍ମରକ୍ଷା କରିବାକୁ ଚାହିଁଛି । ସାମାଜିକ ଓ ପାରିବାରିକ ସଂପର୍କ ତାହାକୁ ଠିକ୍ ଆଶ୍ରୟ ଦେଇ ପାରୁ ନାହାନ୍ତି । ତେବେ କଣ ପରିତ୍ରାଣ ନାହିଁ? ପ୍ରେମ କି ରମଣରେ କଣ ମୁକ୍ତି ନାହିଁ? ଏପରି ସମ୍ଭାବନାକୁ ଜଗନ୍ନାଥ ପ୍ରସାଦ ଉପେକ୍ଷା କରି ନାହାନ୍ତି । ଆଧୁନିକ ସହରର Permissive Society ର କଲ୍ୟାଣରୁ ନାରୀ-ପୁରୁଷଙ୍କର ଅବାଧ ମିଳାମିଶାର ସୁଯୋଗ ଘଟିଛି । ଏହି ମିଳାମିଶାର ସାଧାରଣ କୌଣସି ପଟ୍ଟଭୂମି ଅବଶ୍ୟ ଅବର୍ତ୍ତମାନ । ଦୁଇ ଦୁଇଟି ଅପରିଚିତ ପଟ୍ଟଭୂମିରୁ ଆସି ପାରନ୍ତି ଯୁବକଯୁବତୀ, ଯେମିତି ଆସିଛନ୍ତି 'ସ୍ପର୍ଶ', 'ବୁଢ଼ିଆଣୀ ଜାଲ' ଓ 'ସାକ୍ଷାତକାର' ଗଳ୍ପର ଯୁବକ ଯୁବତୀ, ଏମାନଙ୍କ ମିଳାମିଶା ଓ ସେକ୍ସ ସଂପର୍କକୁ ଯେବେ ପ୍ରଣୟଲୀଳା କହିବା, ତେବେ ତାହାର ସମାଜତାନ୍ତ୍ରିକ ଓ ପାରିବାରିକ ଦିଗ ସଂପୂର୍ଣ୍ଣ ଉପେକ୍ଷିତ ରହିଛି ବୋଲି ମନେ ରଖିବାକୁ ହେବ । କେବଳ ସଂପର୍କ ଉପରେ ଆଲୋକପାତ କରାଯାଇଛି । ସେକ୍ସ ବା ରମଣରେ କି ଭାବ ସର୍ବସ୍ୱ ପ୍ରେମରେ କ'ଣ ବିଚ୍ଛିନ୍ନତାବୋଧ ଶୋଚନୀୟ ? ଅବଶ୍ୟ ସଂପର୍କ ଏ ତିନୋଟି ଗଳ୍ପରେ ନାରୀ-ପୁରୁଷ ସଂପର୍କ ଘଟିତ ବ୍ୟାପାର ଅବଶ୍ୟ, କିନ୍ତୁ ପ୍ରେମ ବ୍ୟାପାର ବି ନୁହେଁ, ତାହା କିଏ କହିବ ? ପ୍ରେମ କଣ ? ଜଗନ୍ନାଥ ପ୍ରସାଦ ପଚାରନ୍ତି, "ଦେହରେ ନିର୍ମିତ ଆତ୍ମା ନା / ଆତ୍ମାରେ ଉନ୍ନୀତ ଦେହ / ଜିଜ୍ଞାସା ନା ଅଭିଜ୍ଞାନ ନା ସିଦ୍ଧି / ସ୍ୱୀକାର ନା ସନ୍ଦେହ ।" ଯେ କୌଣସିଟି ହୋଇପାରେ, କୌଣସିଟି ବି ନହୋଇ ପାରେ । ତେଣୁ ଏଗୁଡ଼ିକୁ ପ୍ରେମର ଗଳ୍ପ କହିଲେ ଯେତିକି ଭୁଲ ହେବ, ନ କହିଲେ ବି ସେତିକି ମିଛ କଥା କୁହାଯିବ । 'ସ୍ପର୍ଶ'ର ପ୍ରତିପାଦ୍ୟ କଣ ? ମାଧବୀ କେବଳ ଇନ୍ଦ୍ରନାଥ ପାଇଁ ସ୍ୱପ୍ନ ବହିର୍ଭୁତ ଏକ ଆଗ୍ନେୟ ଚମତ୍କାର ନୁହେଁ, ପାଠକଙ୍କପାଇଁ ବି ସଦ୍ୟ ବିସ୍ମୟ । ନାରୀ ଏକ ପକ୍ଷରେ ଦେହମୟ ହୋଇ ଯେପରି ପ୍ରେମାସ୍ପଦକୁ ସଂପୂର୍ଣ୍ଣ ଗ୍ରାସ କରିପାରେ, ଅନ୍ୟ ପକ୍ଷରେ ସେପରି ବିପୁଳ ଅନାଗ୍ରହ ଓ ଉଦାସୀନତାରେ ତାହାକୁ ସଂପୂର୍ଣ୍ଣ ଉପେକ୍ଷା କରିପାରେ । ଏବେ ମାଧବୀ ଉପେକ୍ଷା କରୁଛି ଇନ୍ଦ୍ରନାଥକୁ । ସେ କଣ ଆଉ କାହାକୁ ଭଲ ପାଇ ବସିଛି ? ତା' ପାଇଁ କଣ ଶାରୀରିକ ଆକର୍ଷଣ ମୂଲ୍ୟ ହରାଇଛି ? ଆଗ୍ରାସୀ ଶାରୀରିକତାପାଇଁ କଣ ସେ ପଶ୍ଚାତ୍ତାପ କରିଛି ? ପେମର ଦୈହିକ କ୍ରିୟାକଳାପ କଣ ପରସ୍ପରକୁ ବିଚ୍ଛିନ୍ନ କରେ କି ? ନା, ସେ ଏକା ସାଙ୍ଗରେ ଭଲ ପାଉଛି ଓ ଭଲ ପାଉ ନାହିଁ ? ଏକ ସଙ୍ଗରେ ଭଲ ପାଇବା ଓ ଭଲ ନପାଇବା କି ସମ୍ଭବ ? ନା ମଣିଷ ମଣିଷ ଭିତରେ ଯେଉଁ ଦୁସ୍ତର ବ୍ୟବଧାନ ତାକୁ ଉତ୍‌ଖାତ କରିବାକୁ ଯାଇ ପ୍ରେମ ଅକ୍ଷମ ହୋଇ ପଡ଼ିଛି ? ଯେ କୌଣସିଟି ବି ହୋଇପାରେ । କୌଣସିଟି ବି ନ ହୋଇପାରେ । କିନ୍ତୁ ଇନ୍ଦ୍ରନାଥ ପକ୍ଷରେ ଉପେକ୍ଷା ଦୁର୍ବିସହ । ସେ ପ୍ରାର୍ଥନା କରିଛି, 'ତୁମେ ମୋର ପ୍ରେମକୁ ପ୍ରତ୍ୟାଖ୍ୟାନ କରିବ, ମୋତେ ପ୍ରତ୍ୟାଖ୍ୟାନ କରିବ ନାହିଁ ଏବଂ ତୁମକୁ ଛୁଇଁବା ଚେଷ୍ଟାରେ ମୁଁ ମୋର ଅବଶିଷ୍ଟ ଜୀବନକାଳ ବ୍ୟୟ କରିଦେବି ।' କ'ଣ ପୁଣି ଏହି ପ୍ରାର୍ଥନାର ତାତ୍ପର୍ଯ୍ୟ ? ପ୍ରେମ ଅପେକ୍ଷା ଜୀବନ ମହତ୍ତର ? ଭାବ ସର୍ବସ୍ୱ ଅନ୍ତରଙ୍ଗ ମୁହୂର୍ତ୍ତ ଅପେକ୍ଷା ଚୁମ୍ବନ ଆଲିଙ୍ଗନ ଅଧିକ ପ୍ରୀତିକର ? ପାଇବା ଅପେକ୍ଷା ଲୋଡ଼ିବା ନିଃଶ୍ରେୟସ ? ହୃଦୟ ଅପେକ୍ଷା ଦେହ ବଡ଼ ? 'ବୁଢ଼ିଆଣୀ ଜାଲ'ରେ ସେହି ଦେହର କଥା । ସାଧନାର ଦେହରେ ରୋହିତ ବିସ୍ମରର ଇନ୍ଦ୍ରଜାଲ ଦେଖିଛି । ସେହି ଦେହର ନିବିଡ଼ ଆଶ୍ଳେଷରେ ଶୈଶବ ଓ କୈଶୋରର ଭରପୂର ଅତୀତ ନିଶ୍ଚିହ୍ନ ହୋଇଯାଇଛି । ଚୁମ୍ବନରେ ଫେରି ଯାଇଛନ୍ତି ତା'ର କଳ୍ପନା, ଆକାଙ୍‌କ୍ଷା ଓ ବର୍ତ୍ତମାନ । କିନ୍ତୁ ଏବେ ଅନାଗ୍ରହ ଓ ଉଦାସୀନତା ଦୁର୍ଲକ୍ଷ୍ୟ ରହୁନାହିଁ । ବୁଢିଆଣୀ ଜାଲଟିର ଝଲମଲ ରହସ୍ୟର ପଟ୍ଟଭୂମିରେ ନାରୀ-ପୁରୁଷର ସଂପର୍କକୁ ସ୍ଥାପନ କରିଛନ୍ତି ଗାଳ୍ପିକ ।

Digitized by srujanika@gmail.com

କ'ଣ ଏ ବୁଢ଼ିଆଣୀ ଜାଲର ରହସ୍ୟ ? ଏହା ଶୁଭ ନା ଅଶୁଭ ? ଏହା କ'ଣ ଏମିତି ସୂକ୍ଷ୍ମ, ସୁନ୍ଦର ଓ ଅପାର୍ଥିବ ଜିନିଷ ? ନା ଏମିତି ମୃତ୍ୟୁଶଂସୀ ? ନାରୀ କଣ ପୁରୁଷଧରା ବୁଢ଼ିଆଣୀ ଜାଲ ? ଛୁଇଁଲା ମାତ୍ରେ ଜାଲ ଛିଡ଼ିଗଲା ପରି କେଉଁଠି କିଛି ସାମାନ୍ୟ ଆଘାତ ଲାଗିଲେ ନାରୀର ମନ ଭାଙ୍ଗିଯାଏ ? ସଙ୍ଗମ ପରେ ମାଈ ବୁଢ଼ିଆଣୀ ପୁରୁଷଟିକୁ ଖାଇଯାଏ । ନାରୀ ପ୍ରେମ କଣ ଏମିତି ବିଶେଷ ଅର୍ଥରେ ବଡ଼ ଆଗ୍ରାସୀ ? ଏକ ଲୋଭନୀୟ ମୃତ୍ୟୁ ? ହୋଇପାରେ, ନ ହୋଇ ବି ପାରେ । ଦୁଇଟିଯାକ ଗଳ୍ପର ପ୍ରେମ ଅବୈଧ ନିଶ୍ଚୟ; କିନ୍ତୁ ଅବୈଧ କି ଅସାମାଜିକ ବୋଲି ତା'ର କୌଣସି ଗ୍ଲାନି କି କୁଣ୍ଠା ନାହିଁ । ସଂପର୍କରେ ସୂକ୍ଷ୍ମତା ଓ ଜଟିଳତା ଧ୍ୟେୟ । ଉଭୟତ୍ର ଦେହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମାଧବୀ ମଣିଷର ସ୍ୱପ୍ନ ବହିର୍ଭୂତ ଏକ ଆଗ୍ନେୟ ଚମତ୍କାର । ତା'ର ଦେହକୁ ଏମିତି ଚିତ୍ରଣ କରିଛନ୍ତି ଗାଳ୍ପିକ, "ତା'ର ପାଞ୍ଚ ଫୁଟ ଦୁଇ ଇଞ୍ଚର ଦେହ ଥିଲା ସୀମାହୀନ ବିସ୍ତାରର ବାଲୁକା ସ୍ତୂପ; ମରୁଦ୍ୟାନ, ମରୀଚିକା ସମେତ ଏକ ଜଳନ୍ତା ମରୁସ୍ଥଳ, ଯାହାର ଉତ୍ତାପରୁ ନିସ୍ତାର ଥିଲା ପରିତୃପ୍ତିର ନିଶାର୍ଦ୍ଦରେ । ତାହାର ଆଖି ଥିଲା ଅଗ୍ନିଗର୍ଭ ଉଲ୍‌କା, ଯାହାର ଦୃଷ୍ଟିପାତ ମନର ଶୂନ୍ୟ ବାୟୁମଣ୍ଡଳକୁ ଦଗ୍‌ଧ କରି ସିଧା ପହଞ୍ଚୁଥିଲା ଅନ୍ତରାତ୍ମାରେ .... ତା'ର ଆଭ୍ୟନ୍ତର ଥିଲା ଏକ ପ୍ରଜ୍ଜ୍ୱଳିତ ଅଗ୍ନିକୁଣ୍ଡ, ଯାହା ଭିତରୁ ଇନ୍ଦ୍ରନାଥ ପ୍ରତିଟି ଥର ଜଳିପୋଡି ଶିଝି ତରଳି ପୁଣି ଶୁଦ୍ଧପୂତ ଓ ଦୀପ୍ତିମାନ ହୋଇ ବାହାରି ଆସୁଥିଲା ।" ସେକ୍ସ ଶୁଚିସ୍ନାନ । ଡି.ଏଚ.ଲରେନ୍ସଙ୍କ ପରି ହୁଏତ ଜଗନ୍ନାଥ ପ୍ରସାଦ ଦେହକୁ ବିଶ୍ୱାସ କରନ୍ତି । ପ୍ରକୃତରେ ଦେହ ହିଁ ଆନନ୍ଦ ଅନୁଭବ କରେ । ସବୁ ହୃଦୟାବେଗ ଦେହର । ମନ ତାହାକୁ ଚିହ୍ନି ରଖେ ମାତ୍ର । ଲରେନ୍‌ସ ମଧ୍ୟ ଠାଏ ଦେହକୁ ଆଗ୍ନେୟ ଚମତ୍କାର ଭାବେ ଗ୍ରହଣ କରିଛନ୍ତି, "I conceive a man's body as a kind of flame like a candle flame forever upright and yet flowing." ଦେହ ଏଇଥିପାଇଁ ଚମତ୍କାର ଯେ ତାହାର ଶିଖା ଯେମିତି ପ୍ରବାହଶୀଳ ସେମିତି ଉର୍ଦ୍ଧ୍ୱମୁଖ ବି । ପ୍ରେମିକା ନାରୀ ମାତ୍ରେ ପ୍ୟାସନର ଏକ ଏକ ଆଗ୍ନେୟ ଉଚ୍ଛ୍ୱାସ । ସ୍ପର୍ଶରେ ବୈଦ୍ୟୁତିକ ସାମର୍ଥ୍ୟ ବର୍ତ୍ତମାନ, ଯାହାର ଅପ୍ରତିରୋଧ ଆକର୍ଷଣରୁ ପୁରୁଷର କେବେ ପରିତ୍ରାଣ ନାହିଁ । ହୁଏତ ଏହି ହେତୁରୁ ନାରୀ ପ୍ରେମ ଆଗ୍ରାସୀ । ରୋହିତର ବାହୁକୁ ଦାନ୍ତରେ କାମୁଡ଼ି ଧରିଛି ସାଧନା, ବିଶେଷ ଅର୍ଥରେ ନୁହେଁ; ଆକ୍ଷରିକ ଅର୍ଥରେ । ଦାନ୍ତର ଦାଗ ଗଭୀର ଓ ସେଥିରୁ ରକ୍ତ ସ୍ରବିଛି । କମୁଡ଼ାରୁ ଅବ୍ୟାହତ ପାଇବାକୁ ରୋହିତ ବିନତି କରିଛି, ଅଥଚ ସାଧନାକୁ ଛାଡ଼ି ଯାଇ ପାରି ନାହିଁ । ଏକା ସାଙ୍ଗରେ ମଣିଷ ଜଣକୁ ଛାଡ଼ି ପାରେ ଓ ଧରିପାରେ । ସେକ୍‌ସପିଅର କହି ନଥିଲେ କି, "I love and hate her ।" ଦେହ କିନ୍ତୁ ଶେଷ ପର୍ଯ୍ୟନ୍ତ ଧ୍ରୁବ ଆଶ୍ରୟ ଦେଇପାରୁ ନାହିଁ । ଶୁଚିସ୍ନାନ ଅଚିରେ ମୃତ୍ୟୁ ସ୍ନାନରେ ପରିଣତ ହୋଇଛି । ପ୍ରେମହୀନ ସେକ୍ସ ବରଂ ବିଚ୍ଛିନ୍ନତାବୋଧକୁ ଅଗ୍ରତର କରେ । ଏରିକ୍ ଫ୍ରମ ଏହି କଥା ବୁଝାଇଛନ୍ତି, ...it results in an ever increasing sense of separateness, since the sexual act without love never bridge the gap between two human beings, except momentarily.(Art of Loving) ସେକ୍ସର ଅବସାଦ ଅଛି । ବ୍ୟର୍ଥତା ଉଭୟ ପ୍ରେମ ଓ ସେକ୍‌ସର ନିୟତି । ତେଣୁ ଯେତେଦୂର ସମ୍ଭବ ନାରୀ ଓ ପୁରୁଷର ବ୍ୟକ୍ତିତ୍ୱ ସଂଘର୍ଷରୁ ନୁହେଁ । ସଂପର୍କ ସ୍ଥାପନର ବ୍ୟର୍ଥତା ଦାୟରୁ ଉଭୟତ୍ର ଜୀବନ ବ୍ୟାକୁଳ ଓ ନିରୁପାୟ । ନାରୀ ପୁରୁଷଙ୍କ ମିଳାମିଶା କ୍ଷେତ୍ରରେ ମଧ୍ୟ ଜଗନ୍ନାଥ ପ୍ରସାଦଙ୍କ ଅନ୍ତର୍ଦୃଷ୍ଟି ମଣିଷର ଅନ୍ତଃସ୍ଥଳକୁ ଦେଖି ନେଇଛି, ଯଥା ସମ୍ଭବ ଉନ୍ମୋଚନ କରି ଦେଇଛି ଜୀବନର ଜଟିଳତା ଓ ରହସ୍ୟମୟତାକୁ । ମଣିଷ ଏମିତି କେତେ ସୂକ୍ଷ୍ମ ଅତୃପ୍ତିରେ ପୀଡିତ ନୁହେଁ ଯେ ? ଏ ଦୁଇଟି ଗଳ୍ପର ଯୁବକ ଯୁବତୀ ପ୍ରେମ ନା ତା'ଠାରୁ ଆହୁରି ଉନ୍ମାଦନାମୟ ବିଦ୍ୱେଷ ଓ ବିତୃଷ୍ଣାର ଶୃଙ୍ଖଳାରେ ଆବଦ୍ଧ ? କିଏ କହିବ ? ବୁଢ଼ିଆଣୀ ଜାଲ ପାଖକୁ ଅଛି ଅସ୍ତିତ୍ୱର ଇନ୍ଦ୍ରଜାଲ 'ସାକ୍ଷାତକାର' ଗଳ୍ପ । ଶର୍ବରୀ ଓ ଚନ୍ଦ୍ରହାସ ଏଇ ଆସିଛନ୍ତି ଗୋଟିଏ ଦିନ ହୋଟେଲର ନିର୍ଜନ କୋଠରୀରେ କଟାଇବେ । କାଙ୍‌କ୍ଷିତ ରୋମାଣ୍ଟିକ ମୁହୂର୍ତ୍ତଟି ଆସନ୍ନ । କିନ୍ତୁ ଆଗରେ ଏ କିଏ ? ଚନ୍ଦ୍ରହାସର ପୁରୁଣା ବନ୍ଧୁ ଶୋଭନ ନା ପ୍ରେମର ଅଶୋଭନ ଶତ୍ରୁ ? ଅନ୍ତରାୟଟିକୁ ଅତିକ୍ରମ କରିବାକୁ ଚନ୍ଦ୍ରହାସ ଯେଉଁ ସାକ୍ଷାତ୍‌କାର ନାଟକଟି ଆରମ୍ଭ କଲା, ତାହାହିଁ ତା'ର କାଳ ହେଲା । ପ୍ରତ୍ୟେକଟି ପରିସ୍ଥିତିର ଅନେକ ସମ୍ଭାବନା ଥାଏ । ମଣିଷ ପରିସ୍ଥିତି ସୃଷ୍ଟି କରିପାରେ, କିନ୍ତୁ ତା'ର ସମ୍ଭାବନାଟିକୁ ନିୟନ୍ତ୍ରଣ କରିପାରେ ନାହିଁ । ସାକ୍ଷାତକାର ମାତ୍ରେ ମଧ୍ୟ ପରିଚୟ ନୁହେଁ । ନାଟକଟି କ୍ରମଶଃ ଶକ୍ତି ଓ ଗତିବେଗ ସଂଚୟ କରି ଜୀବନ୍ତ ହୋଇ ଉଠିଛି ଓ ଜୀବନକୁ ଗ୍ରାସିଛି । ସାକ୍ଷାତକାର ପର୍ବ ଶେଷ କରି ଶର୍ବରୀ ଏବେ ବିଦାୟ ଘେନିଛି । ସେ କଣ ଏପରି ଏକ ସୁଯୋଗ ପ୍ରତ୍ୟାଶାରେ ଥିଲା ? ନା ଶୋଭନକୁ ଦେଖି ସମାଜ ସଚେତନ ହୋଇ ଉଠିଲା ? ନା ତାର ବୁଦ୍ଧି ପ୍ରଧାନ ଓ ବିଶ୍ଲେଷଣପ୍ରବଣ ମନୋବୃତ୍ତି ବିଲକ୍ଷଣ ସାକ୍ଷାତକାରଟିକୁ ଏପରି ଏକ ସ୍ତରକୁ ନେଇଗଲା ଯେ, ଯେଉଁଠି ଆଉ ହୃଦୟାବେଗ ସ୍ତରକୁ ଫେରିବା ସମ୍ଭବ ହେଲା ନାହିଁ ? ଚନ୍ଦ୍ରହାସର ନଗ୍ନ ସ୍ୱରୂପଟି କଣ ପ୍ରେମ ପାଇଁ ଅଭାଜନ ମନେ ହେଲା ? ନା ତୃତୀୟଟିର ଉପସ୍ଥିତିହିଁ ନର୍କ, ଯେଉଁଠି ପ୍ରେମ ଉଦୟ ମାତ୍ରେ ଅସ୍ତ ଯାଏ । ସାର୍ତ୍ତ୍ରଙ୍କ 'Hell is the other

Digitized by srujanika@gmail.com

people'କଥାଟି ସତ୍ୟ ? ନା ମଣିଷର ରକ୍ତ ଭିତରେ ଏମିତି ଏକ ବିପନ୍ନ ବିସ୍ମୟ ଅଛି, ଯାହା ତାକୁ ସ୍ୱତଃ ବିଚ୍ଛିନ୍ନ କରିଦିଏ ? ହତବୁଦ୍ଧି ଚନ୍ଦ୍ରହାସ ଶେଷକୁ ମୌନ ହେବାକୁ ବାଧ ହୋଇଚି । ମୌନ ମଧ ଏକ ପ୍ରକାର ବକ୍ତବ୍ୟ ନିଶ୍ଚୟ । କିନ୍ତୁ ଏଠାରେ ଆସନ୍ନ ବିଚ୍ଛେଦ କଣ ମିଳନର ଭୂମିକା ? ପ୍ରେମରେ ବିଚ୍ଛେଦର ଶୂନ୍ୟତା କେବେ ଶୂନ୍ୟମୟ ନୁହେଁ । କିନ୍ତୁ ଏ ଯେଉଁ ବିଚ୍ଛେଦ ଘଟୁଛି, ତାହା ପରମ ଶୂନ୍ୟତା ଭିନ୍ନ ଅନ୍ୟ କିଛି ହୋଇ ପାରେ ନାହିଁ । ଏଠି ମୌନ ବି ଆଦରଣୀୟ ନୀରବତା ନୁହେଁ, ବନ୍ଧ୍ୟା ଓ ଭୟାବହ । ପ୍ରେମର ବ୍ୟର୍ଥତା ବୋଧହୁଏ ମଣିଷର ଭାଗ୍ୟଲିପି । ବିଚ୍ଛିନ୍ନତାବୋଧ ଅମୋଘ । ବିରତିହୀନ ନେତିହିଁ ନିୟତି । ସ୍ୱପ୍ନର ପ୍ରତିକୂଳତାହିଁ ଅସ୍ତିତ୍ୱର ସ୍ୱଭାବ ।

ଶର୍ବରୀର ଚନ୍ଦ୍ରହାସକୁ ପ୍ରତ୍ୟାଖ୍ୟାନ ଦୃଶ୍ୟରେ ଅନ୍ୟ ଏକ ସମ୍ଭାବନା ଅଛି । ବନ୍ଧୁତାକୁ ପଣ୍ୟସ୍ତରକୁ ନେଇଛି ଚନ୍ଦ୍ରହାସ । ବ୍ୟକ୍ତିତ୍ୱ ଭାବିଛି ଭୋଗ୍ୟବସ୍ତୁ । ଶର୍ବରୀର କଣ ଆତ୍ମମର୍ଯ୍ୟାଦାବୋଧ ନାହିଁ, ସେ ପୁରୁଷର ଅନୁନୟ-ବିନ୍ର-ଅଧ୍ୟବସାୟ ପାଖରେ ନିଜତ୍ୱକୁ ବଳିଦେବ ? ଜଗନ୍ନାଥ ପ୍ରସାଦଙ୍କ ଗଳ୍ପରେ ନାରୀର ଆତ୍ମ ଅନ୍ୱେଷଣ ଅନ୍ୟତମ ମୁଖ୍ୟ ଥିମ୍ । 'ଜୀବନ ମୁକ୍ତି' ଗଳ୍ପରେ ଅବଶ୍ୟ ଅନସୂୟାକୁ ଦେଖିଲେ ମନେହେବ ଯେପରି ଜଗନ୍ନାଥ ପ୍ରସାଦ ପରଂପରା ନିର୍ବାହ କରୁଛନ୍ତି, ସେବା ଓ ସ୍ନେହବନ୍ଧତାରେ ଆବହମାନ କାଳରୁ ପୁରୁଷ ଅନୁଗତା ନାରୀର ଯେଉଁ କରୁଣ-କମୋଳ ସହିଷ୍ଣୁତାମୟୀ ଅସହାୟା ଆର୍କିଟାଇପ୍ ଓଡ଼ିଆ କଥାଶିଳ୍ପୀମାନେ ଗଢ଼ିଛନ୍ତି, ତାହାକୁ ସେ ବ୍ୟବହାର କରିଛନ୍ତି । ଏଇ ଶାଶୁ ଶଶୁର ତାକୁ ପୋଡ଼ି ମାରିଦେବେ । କରୁଣାର୍ଦ୍ର ହୋଇ ଉଠିବ ଗଳ୍ପର ଉପସଂହାର । କିନ୍ତୁ ଜଗନ୍ନାଥ ପ୍ରସାଦ କ'ଣ ଯୌତୁକ ସମସ୍ୟାକୁ ନେଇ ଗଳ୍ପ ଲେଖିପାରନ୍ତି ? ସମସ୍ୟାଟି ନାରୀର ବ୍ୟକ୍ତିତ୍ୱର । ନାରୀର ପୁରୁଣା ଭାବମୂର୍ତ୍ତିଟି ଶେଷକୁ ନାହିଁ । ଅନସୂୟା ଏ ଥରକ ବିଛଣାରୁ ଉଠିଲା ନାହିଁ ଯେ, ତା'ର ବ୍ୟକ୍ତିତ୍ୱ ଉଠି ବସିଲା । ନିଜସ୍ୱ ଚେଇଁ ଉଠିଲା । ମୁହଁରେ ଏକ ଅସମ୍ଭବ ପ୍ରସନ୍ନତା, ପଦକ୍ଷେପ ନିଶ୍ଚିତ । ଆଖିରେ ନିର୍ଣ୍ଣୟର ଅଦ୍ଭୁତ ପ୍ରଶାନ୍ତି । ହାତ ସ୍ଥିର ଓ ଅବିଚଳିତ । "ଆଉ ଦିଆସିଲି ଜଳାଇଲା ବେଳେ କୃତ ସଂକଳ୍ପ ଅଙ୍ଗୁଳିରେ କଂପନର ଲେଶମାତ୍ର ନଥିଲା ।" ନିଜ ଜୀବନର ନିଷ୍ପତ୍ତି ସେ ନିଜେ ନେଇଛି । ଦୁର୍ଦ୍ଦଶା ସୀମା ଅତିକ୍ରମ କରୁଥିବାରୁ ସେ ଆତ୍ମହତ୍ୟା କରୁନାହିଁ କି ବଞ୍ଚିବାର ଧୈର୍ଯ୍ୟ ଓ ସାହସ ନ ଥିବାରୁ ସେ ନିଜ ହାତରେ ନିଜ ଜୀବନ ନେଉନାହିଁ । ସେ ସ୍ୱଇଚ୍ଛାରେ ମୃତ୍ୟୁର ସମ୍ମୁଖୀନ ହେଉଛି । ସ୍ୱେଚ୍ଛାକୃତ ମରଣ ବରଣ କରୁଛି । ଏ ଯେମିତି ଜୈନସୂତ୍ର ଲିଖିତ ଉଲ୍ଲେଖନର ଶପଥ । କ୍ଲାନ୍ତ ଅବସନ୍ନ ଜୀବନର ଅର୍ଥହୀନ ଉପସଂହାର ଭାବରେ ସେ ମୃତ୍ୟୁକୁ ବରଣ କରୁନାହିଁ, ଅର୍ଥହୀନତାକୁ ହିଁ ସେ ଅର୍ଥାନ୍ୱିତ କରିବାକୁ ଚାହୁଁଛି । ଗଳ୍ପଟି ସରି ଯେପରି ଆରମ୍ଭ ହୋଇଚି, ସେପରି ସେ ମରି ବଞ୍ଚିଛି । ଜଗନ୍ନାଥ ପ୍ରସାଦ ଜୀବନର ଅର୍ଥାନ୍ୱେଷଣର ଅର୍ଥହୀନତାକୁ ଏମିତି ଅର୍ଥପୂର୍ଣ୍ଣ କରି ଦିଅନ୍ତି । 'ଦାୟିତ୍ୱ' ଗଳ୍ପଟିରେ ଦାୟିତ୍ୱ ଦେଖନ୍ତୁ । ସଦ୍ୟ ବିଧବାଟିକୁ ଘେନି ଭାବୁକତାକୁ ପ୍ରଶ୍ରୟ ଦେବା ଯେ କେତେ ସହଜ, ତାହା ଓଡ଼ିଆ ଗଳ୍ପ ପାଠକ ମାତ୍ରେ ଜାଣନ୍ତି । ବାସ୍ତବ ଜୀବନରେ ତାହା ପାଇଁ ଯେଉଁସବୁ ବଞ୍ଚନା ଅପେକ୍ଷା କରିଛି, ସେଥିରୁ ସହାନୁଭୂତି ଓ କରୁଣରସର ନିଷ୍କାସନ କରିବାକୁ ବିଶେଷ ନୈପୁଣ୍ୟ ଲୋଡ଼ା ହୁଏ ନାହିଁ । କିନ୍ତୁ ସ୍ମୃତି ଯେପରି ଦୃଢ଼ ମନୋବଳ ଘେନି ସଂସାର ଓ ସନ୍ତାନ ତଥା ନିଜର ଦାୟିତ୍ୱ ନେଇଛି, ତାହା ନୂଆ ଅନୁଭୂତିର ଦ୍ୱାର ଖୋଲିଦିଏ । ନାରୀର ନୂଆ ବ୍ୟକ୍ତିତ୍ୱ ଝଲସି ଉଠେ । ବିଧବା ଯୁବତୀଟିଏ କେବଳ ଏଠାରେ ସଂସାର କି ସନ୍ତାନ ପାଇଁ ଦାୟୀ ରହୁନାହିଁ, ନିଜପାଇଁବି ଦାୟୀ ରହୁଛି; ନିଜର ଦେହ ଓ ବୟସପାଇଁବି ଦାୟୀ ରହୁଛି । ତଥାକଥିତ ବିଧବା ସୁଲଭ ଆଚରଣ ସେ ମାନିବ ନାହିଁ । ସୁନ୍ଦର ଶାଢ଼ି ପିନ୍ଧିବ, ମୁଣ୍ଡରେ ଟିପା ଲଗାଇବ ଇତ୍ୟାଦି । ମାଧବର ଆଗମନ ଉପଲକ୍ଷେ ତାହାର ପ୍ରସାଧାନକୁ ସମାଜ କେବେ ଶୁଦ୍ଧ ଦୃଷ୍ଟିରେ ଦେଖିବ ନାହିଁ ନିଶ୍ଚୟ । କିନ୍ତୁ ସେ ତାହାର ନିଜସ୍ୱ ବିସର୍ଜନ ଦେଇ ପାରିବ ନାହିଁ । ନାରୀ ଆଜି ଯେଉଁ ସ୍ୱାଧୀନତା ଚାହିଁଛି, ତାହାର ଅନ୍ୟ ନାମ ନିଜସ୍ୱ ବା ପ୍ରାତିସ୍ୱିକତା । "ଯାହା ତାହାର ଜୀବନ ତାକୁ ନେଇ ଆଉ କାହାରିକୁ ଖେଳିବାକୁ ଦେବ ନାହିଁ, ସେ ନିଜେ ନିୟନ୍ତ୍ରଣ କରିବ ନିଜର ଜୀବନକୁ ନିଜର ଇଚ୍ଛାନୁଯାୟୀ ।"(ନିଜତ୍ୱ) ସେ ଦାବୀ କରିଛି ସବୁ କ୍ଷେତ୍ରରେ ନୂତନ ସାମଞ୍ଜସ୍ୟ, ନୂତନ ସହଧର୍ମିତାର ଆଦର୍ଶ । ସେଇଥିପାଇଁ ସ୍ମୃତି ପୁଅ ଶୋଇ ସାରିଲା ପରେ ରାତିରେ ସ୍ୱାମୀକୁ ଜନ୍ମ ନିୟନ୍ତ୍ରଣ ସମାଗ୍ରୀ ଥିବା ପ୍ୟାକେଟଟିକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇପାରେ; 'ନିଜତ୍ୱ' ଗଳ୍ପର ଊର୍ମିଳା ଉଦୟନକୁ ହୋଟେଲରେ ରୁମ ନେବାକୁ ପରାମର୍ଶ ଦେଇଥାଏ, ନିରୋଳାରେ ବସି କଥାବାର୍ତ୍ତା କରିହେବ । ଏ ଊର୍ମିଳାତ ରାମାୟଣର ଊର୍ମିଳା ନୁହେଁ ଯେ ପାଠକ ଅଶ୍ରୁ ଆକର୍ଷଣ କରି କୃତାର୍ଥ ହେବ, ଏ ଯେମିତି ସ୍ୱାଧୀନ ସେମିତି ଅପ୍ରତିଭ, ସେମିତି ଦୁରନ୍ତ ବି । ପୁରୁଷ କ'ଣ ତାକୁ ଶ୍ରଦ୍ଧା କରିପାରିବ ? ସେ ଦେତେବେଳେ ଅଫିସର ସର୍ବୋଚ୍ଚକର୍ତ୍ତାଙ୍କ ଆଖିକୁ ଅନାଇ ଅବିଚଳିତ ସ୍ୱରରେ କହିଛି, "ଆପଣ ଆଜି ସନ୍ଧ୍ୟାରେ ଫ୍ରି ଅଛନ୍ତି ?" ସେତେବେଳେ କଣ ସେ ଫ୍ରି ହୋଇ ପାରିବେ ? ଉପାର୍ଜନଶୀଳା ଏହି ପ୍ରାଣବନ୍ତ ତରୁଣୀର ବ୍ୟକ୍ତିସତ୍ତା କିପରି ରାସ୍ତାଘାଟର କଟୁ ଅନୁଭବ, ଇଣ୍ଟରଭ୍ୟୁର ଅନିଶ୍ଚିତ ମୁହୂର୍ତ୍ତ, ପ୍ରତିଯୋଗୀ ସହକର୍ମୀମାନଙ୍କର ଈର୍ଷା ଓ ଆକ୍ଷେପ ତଥା ଅଧିକାର ପରାୟଣ ପ୍ରେମିକ ଉଦୟନର ସନ୍ଦେହ ଓ ଅସହିଷ୍ଣୁତା ଭିତରେ କ୍ରମଶଃ

Digitized by srujanika@gmail.com

ଗଢି ଉଠିଛି ତାହା ଜଗନ୍ନାଥ ପ୍ରସାଦ ଅପୂର୍ବ ଦକ୍ଷତାର ସହିତ ଆଙ୍କି ପାରିଛନ୍ତି । ନାରୀ ବୁଝୁଛି ତାର ଏପରି କିଛି ଅଛି, ଯାହା ସେ ତା'ର ସ୍ୱାମୀ ଓ ସନ୍ତାନ କି ପ୍ରେମିକଙ୍କ ପାଇଁ ବି ହରାଇ ପାରିବ ନାହିଁ । ତାହାହିଁ ତା'ର ନିଜତ୍ୱ । ସେ ଜାୟା କି ଜନନୀ ମାତ୍ର ନୁହେଁ, ସେ ଯେ କୌଣସି ପୁରୁଷ ପରି ଜଣେ ଆତ୍ମମର୍ଯ୍ୟାଦା ସମ୍ପନ୍ନ ମଣିଷ ମଧ୍ୟ । ଜଗନ୍ନାଥ ପ୍ରସାଦ ନାରୀକୁ ଗୃହପାଳିତ ଜୀବବିଶେଷ କରି ରଖି ନାହାନ୍ତି, ଶ୍ରଦ୍ଧାରେ ତାକୁ ପ୍ରାତିସ୍ୱିକତାରେ ଭୂଷିତ କରିଛନ୍ତି; ତାହାର ଏକାକୀ ଚାଲିବାର ଦାୟିତ୍ୱ ଗମ୍ଭୀର ସଂକଳ୍ପ ବଡ଼ ଶ୍ଳାଘ୍ୟ ଓ ଶୋଭନୀୟ ।

ଜଗନ୍ନାଥ ପ୍ରସାଦ ମୁଖ୍ୟତଃ ନଗର ଜୀବନର ଶିଳ୍ପୀ । ଗାଁ ଭୂଇଁ ତାଙ୍କର ଉପାଦାନ ନୁହେଁ । ତେବେ ଦ୍ୱୀପ, ସଂପର୍କ ଓ ଲୋକସଂସ୍କୃତି ଗଳ୍ପରେ ସେ ଗାଁକୁ ଯାଇଛନ୍ତି । ଏ ସବୁ କ୍ଷେତ୍ରରେ ତାଙ୍କର ବର୍ତ୍ତମାନ ବିମୁଖ ସ୍ମୃତି ନିର୍ଭର ଅତୀତଚାରିତା (Nostalgia) ବାରି ହୋଇଯାଏ । ଦରିଦ୍ର କାତର ଗାଁ ଭୁଇଁର ଅଦମ୍ୟ ଜୀଜୀଗିଷାକୁ ସେ ଶ୍ରଦ୍ଧା ଓ ସମ୍ମାନ କରନ୍ତି । ପିଲାଦିନର ସତ୍ୟ ସରଳତାକୁ ଭଲ ପାଆନ୍ତି ଓ ଲୋକ-ସଂସ୍କୃତିର ମିଥ୍ୟା ଉନ୍ନୟନରେ ଦୁଃଖ ପାଆନ୍ତି । ଏହି ଦୃଷ୍ଟିରୁ ସେ ଆମର ନୈତିକ ନିୟନ୍ତା ଭାବରେ ଦେଖା ଦିଅନ୍ତି । ତାଙ୍କ ଗଳ୍ପରେ ବିଚ୍ଛିନ୍ନତା ଓ ଅସହାୟତା ଆଦି ଯାବତୀୟ ବ୍ୟର୍ଥତାର ଯେଉଁ ତୀକ୍ଷ୍ଣ ସ୍ୱାଦ ଆମେ ପାଉ, ଅଚରିତାର୍ଥ ଆତ୍ମାର ଯେଉଁ ଅର୍ଦ୍ଧସ୍ଫୁଟ ଶ୍ୱାସ ଆମେ ଶୁଣୁ, ତାହା ହୁଏତ ମାନବ ପରିସ୍ଥିତିର ଚିରନ୍ତନ ଦୁର୍ଦ୍ଦଶା ନୁହେଁ, ବିଶେଷ ଏକ ସମୟର ଚିହ୍ନ ମାତ୍ର । ବିଚ୍ଛିନ୍ନତାକୁ ପ୍ରସ୍ତ ପ୍ରସ୍ତ ଖୋଲି ଦେଖାନ୍ତି ବୋଲି ସେ ବିଚ୍ଛିନ୍ନତାକୁ ମଧ୍ୟ ମାନି ନିଅନ୍ତି ନାହିଁ । ତାହାର ସମ୍ମୁଖୀନ ହୁଅନ୍ତି ମାତ୍ର । ସେଥିପାଇଁ ତାଙ୍କ ଗଳ୍ପର ଶୂନ୍ୟତାବୋଧ ବିକଳ ନୈରାଶ୍ୟବୋଧ ନୁହେଁ । ସେଥିରେ ଆନନ୍ଦ ଓ ଆଲୋକର ଭୂମିକା ଅଛି, ହେଉନା ପଛେ ଯେତେ କ୍ଷୀଣ ଓ ଦୁର୍ବଳ ।

S.G. Albee କ୍ଷୁଦ୍ରଗଳ୍ପର ସଂଜ୍ଞା ନିର୍ଦ୍ଦେଶ କରିଛନ୍ତି,'A glimpse through'- ଈଷତ ଦେଖା । ଏହି ସଂଜ୍ଞାଟି ଜଗନ୍ନାଥ ପ୍ରସାଦଙ୍କ ଗଳ୍ପ ପାଇଁ ପ୍ରଯୁଜ୍ୟ । ସେଥିରେ କୋବେବା କୌଣସି ଚରିତ୍ର ଏକ ଅଂଶ ମାତ୍ର ଦୀପ୍ତ ହୋଇଉଠେ, କେବେ ବା ଘଟନାର ଚୂଡ଼ାନ୍ତ ବିନ୍ଦୁରେ ଅଚପଳ ସରସ ଆବେଗ ଟଳମଳ କରେ । ଆଉ କେବେ ବା କାହାଣୀ ଉପରେ କୌଣସି ଅଭାବିତ କୋଣରେ ସହସା ଆଲୋକ ଝରିପଡ଼େ, ଗୋପନୀୟ କୌଣସି ରହସ୍ୟ ଉଦ୍‌ଘାଟିତ ହୋଇ ପାଠକର ଗଢ଼ି ଉଠିଥିବା ବୋଧକୁ ବିପର୍ଯ୍ୟସ୍ତ କରିଦିଏ । ଆନନ୍ଦ ମିଳେ, ଅଥଚ ଦେବାର ତୃପ୍ତି ଅନୁପସ୍ଥିତ ରୁହେ । ଭାଷା ସରଳ ଓ ଯଥାସମ୍ଭବ ଅପ୍ରଗଳଭ । କିନ୍ତୁ ସର୍ବତ୍ର ସରସ ଓ ଶିଳ୍ପ ଚତୁର । ଗଠନ ଶିଳ୍ପ ସ୍ଫଟିକକଠିନ, ଆପାତଃ ବିଚାରରେ ପ୍ରାୟ ଜଟିଳତାଶୂନ୍ୟ । ପଢ଼ିଲେ ପ୍ରଥମେ ମନେହେବ କାହାଣୀ ବୟନରେ କି ଆବାହ ନିର୍ମାଣରେ ଯେପରି ଶିଳ୍ପ ଚାତୁର୍ଯ୍ୟ କିଛି ନାହିଁ, ଯେ କେହି ଚାହିଁଲେ ଏମିତି ରାଶି ରାଶି ଗଳ୍ପ ଲେଖିଦେଇ ପାରିବେ । କିନ୍ତୁ ମଜାର କଥା ଯେ, ଏପରି ଗଳ୍ପ ଜଗନ୍ନାଥ ପ୍ରସାଦଙ୍କ ଭିନ୍ନ ଅନ୍ୟ କେହି କେବେ ଲେଖିପାରିବେ ନାହିଁ । ତାଙ୍କର ମନନ ଓ ଉପଲବ୍ଧି ଯେମିତି ମୌଳିକ ଓ ଅଭିନବ, ସେ ବି ତାହାକୁ ସେମିତି ଚମତ୍କାର ଭାବରେ ଅନନୁକରଣୀୟ ଭଙ୍ଗୀରେ ଗଳ୍ପରୂପ ଦେଇ ପାରନ୍ତି । ଅନନ୍ୟତା ଅବଶ୍ୟ ସ୍ୱୀକାର୍ଯ୍ୟ । ଜଗନ୍ନାଥ ପ୍ରସାଦ ବଡ଼ ଶବ୍ଦ ସଚେତନ ଶିଳ୍ପୀ । ତାଙ୍କ ଭବନାଥଙ୍କ ପରି ସେ ବି 'ଆଲିସ ଇନ୍ ଦି ୱାଣ୍ଡରଲ୍ୟାଣ୍ଡ'ର ହମ୍ପଟି ଡମ୍ପଟିଙ୍କ କଥା ମନେ ରଖିଛନ୍ତି, 'ସେ ଯାହା ଚାହାନ୍ତି ତାଙ୍କ ଶବ୍ଦ ଯଥା ସମ୍ଭବ ତାହାହିଁ ବୁଝାଏ, ବେଶି ନୁହେଁ କି କମ୍ ନୁହେଁ । ବଡ଼ କଠିନ କାମ । ଚରିତ୍ର ଗୁଡିକର ନାମ କରଣଠାରୁ ଆରମ୍ଭ କରି ବିଶେଷଣ ଓ କ୍ରିୟାପଦ ପ୍ରୟୋଗ ପର୍ଯ୍ୟନ୍ତ ସର୍ବତ୍ର ଶବ୍ଦ ସଚେତନତା ସକ୍ରିୟ ରହିଛି, ଅଥଚ କେଉଁଠି କିଛି ଆୟାସର ଚିହ୍ନ ଆଖିରେ ପଡେନାହିଁ । ତାଙ୍କ ସାବଲୀଳ ଦକ୍ଷତା ବୁଝିବାକୁ ଅବଶ୍ୟ ବିଦ୍ୟାବୁଦ୍ଧି ଓ ବୈଦଗ୍ଧ ପ୍ରୟୋଜନ । ସେ ଅବଶ୍ୟ ଯେ କୌଣସି ପାଠକଙ୍କ ପାଇଁ ଲେଖନ୍ତି ନାହିଁ; ସେଇଥିପାଇଁ ଲୋକପ୍ରିୟ ନୁହନ୍ତି । ଓଡ଼ିଶାରେ ବା ସତ୍ ପାଠକ କାହାନ୍ତି ? ସମସ୍ତେତ ରେଡିମେଡ କାହାଣୀ ମୁଖ୍ୟ ବୃତ୍ତାକାର ଗଳ୍ପ ଚାହାନ୍ତି । କିନ୍ତୁ ଜଗନ୍ନାଥ ପ୍ରସାଦଙ୍କ ଗଳ୍ପର ସରସତା ଉପଭୋଗ କରିବାକୁ ହେଲେ ସତ୍ ପାଠକଙ୍କ ପକ୍ଷରୁ କିଛିଟା ଉଦ୍‌ଯୋଗ ଅବଶ୍ୟ ପ୍ରୟୋଜନୀୟ । ସେ ପାଠକଙ୍କୁ ସମ୍ମାନ ଦିଅନ୍ତି, ତାଙ୍କ ବୋଧ ଓ କଳ୍ପନା ଶକ୍ତି ଉପରେ ଭରସା ରଖନ୍ତି; ତାଙ୍କୁ ନିଜେ କିଛି ଅର୍ଜିବାକୁ ସୁଯୋଗ ଦିଅନ୍ତି । ପାଠକଙ୍କ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ଆଧୁନିକ ସାହିତ୍ୟର ଅନ୍ୟଏକ ଅଭିଜ୍ଞାନ । ଭଲ ସାହିତ୍ୟିକ ମାତ୍ରେ ପାଠକଙ୍କୁ ସମ୍ମାନ ଦେଖାନ୍ତି । Laurence Sterne କହନ୍ତି "The trust respect which you can pay to the readers understanding is to have this matter amicably, and leave him something to imagine in his turn" (Tristram Shandy) ଯଥାସାଧ୍ୟ ସୁଯୋଗ ସୃଷ୍ଟି କରିଥାନ୍ତି, ପାଠକଙ୍କ କଳ୍ପନା ଯେପରି ସଜାଗ ହୋଇ ଉଠିବ । ଜଗନ୍ନାଥ ପ୍ରସାଦଙ୍କ ଗଳ୍ପରେ ଅନୁରୂପ ସୁଯୋଗ ବର୍ତ୍ତମାନ । ଭିନ୍ନ ଭିନ୍ନ ପାଠକ ତେଣୁ ଭିନ୍ନ ଭିନ୍ନ ଉପଲବ୍ଧିରେ ଉପନୀତ ହୋଇ ପାରନ୍ତି, ଗୋଟିଏ ଗଳ୍ପର ଭିନ୍ନ ଭିନ୍ନ ବ୍ୟାଖ୍ୟା କରି ପାରନ୍ତି; ତଦ୍ଦ୍ୱାରା ଗଳ୍ପର କ୍ଷୟ କ୍ଷତି କିଛି ଘଟେ ନାହିଁ । ଅବଶ୍ୟ ଜଗନ୍ନାଥ ପ୍ରସାଦଙ୍କ ଗଳ୍ପର କାହାଣୀ ଉପାଦାନ ସ୍ୱଳ୍ପ । ତେଣୁ ଯେ କେହି ପାଠକ ଗଳ୍ପଟିକୁ ଅନ୍ୟ କାହାରିକୁ କହିବାକୁ ଚାହିଲେ କହିବାକୁ କିଛି ପାଇବେ ନାହିଁ । ଦୀର୍ଘ ବିବୃତ୍ତ

Digitized by srujanika@gmail.com

କାହାଣୀ ନିର୍ମାଣ ଅପେକ୍ଷା କୌଣସି ମୁହୂର୍ତ୍ତର ମର୍ମୋଦ୍ଧାର ଜଗନ୍ନାଥ ପ୍ରସାଦଙ୍କ ପାଇଁ ଶିଳ୍ପ ହିସାବରେ ଅଧିକ କୃତିତ୍ୱପୂର୍ଣ୍ଣ । ସେ ଏହି ସୂତ୍ରରେ ଓଡ଼ିଆ ଗଳ୍ପର ମୋଡ଼ ଫେରାଇଛନ୍ତି । ଯଥାସମ୍ଭବ ଅଳ୍ପ ଉପକରଣ ଅବଲମ୍ବନ କରି ସେ ବିପୁଳତମ ସତ୍ୟର ସନ୍ଧାନ ଦେଇ ପାରିଛନ୍ତି । ଅଧିକନ୍ତୁ ଓଡ଼ିଆ ଗଳ୍ପର ଭାବାର୍ଦ୍ରତା ସେ ଘୁଞ୍ଚାଇଛନ୍ତି । ଓଡ଼ିଆ କ୍ଷୁଦ୍ରଗଳ୍ପ ପ୍ରାୟତଃ ଭାବାର୍ଦ୍ର । ଭାବାଳୁତା ଦରଦୀ ହେବାକୁ ଚାହେଁ । ତେଣୁ ଅଧିକାଂଶ ଗାଳ୍ପିକ ଆମର ଦରଦୀ ହେବାକୁ ପସନ୍ଦ କରନ୍ତି । ଅବଶ୍ୟ ଦରଦୀ ନ ହେଲେ କୌଣସି ଗଳ୍ପ କେବେ ଲେଖିହେବ ନାହିଁ । କିନ୍ତୁ ଦରଦ ଉଚ୍ଚକଣ୍ଠ କି ପ୍ରଗଲ୍‌ଭ ହୋଇ ଉଠିଲେ ଗଳ୍ପର ଶିଳ୍ପଶ୍ରୀ କୁଣ୍ଠିତ ହୋଇଯାଏ । ଜଗନ୍ନାଥ ପ୍ରସାଦ ଦରଦୀ ନିଶ୍ଚୟ । କିନ୍ତୁ ବଡ଼ ସଂଯତ ଓ ବସ୍ତୁନିଷ୍ଠ । ତାଙ୍କର ଦୃଷ୍ଟିଭଙ୍ଗୀ ନିଷ୍କରୁଣ । ଭାଷାଭଙ୍ଗୀ ସ୍ଥୈର୍ଯ୍ୟ ରାଗ ଦ୍ୱେଷ ବିବର୍ଜିତ । ଆବେଗ ପ୍ରବଣତାର କଠୋର ନିୟନ୍ତ୍ରଣ ଓ ଭାବାଦ୍ରତା ବର୍ଜନ ତାଙ୍କର ବିଶେଷତ୍ୱ । ତାଙ୍କ ଗଳ୍ପରେ ଦରଦ ଉଚ୍ଚକଣ୍ଠ ହୋଇ ପାରେନାହିଁ କି ସରସତା ପ୍ରଗଲ୍‌ଭ ଉଠେ ନାହିଁ । ହସ କାନ୍ଦର ଦୋଳରେ ପାଠକଙ୍କୁ ଦୋଳାଇବାର ଚିରାଚରିତ ଗଳ୍ପ ବିନ୍ୟାସକୁ ସେ ପରିହାର କରିଛନ୍ତି । ସବୁଠି ତାଙ୍କ ଲେଖନୀ ଅବିଚଳିତ । ସେଇଥିପାଇଁ ତାଙ୍କ ଚରିତ୍ରାବଳୀ ଦୁର୍ଜ୍ଞେୟ ଏକ ଶିଳ୍ପ ନିୟତିର ନିର୍ଦ୍ଦେଶରେ ବିଦଗ୍ଧ ପାଠକର ଅବଚେତନ ମନର ଅନାବିଷ୍କୃତ କୋଣରେ ଅଭାବିତ ଅନୁଭୂତିର ବିଚ୍ୟୁତ ସ୍ପର୍ଶଟିଏ ସଂଚାର କରି ଚାଲିଯାନ୍ତି; ହସାନ୍ତି ନାହିଁ କି କନ୍ଦାନ୍ତି ନାହିଁ, ସେହିଥିରେ ହିଁ ଗଳ୍ପର ଶିଳ୍ପ ସାଫଲ୍ୟ ଓ ଚରିତାର୍ଥତା ।

ଭାରତୀୟ ଜ୍ଞାନପୀଠ ମୋତେ ଜେ.ପି.ଙ୍କର କାହାଣୀ ଚୟନ କରିବାର ସରସ ଅବସର ପ୍ରଦାନ କରି କୃତାର୍ଥ କରିଛନ୍ତି । ଏହି ଭୂମିକା ଲେଖି ମୁଁ ନିଜର ବିନୀତ କୃତଜ୍ଞତା ପ୍ରକଟ କରୁଅଛି ।

୧୦ ଜୁନ ୧୯୯୦
ଭଞ୍ଜ ବିହାର (ଓଡ଼ିଶା)

ଦାଶରଥି ଦାସ
ପ୍ରଫେସର, ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର (ଓଡ଼ିଶା)

(‘ମକଡ଼ୀ କା ଜାଲ (କହାନୀ ସଂଗ୍ରହ)’କୁ ହିନ୍ଦୀ ଭାଷାନ୍ତର କରିଥିଲେ ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର । ଏହି ପୁସ୍ତକଟିକୁ ପ୍ରକାଶ କରିଥିଲେ- ଭାରତୀୟ ଜ୍ଞାନପୀଠ, ୧୮, ଇନ୍‌ସ୍ଟିଚ୍ୟୁସନାଲ ଏରିଆ, ଲୋଦୀ ରୋଡ୍‌, ନୂଆଦିଲ୍ଲୀ-୧୧୦୦୦୩ । ଏହା ରାଷ୍ଟ୍ର ଭାରତୀ / ଲୋକୋଦୟ ଗ୍ରନ୍ଥମାଳାର ୫୦୦ ତମ ଗ୍ରନ୍ଥ । ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା-୧୯୯୦ । ଗ୍ରନ୍ଥର ‘ପ୍ରସ୍ତୁତି’ ରଚନା କରିଥିଲେ ଜ୍ଞାନପୀଠର ନିର୍ଦ୍ଦେଶକ ବିଶନ ଟଣ୍ଡନ ଓ ଭୂମିକା ପ୍ରସ୍ତୁତ କରିଥିଲେ ପ୍ରଫେସର ଦାଶରଥି ଦାସ ।)

Digitized by srujanika@gmail.com

ପ୍ରସଙ୍ଗ : ଉପନ୍ୟାସ

ଭୂମିକା (ହିନ୍ଦୀ) : ଦେଶ କାଳ ପାତ୍ର

ଭାରତୀୟ ସାହିତ୍ୟରେ କଥା ସାହିତ୍ୟର ପରମ୍ପରା ସୁପ୍ରାଚୀନ । ବୈଦିକ ଉପାଖ୍ୟାନ କାଦମ୍ବରୀ, କଥା ସରିତ ସାଗର ବା ଦଶ କୁମାର ଚରିତ ଭଳି କଥା ସାହିତ୍ୟ ପାଶ୍ଚାତ୍ୟ ଜଗତରେ ନଥିଲା । ମାତ୍ର ଆଜିର ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ସେହି ପରମ୍ପରାର ଜୈବିକ ବିବର୍ତ୍ତନରେ ନୁହେଁ, ସମୟର ଐତିହାସିକ କ୍ରମ ବିବର୍ତ୍ତନରେହିଁ ଆସିଛି । ସନାତନୀ ବ୍ୟବସ୍ଥା ଓ ଶାଶ୍ୱତ ମୂଲ୍ୟବୋଧପ୍ରତି ଏକାନ୍ତ ରକ୍ଷଣଶୀଳ ମନୋବୃତ୍ତି ସମ୍ପନ୍ନ ସମାଜର ଘଟାଟୋପ ଉନ୍ମୋଚନ କରିଦେବା ନବ୍ୟ ଉପନ୍ୟାସ ସାହିତ୍ୟର ଆଭିମୁଖ୍ୟ । ସମୟର ଚଳନ୍ତି ସ୍ରୋତରେ ଜୀବନ ଓ ଜଗତର ସମସ୍ୟା, ସଙ୍କଟ ଓ ମାନ୍ୟତା ବଦଳି ଚାଲିଛି । ସେହି ସୁଅରେ ଭାସମାନ ମଣିଷର ନୂତନ ନୂତନ ସ୍ଥିତିକୁ ଉପଲବ୍ଧ କରିବା ଏବଂ ଉପସ୍ଥାପନ କରିବାହିଁ ଉପନ୍ୟାସକାରର କର୍ତ୍ତବ୍ୟ ।

ସାହିତ୍ୟିକ ରଚନା ପ୍ରଭାଗମାନଙ୍କ ମଧ୍ୟରେ ଉପନ୍ୟାସର ଏକ ପ୍ରମୁଖ ବୈଷମ୍ୟସୂଚକ ଅଭିଲକ୍ଷଣ ହେଉଛି ଏଥିରେ ସମୟ ଚେତନାର ପ୍ରତିଫଳନ । ଅବଶ୍ୟ ସାହିତ୍ୟର ଚରମ ଲକ୍ଷ୍ୟ ହେଉଚି ଶାଶ୍ୱତ ସତ୍ୟ । ମାତ୍ର ଉପନ୍ୟାସରେ ଏହି ସତ୍ୟ ସମସାମୟିକ ଯଥାର୍ଥ ପରିସ୍ଥିତି ସହିତ ସମ୍ବନ୍ଧିତ ହୋଇଥାଏ । ସତ୍ୟ ବା ଆଦର୍ଶର ସଂସ୍ଥାପନା ନିମନ୍ତେ କଥାର କଳ୍ପନା କରାଯାଏ ନାହିଁ, ବରଂ ଯଥାର୍ଥ ସ୍ଥିତିରୁହିଁ ସତ୍ୟ ବା ଆଦର୍ଶର ଅନ୍ୱେଷଣ କରାଯାଏ । ଚିରନ୍ତନ ମାନବ ନୁହେଁ, ଐତିହାସିକ ମାନବ- ଅର୍ଥାତ କୌଣସି ନିର୍ଦ୍ଦିଷ୍ଟ ଦେଶ ଓ ସମୟରେ ବିଧୃତ ପାତ୍ର ହେଉଛନ୍ତି ଉପନ୍ୟାସର ଉପଜୀବ୍ୟ । ତାତ୍କାଳିକ ସମୟ ଚେତନା ଆଧୁନିକ କଥା ସାହିତ୍ୟର ଭିତ୍ତି ତଥା ପ୍ରଧାନ ପ୍ରବୃତ୍ତି ।

ଉପନ୍ୟାସ ସଂରଚନାର ମୂଳ ଉପାଦାନ ହେଉଛି ତିନୋଟି : ଦେଶ, କାଳ, ପାତ୍ର । ଲେଖକର ବକ୍ତବ୍ୟ ଏହି ତିନୋଟି ଆସ୍ତରଣରେ ପରିବେଷିତ ହୁଏ । Space ବା ଦେଶ ହେଉଛି ଧରାତଳ, Time ବା କାଳ ହେଉଛି Frame । ଏ ଉଭୟ ମଧ୍ୟରେ ପ୍ରତ୍ୟୟ ହୁଅନ୍ତି ବକ୍ତବ୍ୟକୁ ରୂପାୟିତ କରୁଥିବା ପାତ୍ର ବା ଚରିତ୍ର (Personae) । ଏଣୁ ଦେଶ-କାଳ-ପାତ୍ର ଉପନ୍ୟାସର ଭାବବସ୍ତୁର ତ୍ରିବିଧ ଆୟତନ । ଦେଶର କାଳର ଭିନ୍ନତା ଅନୁସାରେ ସାମାଜିକ ସଂସ୍କୃତିକ ପର୍ଯ୍ୟାବରଣ ଭିନ୍ନ ଭିନ୍ନ; କାଳ ଭେଦରେ ଏକ ଦେଶରେ ମଧ୍ୟ ତଦ୍ରୂପ ପାର୍ଥକ୍ୟ ଦେଖାଯାଏ । ତେଣୁ ସ୍ଥାନ ଓ କାଳ ଏ ଉଭୟ ଆୟତନ ଭିତରେହିଁ ପାତ୍ରଗଣ ସ୍ଥାପିତ ଓ ଆତଯାତ ହୁଅନ୍ତି । ଏକ ନିର୍ଦ୍ଦିଷ୍ଟ ଦେଶ ଓ କାଳର ଆୟତନ ଏକ ଏକ ନିର୍ଦ୍ଦିଷ୍ଟ ସ୍ଥିତି-ସୂଚକ ଏବଂ ତାହା ମଧ୍ୟରେ ବିଧୃତ ପାତ୍ରଗଣ କର୍ତ୍ତାବାଚକ । କାଳାନୁକ୍ରମିକ ଭାବେ ହେଉ କିମ୍ବା ଫଳାନୁକ୍ରମିକ ଭାବରେ ହେଉ, ଇତିହାସର ଗତିକ୍ରମ ପାତ୍ରଗଣଙ୍କ କାର୍ଯ୍ୟକଳାପ ଦ୍ୱାରା ନିୟନ୍ତ୍ରିତ ହୁଏ ।

ଏହି ଅବତରଣିକାର ଆଲୋକରେ ଡକ୍ଟର ଜଗନ୍ନାଥ ପ୍ରସାଦ ଦାସଙ୍କ ପୁସ୍ତକ 'ଦେଶ କାଳ ପାତ୍ର'ର ସାର୍ଥକତା ଅନୁଧ୍ୟେୟ ।

ଡକ୍ଟର ଜଗନ୍ନାଥ ପ୍ରସାଦ ଦାସ (୧୯୩୬) ଓଡ଼ିଆ ସାହିତ୍ୟରେ ଜଣେ ଖ୍ୟାତିମାନ ଲେଖକ, କବି, ନାଟ୍ୟକାର, ପ୍ରାବନ୍ଧିକ, ଗାଳ୍ପିକ, ଗବେଷକ, ଶିଶୁ ସାହିତ୍ୟିକ ଏବଂ ତାଙ୍କର ଉପନ୍ୟାସ 'ଦେଶ କାଳ ପାତ୍ର'(୧୯୯୨) ଓଡ଼ିଆ ଉପନ୍ୟାସର ଶହେ ବର୍ଷର ଧାରା-ପ୍ରବାହରେ ଏକ ସୁଦୃଶ୍ୟ ଶଙ୍କୁ । ଓଡିଆରେ ପ୍ରଥମ ଉପନ୍ୟାସ ଜାତୀୟ ରଚନା ୧୮୭୮ରେ ପ୍ରକାଶ ପାଇଥିଲା । ପରବର୍ତ୍ତୀ ଦୁଇ ଜଣଙ୍କ ମଧ୍ୟରେ ମୋଟାମୋଟି ପାଞ୍ଚଟି ସେହିପରି ପୁସ୍ତକ ଆତ୍ମପ୍ରକାଶ କରିଥିଲା- ସୌଦାମିନୀ (୧୮୭୮), ଅନାଥିନୀ (୧୮୮୫), ପଦ୍ମମାଳୀ (୧୮୮୮), ବିବାସିନୀ (୧୮୯୧) ଏବଂ ଉନ୍ମାଦିନୀ (୧୮୯୨) । ଉନ୍ମେଷକାଳୀନ ଏହି ଉପନ୍ୟାସ ଗୁଡ଼ିକ କଥାବସ୍ତୁ ଦୃଷ୍ଟିରୁ ପ୍ରଧାନତଃ ଥିଲା କାଳ୍ପନିକ, ଇତିବୃତ୍ତାତ୍ମକ ଅଥବା ରୋମାନ୍ସଧର୍ମୀ; ସଂରଚନା ଦୃଷ୍ଟିରୁ ଆଖ୍ୟାନଧର୍ମୀ; ଭାଷା ଶୈଳୀ ଦୃଷ୍ଟିରୁ କାବ୍ୟଧର୍ମୀ । ତା'ପରେ ଯଥାର୍ଥ ଉପନ୍ୟାସର ବିକାଶ ଆରମ୍ଭ ହେଲା ୧୯୦୧ରେ, ଯେତେବେଳେ ପତ୍ରିକା ପୃଷ୍ଠାରେ ୧୮୯୮ରୁ ପ୍ରକାଶ ପାଉଥିବା ଫକୀର ମୋହନ ସେନାପତିକୃତ 'ଛ ମାଣ ଆଠ ଗୁଣ୍ଠ' ପୁସ୍ତକ ଆକାରରେ ଆତ୍ମପ୍ରକାଶ କଲା । ତାଙ୍କର ସୃଷ୍ଟି ସ୍ୱଳ୍ପ, ମାତ୍ର ଚାରିଖଣ୍ଡ ଉପନ୍ୟାସ ଓ ଖଣ୍ଡିଏ ଗଳ୍ପ ସଂଗ୍ରହ । ହେଲେବି କଥା ସଂଗଠନ, ଚରିତ୍ର ଚିତ୍ରଣ ଓ ଭାଷା ବିନ୍ୟାସରେ ତାଙ୍କର କାରିଗରୀ ଏକ ସାହିତ୍ୟିକ ରଚନା ପ୍ରକାର

Digitized by srujanika@gmail.com

ଭାବରେ ନବୋଦ୍‌ଭବ ଓଡିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପକୁ ଏକ ନିଧାର୍ଯ୍ୟ ରୂପ ପ୍ରଦାନ କରିଥିଲା । ତାଙ୍କର ସ୍ଥାନ ଓ ଭୂମିକା ସମ୍ବନ୍ଧରେ ସୂଚନାତ୍ମକ ଭାବରେ କୁହା ଯାଇପାରେ ଯେ ସେ ଡିକେନ୍‌ସ, ବଙ୍କିମଚନ୍ଦ୍ର, ପ୍ରେମଚନ୍ଦ ପ୍ରମୁଖ ଉପନ୍ୟାସକାରଙ୍କ ସହିତ ତୁଳନୀୟ ।

ଫକୀର ମୋହନଙ୍କ ତିରୋଧାନ (୧୯୧୮) ସଙ୍ଗେ ସଙ୍ଗେ ତାଙ୍କ ଯୁଗର କ୍ରମାବସାନ ହେଲା । କିଛି ଲେଖକ ତାଙ୍କୁହିଁ ଅନୁସରଣ ପୂର୍ବକ ତାଙ୍କର ସାହିତ୍ୟାଦର୍ଶକୁ ଆଗକୁ ବଢ଼ାଇଲେ । କିଛି ଲେଖକ ନୂଆ ପରୀକ୍ଷା ନିରୀକ୍ଷା ଆରମ୍ଭ କଲେ । ବିକାଶର ଏହି ଦ୍ୱିତୀୟ ପର୍ଯ୍ୟାୟରେ ମୁକୁର ଉପନ୍ୟାସମାଳା, ଆନନ୍ଦ ଲହରୀ ଉପନ୍ୟାସମାଳା ପରି ସଂଘବଦ୍ଧ, ସଂସ୍ଥା ସମୂହର ପୃଷ୍ଟପୋଷକତାରେ ଓଡ଼ିଆ ଉପନ୍ୟାସର ଗୁଣାତ୍ମକ ତଥା ପରିମାଣାତ୍ମକ ଅଭିବୃଦ୍ଧି ଘଟିଲା । ଏହି ସମୟର ଯେଉଁ ଲେଖକମାନଙ୍କ ଅଭ୍ୟୁଦୟ ସେମାନେ ଖୁବ୍ ସ୍ମରଣୀୟ । ସେମାନେ ହେଲେ, ନନ୍ଦ କିଶୋର ବଳ, ଚିନ୍ତାମଣି ମହାନ୍ତି, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ ସାବତ, ଦିବ୍ୟସିଂହ ପାଣିଗ୍ରାହୀ, ଉପେନ୍ଦ୍ର କିଶୋର ଦାସ, ହରେକୃଷ୍ଣ ମହତାବ, କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର, କାହ୍ନୁଚରଣ ମହାନ୍ତି ପ୍ରଭୃତି । ଏମାନଙ୍କ ରଚନାରେ ଯେଉଁସବୁ ସାମାଜିକ ପ୍ରସଙ୍ଗ ଓ ସମସ୍ୟା ପ୍ରତିଫଳିତ, ସ୍ଥୁଳତଃ ଭାରତୀୟ ସାହିତ୍ୟରେ ସର୍ବତ୍ର ତାହା ପରିଲକ୍ଷଣୀୟ । ବ୍ରିଟିଶ ଶାସନର ନିଷ୍ପେଷଣ, ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ, ନବ୍ୟଧନତାନ୍ତ୍ରିକ ବର୍ଗର ଅଭ୍ୟୁଦୟ, ପାରଂପରିକ ମୂଲ୍ୟବୋଧରେ ଶଂସୟ, ନଗର ଜୀବନର ପୁର୍ନଜାଗରଣ, ସାମ୍ୟବାଦୀ ଭାବଧାରାର ପ୍ରସାର, ଗ୍ରାମ୍ୟ ସମାଜର ପୁନର୍ଗଠନ ଇତ୍ୟାଦି ପରିକଳ୍ପନା ସେ ଯୁଗର ସମସ୍ତ ସଚେତନ ସାହିତ୍ୟକାରଙ୍କୁ ପ୍ରଭାବିତ କରିଥିଲା । ଜାତିପ୍ରଥା ଲୋପ, ବିଧବା ବିବାହ ପ୍ରବର୍ତ୍ତନ, ଅସ୍ପୃଶ୍ୟତା ନିରାକରଣ, ଧର୍ମାନ୍ଧତା ଅପସାରଣ, ଯୌତୁକ ପ୍ରଥାର ଦୂରୀକରଣ, ନାରୀର ମର୍ଯ୍ୟାଦା ଓ ସ୍ୱାତନ୍ତ୍ୟ ସଂରକ୍ଷଣ, ଆଧୁନିକ ଶିକ୍ଷାର ପ୍ରସାର ଇତ୍ୟାଦି ଭାରତୀୟ ସମାଜର କେତୋଟି ମୁଖ୍ୟ ସମସ୍ୟା ସେ ଯୁଗର ଓଡ଼ିଆ କଥା ସାହିତ୍ୟର ଥିଲା ଚର୍ଚ୍ଚାର ବିଷୟ । ସମାଜ ଚେତନାର ଦ୍ୱିବିଧ ପରିପାର୍ଶ୍ୱ-ସମାଜିକ ସମସ୍ୟାର ଉପଲବ୍ଧି ଓ ତାର ଉପସ୍ଥାପନା - ସେ ସମୟର ଲେଖକଙ୍କ କୃତିତ୍ୱର ହୋଇଥିଲା ମାପକାଠି ।

ଓଡ଼ିଆ ଉପନ୍ୟାସର ବିକାଶ କ୍ରମରେ ତୃତୀୟ ପର୍ଯ୍ୟାୟର ସୂତ୍ରଧର ହେଉଛନ୍ତି ଗୋପୀନାଥ ମହାନ୍ତି । 'ପରଜା'(୧୯୪୫) ଉପନ୍ୟାସ ପ୍ରକାଶନ ସଙ୍ଗେ ଜଣେ ଦୃଷ୍ଟି ଆକର୍ଷକ ଲେଖକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଆଧୁନିକତା, ଭାରତୀୟତା ଓ ମାନବିକତା- ଏହି ତିନୋଟି ପ୍ରବୃତ୍ତିର ସମନ୍ୱୟ କରି ସେ ଅପୂର୍ବ ଶୈଳୀରେ ତାଙ୍କର ଉପନ୍ୟାସ ଗୁଡ଼ିକର ଯେପରି ସଂରଚନା କଲେ ତାହା ତାଙ୍କର ସମସାମୟିକ ବହୁ ପ୍ରତିଭାବନ୍ତ ଲେଖକଙ୍କୁ ପ୍ରଭାବିତ ଓ ଅନୁପ୍ରେରିତ କରିଥିଲା, ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉଛନ୍ତି ନିତ୍ୟାନନ୍ଦ ମହାପାତ୍ର, କମଳାକାନ୍ତ ଦାସ, ରାଜକିଶୋର ପଟ୍ଟନାୟକ, ପ୍ରାଣକୃଷ୍ଣ ସାମଲ, ଜ୍ଞାନୀନ୍ଦ୍ର ବର୍ମା, ସୁରେନ୍ଦ୍ର ମହାନ୍ତି, ବସନ୍ତକୁମାରୀ ପଟ୍ଟନାୟକ ଆଦି ବୟୋଜ୍ୟେଷ୍ଠ ବ୍ୟକ୍ତି ଓ କନିଷ୍ଠ ପିଢ଼ିର ମହାପାତ୍ର ନୀଳମଣି ସାହୁ, ବାମାଚରଣ ମିତ୍ର, କୃଷ୍ଣପ୍ରସାଦ ମିଶ୍ର, ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ ପ୍ରମୁଖ ଲୋକପ୍ରିୟ ଲେଖକଗଣ । ଏହିମାନଙ୍କ ଗହଣରେ ମାତ୍ର ଖଣ୍ଡିଏ ଉପନ୍ୟାସ 'ଦେଶ କାଳ ପାତ୍ର' ପ୍ରଣୟନ ପୂର୍ବକ ସମ୍ମୁଖାସୀନ ହୋଇଛନ୍ତି ଜଗନ୍ନାଥ ପ୍ରସାଦ ଦାସ ।

ଜଗନ୍ନାଥ ପ୍ରସାଦ ପ୍ରଥମେ କବି ଭାବରେ ସାହିତ୍ୟକ୍ଷେତ୍ରରେ ଆତ୍ମ ପ୍ରକାଶ କଲେ । 'ପ୍ରଥମ ପୁରୁଷ'(୧୯୭୧) ନାମିତ ପ୍ରଥମ କବିତା ସଂକଳନ ଚେହେରା ଓ ପ୍ରଚ୍ଛଦରେ (ସତ୍ୟଜିତ ରାୟ ଅଙ୍କିତ) ତଥା ଅନ୍ତର୍ଗୁଣରେ ଥିଲା ଅନନ୍ୟ । ତା'ପର ଠାରୁ ତାଙ୍କର ସୃଷ୍ଟିଶୀଳ ସାହିତ୍ୟିକ ଅଭିଯାତ୍ରା ଚାଲିଛି ଏବଂ ଅଦ୍ୟାବଧି ଦଶଟି କବିତା ସଂକଳନ, ସାତଟି ଗଳ୍ପ ସଂକଳନ, ପାଞ୍ଚଟି ନାଟକ, ଖଣ୍ଡିଏ ଶିଶୁ-ସାହିତ୍ୟ ଏବଂ କେତେଗୁଡ଼ିଏ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ପାଇଲାଣି । ଇଂରାଜୀରେ ମଧ୍ୟ ସେ ଗବେଷଣାତ୍ମକ ଗ୍ରନ୍ଥ ସମୂହ ଲେଖିଛନ୍ତି । ତାଙ୍କର ରଚନାବଳୀ ଇଂରାଜୀ ଓ ବିଭିନ୍ନ ଭାରତୀୟ ଭାଷାରେ ଅନୂଦିତ ହୋଇଛି । ବସ୍ତୁତଃ ଭାରତୀୟ ସାହିତ୍ୟରେ ସେ ଜଣେ ସୁପ୍ରତିଷ୍ଠିତ ଲେଖକ ଭାବରେ ସମାଦୃତ । ଭାରତୀୟ ପ୍ରଶାସନ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଗବେଷଣା, ସାହିତ୍ୟ ସର୍ଜନା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ବୋଧହୁଏ ପ୍ରଶାସନ ଠାରୁ ଅଧିକ ମର୍ଯ୍ୟାଦା ସାହିତ୍ୟିକ-ସାଂସ୍କୃତିକ-ବୌଦ୍ଧିକ ସ୍ତରରେ ଲାଭକରି ନିଜର କଳାନୁଗତ ଜୀବନକୁ ସାର୍ଥକ କରିଛନ୍ତି ।

'ଦେଶ କାଳ ପାତ୍ର' ଜଗନ୍ନାଥ ପ୍ରସାଦଙ୍କର ଏକମାତ୍ର ଉପନ୍ୟାସୋପମ ରଚନା । ଏ ବହିର ଦେଶ: ଓଡ଼ିଶା; କାଳ: ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ (ଡିସେମ୍ବର ୧୮୫୯ରୁ ଜୁଲାଇ ୧୯୧୭); ପାତ୍ର: ସେ ସମୟର ବହୁ ନାମୀ ଲୋକ (ରଜା, ମହାରାଜା, ସାହେବ ଓ ଦେଶୀ ପ୍ରଶାସକ, ଲେଖକ, ସମ୍ପାଦକ, ସମାଜସେବୀ ପ୍ରମୁଖ), ଯେଉଁମାନେକି ସେ ସମୟର ଐତିହାସିକ ଘଟଣାବଳୀର କର୍ତ୍ତା ଓ ଭୋକ୍ତା । ଏହି ଘଟନାବଳୀ ମଧ୍ୟରେ ଅଛି- ପୁରୀ ଠାକୁର ମହାରାଜାଙ୍କ କ୍ରମ ପତନ, ନ'ଅଙ୍କ ଦୁର୍ଭିକ୍ଷ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ,

Digitized by srujanika@gmail.com

କେନ୍ଦୁଝରର ଧରଣୀଧର ମେଳି, ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ ପ୍ରକାଶ, ଗୌରୀଶଙ୍କର-ପ୍ୟାରୀମୋହନ-ବିଚିତ୍ରାନନ୍ଦ, ହରିହର, ମଧୁବାବୁ ପ୍ରମୁଖଙ୍କ ନବଜାଗରଣରେ ଭୂମିକା, ରାଧାନାଥ-ଫକୀରମୋହନ-ମଧୁସୂଦନ-ଗଙ୍ଗାଧର ପ୍ରମୁଖଙ୍କ ସାହିତ୍ୟିକ-ସାମାଜିକ ବୈକ୍ତିକ ଜୀବନର ନାନାକଥା, ବ୍ରିଟିଶ ପ୍ରଶାସନ ରେଭେନ୍ସା, ବିମ୍ସ, ଆର୍ମଷ୍ଟ୍ରଙ୍ଗ, କକବର୍ଣ୍ଣ, ବାର୍ଲୋ ପ୍ରମୁଖଙ୍କ ଶାସନ-ନୀତି ଓ ଜୀବନ ଧାରା ଇତ୍ୟାଦି ବହୁ ଜଣା ଘଟଣାର ଅଜଣା ପୃଷ୍ଠପଟ୍ଟ । ଏ ସବୁ ଘଟଣା ଇତିହାସ ପ୍ରମାଣିତ; ମାତ୍ର ବହିଟି ପ୍ରାମାଣିକ ପାଦଟୀକାରେ ଭାରାକ୍ରାନ୍ତ ତଥ୍ୟପଞ୍ଜି ନୁହେଁ । ତେଣୁ ଇତିହାସ ଏଠି ଉପନ୍ୟାସୋପମ ।

ସାହିତ୍ୟ-ବିଦ୍ୟାଜିତ୍‌ମାନଙ୍କ ପକ୍ଷରେ ସମସ୍ୟା ହୁଏ ବହିଟିର ରଚନା-ପ୍ରକାର ନିରୂପଣ ବା ଶ୍ରେଣୀ କରଣ । ଏହା କେଉଁ ସାହିତ୍ୟିକ ପ୍ରଭାବର ରଚନା, ସେ ସୀମା ନିର୍ଦ୍ଧାରଣ କରିବା କଠିନ । ସାଧାରଣତଃ ତଥାକଥିତ ଉପନ୍ୟାସରେ ପରିଲକ୍ଷିତ ହୁଏ ପାଞ୍ଚଟି ସ୍ତର: କଥାବସ୍ତୁ, ଚରିତ୍ର, ପରିବେଶ, ଭାଷା-ଶୈଳୀ ଏବଂ ଜୀବନ ଦର୍ଶନ । ଏହି ପଞ୍ଚାଙ୍ଗ ବ୍ୟତିରେକ ଯାହା କିଛି ପ୍ରତ୍ୟଙ୍ଗ ଉପନ୍ୟାସରେ ରହିପାରେ, ତାହା ପରସ୍ପରାଭିମୁଖୀ ହୋଇଥାନ୍ତି । କୌଣସି ପୁସ୍ତକର ସାର୍ଥକତା ନିରୀକ୍ଷା ପାଇଁ ପ୍ରତିଟି ପ୍ରତ୍ୟଙ୍ଗର ସ୍ୱତନ୍ତ୍ର ଭାବରେ ତଥା ସବୁର ସମନ୍ୱିତ ଭାବରେ ପରୀକ୍ଷା କରାଯାଏ । କିନ୍ତୁ ଦେଶ କାଳ ପାତ୍ର ଉପନ୍ୟାସରେ ଏପରି ନିର୍ଦ୍ଧାରିତ ଉପାଦାନ ଗୁଡ଼ିକର ଅଭାବ ଲକ୍ଷ୍ୟ କରି କେତେକ ଆଲୋଚକ ଏହାକୁ ଉପନ୍ୟାସ ରୂପରେ ଗ୍ରହଣ କରିବାରେ କୁଣ୍ଠା ପ୍ରକାଶ କରନ୍ତି । ଏଭଳି ଅଣ-ପାରମ୍ପରିକ ପରୀକ୍ଷା ମୂଳକ ରଚନାରେ ସେହି ଆଲୋଚକମାନଙ୍କର ଅନୁଭବ କରିବା ଉଚିତ ଯେ ଏହାର ଏକ ମହାକାବ୍ୟିକ ସଂଗଠନ ଅଛି । ଏଥିରେ ଅଛି ଆୟତନର ବିସ୍ତାର ବା ବ୍ୟାପ୍ତି ଏବଂ ଘଟଣାବଳୀର ଗହନ ଘନଘଟା ବା ସାନ୍ଦ୍ରତା ଏବଂ ବହୁ ବିଚିତ୍ର ଓ ବିବିଧ ଚରିତ୍ରବୃନ୍ଦଙ୍କ ସମାବେଶ । ଊନବିଂଶ ଶତାବ୍ଦୀ ଉତ୍ତରାର୍ଦ୍ଧରେ ଏହା ଯେପରି ମହାଭାରତ ! ଘଟଣା ପରମ୍ପରାରେ ପରସ୍ପର ସଂପର୍କିତ ପ୍ରସଙ୍ଗ ଓ ଉପାଖ୍ୟାନ ସମ୍ବଳିତ ଏହି ମହାଗ୍ରନ୍ଥରେ ଦ୍ରଷ୍ଟବ୍ୟ- Life by values ନୁହେଁ Life by times (E.M.Forster) । ସମୟହିଁ ଏହି ଉପନ୍ୟାସର ମହାନାୟକ, ମୁଖ୍ୟପାତ୍ର !

ବହିଟି ପୁରାଣ ବା ଇତିହାସ ନୁହେଁ, ମାତ୍ର ଏକ ସରସ ଗଦ୍ୟ - ବର୍ଣ୍ଣନାତ୍ମକ । ଲେଖକ ମଧ୍ୟ ଜଣେ ସାହିତ୍ୟକାର, କବି, ଗାଳ୍ପିକ, ନାଟ୍ୟକାର, ଚିତ୍ରକର, ଗବେଷକ ରୂପରେ ଅତି ସୁଖ୍ୟାତ । ସାହିତ୍ୟ ଭାଷାରେ ଶିଳ୍ପ । ସୁତରାଂ ଏଥିରେ ଦ୍ରଷ୍ଟବ୍ୟ ଲେଖକଙ୍କ ଭାଷା ଶୈଳୀ । ଏ ବହିରେ ଜଗନ୍ନାଥ ପ୍ରସାଦଙ୍କ ସିଧା ସଳଖ ବାକ୍ୟ, ବାର୍ତ୍ତାଳାପଧର୍ମୀ ବଚନିକା ଓ ପ୍ରାତ୍ୟହିକ ପ୍ରୟୋଗସିଦ୍ଧ ଚଳନ୍ତି ଶବ୍ଦ ପ୍ରୟୋଗ ତାଙ୍କ ବାଣୀ-ଭାଷାର ବିଶେଷତ୍ୱ । କବିତା, ଗଳ୍ପ ଓ ନାଟକରେ ଯାହା ପୂର୍ବରୁ ତାଙ୍କଠାରେ ଦେଖା ଯାଇଥିଲା, ବର୍ତ୍ତମାନ ଏହି ବିବରଣୀ ଗର୍ଭକ ଗଦ୍ୟ ଗ୍ରନ୍ଥରେ ତାହା ଦେଖାଯାଏ । ଫଳରେ ଏଠି ତଥ୍ୟପୁଞ୍ଜ କାହାଣୀପରି ସାବଲୀଳ, ନାଟକୀୟ ଓ ଚିତ୍ରଧର୍ମୀ ।

ଅନ୍ୟପକ୍ଷରେ ଭାଷାଶୈଳୀର ଆଉ ଏକ ବିଶେଷତ୍ୱ ବିଶେଷଣର ଅକାରଣ ବ୍ୟବହାର ପରିବର୍ଜନ । ଦୃଷ୍ଟାନ୍ତ ସ୍ୱରୂପ ସବୁ ବଡ଼ଲୋକଙ୍କୁ ସିଧା ମୂଳ ନାମରେ ଉଲ୍ଲେଖ କରାଯାଇଛି- ସେ 'ଗଜପତି' ହୁଅନ୍ତୁ କି 'କବିବର' ହୁଅନ୍ତୁ, ସେ କେବଳ 'ବୀରକିଶୋର' ଓ 'ରାଧାନାଥ' । ଏହା ଦ୍ୱାରା ପାତ୍ର ସକଳଙ୍କୁ ସାମାନ୍ୟ ଓ ସମତଳାସୀନ କରାଯାଇ ପାରିଛି । ତତ୍କାଳୀନ ଓଡ଼ିଶାର ଲକ୍ଷ ଲକ୍ଷ ଲୋକମାନଙ୍କ ଭିତରେ ସେମାନେ ବି ଗୋଟିଏ ଗୋଟିଏ ଲୋକ ଭାବରେ ପ୍ରତିପନ୍ନ ହୋଇଛନ୍ତି । ସେହିପରି ଭାବେ ଘଟଣାବଳୀର ଅନାସକ୍ତ ବର୍ଣ୍ଣନା ନିଜର ଭାବାବେଗ ବିର୍ନିମୁକ୍ତ ଭାବେ ଜଣେ ପ୍ରତ୍ୟକ୍ଷଦର୍ଶୀ ତଟସ୍ଥ ବ୍ୟକ୍ତି ଭଳି ଲେଖକ କେବଳ ବୟାନ କରିଛନ୍ତି ଏବଂ ରସ ନିଷ୍ପତ୍ତି କେବଳ ପାଠକ ହୃଦୟରେ ଆକାଙ୍‌କ୍ଷିତ ହୋଇଛି । ଜଗନ୍ନାଥ ପ୍ରସାଦୀୟ ଭାଷାଶୈଳୀର ଏହି ଢଙ୍ଗ ଏକ ଉପଭୋଗ୍ୟ କଳା ।

ସମଗ୍ର ଗ୍ରନ୍ଥରେ ସ୍ୱନାମଖ୍ୟାତ ବ୍ୟକ୍ତିବୃନ୍ଦଙ୍କ ଗହଳି ମଧ୍ୟରେ ଜଣେ ଅଖ୍ୟାତ ପାତ୍ର ହେଉଛି 'ଖଣ୍ଡି',ଯାହାର ଚରିତ୍ରଟି ଅଦ୍ଭୁତ ! ପୁରୀ : ମେ,୧୮୯୭ ଶୀର୍ଷକ ପରିଚ୍ଛେଦରେ ତା'ର ପ୍ରଥମ ଆବିର୍ଭାବ । ସେ ଥିଲା ଗୋଟିଏ ଭିଖାରୁଣୀ । ରାଜା ମୁକୁନ୍ଦଦେବଙ୍କ ଖିଆଲୀ ମନରେ ସେ ରେଖାପାତ କଲା । ତା'ପରେ ସେ କେବଳ ନଅର ବନ୍ଦିନୀ ଚାକରାଣୀ ରହିଲା ନାହିଁ । କ୍ରମଶଃ ସେ ହେଲା ଶକ୍ତିମତୀ ଏବଂ ତା'କଥାରେ ଉଠ ବସ ହୋଇ ରାଜା ମଧ୍ୟ ଆନନ୍ଦିତ ହେବାକୁ ଲାଗିଲେ । ଖଣ୍ଡିକୁ ବିଭା କରାଇ ଦେଲେ, ପାଟମା ପଦବୀ ଦେଲେ । ତାର ସ୍ୱାମୀ ଓ ପୁଅ ଝିଅକୁ ଥଇଥାନ କଲେ । ଶେଷକୁ ଖଣ୍ଡି ନଅର, ପୁରୀର, ଓଡ଼ିଶା ସରକାରଙ୍କର ଏକ ଚିନ୍ତାର ବିଷୟ ହୋଇ ପଡ଼ିଲା । ଊନବିଂଶ ଶତାବ୍ଦୀର ଓଡ଼ିଶା ଇତିହାସରେ ଏହି ବିରଳ ବ୍ୟକ୍ତିଟି ବାସ୍ତବରେ ଏକ ଉପନ୍ୟାସ ସୁଲଭ ପାତ୍ର ଭଳି ପ୍ରତୀତ ହୁଏ । ଲୋକବୃତ୍ତର ଜ୍ଞାନଦେଇ ମାଲୁଣୀର ଖଣ୍ଡି କ'ଣ ଜଣେ ନୂତନ ଦାୟାଦ ?

Digitized by srujanika@gmail.com

‘ଦେଶ କାଳ ପାତ୍ର’ ଊନବିଂଶ ଶତାବ୍ଦୀର ଦଲିଲ୍ । ଊନବିଂଶ ଶତାବ୍ଦୀ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ କାଳ ପରିଧି । ଏହାହିଁ ପ୍ରାଚ୍ୟ-ପାଶ୍ଚାତ୍ୟ ସଂଯୋଗର ଉଷା କାଳ । ଗୋଟିଏ ସନାତନୀ ସଭ୍ୟତା ସହିତ ଗୋଟିଏ ସଂପୂର୍ଣ୍ଣ ନୂତନ ଓ ବହିରାଗତ ସଭ୍ୟତାର ସଂଘାତ ଫଳରେ କିପରି ସଭ୍ୟତାର ପାର୍ଶ୍ୱ ପରିବର୍ତ୍ତନ ଘଟେ, ତାହାର ଏକ ବିଶଦ ଚିତ୍ର ବିଶ୍ୱ-ଇତିହାସରେ ମାନବ ସଭ୍ୟତାର ପରିବର୍ତ୍ତନର ଧାରା ନିରୂପଣ ପାଇଁ ଏହି ସମୟରେ ଉପଲଭ୍ୟ । ଭାରତର ପ୍ରତ୍ୟେକ ଅଞ୍ଚଳରେ, ପ୍ରତ୍ୟେକ ସଂପ୍ରଦାୟରେ, ପ୍ରତ୍ୟେକ ବ୍ୟବସ୍ଥାରେ କିପରି ଏହି ସଂଘାତ ଘଟିଥିଲା ଏବଂ ତାହାର ପ୍ରକ୍ରିୟା ଓ କ୍ରମ ପରିଣତି କଣ ହୋଇଥିଲା, ତାହା ଆଜିର ଇତିହାସକାରଙ୍କ ନିକଟରେ ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ମଧ୍ୟ ଯୁଗରେ ମୋଗଲ-ମୁସଲମାନ ସଂସ୍ପର୍ଶରେ ଆସି ଭାରତ ଗୋଟିଏ ନବଜାଗରଣର ପର୍ଯ୍ୟାୟ ମଧ୍ୟରେ ଗତି କରିଥିଲା । ସେତେବେଳେ ପ୍ରାଚ୍ୟର ଦୁଇଟି ସଭ୍ୟତା ଓ ସମାଜର ସମନ୍ୱୟ ଘଟିଥିଲା । ମାତ୍ର ଊନବିଂଶ ଶତାବ୍ଦୀର ପୁନର୍ଜାଗରଣ ହେଲା ଏକ ସଂପୂର୍ଣ୍ଣ ଅଭିନବ ପର୍ଯ୍ୟାୟ । ବହୁ ବିରୋଧ ମଧ୍ୟରେ ସାଲିସ ଓ ସମୀକରଣର ଇତିହାସ ପ୍ରଦାନ କରେ ଊନବିଂଶ ଶତାବ୍ଦୀ । ଏହି ଦୃଷ୍ଟିରୁ ଡଃ ଜଗନ୍ନାଥ ପ୍ରସାଦ ଦାସଙ୍କ ବହିଟି ଅବଶ୍ୟ ପାଠ୍ୟ ।

ଖଗେଶ୍ୱର ମହାପାତ୍ର

(‘ଦେଶ କାଳ ପାତ୍ର’ ଉପନ୍ୟାସଟିକୁ ହିନ୍ଦୀ ଭାଷାରେ ଅନୁବାଦ କରିଥିଲେ ରାଜେନ୍ଦ୍ର ପ୍ରସାଦ ମିଶ୍ର । ଏହି ପୁସ୍ତକଟିକୁ ପ୍ରକାଶ କରିଥିଲେ ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ । ପ୍ରଥମ ପ୍ରକାଶ-୨୦୦୫ । ଏହି ପୁସ୍ତକର ମୁଖବନ୍ଧ ପ୍ରସ୍ତୁତ କରିଥିଲେ ଖଗେଶ୍ୱର ମହାପାତ୍ର)

Digitized by srujanika@gmail.com

ପ୍ରସଙ୍ଗ : ଶିଶୁ ସାହିତ୍ୟ

ପ୍ରକାଶକୀୟ (ଓଡ଼ିଆ) / ଆଳିମାଳିକା

ପ୍ରକାଶନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାୟ ହିନ୍ଦୀ ଓ ଇଂରାଜୀ ଭାଷାର ମୌଳିକ ପୁସ୍ତକ ପ୍ରକାଶ ପାଉଥିଲା । ନିକଟରେ ଭାରତର ଅନ୍ୟାନ୍ୟ ଭାଷାମାନଙ୍କରେ ମୌଳିକ ପୁସ୍ତକ, ବିଶେଷ ଭାବେ ଶିଶୁ ସାହିତ୍ୟ, ପ୍ରକାଶର ନିଷ୍ପତ୍ତି ନିଆଯାଇ ଏହି ଶୃଙ୍ଖଳାରେ ଆସାମୀ, ପଞ୍ଜାବୀ, ତେଲୁଗୁ, କନ୍ନଡ଼, ତାମିଲ, ମଲାୟାଲାମ୍, ବଙ୍ଗଳା, ଗୁଜରାଟୀ, ମରାଠୀ ଓ ଉର୍ଦ୍ଦୁ ଇତ୍ୟାଦି ଭାଷାରେ କେତୋଟି ବହି ପ୍ରକାଶ ପାଇଛି । ଏହି ପର୍ଯ୍ୟାୟର ପ୍ରଥମ ଓଡ଼ିଆ ପୁସ୍ତକ ହେଉଛି 'ଆଳିମାଳିକା' ଏବଂ ଏହାର ଲେଖକ ହେଉଛନ୍ତି ଓଡ଼ିଶାର ପ୍ରଖ୍ୟାତ ଲେଖକ ଡଃ ଜଗନ୍ନାଥ ପ୍ରସାଦ ଦାସ । ଆନନ୍ଦର ବିଷୟ ଯେ ଏହି ବହିଟି କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଜଣେ ସୁପ୍ରସିଦ୍ଧ ଓଡ଼ିଆ ଲେଖକଙ୍କର କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକଟିକୁ ଆମର ପ୍ରଥମ ଓଡ଼ିଆ ପ୍ରକାଶନ ଭାବରେ ପାଠକମାନଙ୍କ ହାତରେ ଦେଇ ପାରିଥିବାରୁ ଅମେ ଗର୍ବ ଅନୁଭବ କରୁଛୁ । ଆଶା, ବହିଟି କେବଳ କିଶୋର ନୁହେଁ ଅନ୍ୟାନ୍ୟ ପାଠକମାନଙ୍କ ମଧ୍ୟରେ ମଧ୍ୟ ଆଦୃତ ହେବ ।

ଡଃ ଶ୍ୟାମ ସିଂହ ଶଶି

('ଆଳିମାଳିକା' ଶିଶୁ କବିତା ସଂକଳନଟି ପ୍ରକାଶନ ବିଭାଗ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର, ପାତିଆଲା ହାଉସ୍, ନୂଆଦିଲ୍ଲୀ-୧୧୦୦୦୧ଙ୍କ ଦ୍ୱାରା ମାର୍ଚ୍ଚ ମାସ ୧୯୯୩ ମସିହାରେ ପ୍ରକାଶିତ ।)

Digitized by srujanika@gmail.com

ପରିଶିଷ୍ଟ
(୧)
ଜଗନ୍ନାଥ ପ୍ରସାଦ ଦାସଙ୍କର ସାରସ୍ୱତ କୃତି

କବିତା :

୧.	ପ୍ରଥମ ପୁରୁଷ	୧୯୭୧
୨.	ଅନ୍ୟସବୁ ମୃତ୍ୟୁ	୧୯୭୬
୩.	ଯେ ଯାହାର ନିର୍ଜନତା	୧୯୭୯
୪.	ଅନ୍ୟ ଦେଶ ଭିନ୍ନ ସମୟ	୧୯୮୨
୫.	ଯାତ୍ରାର ପ୍ରଥମ ପାଦ	୧୯୮୮
୬.	ଆହ୍ନିକ	୧୯୯୦
୭.	ସ୍ଥିରଚିତ୍ର	୧୯୯୧
୮.	ସଚରାଚର	୧୯୯୪
୯.	ସ୍ମୃତିର ସହର	୧୯୯୫
୧୦.	ପରିକ୍ରମା	୧୯୯୮
୧୧.	ଅସମୟ	୨୦୦୪

କାହାଣୀ ସଂଗ୍ରହ:

୧.	ଭବନାଥ ଓ ଅନ୍ୟମାନେ	୧୯୮୨
୨.	ଦିନଚର୍ଯ୍ୟା	୧୯୮୩
୩.	ଆମେ ଯେଉଁମାନେ	୧୯୮୬
୪.	ସାକ୍ଷାତକାର	୧୯୮୭
୫.	ପ୍ରିୟ ବିଦୂଷକ	୧୯୯୨
୬.	ଶେଷ ପର୍ଯ୍ୟନ୍ତ	୧୯୯୫
୭.	ଇଚ୍ଛାପତ୍ର	୨୦୦୦

ନାଟକ :

୧.	ସୂର୍ଯ୍ୟାସ୍ତ ପୂର୍ବରୁ	୧୯୭୭
୨.	ସବା ଶେଷ ଲୋକ	୧୯୮୦
୩.	ଅସଂଗତ ନାଟକ	୧୯୮୧
୪.	ପୂର୍ବରାଗ	୧୯୮୩
୫.	ସୁନ୍ଦର ଦାସ	୧୯୯୩

ଉପନ୍ୟାସ :

୧.	ଦେଶ କାଳ ପାତ୍ର	୧୯୯୨

Digitized by srujanika@gmail.com

ଶିଶୁ କବିତା :

୧.	ଆଳିମାଳିକା	୧୯୯୩
୨.	ଆଲୁକୁଚି ମାଲୁକୁଚି	୧୯୯୩
୩.	ଅନାବନା	୨୦୦୮

ସଂକଳନ:

୧.	ଛଅଟି ଝିଅ	୧୯୮୭
୨.	ପ୍ରେମ କବିତା	୧୯୯୧
୩.	ଶ୍ରେଷ୍ଠ କବିତା	୧୯୯୩
୪.	ପୂର୍ବାପର -୧(ସମଗ୍ର କବିତା ୧୯୭୦-୭୯)	୧୯୯୫
୫.	ପୂର୍ବାପର -୨(ସମଗ୍ର କବିତା ୧୯୮୦-୯୪)	୧୯୯୬
୬.	ରଙ୍ଗଲିପି	୧୯୯୭
୭.	କଥାଯାତ୍ରା	୨୦୦୦

ପ୍ରବନ୍ଧ ସଂକଳନ:

୧.	ଆମ ଓଡ଼ିଆ ଆମର ଓଡ଼ିଶା	୨୦୧୫

ଗବେଷଣାତ୍ମକ ନିବନ୍ଧ:

1.	Puri Paintings : The Chitrakara and His work	1982
2.	Chitra Pothi : Illustrated Palm Leaf Manuscripts	1985
3.	Palm Leaf Miniatures	1991

ସଂପାଦନା:

1.	Oriya Short Stories	1993
2.	Films for Children	1987
3.	Kabita-93	1993

ଅନୁବାଦ:

୧.	ସ୍ୱପ୍ନ ବିଚାର	୨୦୦୦
2.	Growing an Indian Star	1991
3.	Under a Silent Sun	1992
4.	Autumn Moon (Poems by Gulzar)	1999

Digitized by srujanika@gmail.com

(୨)
ଜଗନ୍ନାଥ ପ୍ରସାଦ ଦାସଙ୍କ
ସାରସ୍ୱତ କୃତିର ଭାଷାନ୍ତର

ଇଂରାଜୀ ଭାଷାରେ : କବିତା

1.	First Person	1976
2.	Love is a Season	1978
3.	Timescapes	1980
4.	Silences	1989
5.	Diurnal Rites	1994
6.	The Unreal City	1997
7.	Lovelines	2001
8.	Alimalika	2004
9.	Dark Times	2004
10.	Poems	2004
11.	Castout	2008

ଇଂରାଜୀ ଭାଷାରେ : ଗଳ୍ପ

1.	The Magic Deer	1983
2.	The Forbidden Street	1988
3.	Spider's Web	1983
4.	The Prostitute	1995
5.	The Pukka Sahib	2001
6.	Stories	2003
7.	Dear Jester	2004
8.	The Will and Other Stories	2007

ଇଂରାଜୀ ଭାଷାରେ : ନାଟକ

1.	Before the Sunset	1978
2.	Two Plays	1983
3.	The Underdog	1984
4.	Absured Play	1989
5.	Sundar Das	2002
6.	Miss X	2002

ହିନ୍ଦୀ ଭାଷାରେ: ଉପନ୍ୟାସ

୧.	ଦେଶ କାଳ ପାତ୍ର	୨୦୦୫

Digitized by srujanika@gmail.com

ହିନ୍ଦୀ ଭାଷାରେ: କବିତା

୧.	ପ୍ରଥମ ପୁରୁଷ	୧୯୭୫
୨.	କଇ ତରହକୀ ଦିନ	୧୯୮୧
୩.	ଆପନା ଆପନା ଏକାନ୍ତ	୧୯୮୫
୪.	ଲୌଟତେ ସମୟ	୧୯୮୯
୫.	ଶବ୍ଦଭେଦ	୧୯୯୧
୬.	ସ୍ଥିରଚିତ୍ର	୧୯୯୩
୭.	ଆହ୍ନିକ	୧୯୯୩
୮.	ସଚରାଚର	୧୯୯୫
୯.	ସ୍ମୃତିୟୋଁ କା ସହର	୨୦୦୬
୧୦.	ପରିକ୍ରମା	୨୦୦୭

ହିନ୍ଦୀ ଭାଷାରେ: ଗଳ୍ପ

୧.	ମାୟାବୀ ହିରନ	୧୯୮୩
୨.	ସନ୍ୟାସ କା ରାସ୍ତା	୧୯୮୮
୩.	ତିସିରି ଦୁନିୟା	୧୯୯୦
୪.	ମକଡ଼ୀ କା ଜାଲ	୧୯୯୦
୫.	ପ୍ରିୟ ବିଦୂଷକ	୨୦୦୩

ହିନ୍ଦୀ ଭାଷାରେ: ନାଟକ

୧.	ସୂର୍ଯ୍ୟାସ୍ତ	୧୯୭୬
୨.	ସବସେ ନିଚେ କା ଆଦମୀ	୧୯୮୧
୩.	ଏକ ଦୁସରେ କେ ଲିୟେ	୧୯୮୬
୪.	ଅସଂଗତ ନାଟକ	୧୯୯୧
୫.	ସୁନ୍ଦର ଦାସ	୧୯୯୫

ଉର୍ଦ୍ଦୁ, ଆସାମୀୟା, ବଙ୍ଗଳା ଓ ତେଲୁଗୁ ଭାଷାରେ : କବିତା

୧	ପରଛାଇୟୋଁ କା ଜୁଲୁସ୍ (ଉର୍ଦ୍ଦୁ)	୧୯୭୯
୧.	ଆହ୍ନିକ୍ (ବଙ୍ଗଳା)	୧୯୯୫
୨.	ଆହ୍ନିକ (ଆସାମୀୟା)	୨୦୦୧
୩.	ଆହ୍ନିକମ୍ (ତେଲୁଗୁ)	୨୦୦୭

Digitized by srujanika@gmail.com

ସଂକଳକ ଓ ଅନୁବାଦକଙ୍କ ସଂପର୍କରେ ....

ଡକ୍ଟର ରବିନାରାୟଣ ମହାରଣା (୧୯୬୩) ସଂପ୍ରତିକ ସାହିତ୍ୟ ଜଗତରେ ଜଣେ ଉଦୀୟମାନ ସମାଲୋଚକ ଓ ଅନୁବାଦକ ।୧୯୮୬ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ଓଡ଼ିଆ ଭାଷା-ସାହିତ୍ୟରେ ଅଧିସ୍ନାତକ, ୧୯୯୦ ମସିହାରେ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ ଅଧିସ୍ନାତକ ପ୍ରଶିକ୍ଷଣ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଆୟୋଜିତ ଓଡ଼ିଆ ଅଧ୍ୟାପକ ପାଇଁ ଜାତୀୟ ସ୍ତରୀୟ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା ସହିତ ୧୯୯୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ "ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟକୃତି" ଉପରେ ଗବେଷଣା କରି କଳା ବିଭୂଷଣ ଉପାଧି ଧାରଣ କରିଛନ୍ତି । ଛାତ୍ର ଜୀବନରୁ ବିଭିନ୍ନ ଭାରତୀୟ ଭାଷା ପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇବାରୁ ସେ କ୍ରମେ ହିନ୍ଦୀ (ହିନ୍ଦୀ ଶିକ୍ଷା ସମିତି, ଓଡ଼ିଶା), ବଙ୍ଗଳା (ସି.ଆଇ.ଆଇ.ଏଲ୍, ମହିଶୂର) ଓ ଉର୍ଦ୍ଦୁ (ଜାମିଆ ମିଲିଆ ଇସ୍‌ଲାମିଆ, ନୂଆଦିଲ୍ଲୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର) ଭାଷା ଶିକ୍ଷା କରିଛନ୍ତି । ମୌଳିକ ସଂରଚନା ଓ ଅନୁବାଦ ଦିଗରେ ନିଜର ଲେଖନୀ ଚାଳନା କରି ସେ ସମସାମୟିକ ପତ୍ର-ପତ୍ରିକାରେ ଶତାଧିକ ଲେଖା ପ୍ରକାଶ କରି ଓଡ଼ିଆ ପାଠକୀୟ ସ୍ୱୀକୃତି ଲାଭ କରିଛନ୍ତି । ସଂପ୍ରତି କଟକର ଦେଉଳସାହିସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ୧୯୯୩ ମସିହାରୁ ଅଧ୍ୟାପନାରତ ।

ଲେଖକଙ୍କ ପ୍ରକାଶିତ କେତେକ ସାରସ୍ୱତ ସୃଷ୍ଟି :

ସାହିତ୍ୟ ବିଷୟକ :

(୧) ଶୁଦ୍ଧ ଓଡ଼ିଆ ଲିଖନ ପ୍ରବିଧି (୨୦୦୨)
(୨) ଶିବ ଭାଇ ଓ ଔପନ୍ୟାସିକ ଗୋପୀନାଥ ମହାନ୍ତି (୨୦୦୨)
(୩) ଓଡିଆ ଭାଷାର ପ୍ରାୟୋଗିକ ରୂପରେଖ (୨୦୦୮)
(୪) ଅଧ୍ୟାପକ ଶ୍ରୀଧର ଦାସ (୨୦୦୮)
(୫) ସଂପୂର୍ଣ୍ଣ ବ୍ୟାକରଣ ସହିତ ଓଡ଼ିଆ-ହିନ୍ଦୀ କଥାବାର୍ତ୍ତା ଶିକ୍ଷା (୨୦୧୪)
(୬) संपूर्ण व्याकरण सहित हिन्दी-ओड़िया बोलना सिखें (୨୦୧୪)

ଶିକ୍ଷା ବିଷୟକ :

(୧) ଶିକ୍ଷା : ସମାଜ ଓ ଶାସ୍ତ୍ର (୨୦୦୨)
(୨) ଭାରତରେ ଆଧୁନିକ ଶିକ୍ଷା ବ୍ୟବସ୍ଥା (୨୦୦୨)
(୩) Modern Education and Indian Heritage (2003)

ଅନ୍ୟାନ୍ୟ :

(୧) ପରିବେଶ ବିଜ୍ଞାନ (୨୦୦୪)
(୨) ଜନସଂଖ୍ୟା ଅଧ୍ୟୟନ (୨୦୦୪)
(୩) ପରିବେଶ ଶିକ୍ଷା (୨୦୦୬ ଓ ୨୦୦୭)

ଓଡ଼ିଆ ଭାଷାରେ ଅନୁବାଦ :

କ) ନ୍ୟାସନାଲ ବୁକ୍ ଟ୍ରଷ୍ଟ ,ଇଣ୍ଡିଆ କର୍ତ୍ତୃକ ପ୍ରକାଶିତ:

(୧) ଦ୍ୱିତୀୟ ସ୍ୱାଧୀନତା ସେଓ୍ୱା (୨୦୦୪)
(୨) ସୂଚନା ଅଧିକାର ଆଇନ : ୨୦୦୫ (୨୦୦୮)

ଖ) ଅନ୍ୟାନ୍ୟ ପ୍ରକାଶକ କର୍ତ୍ତୃକ ପ୍ରକାଶିତ:

(୧) ଚାଣକ୍ୟ ନୀତି – ଚାଣକ୍ୟ ସୂତ୍ର ସହିତ (୨୦୧୪)
(୨) ଭାରତୀୟତାର ଅନ୍ୱେଷୀ ଜଗନ୍ନାଥ ପ୍ରସାଦ ଦାସ (୨୦୧୪)

ସଂପର୍କ: moharana.rabinarayan@gmail.com

Digitized by srujanika@gmail.com